
ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୮/୨୦୨୪ (୧୬ ପୃଷ୍ଠା) | Bhubaneswar, Thursday, August 8/2024 | Page 16 | ₹ 7.00 | BERHAMPUR
୫୦ଶ ଭାଗ ୨୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 255 | ମୂଲ୍ୟ ₹୭/-

# ୧୦୦ ଗ୍ରାମ୍ ପାଇଁ ବାଦ୍

## ଫାଇନାଲ ପୂର୍ବରୁ ଭିନେଶଙ୍କ ଆଶା ଧୂଳିସାତ୍


ଭିନେଶ ଫୋଗଟ

### ପ୍ୟାରିସ ଅଲିମ୍ପିକ୍ସ

**ପ୍ୟାରିସ, ୭।୮**

ମାତ୍ର ୧୦୦ ଗ୍ରାମ୍ ଓଜନ ଅଧିକ ଯୋଗୁ ପୂରା ଦେଶର ଆଶା ଧୂଳିସାତ୍ ହୋଇଛି। ଅଲିମ୍ପିକ୍ସର ମହିଳା ୫୦ କେଜି କୁସ୍ତି ଫାଇନାଲ ପୂର୍ବରୁ ଭିନେଶ ଫୋଗଟ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ପ୍ୟାରିସ ଅଲିମ୍ପିକ୍ସରୁ ଭାରତ ପାଇଁ ବୁଧବାର ଆସିଛି ଏପରି ଏକ ଖରାପ ଖବର। ପ୍ରଥମ ଭାରତୀୟ ମହିଳା ଭାବେ କୁସ୍ତି ଇଭେଣ୍ଟର ଫାଇନାଲରେ ପ୍ରବେଶ କରି ଭିନେଶ ଇତିହାସ ରଚିଥିବାରୁ ସମଗ୍ର ଦେଶ ପଦକ ହାସଲର ଖୁସି ମନାଇବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ଏପରି ଏକ ଖବର ନିରାଶା ଖେଳାଇ ଦେଇଛି। ସମସ୍ତ ପ୍ରକାର ଉଦ୍ୟମ ସତ୍ତ୍ୱେ ଭିନେଶ ନିଜ ଓଜନ ପାଇଁ ଥିବା ମାନଦଣ୍ଡ ବଜାୟ ରଖି ପାରି ନ ଥିଲେ। ନିୟମ ଅନୁସାରେ ଲଢ଼େଇ ଦିନ ସକାଳେ ଅନୁଷ୍ଠିତ ବିଭିନ୍ନ ଔପଚାରିକତା ପୂରଣ ଅବସରରେ ଭିନେଶଙ୍କ ଓଜନ ୧୦୦ ଗ୍ରାମ୍ ଅଧିକ ହୋଇଥିଲା। ଫଳରେ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା। ଯେଉଁ ଦିନଟି ତାଙ୍କ କ୍ୟାରିୟର ପାଇଁ ସବୁଠାରୁ ସ୍ମରଣୀୟ ହେବାର ଥିଲା, ତାହା ତିକ୍ତ ଅନୁଭୂତି ସହ ଦୁଃସ୍ୱପ୍ନ ପାଲଟିଗଲା। ଓଜନ କମାଇବା ପାଇଁ ରାତିସାରା ଅନିଦ୍ରା ସହ ବ୍ୟାୟାମ ଯୋଗୁ ଦେହରେ ଅତ୍ୟଧିକ ଜଳୀୟଅଂଶ କମିବାରୁ ଅଚେତ ହେବାରୁ ତାଙ୍କୁ ଗେମ୍ସ ଭିଲେଜସ୍ଥିତ ପଲିକ୍ଲିନିକ୍‌କୁ ନିଆଯାଇଥିଲା।

ଭିନେଶଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ସମର୍ଥନ ଜଣାଇଛନ୍ତି। "ତୁମେ ଚାମ୍ପିୟନଙ୍କ ମଧ୍ୟରେ ଚାମ୍ପିୟନ। ତୁମେ ଭାରତର ଗର୍ବ ଏବଂ ପ୍ରତି ଭାରତୀୟଙ୍କର ପ୍ରେରଣା। ଆଜିର ଘଟଣା ଦୁଃଖ ଦେଇଛି। ତେବେ ତୁମେ ଏ ସବୁକୁ ☞ପୃଷ୍ଠା-୪

## ସାଂଘାତିକ ଷଡ଼ଯନ୍ତ୍ର: କଂଗ୍ରେସ

**ନୂଆଦିଲ୍ଲୀ,୭।୮**

ଭାରତୀୟ ମହିଳା କୁସ୍ତି ଯୋଦ୍ଧା ଭିନେଶ ଫୋଗଟଙ୍କ ସାମାନ୍ୟ ଓଜନ ବୃଦ୍ଧି ଯୋଗୁ ପ୍ୟାରିସ୍ ଅଲିମ୍ପିକ୍ ଗେମ୍ସ ୨୦୨୪ରୁ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯିବା ପରେ ବୁଧବାର ସାରା ଦେଶରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗରେ ରାଜନୀତି ମଧ୍ୟ ସରଗରମ ହୋଇଛି। ବିରୋଧୀ କଂଗ୍ରେସ ଏହା ପଛରେ କେନ୍ଦ୍ର ସରକାରଙ୍କ ଷଡ଼ଯନ୍ତ୍ରର ଗନ୍ଧ ବାରିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିନେଶଙ୍କୁ 'ଚାମ୍ପିୟନ୍‌ମାନଙ୍କ ଚାମ୍ପିୟନ୍' କହି ପ୍ରଶଂସା କରିବା ସହ ଉକ୍ତ ନିଷ୍ପତ୍ତିର ପ୍ରତିବାଦ ଜଣାଇବାକୁ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ୍ (ଆଇଓଏ) ମୁଖ୍ୟ ପି.ଟି. ଉଷାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରେସ୍‌ଲର ଭିନେଶ ଅଲିମ୍ପିକ୍ ଗେମ୍ସ ରେସ୍‌ଲିଂ ଇଭେଣ୍ଟ ଫାଇନାଲରେ ପହଞ୍ଚିବାରେ ପ୍ରଥମ ଭାରତୀୟ ମହିଳା ଭାବେ ଇତିହାସ ରଚିଥିବାବେଳେ ସ୍ୱର୍ଣ୍ଣ କିମ୍ବା ରୌପ୍ୟ ପଦକ ହାସଲରୁ ଶେଷ ମୁହୂର୍ତ୍ତରେ ☞ପୃଷ୍ଠା-୪

## ସ୍କିପିଂ, ଜଗିଂ ଓ ସାଇକ୍ଲିଂ, ଚୁଟିକଟା ଫେଲ୍ ମାରିଲା

ଭିନେଶଙ୍କ ଓଜନ କମାଇବା ପାଇଁ ଯଥା ସମ୍ଭବ କୌଶଳ ଆପଣାଯାଇଥିଲା ବୋଲି ଭାରତୀୟ ପ୍ରତିନିଧି ଦଳର ଚିଫ୍ ମେଡିକାଲ ଅଫିସର ଡାକ୍ତର ଡିନଶ ପର୍ଡିଓ୍ୱାଲା ପ୍ରକାଶ କରିଛନ୍ତି। ତାଙ୍କୁ କମ୍ ଖାଦ୍ୟ ଓ ପାଣି ଦିଆଯିବା ସହ ସକାଳ ପର୍ଯ୍ୟନ୍ତ କେତେକ ବ୍ୟାୟାମରେ ଲିପ୍ତ କରାଯାଇଥିଲା। ଏହା ମଧ୍ୟରେ ସ୍କିପିଂ, ଜଗିଂ ଓ ସାଇକ୍ଲିଂ ସାମିଲ ଥିଲା। ଏହା ବ୍ୟତୀତ ସଉନା ବାଥ୍ ମଧ୍ୟ କରାଯାଇଥିଲା। ଓଜନ କମାଇବା ପ୍ରୟାସ ତାଙ୍କ ଦୁର୍ବଳ ଏବଂ ଶକ୍ତି ହୀନତାର କାରଣ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଭିନେଶ ମଙ୍ଗଳବାର ୩ଟି ଲଢ଼େଇ ପରେ ଦୁର୍ବଳ ହୋଇ ପଡ଼ିଥିଲେ। ଶକ୍ତି ହୀନତାକୁ ସ୍ୱାଭାବିକ କରିବା ପାଇଁ ତାଙ୍କୁ ଅଳ୍ପ ପାଣି ସହ ଉଚ୍ଚ ☞ପୃଷ୍ଠା-୪

# ୩ରେ ରାଜ୍ୟ ସଭା ଉପନିର୍ବାଚନ

**ଭୁବନେଶ୍ୱର,୭।୮(ଅନିଲ ଦାସ)**

ଆସନ୍ତା ସେପ୍ଟେମ୍ବର ୩ରେ ଓଡ଼ିଶାରେ ଖାଲି ହୋଇଥିବା ଗୋଟିଏ ରାଜ୍ୟ ସଭା ଆସନରେ ଉପ ନିର୍ବାଚନ ଅନୁଷ୍ଠିତ ହେବ। ଉପନିର୍ବାଚନ ପାଇଁ ଅଗଷ୍ଟ ୧୪ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ଅଗଷ୍ଟ ୨୧ରେ ନାମାଙ୍କନ ଦାଖଲ ଶେଷ ହେବ। ଅଗଷ୍ଟ ୨୨ରେ ପ୍ରାର୍ଥିପତ୍ର ଯାଞ୍ଚ ହେବାକୁ ଥିବାବେଳେ ୨୭ ତାରିଖରେ ନାମାଙ୍କନ ପ୍ରତ୍ୟାହାର କରାଯିବ। ଆବଶ୍ୟକ ସ୍ଥଳେ ସେପ୍ଟେମ୍ବର ୩ ତାରିଖରେ ଭୋଟ ଗ୍ରହଣ ହେବ ବୋଲି ଭାରତ ନିର୍ବାଚନ

### ମମତା ମହାନ୍ତଙ୍କ ଇସ୍ତଫା ପରେ ଖାଲିପଡ଼ିଛି ଗୋଟିଏ ଆସନ

କମିଶନଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ସେପ୍ଟେମ୍ବର ୬ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ବିଜେଡି ପକ୍ଷରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିବା ମମତା ମହାନ୍ତ ଜୁଲାଇ ୩୧ରେ ରାଜ୍ୟ ସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏଥିଯୋଗୁ ଓଡ଼ିଶାର ଗୋଟିଏ ଆସନ ଖାଲି ପଡ଼ିଛି। ଉକ୍ତ ଆସନ ପାଇଁ ଉପ ନିର୍ବାଚନ ଅନୁଷ୍ଠିତ ହେବ। ☞ପୃଷ୍ଠା-୭




# ୬ ବାର୍ ଡ୍ୟାନ୍ସରଙ୍କୁ ନିର୍ଯାତନା ଦେଇ ମାଲିକ, ଏଜେଣ୍ଟ ଗିରଫ

**ଭୁବନେଶ୍ୱର,୭।୮ (ସତ୍ୟଜିତ୍ ରାଉତ)**


ଶିବପ୍ରସାଦ ମହାନ୍ତି, ଜ୍ୟୋତିପ୍ରକାଶ ନାୟକ

ରାଜ୍ୟ ବାହାରୁ ୬ ବାର୍ ଡ୍ୟାନ୍ସରଙ୍କୁ ଭୁବନେଶ୍ୱର ଆଣିଲେ। ମିଛ ପ୍ରତିଶ୍ରୁତି ଦେଇ ଭୁବନେଶ୍ୱର ନଶା ବାର୍‌ରେ ବିଳମ୍ବିତ ରାତି ଯାଏ ଡ୍ୟାନ୍ସ କରିବାକୁ ବାଧ୍ୟ କଲେ। ଆଉ କାମ କରିବାକୁ ରାଜି ନ ହେବାରୁ ଆରମ୍ଭ ହୋଇଯାଇଥିଲା ଅକଥନୀୟ ନିର୍ଯାତନା। ଏପରିକି ଯୁବତୀମାନଙ୍କୁ ୩ଦିନ ଧରି ଅଟକ ରଖି ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ଅଭିଯୋଗ ପାଇ କମିଶନରେଟ୍ ପୋଲିସର ହାଇ ଏଫିସିଏନ୍‌ସି ରେସ୍‌ପନ୍ସ (ହର୍) ଟିମ୍ ଭୁବନେଶ୍ୱରର ମୃତ୍ୟୁଞ୍ଜୟ ବିହାରସ୍ଥିତ ଏକ ପିଜି ହଷ୍ଟେଲରୁ ଯୁବତୀମାନଙ୍କୁ ଉଦ୍ଧାର କରିଛି। ପୀଡ଼ିତାମାନଙ୍କ ଏତଲାକ୍ରମେ ଧଉଳି ଥାନା ପୋଲିସ ନଶା ବାର୍ ମାଲିକ ଶିବପ୍ରସାଦ ମହାନ୍ତି (୫୭) ଓ ଶିଶୁପାଳଗଡ଼ ଅଞ୍ଚଳର ଏଜେଣ୍ଟ ଜ୍ୟୋତିପ୍ରକାଶ ନାୟକ(୪୨)ଙ୍କୁ ଗିରଫ କରିଛି। ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୧୨୬(୨), ୧୧୫(୨), ୧୧୮(୨), ୧୦୯, ୩୦୩(୨), ୩(୫)ରେ ଏକ ମାମଲା (ନଂ.୪୩୯/୨୦୨୪) ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ ବୁଧବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଉଦ୍ଧାର ହୋଇଥିବା ବାର୍ ଡ୍ୟାନ୍ସରଙ୍କ ବୟସ ୨୨ରୁ ୨୪ ବର୍ଷ ମଧ୍ୟରେ ହୋଇଥିବାବେଳେ ସେମାନଙ୍କ ଘର ଦିଲ୍ଲୀ ଓ ପଞ୍ଜାବରେ। ବାର୍ ମାଲିକ ଶିବପ୍ରସାଦ କିଛି ବାର୍ ଡ୍ୟାନ୍ସରଙ୍କୁ ନିଯୁକ୍ତି ଦେବାକୁ ଏଜେଣ୍ଟ ଜ୍ୟୋତିପ୍ରକାଶଙ୍କୁ କହିଥିଲେ। ଜ୍ୟୋତିପ୍ରକାଶ ଯୁବତୀମାନଙ୍କୁ ଭୁବନେଶ୍ୱର ଆଣିଥିଲେ। ସେମାନଙ୍କୁ ଇଭେଣ୍ଟ ମ୍ୟାନେଜମେଣ୍ଟରେ କାମ କରେଇବାକୁ କହି ୧୫ଦିନ ହେଲା ବାର୍‌ରେ ନଚାଇଥିଲେ। ☞ପୃଷ୍ଠା-୭

**ଆଜିର ସମ୍ପାଦକୀୟ** ଜିନ୍ ଓ ଭାଷାର ଦେଶାନ୍ତର



# ନେତାଙ୍କୁ ଖୋଜି ଖୋଜି ହତ୍ୟା




ଖାଲେଦା ଜିଆଙ୍କ ବାଂଲାଦେଶ ନ୍ୟାଶନାଲ ପାର୍ଟି (ବିଏନ୍‌ପି) ମୁଖ୍ୟାଳୟ ବାହାରେ ବୁଧବାର ବିକ୍ଷୋଭକାରୀମାନେ ଶୋଭାଯାତ୍ରା କରୁଛନ୍ତି।

ଢାକା,୭।୮

## ମିଳିଲାଣି ୨୯ ମୃତଦେହ

ହିଂସା ପ୍ରଭାବିତ ବାଂଲାଦେଶର ପ୍ରଧାନମନ୍ତ୍ରୀ ପଦରୁ ଶେଖ୍ ହାସିନା ଇସ୍ତଫା ଦେବା ପରେ ସ୍ଥିତିରେ ସୁଧାର ଆସିବ ବୋଲି ଆଶା କରାଯାଉଥିଲା। କିନ୍ତୁ ସେ ପଦ ଓ ଦେଶ ଛାଡ଼ି ଭାରତକୁ ପଳାୟନ କରିବା ପରେ ମଧ୍ୟ ଅରାଜକତା ଲାଗି ରହିଛି। ଉତ୍ତ୍ୟକ୍ତ ଲୋକେ ହାସିନାଙ୍କ ଦଳ ଆୱାମି ଲିଗ୍‌ର ନେତାମାନଙ୍କୁ ଖୋଜି ଖୋଜି ହତ୍ୟା କରିବାରେ ଲାଗିଛନ୍ତି। ବର୍ତ୍ତମାନ ସୁଦ୍ଧା ୨୯ ନେତା ଓ ସେମାନଙ୍କ ପରିବାର ସଦସ୍ୟଙ୍କ ମୃତଦେହ ମିଳିଲାଣି। ଏବେ ମଧ୍ୟ ବିକ୍ଷୋଭକାରୀମାନେ ଜଳାପୋଡ଼ା, ଭଙ୍ଗାରୁଜା ଜାରି ରଖିଛନ୍ତି। ଅନ୍ତରୀଣ ସରକାରର ଭାବୀ ମୁଖ୍ୟ ନୋବେଲ ପୁରସ୍କାର ବିଜେତା ପ୍ରଫେସର ମହମ୍ମଦ ୟୁନୁସ୍ ଦେଶବାସୀଙ୍କୁ ହିଂସା ତ୍ୟାଗ କରି ଶାନ୍ତି ବଜାୟ ରଖିବାକୁ ଅନୁରୋଧ କରିଛନ୍ତି।

ସଂରକ୍ଷଣ ବିରୋଧୀ ବିକ୍ଷୋଭକାରୀ ଓ ପୋଲିସ ମଧ୍ୟରେ ସଂଘର୍ଷରେ ୩୦୦ରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିବା ପରେ ସୋମବାର ସେନା ଚାପରେ ୭୬ ବର୍ଷୀୟା ହାସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭଉଣୀ ଶେଖ୍ ରେହାନାଙ୍କ ସହ ଭାରତକୁ ପଳାୟନ କରିବାକୁ ବାଧ୍ୟ ହୋଇଥିଲେ। ମୃତ୍ୟୁସଂଖ୍ୟା ବୁଧବାର ୪୫୦ ଅତିକ୍ରମ କରିଛି। ସତଖିରାରେ ୧୦ ଜଣଙ୍କୁ ହତ୍ୟା କରାଯାଇଛି। ବିକ୍ଷୋଭକାରୀମାନେ ସେମାନଙ୍କ ସମ୍ପତ୍ତି ଲୁଟି ନେବା ସହ ଘରେ ନିଆଁ ଲଗାଇ ଦେଇଛନ୍ତି। କୁମିଲ୍ଲାରେ ଅନ୍ୟୂନ ୧୧ ଜଣଙ୍କୁ ହତ୍ୟା କରାଯାଇଛି। ପୂର୍ବତନ କାଉନ୍‌ସିଲର ମହମ୍ମଦ ଶାହ ଆଲାମଙ୍କ ଘରେ ଦୁର୍ବୃତ୍ତମାନେ ନିଆଁ ଲଗାଇଦେବାରୁ ୬ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘରୁ ସୋମବାର ରାତି ଓ ମଙ୍ଗଳବାର ସକାଳେ ୫ ପିଲାଙ୍କ ସମେତ ୧୧ ଜଣଙ୍କ ମୃତଦେହ ମିଳିଥିଲା। ଇତିମଧ୍ୟରେ ଏମ୍‌ପି ଶାଫିକୁଲ ଇସ୍‌ଲାମ ଶିମୁଲଙ୍କ ଘରେ ନିଆଁ ଲଗାଇଦେବାରୁ ୪ ଜଣଙ୍କ ମୃତ୍ୟୁ ଘଟିଛି। ଆୱାମି ଲିଗ୍‌ର ଯୁବ ଶାଖା ଯୁବ ଲିଗ୍‌ର ୨ ଜଣ ନେତାଙ୍କ ମୃତଦେହ ମଧ୍ୟ ଠାବ ହୋଇଛି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ବାଂଲାଦେଶ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଆକ୍ରମଣକୁ ନିନ୍ଦା କରିବା ସହ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛି।

## ଅନ୍ତରୀଣ ସରକାରଙ୍କ ଶପଥ ଗ୍ରହଣ ଆଜି



ମହମ୍ମଦ ୟୁନୁସ୍

ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ପାର୍ଲାମେଣ୍ଟକୁ ଭଙ୍ଗକରି ନୋବେଲ ପୁରସ୍କାର ବିଜେତା ମହମ୍ମଦ ୟୁନୁସ୍‌ଙ୍କୁ ଅନ୍ତରୀରଣ ସରକାରରେ ମୁଖ୍ୟ ପରାମର୍ଶଦାତା ନିଯୁକ୍ତ କରିଛନ୍ତି। ୮୪ ବର୍ଷୀୟ ୟୁନୁସ୍ ଷ୍ଟୁଡେଣ୍ଟସ ଏଗେନ୍‌ଷ୍ଟ ଡିସ୍‌କ୍ରିମିନେଶନ୍ ଆନ୍ଦୋଳନର ନେତୃତ୍ୱ ନେଇଥିବା 'ସାହସୀ ଛାତ୍ରୀଛାତ୍ର'ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ୟୁନୁସ୍ କହିଛନ୍ତି, ଆମ ନୂଆ ବିଜୟର ଉପଯୁକ୍ତ ବିନିଯୋଗ କରିବା। ନିଜ ଭୁଲ୍ ଯୋଗୁ ପଥଚ୍ୟୁତ ହେବାନାହିଁ ବୋଲି ବର୍ଷୀୟାନ୍ ଅର୍ଥନୀତିଜ୍ଞ ୟୁନୁସ କହିଛନ୍ତି। ସେ ପ୍ୟାରିସ୍‌ରୁ ଗୁରୁବାର ବାଂଲାଦେଶକୁ ଫେରିବା ପରେ ଦାୟିତ୍ୱ ଗ୍ରହଣ କରିବେ। ସେନାମୁଖ୍ୟ ଜେନେରାଲ ୱାକର-ଉଜ୍-ଜମାନ୍ କହିଛନ୍ତି, ଅନ୍ତରୀଣ ସରକାର ଗୁରୁବାର ସକାଳ ୮ଟାରେ ଶପଥ ନେବ। ପରାମର୍ଶଦାତା ପରିଷଦରେ ୧୫ ସଦସ୍ୟ ରହିବେ। ୟୁନୁସ୍‌ଙ୍କୁ ସଶସ୍ତ୍ର ବଳ ସବୁ ପ୍ରକାର ସମର୍ଥନ ଦେବ।

## ଶତ୍ରୁତା ନୁହେଁ, ସ୍ନେହ: ଖାଲେଦା ଜିଆ



ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବାଂଲାଦେଶ ନ୍ୟାଶନାଲ ପାର୍ଟି ମୁଖ୍ୟ ଖାଲେଦା ଜିଆ ଜେଲରୁ ମୁକୁଳିବାର ଦିନକ ପରେ ତାଙ୍କ ମୁକ୍ତି ପାଇଁ ସାହାଯ୍ୟ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ଖାଲେଦା କହିଛନ୍ତି, ସେମାନଙ୍କ ସଂଗ୍ରାମ ଯୋଗୁ ସେ ମୁକ୍ତ ହୋଇପାରିଛନ୍ତି। କ୍ରୋଧ କିମ୍ବା ଶତ୍ରୁତାରୁ କିଛି ମିଳିବ ନାହିଁ। ପ୍ରେମ ଓ ଶାନ୍ତିରେ ଦେଶର ପୁନଃ ନିର୍ମାଣ ସମ୍ଭବ ବୋଲି ୨୦୧୮ରୁ ଜେଲରେ ଥିବା ୭୯ ବର୍ଷୀୟା ଖାଲେଦା କହିଛନ୍ତି।

## ଢାକାରୁ ଫେରିଲେ ୧୯୦ ଭାରତୀୟ ଉଚ୍ଚାୟୁକ୍ତ କର୍ମଚାରୀ

ବାଂଲାଦେଶରେ ସୃଷ୍ଟି ହୋଇଥିବା ରାଜନୈତିକ ଅସ୍ଥିରତା ଭିତରେ ଢାକାସ୍ଥିତ ଭାରତୀୟ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟର ୧୯୦ ଅଣଜରୁରୀ କର୍ମଚାରୀ ବୁଧବାର ଭାରତକୁ ଫେରିଛନ୍ତି। ତେବେ ସମସ୍ତ କୂଟନୀତିଜ୍ଞ ସେଠାରେ ଅଛନ୍ତି ଏବଂ କମିଶନ ଅଫିସଗୁଡ଼ିକ ଚାଲୁରହିଛି। ହାଇକମିଶନ ଅଫିସରେ ବର୍ତ୍ତମାନ ୨୦ରୁ ୩୦ ଭାରତୀୟ କୂଟନୀତିଜ୍ଞ ରହିଥିବା ସୂତ୍ରରୁ ଜଣାପଡ଼ିଛି।

## ଦିଲ୍ଲୀରେ ସାମୟିକ ଅବସ୍ଥାନ କରିବେ ହାସିନା

ଭାରତକୁ ପଳାୟନ କରିଥିବା ବାଂଲାଦେଶର ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଦିଲ୍ଲୀରେ ସ୍ୱଳ୍ପକାଳୀନ ଅବସ୍ଥାନ କରିବେ ବୋଲି ବୁଧବାର ତାଙ୍କ ପୁଅ ସଜୀବ ୱାଜେଦ ଜୟ କହିଛନ୍ତି। ଏକ ସାକ୍ଷାତ୍‌କାରରେ ଜୟ କହିଛନ୍ତି, ହାସିନା ସାମୟିକ ଅବସ୍ଥାନ ପାଇଁ ଦିଲ୍ଲୀ ଯିବେ। ସେଠାରେ ମୋ ଭଉଣୀ ମଧ୍ୟ ଅଛନ୍ତି। ଶରଣ ମାଗିବା ନେଇ ହେଉଥିବା ଚର୍ଚ୍ଚା ଗୁଜବ ଛଡ଼ା କିଛି ନୁହେଁ ବୋଲି ଜୟ ସ୍ପଷ୍ଟ କରିଛନ୍ତି। ହାସିନାଙ୍କ ଝିଅ ସାଇମା ୱାଜେଦ୍ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଦକ୍ଷିଣ-ପୂର୍ବ ଏସିଆ ରିଜିୟନ୍ ରିଜିଓନାଲ ଡାଇରେକ୍ଟର ଅଛନ୍ତି। ଏହାର ମୁଖ୍ୟାଳୟ ନୂଆଦିଲ୍ଲୀରେ ରହିଛି। ହାସିନାଙ୍କୁ ବ୍ରିଟେନ୍ ଶରଣ ଦେବାକୁ କୁଣ୍ଠାବୋଧ କରୁଥିବାରୁ ସେ ଲଣ୍ଡନ ଯିବା ନେଇ ଅନିଶ୍ଚିତତା ଦେଖାଦେଇଛି। ହାସିନାଙ୍କ ଭଉଣୀ ରେହାନାଙ୍କ ଝିଅ ଟୁଲିପ୍ ସିଦ୍ଦିକ୍ ବ୍ରିଟିଶ୍ ପାର୍ଲାମେଣ୍ଟର ସଦସ୍ୟ ଅଛନ୍ତି। ଜୟଙ୍କୁ ରାଜନୀତିରେ ଯୋଗଦାନ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ବର୍ତ୍ତମାନ ପାଇଁ ତାଙ୍କର ଏଭଳି କୌଣସି ଯୋଜନା ନ ଥିବା କହିଛନ୍ତି।

## ସଂକ୍ଷେପରେ

### ପୁଡୁଚେରୀ ଉପ ରାଜ୍ୟପାଳ ଭାବେ ଶପଥ ନେଲେ କୈଳାଶ୍‌ନାଥନ

ପଣ୍ଡିଚେରୀ, ୭।୮

ପୂର୍ବତନ ଆଇଏଏସ୍ ଅଧିକାରୀ କେ. କୈଳାଶ୍‌ନାଥନ ବୁଧବାର ପୁଡୁଚେରୀର ନୂତନ ଉପ ରାଜ୍ୟପାଳ ଭାବେ ଶପଥ ନେଇଛନ୍ତି। ପଣ୍ଡିଚେରୀସ୍ଥିତ ରାଜ ନିବାସରେ ଏକ ସ୍ୱତନ୍ତ୍ର ସମାରୋହରେ ତାଙ୍କୁ ମାଡ୍ରାସ୍ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡି. କୃଷ୍ଣ କୁମାର ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସମାରୋହରେ ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଏନ୍ ରଙ୍ଗାସ୍ୱାମୀ ଓ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ପୁଡୁଚେରୀ ବିଧାନସଭା ବାଚସ୍ପତି ଆର୍ ସେଲ୍ୱମ, ଉପ ବାଚସ୍ପତି ପି. ରାଜାବେଲୁ, ବିରୋଧୀ ଦଳ ନେତା ଆର୍.ସିବା ପ୍ରମୁଖ କୈଳାଶ୍‌ନାଥନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



କେ. କୈଳାଶ୍‌ନାଥନ

### ରଶ୍ମିରଞ୍ଜନ ସ୍ୱାଇଁ ଜମ୍ମୁ-କଶ୍ମୀର ଡିଜିପି



ନୂଆଦିଲ୍ଲୀ, ୭।୮

ବରିଷ୍ଠ ଓଡ଼ିଆ ଆଇପିଏସ୍ ଅଧିକାରୀ ରଶ୍ମିରଞ୍ଜନ ସ୍ୱାଇଁ ଜମ୍ମୁ-କଶ୍ମୀରର ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଭାବେ ନିଯୁକ୍ତ ହୋଇଛନ୍ତି। ଆସନ୍ତା ସେପ୍ଟେମ୍ବର ୩୦ ଯାଏ ସେ ଜମ୍ମୁ-କଶ୍ମୀରର ଡିଜିପି ଭାବେ ଦାୟିତ୍ୱ ନିର୍ବାହ କରିବେ ବୋଲି ବୁଧବାର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ସେ ୨୦୨୩ ନଭେମ୍ବର ପହିଲାରୁ ଜମ୍ମୁ-କଶ୍ମୀରର ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରି ଆସୁଥିଲେ। ୧୯୯୧ ବ୍ୟାଚର ଏହି ଆଇପିଏସ୍ ଅଧିକାରୀ ୨୦୦୧ରୁ ୨୦୦୩ ପର୍ଯ୍ୟନ୍ତ ଶ୍ରୀନଗରର ଏସ୍‌ଏସ୍‌ପି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପରବର୍ତ୍ତି ସମୟରେ ସେ ଜମ୍ମୁ-କଶ୍ମୀରର ରାମବନ୍, ଲେହ ଓ ପୁଞ୍ଛର ଏସ୍‌ଏସ୍‌ପି ଭାବେ ମଧ୍ୟ କାର୍ଯ୍ୟ କରିଥିଲେ।

### ହେଲିକପ୍ଟର ଦୁର୍ଘଟଣା, ୫ ମୃତ


କାଠମାଣ୍ଡୁ, ୭।୮

ନେପାଳ ରାଜଧାନୀ କାଠମାଣ୍ଡୁର ଉପକଣ୍ଠ ନୱାକୋଟ ଜିଲା ଶିବପୁରୀ ଅଞ୍ଚଳରେ ଥିବା ଏକ ଜାତିୟ ଉଦ୍ୟାନରେ ବୁଧବାର ଏୟାର ଡାଏନାଷ୍ଟି କମ୍ପାନୀର ୯ଏନ୍-ଏଜେଡି ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ବିମାନରେ ଥିବା ସମସ୍ତ ୫ ନାଗରିକଙ୍କର ମୃତ୍ୟୁ ଘଟିଛି। ୫ ମୃତକଙ୍କ ମଧ୍ୟରୁ ୪ ଜଣ ଚାଇନା ନାଗରିକ ରହିଛନ୍ତି। ସ୍ଥାନୀୟ ମିଡିଆ ରିପୋର୍ଟ ଅନୁଯାୟୀ ଉକ୍ତ ବିମାନଟି କାଠମାଣ୍ଡୁରୁ ବାହାରି ରସୁଆ ଅଭିମୁଖେ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଛି। ଉଡ଼ାଣର ୩ ମିନିଟ ମଧ୍ୟରେ କାଠମାଣ୍ଡୁସ୍ଥିତ ତ୍ରିଭୁବନ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଥିବା ଏୟାର ଟ୍ରାଫିକ ନିୟନ୍ତ୍ରକଙ୍କ ସହ ଉକ୍ତ ହେଲିକପ୍ଟରଟି ସମ୍ପର୍କ କଟିଯାଇଥିଲା, ଫଳରେ ଏହି ଦୁର୍ଘଟଣା ଘଟିଥିବା ନେପାଳ ପୋଲିସ କହିଛି। ଘଟଣାସ୍ଥଳରେ ପୋଲିସ ୫ ମୃତଦେହକୁ ଜବତ କରିଛି। ସୂଚନାଯୋଗ୍ୟ, ଗତ ଜୁଲାଇ ୨୪ରେ ମଧ୍ୟ ନେପାଳରେ ବିମାନ ଦୁର୍ଘଟଣା ହୋଇଥିଲା ଯେଉଁଥିରେ ବିମାନର ୧୮ ଜଣ କ୍ରିଓ ସଦସ୍ୟ ପ୍ରାଣ ହରାଇଥିଲେ।

### ସ୍ୱାତୀଙ୍କୁ ଆକ୍ରମଣ ପରେ ବିଭବଙ୍କ ସହ ଏକାଠି ଥିଲେ କେଜ୍‌ରିୱାଲ

ନୂଆଦିଲ୍ଲୀ, ୭।୮

ରାଜ୍ୟ ସଭା ସଦସ୍ୟ ସ୍ୱାତୀ ମାଲିୱାଲ୍‌ଙ୍କୁ ଆକ୍ରମଣ ମାମଲାରେ ଏକ ନୂଆମୋଡ଼ ସାମ୍ନାକୁ ଆସିଛି। ଅଭିଯୁକ୍ତ ବିଭବ କୁମାରଙ୍କ ବିରୋଧରେ ଦିଲ୍ଲୀ ପୋଲିସ ଦାଖଲ କରିଥିବା ଚାର୍ଜଶିଟ୍‌ରେ ସ୍ୱାତୀଙ୍କ ବିରୋଧରେ ଏକ ବଡ଼ ଧରଣର ଷଡ଼ଯନ୍ତ୍ର ରଚାଯାଇଥିବା ନେଇ ଉଲ୍ଲେଖ କରିଛି। ଏନେଇ ବୁଧବାର ଏକ ଜାତୀୟ ଗଣମାଧ୍ୟମ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି। ସ୍ୱାତୀଙ୍କୁ ହୋଇଥିବା ଆକ୍ରମଣର ଠିକ୍ ପରେ ବିଭବଙ୍କ ସହ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏକାଠି ନଜର ଆସିଥିଲେ ବୋଲି ଏହି ଚାର୍ଜଶିଟ୍‌ରେ ଉଲ୍ଲେଖ ରହିଛି। ତେବେ ସ୍ୱାତୀଙ୍କୁ ଆକ୍ରମଣ ପଛରେ ଏକ ବଡ଼ ଷଡ଼ଯନ୍ତ୍ର ରହିଥିବା ଅନୁମାନ କରି ମାମଲାରେ ବିଭବଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ କେଜ୍‌ରିୱାଲ ଓ ଅନ୍ୟ ଆମ୍ ଆଦ୍‌ମୀ ପାର୍ଟି(ଆପ୍) ନେତାଙ୍କ ସମ୍ପୃକ୍ତି ଦିଗରେ ଦିଲ୍ଲୀ ପୋଲିସ ତଦନ୍ତ କରୁଛି। ଅନ୍ୟପକ୍ଷରେ ବୁଧବାର ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଜବାବ ତଲବ କରିଛନ୍ତି। ବିଭବଙ୍କ ପକ୍ଷରୁ ଦାଖଲ ହୋଇଥିବା ଜାମିନ ଆବେଦନକୁ ନେଇ ଆସନ୍ତା ୨୧ ସୁଦ୍ଧା ଜବାବ ରଖିବାକୁ ଦିଲ୍ଲୀ ପୋଲିସକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।



କର୍ନାଟକର ଉତ୍ତର କନ୍ନଡ଼ ଜିଲା କରୱାରକୁ ଗୋଆ ସହ ଯୋଡୁଥିବା ଏକ ପୁରୁଣା ବ୍ରିଜ୍‌ର କିଛି ଅଂଶ ମଙ୍ଗଳବାର ବିଳମ୍ବିତ ରାତିରେ ଭୁଶୁଡ଼ିପଡ଼ିଛି।

## ୱାୟନାଡ୍ ଭୂସ୍ଖଳନକୁ ଜାତୀୟ ବିପର୍ଯ୍ୟୟ ଘୋଷଣାକର

ନୂଆଦିଲ୍ଲୀ, ୭।୮ (ପି.ଟି.)

**କେନ୍ଦ୍ର ସରକାରଙ୍କୁ ରାହୁଲଙ୍କ ଦାବି**

ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବୁଧବାର ଗୃହର ଶୂନ୍ୟକାଳରେ ୱାୟନାଡ୍ ଭୂସ୍ଖଳନ ପ୍ରସଙ୍ଗକୁ ଉପସ୍ଥାପନ କରିଛନ୍ତି। ଏହି ପ୍ରାକୃତିକ ବିପର୍ଯ୍ୟୟକୁ ଜାତୀୟ ବିପର୍ଯ୍ୟୟ ଭାବେ ଘୋଷଣା କରିବାକୁ ସେ କେନ୍ଦ୍ରସରକାରଙ୍କ ନିକଟରେ ଦାବି କରିଛନ୍ତି। ଏହାସହ ଉକ୍ତ ଭୂସ୍ଖଳନ ପୀଡ଼ିତଙ୍କୁ ଦିଆଯାଉଥିବା କ୍ଷତିପୂରଣ ରାଶିରେ ବୃଦ୍ଧି ତଥା ୱାୟନାଡ୍ ଅଞ୍ଚଳ ପାଇଁ ବିସ୍ତୃତ ପୁନର୍ବାସ ପ୍ୟାକେଜ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ସେହିପରି ଏଭଳି ପ୍ରାକୃତିକ ଦୁର୍ବିପାକରୁ ବର୍ତ୍ତିବା ପାଇଁ ଦେଶରେ ବିପର୍ଯ୍ୟୟ ପ୍ରତିରୋଧକ ଭିତ୍ତିଭୂମି ନିର୍ମାଣ କରିବାକୁ ରାହୁଲ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

ଲୋକ ସଭାର ଶୂନ୍ୟକାଳରେ ରାହୁଲ କହିଛନ୍ତି, କିଛି ଦିନ ପୂର୍ବେ ସେ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହ ୱାୟନାଡ ଗସ୍ତରେ ଯାଇ ଏହି ଭୂସ୍ଖଳନର ବିନାଶକାରୀ ରୂପକୁ ନିଜ ଆଖିରେ ଦେଖିଛନ୍ତି। ୱାୟନାଡ୍‌ରେ ପ୍ରାୟ ୨ କିଲୋମିଟର ପର୍ଯ୍ୟନ୍ତ ପାହାଡ଼ ଧସିଯାଇଛି ଏବଂ ସମ୍ପୂର୍ଣ୍ଣ ଅଞ୍ଚଳ କେବଳ ପଥର ଗଦାରେ ପରିଣତ ହୋଇଥିବା ସେ କହିଛନ୍ତି। ସେହିପରି କେରଳର ଏଭଳି ବିପତ୍ତି ସମୟରେ ପଡ଼ୋଶୀ ତାମିଲନାଡୁ, ତେଲଙ୍ଗାନା ଓ କର୍ନାଟକରୁ ମିଳିଥିବା ସହାୟତାକୁ ମଧ୍ୟ ରାହୁଲ ପ୍ରଶଂସା କରିଛନ୍ତି। ତେବେ ଦଳମତ ନିର୍ବିଶେଷରେ ୱାୟନାଡ୍ ଭୂସ୍ଖଳନ ପୀଡ଼ିତଙ୍କୁ ସହାୟତା କରିବାକୁ ବିଭିନ୍ନ ସମୁଦାୟର ଲୋକ ଆଗେଇ ଆସିଥିଲେ, ଯାହା ତାଙ୍କ ହୃଦୟକୁ ଛୁଇଁଥିବା ରାହୁଲ କହିଛନ୍ତି।



ଲୋକ ସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ।

## ଫୁର୍‌ସତ୍

## ଚକିତ ହୋଇଯାଇଥିଲା ବ୍ରିଟିଶ୍ ଶାସନ

### ଭାରତଛାଡ଼ ଆନ୍ଦୋଳନ



ଭାରତର ସ୍ୱାଧୀନତା ସହ ଜଡ଼ିତ ଏମିତି କେତେକ ଘଟଣା ରହିଛି, ଯାହା ଅବିସ୍ମରଣୀୟ ଇତିହାସରେ ପରିଣତ ହୋଇଛି। ସେଥିମଧ୍ୟରୁ ଅନ୍ୟତମ ହେଉଛି ଭାରତ ଛାଡ଼ ଆନ୍ଦୋଳନ। ୧୯୪୨ ମସିହା ଆଜିର ଦିନ ଅର୍ଥାତ୍ ୮ ଅଗଷ୍ଟରେ ଭାରତଛାଡ଼ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଜାତିର ପିତା ମହାତ୍ମା ଗାନ୍ଧୀ ଭାରତଛାଡ଼ ଆନ୍ଦୋଳନ ଆରମ୍ଭ କରିଥିଲେ। ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଫସିଥିବା ଇଂଲଣ୍ଡ ଭାରତରେ ଏଭଳି ଆନ୍ଦୋଳନ ଆଶା କରି ନ ଥିଲା। ଏଥିରେ ସମଗ୍ର ବ୍ରିଟିଶ ଶାସନ ସ୍ତବ୍ଧ ହୋଇଯାଇଥିଲା। ୧୯୪୨ ମସିହାର ଏହି ଆନ୍ଦୋଳନ ୧୮୫୭ ପରେ ଦେଶର ସ୍ୱାଧୀନତା ପାଇଁ ହୋଇଥିବା ବଡ଼ ଆନ୍ଦୋଳନ ସାବ୍ୟସ୍ତ ହୋଇଥିଲା। ଭାରତଛାଡ଼ ଆନ୍ଦୋଳନର ପ୍ରଭାବ ଦେଶବାସୀଙ୍କ ଉପରେ ଗଭୀର ଭାବେ ପଡ଼ିଥିଲା। ଏହି ଆନ୍ଦୋଳନ ସମୟରେ ମହାତ୍ମା ଗାନ୍ଧୀ 'କର ବା ମର' ସ୍ଲୋଗାନ ଦେଇଥିଲେ। ଏହି ସ୍ଲୋଗାନ ଲୋକଙ୍କୁ ଏପରି ପ୍ରଭାବିତ କଲା ଯେ, ଇଂରେଜମାନଙ୍କୁ ପରବର୍ତ୍ତୀ ସମୟରେ ଭାରତ ଛାଡିବାକୁ ପଡିଲା। ତେବେ ଆନ୍ଦୋଳନ ଆରମ୍ଭ କରି ଗାନ୍ଧିଜୀ କହିଥିଲେ, ଇଂରେଜମାନେ ଏବେ ତୁରନ୍ତ ଭାରତ ଛାଡିଯିବା ଉଚିତ। ଭାରତଛାଡ଼ ଆନ୍ଦୋଳନ ଆରମ୍ଭ ହେବାର ପରଦିନ ଅର୍ଥାତ୍ ଅଗଷ୍ଟ ୯ରେ ବ୍ରିଟିଶ ସରକାର ବହୁ ସଂଗ୍ରାମୀଙ୍କୁ ଗିରଫ କରିଥିଲେ। ଏଥିରେ ଗାନ୍ଧିଜୀ ମଧ୍ୟ ସାମିଲ ଥିଲେ। ଏହି ସମୟ ମଧ୍ୟରେ ଅନେକ ଲୋକ ପ୍ରାଣ ହରାଇଥିଲେ। ପ୍ରତିବର୍ଷ ଏହି ଦିନରେ ଭାରତ ଛାଡ଼ ଆନ୍ଦୋଳନରେ ପ୍ରାଣ ହରାଇଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଏ।

## ୪୩ ମିଟର ଉପରୁ ଖସି ଶିଶୁ ଅକ୍ଷତ

ପ୍ୟାରିସ

ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ର ଔବେର୍ଭିଲିୟର୍ସଠାରେ ଥିବା ଏକ ଆପାର୍ଟମେଣ୍ଟର ୧୬ତମ ମହଲାର ଝରକାରୁ ଏଞ୍ଜୋ ନାମକ ଜଣେ ୪ ବର୍ଷୀୟ ଶିଶୁ ମଙ୍ଗଳବାର ଖସିଯିବା ପରେ ମଧ୍ୟ ଜୀବିତ ରହିଛନ୍ତି। ୪୩ ମିଟର ଉଚ୍ଚତାରୁ ଖସିପଡ଼ିଥିଲେ ମଧ୍ୟ ତାଙ୍କର କୌଣସି ଗମ୍ଭିର କ୍ଷତ ହୋଇ ନାହିଁ। ଏହାଦେଖି ଏଞ୍ଜୋଙ୍କ ପରିବାର ବର୍ଗ ଓ ସ୍ଥାନୀୟ ବାସିନ୍ଦା ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏଞ୍ଜୋଙ୍କୁ ଜୀବିତ ଥିବା ସହ ଚାଲୁଥିବାର ଦେଖି ସେମାନେ ଖୁସିରେ ବିଭୋର ହୋଇ ଉଠିଥିଲେ। ତେବେ ଏତେ ଉଚ୍ଚରୁ ପଡ଼ି ଯାଇଥିଲେ ମଧ୍ୟ ଏଞ୍ଜୋଙ୍କ ଶରୀରରେ କୌଣସି ମଧ୍ୟ କ୍ଷତ କିମ୍ବା ରକ୍ତସ୍ରାବ ହୋଇନଥିଲା। କେବଳ ତାଙ୍କ ଗୋଡ଼ ସାମାନ୍ୟ ଭାବେ ମୋଡ଼ି ହୋଇ ଯାଇଥିଲା।

## 'ବିଗ୍‌ବସ୍ ଓଟିଟି-୩' ସେଟ୍‌କୁ ମିସ୍ କରୁଛନ୍ତି ସନା



**ମୁମ୍ବାଇ:** 'ବିଗ୍‌ବସ୍ ଓଟିଟି-୩' ଜିତିବା ପରେ ଅଭିନେତ୍ରୀ ସନା ମକ୍‌ବୁଲ୍ ଲଗାତର ଭାବେ ଚର୍ଚ୍ଚାରେ ରହି ଆସୁଛନ୍ତି। ଏବେ ସେ ତାଙ୍କର ଏକ ସାକ୍ଷାତ୍‌କାର ଯୋଗୁ ଆଲୋଚନା ପରିସରକୁ ଆସିଛନ୍ତି। 'ବିଗ୍‌ବସ୍ ଓଟିଟି-୩' ଜିତିବା ପରେ ତାଙ୍କୁ ରାତିରେ ନିଦ ହେଉ ନଥିବା ନେଇ ସନା ଏହି ସାକ୍ଷାତ୍‌କାରରେ କହିଛନ୍ତି। ଉକ୍ତ ସେଟ୍‌ରେ ଘଟିଥିବା ବିଭିନ୍ନ ଘଟଣାକ୍ରମ ଓ ଅନ୍ୟ ପ୍ରତିଯୋଗୀମାନଙ୍କ ସହ ତାଙ୍କର ରହିଥିବା ସମ୍ପର୍କ ବାରମ୍ବାର ମନେ ପଡ଼ିଯାଉଥିବା ସନା କହିଛନ୍ତି। ତାଙ୍କୁ କିଏ କ'ଣ କହିଥିଲେ ଏବଂ କିଏ କିପରି ବ୍ୟବହାର କରିଥିଲେ ତାହା ମଧ୍ୟ ବାରମ୍ବାର ମନେପଡୁଛି। ଏହି ଶୋ'ରେ ସେ ନିଜ ସାଥୀ ପ୍ରତିଯୋଗୀମାନଙ୍କୁ ବହୁତ ମିସ୍ କରୁଥିବା ନେଇ ସନା ଉକ୍ତ ସାକ୍ଷାତ୍‌କାରରେ ପ୍ରକାଶ କରିଛନ୍ତି।

ତେବେ ସେ ନିଜ ଅଭିଭାବକଙ୍କ ଉପଦେଶ ଅନୁଯାୟୀ କିଛି ଦିନ ପାଇଁ ବିଶ୍ରାମ ନେବାକୁ ପ୍ରୟାସ କରୁଛନ୍ତି। ଏହାସହ ସେ ବିଗ୍‌ବସ୍ ଘର ମଧ୍ୟରେ ଯାହା କିଛି ଘଟିଲା ଉକ୍ତ କ୍ଲିପ୍‌ଗୁଡିକୁ ସୋସିଆଲ ମିଡ଼ିଆରେ ବାରମ୍ବାର ଦେଖୁଥିବା ସନା କହିଛନ୍ତି। ଏହାଦ୍ୱାରା ଅନ୍ୟମାନେ ତାଙ୍କ ବିଷୟରେ କ'ଣ ଧାରଣା ରଖିଛନ୍ତି, ତାହା ସେ ଜାଣିବାକୁ ଚେଷ୍ଟା କରିଛନ୍ତି ବୋଲି ସନା କହିଛନ୍ତି।




# ଡିଜିପିଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ ଏନ୍ଏଚ୍ଆର୍‌ସି

## ଖବରଦାତାଙ୍କୁ ନୟାଗଡ଼ ଏସ୍‌ପିଙ୍କ ଦୁର୍ବ୍ୟବହାର ଘଟଣା

ଭୁବନେଶ୍ୱର,୭।୮ (ସତ୍ୟଜିତ୍ ରାଉତ)

ନୟାଗଡ଼ ଏସ୍‌ପି ରାହୁଲ ଜୈନ 'ଧରିତ୍ରୀ' ଖବରଦାତା ଲୋକନାଥ ମିଶ୍ରଙ୍କୁ ଦୁର୍ବ୍ୟବହାର କରିବା ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍‌ସି) ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାର ୮ ସପ୍ତାହ ମଧ୍ୟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ସହ ଏହାର ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସଙ୍କ ଅଭିଯୋଗ ଆଧାରରେ କମିଶନ ଏହି ନିର୍ଦ୍ଦେଶ ଦେଇଛନ୍ତି। ରଥଯାତ୍ରା ସମ୍ପର୍କରେ ସୂଚନା ଦେବା ପାଇଁ ନୟାଗଡ଼ ଏସ୍‌ପି ଜୈନଙ୍କ ପକ୍ଷରୁ ଜୁଲାଇ ୬ ଅପରାହ୍ନ ୪ଟାରେ ଖବରଦାତାମାନଙ୍କୁ ଜିଲା ପୋଲିସ ଅଫିସକୁ ଡକାଯାଇଥିଲା। ହେଲେ ଏହି ଖବରଦାତା ସମ୍ମିଳନୀକୁ ଏସ୍‌ପି ଆସି ନ ଥିଲେ। ପରବର୍ତ୍ତୀ ସମୟରେ ୩୦ ମିନିଟ୍ ମଧ୍ୟରେ ଏସ୍‌ପି ପହଞ୍ଚିବେ ବୋଲି କହି ନ ଆସିବାରୁ ଖବରଦାତାମାନେ ଫେରିଥିଲେ। ଏନେଇ ଜୁଲାଇ ୭ରେ 'ଧରିତ୍ରୀ'ରେ 'ଖବରଦାତା ସମ୍ମିଳନୀ ଡାକିଲେ, ଆସିଲେ ନାହିଁ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଅନ୍ୟ ଏକ ଖବରକାଗଜରେ ମଧ୍ୟ ଏ ସମ୍ପର୍କିତ ଖବର ପ୍ରକାଶ ପାଇଥିଲା। ଏହାପରେ ଏସ୍‌ପି ଜୈନ୍ ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ। ଜୁଲାଇ ୭ ପୂର୍ବାହ୍ନରେ ଧରିତ୍ରୀ ଖବରଦାତା ଲୋକନାଥ ମିଶ୍ର ଏବଂ ଅନ୍ୟ ଏକ ଖବରକାଗଜର ଖବରଦାତାଙ୍କୁ ଏସ୍‌ପି ତାଙ୍କ କାର୍ଯ୍ୟାଳୟକୁ ଡକାଇ ଦୁର୍ବ୍ୟବହାର କରିବା ସହ ଭୁଲ୍ ମାଗିବାକୁ ବାଧ୍ୟ କରାଇଥିଲେ। ଏପରି କି ବସିବା ଏବଂ କଥା କହିବାର ସୁଯୋଗ ନ ଦେଇ ବାଡ଼େଇବି, ବାନ୍ଧିଦେବି ବୋଲି ଧମକ ଦେଇଥିଲେ। ପୋଲିସକୁ ଅଶ୍ଳୀଳ ଗାଳିଗୁଲଜ କରିଛ ଦର୍ଶାଇ କେସ୍ କରିବି ବୋଲି ମଧ୍ୟ ଏସ୍‌ପି ମିଥ୍ୟା କଥା କହି ଖବରଦାତାଙ୍କୁ ଦୁର୍ବ୍ୟବହାର କରିଥିଲେ। ତେବେ ଏନେଇ ମାନବାଧିକାର କର୍ମୀ ଜୟନ୍ତ ଜୁଲାଇ ୧୦ରେ ଏନ୍ଏଚ୍ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ସହ ପୀଡ଼ିତଙ୍କୁ କ୍ଷତିପୂରଣ ରାଶି ଯୋଗାଇଦେବାକୁ ସେ କମିଶନଙ୍କୁ ନିବେଦନ କରିଥିଲେ।

# 'ଖାଦ୍ୟ ନଷ୍ଟ କମିଲେ ବିଶ୍ୱ କ୍ଷୁଧାମୁକ୍ତ ହୋଇପାରିବ'


ଚେନ୍ନାଇଠାରେ ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ ସମ୍ମିଳନୀରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୭।୮ (ଅସମାପିକା ସାହୁ)

ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟ। ଜଳବାୟୁ ପ୍ରତିରୋଧୀ କୃଷିକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କଲେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହୋଇପାରିବେ। ଚାଷରେ ବିବିଧତା ବା ଏକକାଳୀନ ଏକରୁ ଅଧିକ ଫସଲ ଉତ୍ପାଦନ କରିବା ଦ୍ୱାରା ବିଶ୍ୱ କ୍ଷୁଧାମୁକ୍ତ ହୋଇପାରିବ। ପାରମ୍ପରିକ ଖାଦ୍ୟ ବ୍ୟବହାର ବଢ଼ାଇବା ଦ୍ୱାରା କ୍ଷୁଦ୍ର ଚାଷୀ, ବିଶେଷକରି ଆଦିବାସୀ ଅଞ୍ଚଳର ଚାଷୀମାନେ ଉପକୃତ ହୋଇପାରିବେ ଏବଂ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ମଧ୍ୟ ହୋଇପାରିବେ। ସେହିପରି ଖାଦ୍ୟ ନଷ୍ଟକୁ କମ୍ କରିବା ଦ୍ୱାରା ବିଶ୍ୱ ବହୁତ ଶୀଘ୍ର କ୍ଷୁଧାମୁକ୍ତ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ଏମ୍. ଏସ୍. ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେଶନ ପକ୍ଷରୁ 'କ୍ଷୁଧାମୁକ୍ତ ବିଶ୍ୱ: ପ୍ରଫେସର ଏମ୍. ଏସ୍. ସ୍ୱାମୀନାଥନଙ୍କ ଦୃଷ୍ଟିରେ ଚିର ସବୁଜ କ୍ରାନ୍ତି' ଶୀର୍ଷକ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ବୁଧବାର ଚେନ୍ନାଇଠାରେ ଆରମ୍ଭ ହୋଇଛି। ଏହି ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିବା ସହ ଫାଉଣ୍ଡେଶନର ନୂଆ ଲୋଗୋ ଓ ପ୍ରଭାବୀ ରିପୋର୍ଟ ୨୦୨୩-୨୪ ଉନ୍ମୋଚନ କରିଥିଲେ। ନିତ୍ୟା ରାଓ ନାମକ ଜଣେ କୃଷକଙ୍କ ସହ ଏମ୍. ଏସ୍. ସ୍ୱାମୀନାଥନଙ୍କ ବାର୍ତ୍ତାଳାପକୁ ନେଇ ରଚିତ ପୁସ୍ତକକୁ ମଧ୍ୟ ସେ ଉନ୍ମୋଚନ କରିଥିଲେ। ଏହି ପୁସ୍ତକଟି ଜଣେ କୃଷକର କୁପୋଷଣମୁକ୍ତ ଭାରତ ଅଭିଯାନ ଉପରେ ପର୍ଯ୍ୟବସିତ। ସମ୍ମିଳନୀରେ ଫାଉଣ୍ଡେଶନର ଅଧ୍ୟକ୍ଷ ଡ. ସୌମ୍ୟା ସ୍ୱାମୀନାଥନ, ରାଜ୍ୟ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧାରୀ, ନାବାର୍ଡ ଚେୟାରମ୍ୟାନ କେ. ଭି. ଶାଜି, ତାମିଲନାଡୁର ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଡ. ପି. ଟି. ଆର୍. ପଲାନିଭେଲ ରାଜନ, କର୍ଣ୍ଣାଟକ ରାଜସ୍ୱ ମନ୍ତ୍ରୀ କ୍ରିଷ୍ଣା ଗୌଡା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ରାଜ୍ୟ ତଥା ଦେଶ ବିଦେଶରୁ ବହୁ ବିଶେଷଜ୍ଞ ଓ ବୈଜ୍ଞାନିକମାନେ ଯୋଗଦେଇଥିବାବେଳେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ କୃଷି ଓ ଜନଜାତିଙ୍କ ଦ୍ୱାରା ଜୈବିକ ପ୍ରଣାଳୀରେ ଉତ୍ପାଦିତ ଶସ୍ୟଜାତୀୟ ଖାଦ୍ୟପଦାର୍ଥ ଯଥା କୋରାପୁଟର ମାଣ୍ଡିଆ, ସୁଆଁ, ବାଜରା ପ୍ରଭୃତିର ପ୍ରଦର୍ଶନୀ କରାଯାଇଛି।

## ପ୍ରକାଶ ପାଇଲା ଓଡ଼ିଆ ଏକକ ବିଷୟ ପରୀକ୍ଷାଫଳ

କଟକ,୭।୮ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ପ୍ରଥମ ଓଡ଼ିଆ ଏକକ ବିଷୟ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ପାସ୍ ହାର ୯୧.୧୦% ରହିଛି। ବୋର୍ଡ ୱେବ୍‌ସାଇଟ୍ (www. bseodisha.ac.in)ରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। ପରୀକ୍ଷାର୍ଥୀମାନେ ରୋଲ୍ ନମ୍ବର କିମ୍ବା ନିଜ ନାମ ମାଧ୍ୟମରେ ୱେବ୍‌ସାଇଟ୍‌ରୁ ପରୀକ୍ଷାଫଳ ଜାଣିପାରିବେ। ଏହି ପରୀକ୍ଷା ପାଇଁ ୬,୪୬୨ ଜଣ ଫର୍ମ ପୂରଣ କରିଥିଲେ। ଗତ ଜୁନ୍ ୧୧ରେ ରାଜ୍ୟର ୨୮ଟି କେନ୍ଦ୍ରରେ ପରୀକ୍ଷା ହୋଇଥିଲା। ଫର୍ମପୂରଣ କରିଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୩୨ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ମୋଟ୍ ୫,୮୮୭ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ଜଣାପଡିଛି। ସେମାନଙ୍କ ଡିଜିଟାଇଜ୍‌ଡ୍ ସାର୍ଟିଫିକେଟ ଅନ୍‌ଲାଇନ୍‌ରେ ଡାଉନ୍‌ଲୋଡ୍ କରାଯାଇପାରିବ। ସେହିପରି ହ୍ୱାଟ୍ସଆପ୍ ନଂ ୮୦୫୮୯୧୧୯୧୧କୁ (HI) ମେସେଜ୍ କରିବା ପରେ ଆସୁଥିବା ନିର୍ଦ୍ଦେଶାବଳୀ ଅନୁସାରେ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରିହେବ ବୋଲି ବୋର୍ଡ ପକ୍ଷରୁ ପ୍ରଦତ୍ତ ସୂଚନାରେ କୁହାଯାଇଛି।

## ସରକାରୀ କର୍ମଚାରୀଙ୍କ ଉପରୁ ହଟିଲା ୫-ଟି ଚାର୍ଟର

ଭୁବନେଶ୍ୱର,୭।୮ (ଅନିଲ ଦାସ)

ରାଜ୍ୟର ସମସ୍ତ ବର୍ଗର କର୍ମଚାରୀଙ୍କ ଉପରୁ '୫-ଟି ଚାର୍ଟର ଓ ମୋ ସରକାର'କୁ ହଟାଇ ଦିଆଯାଇଛି। ଏନେଇ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ, ସମସ୍ତ ବିଭାଗୀୟ ମୁଖ୍ୟ ଦପ୍ତର, ସମସ୍ତ ରାଜସ୍ୱ ଡିଭିଜନାଲ ଆୟୁକ୍ତ ଓ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଅବଗତ କରାଯାଇଛି।

ଏବେ ଏହାର କୌଣସି ଆବଶ୍ୟକତା ନ ଥିବା ଦର୍ଶାଇ ହଟାଇ ଦେବାକୁ କୁହାଯାଇଛି। ଏହି ଚିଠିରେ ଉଲ୍ଲେଖ କରାଯାଇଛି ଯେ, ବର୍ତ୍ତମାନ ପରିପ୍ରେକ୍ଷୀରେ '୫-ଟି ଚାର୍ଟର' ଏବଂ 'ମୋ ସରକାର' ମୂଲ୍ୟାଙ୍କନର କୌଣସି ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ନାହିଁ। ଉକ୍ତ ଉପାଦାନଗୁଡ଼ିକୁ ରାଜ୍ୟର ସମସ୍ତ ବର୍ଗର (କ, ଖ ଏବଂ ଗ) କର୍ମଚାରୀଙ୍କ ପାଇଁ ଏବେ ପ୍ରଚଳିତ ଥିବା ପିଏଆର୍/ସିସିଆର୍ ଫର୍ମାଟରୁ ପ୍ରତ୍ୟାହାର କରି ୨୦୧୯-୨୦ ପୂର୍ବରୁ ପ୍ରଚଳିତ ପିଏଆର୍/ସିସିଆର୍ ଫର୍ମାଟକୁ ୨୦୨୪-୨୫ ଠାରୁ ପୁନଶ୍ଚ ପ୍ରଚଳନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

# ୨୪ଘଣ୍ଟାରେ ଆଉ ଏକ ଲଘୁଚାପ

ଭୁବନେଶ୍ୱର, ୭।୮ (ଅସମାପିକା ସାହୁ)



ଗାଙ୍ଗେୟ ପଶ୍ଚିମବଙ୍ଗ ଓ ସଂଲଗ୍ନ ବାଂଲାଦେଶ ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଏବେ ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଉତ୍ତର ଓଡ଼ିଶା ଉପରେ ସମାନ୍ତରାଳ ଭାବେ ରହିଛି। ଏହା ପ୍ରଭାବରେ ଆଗାମୀ ୨୪ ଘଣ୍ଟାରେ ଉକ୍ତ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ଏହି ଲଘୁଚାପ ଯୋଗୁ ରାଜ୍ୟରେ ଆସନ୍ତା ତିନିଦିନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଗୁରୁବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସୋନପୁର, ବଲାଙ୍ଗୀର ଆଦି ୫ ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ୭୦ ରୁ ୧୧୦ ମିମି ବର୍ଷା ହୋଇପାରେ। ଶୁକ୍ରବାର ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗଡ଼ା ଓ ଦେବଗଡ଼ ଏବଂ ଶନିବାର ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ବର୍ଷା ହେବାକୁ ଥିବା ଜିଲାଗୁଡ଼ିକୁ ସତର୍କ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି)ଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଏସ୍ଆର୍‌ସି ପକ୍ଷରୁ ଜିଲାପାଳଙ୍କୁ ଚିଠି ଲେଖାଯାଇଛି।

ଅନ୍ୟପକ୍ଷରେ ବୁଧବାର ମଧ୍ୟ ସାରା ରାଜ୍ୟରେ ବର୍ଷା ହୋଇଛି। ନବରଙ୍ଗପୁରରେ ସର୍ବାଧିକ ୪୫.୪ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ କୋରାପୁଟରେ ୧୮, ନୂଆପଡ଼ା ୧୨.୪, କଟକ ୧୧, ମାଲକାନଗିରି ୧୦.୮, ନୟାଗଡ଼ ୧୦, ରାୟଗଡ଼ା ୮.୨, ବୌଦ୍ଧ ୭ ଓ ବଲାଙ୍ଗୀରରେ ୭ମିମି ବର୍ଷା ହୋଇଛି। ଏହାଛଡ଼ା ସୋନପୁର, ବାଲେଶ୍ୱର, ଝାରସୁଗୁଡ଼ା, ଟିଟିଲାଗଡ଼, ହୀରାକୁଦ, ସୁନ୍ଦରଗଡ଼, ଅନୁଗୋଳ, ରାଉରକେଲା, ସମ୍ବଲପୁର, ଚାନ୍ଦବାଲିରେ ବି ବର୍ଷା ହୋଇଥିବା ସୂଚନା ଦିଆଯାଇଛି।

## ୧୨ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୭।୮ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆସନ୍ତା ୧୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ଜନ ଅଭିଯୋଗ ଶୁଣାଣିର ପରବର୍ତ୍ତୀ ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଆସନ୍ତା ସୋମବାର କେଉଁ କାରଣ ଲାଗି ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ ସେକଥା ଅବଗତ କରାଯାଇନାହିଁ।

# ଜମି ବିକ୍ରିରେ ବେଆଇନ କାରବାର: ୨ ସବ୍ ରେଜିଷ୍ଟ୍ରାର ନିଲମ୍ବିତ

ଭୁବନେଶ୍ୱର,୭।୮ (ଅନିଲଦାସ)

ଜମି ବିକ୍ରିରେ ବେଆଇନ କାରବାର ପାଇଁ ରାଜ୍ୟ ସରକାର ୨ ଜଣ ସବ୍ ରେଜିଷ୍ଟ୍ରାରଙ୍କୁ ବୁଧବାର ଚାକିରିରୁ ନିଲମ୍ବିତ କରିଛନ୍ତି। ଜଗତପୁରରେ କାର୍ଯ୍ୟରତ ସବ୍ ରେଜିଷ୍ଟ୍ରାର୍ ଆର୍ଯ୍ୟଦୀପ୍ତ ଅରଣ୍ୟକ ସାମନ୍ତରାୟଙ୍କୁ ଜମି ବିକ୍ରିରେ ବେଆଇନ କାରବାର ପାଇଁ ଚାକିରିରୁ ନିଲମ୍ବିତ କରାଯାଇଛି। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ତାଙ୍କ ବିରୋଧରେ ଏହି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଲମ୍ବନ ନ ହଟିବା ପର୍ଯ୍ୟନ୍ତ ସେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥାନ ଦେବେ। ଏଥିସହ ବିନା ଅନୁମତିରେ କୌଣସି ପ୍ରକାର ଛୁଟି ନେଇ ପାରିବେ ନାହିଁ। ସେହିପରି ସବ୍ ରେଜିଷ୍ଟ୍ରାର୍ ଦାୟିତ୍ୱରେ ଥିବା ପିପିଲିର ଅତିରିକ୍ତ ତହସିଲଦାର ନବକିଶୋର ପାତ୍ର ଜମିଜମା ରେଜିଷ୍ଟ୍ରେଶନ୍‌ରେ ଅନିୟମିତତା କରିଥିବା ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ତାଙ୍କ ବିରୋଧରେ ଏହି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଲମ୍ବନ ନ ହଟିବା ପର୍ଯ୍ୟନ୍ତ ପାତ୍ର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥାନ ଦେବେ। ଏଥିସହ ବିନା ଅନୁମତିରେ କୌଣସି ପ୍ରକାର ଛୁଟି ନେଇପାରିବେ ନାହିଁ ବୋଲି ରାଜସ୍ୱ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ, ମଙ୍ଗଳବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିବନ୍ଧନ ସେବାର ସମୀକ୍ଷା ଅବସରରେ ସେବା ପ୍ରଦାନରେ ସ୍ୱଚ୍ଛତା ଓ ସମ୍ମାନର ସହ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟରେ ଖିଲାପ କରୁଥିବା ନିବନ୍ଧନ ବା ଉପ-ନିବନ୍ଧନ ଅଧିକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ଉକ୍ତ ଦୁଇ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆରମ୍ଭ

ଭୁବନେଶ୍ୱର, ୭।୮ (ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷ ଲାଗି ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ବୁଧବାର ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରାୟ ୨୮ହଜାର ଛାତ୍ରୀଛାତ୍ର ନାମ ଲେଖାଇଥିବା ସାମ୍ସ ପୋର୍ଟାଲ ତଥ୍ୟରୁ ଜଣାପଡ଼ିଛି। ତେବେ ଏହି ପର୍ଯ୍ୟାୟରେ ନାମଲେଖା ପାଇଁ ମୋଟ୍ ୬୦,୫୧୬ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ଏଥିରେ ୩୦,୧୫୦ ଛାତ୍ରୀ ଓ ୩୦,୩୬୬ ଛାତ୍ର ରହିଛନ୍ତି। ଏମାନଙ୍କ ମଧ୍ୟରୁ କଳା ବିଭାଗରେ ୪୬,୦୮୮, ବାଣିଜ୍ୟରେ ୩,୦୧୦, ବିଜ୍ଞାନରେ ୧୦,୬୪୨, ସଂସ୍କୃତରେ ୩୩୬ ଓ ଧନ୍ଦାମୂଳକରେ ୪୪୦ଜଣ ଚୟନ ହୋଇଛନ୍ତି। ଏହି ପର୍ଯ୍ୟାୟ ନାମଲେଖା ୧୦ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ଏହାପରେ ୧୨ରୁ ୧୪ ତାରିଖ ମଧ୍ୟରେ ସ୍ପଟ୍ ନାମଲେଖା ପାଇଁ ଚଏସ୍ ଲକ୍ କରିପାରିବେ ଛାତ୍ରୀଛାତ୍ର। ୨୦ତାରିଖ ପୂର୍ବାହ୍ନ ୧୧ଟାରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ମନୋନୀତ ଛାତ୍ରୀଛାତ୍ର ୨୨ରୁ ୨୮ ତାରିଖ ଭିତରେ ନାମ ଲେଖାଇବେ।

ସୂଚନାଯୋଗ୍ୟ, ରାଜ୍ୟର ୨,୩୪୧ ଉଚ୍ଚ ମାଧ୍ୟମିକ ସ୍କୁଲରେ ମୋଟ ୫,୪୭,୯୯୩ ସିଟ୍ ରହିଛି। ପ୍ରଥମ ପର୍ଯ୍ୟାୟରେ ୩,୨୮,୩୫୪ ଛାତ୍ରୀଛାତ୍ର ନାମ ଲେଖାଇଥିଲେ ଓ ୨,୧୯,୬୩୯ଟି ସିଟ୍ ବଳକା ପଡ଼ିଥିଲା। ସେଥିରୁ ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଦିନରେ ପ୍ରାୟ ୨୮ ହଜାର ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଅନ୍ୟପକ୍ଷରେ ନାମଲେଖା ଜାରି ରହିବା ସହ ଗତ ୧ ତାରିଖରୁ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହୋଇଛି।

## ପ୍ରଥମ ଅର୍ଦ୍ଧବାର୍ଷିକ ଅଷ୍ଟମ ଶ୍ରେଣୀ ଓଡ଼ିଆ ଭାଷା ପରୀକ୍ଷାଫଳ ପ୍ରକାଶିତ

କଟକ,୭।୮ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ପ୍ରଥମ ଅର୍ଦ୍ଧବାର୍ଷିକ ଅଷ୍ଟମ ଶ୍ରେଣୀ ଓଡ଼ିଆ ଭାଷା ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ପାସ୍ ହାର ୮୯.୨୩% ହୋଇଛି। ପରୀକ୍ଷାର୍ଥୀମାନେ ବୋର୍ଡର ୱେବ୍‌ସାଇଟ୍ (www. bseodisha.ac.in)ରେ ଲଗ୍ ଇନ୍ କରି ନିଜ ରୋଲ ନମ୍ବର କିମ୍ବା ନାମ ଜରିଆରେ ପରୀକ୍ଷାଫଳ ଜାଣିପାରିବେ। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ଅନ୍‌ଲାଇନ୍‌ରେ ଡିଜିଟାଇଜ୍‌ଡ୍ ସାର୍ଟିଫିକେଟ ମଧ୍ୟ ଡାଉନ୍‌ଲୋଡ୍ କରିପାରିବେ। ସେହିପରି ହ୍ୱାଟ୍ସଆପ୍ ନଂ ୮୦୫୮୯୧୧୯୧୧କୁ (HI) ମେସେଜ୍ କରିବା ପରେ ଆସୁଥିବା ନିର୍ଦ୍ଦେଶାବଳୀ ଅନୁସାରେ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରିହେବ। ଏହି ପରୀକ୍ଷା ନିମନ୍ତେ ୧୭୨୮ ଜଣ ଫର୍ମ ପୂରଣ କରିଥିଲେ। ଗତ ଜୁନ୍ ୧୧ରେ ରାଜ୍ୟର ୯ଟି କେନ୍ଦ୍ରରେ ପରୀକ୍ଷା ହୋଇଥିଲା। ପରୀକ୍ଷାରେ ୧୬୦ ଜଣ ଅନୁପସ୍ଥିତ ଥିବାବେଳେ ୧୫୦୯ କୃତକାର୍ଯ୍ୟ ହୋଇଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଆମେରିକା କନ୍‌ସଲ ଜେନେରାଲ



ଭୁବନେଶ୍ୱର,୭।୮ (ଅନିଲ ଦାସ)

ହାଇଦ୍ରାବାଦଠାରେ ଅବସ୍ଥାପିତ ଯୁକ୍ତରାଷ୍ଟ୍ର ଆମେରିକାର କନ୍‌ସଲ ଜେନେରାଲ ଜେନିଫର ଲାର୍ସନ ବୁଧବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ୍ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କୁ ସ୍ୱାଗତ କରିବା ସହ ଶିଳ୍ପ, ଶିକ୍ଷା, ଅକ୍ଷୟ ଶକ୍ତି, ପର୍ଯ୍ୟଟନ ଓ ସଂସ୍କୃତି ଆଦି ବିଭିନ୍ନ କ୍ଷେତ୍ରରେ ଉଭୟ ଆମେରିକା ଏବଂ ଓଡ଼ିଶା ମଧ୍ୟରେ ଅଂଶୀଦାରକୁ ମଜଭୁତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟରେ ପର୍ଯ୍ୟାପ୍ତ ଭୂମି, ଜଳ ଓ ଶକ୍ତି ସହିତ ଦକ୍ଷ ମାନବ ସମ୍ବଳ ରହିଛି। ଆସନ୍ତା ୬ରୁ ୭ ମାସ ମଧ୍ୟରେ ଓଡ଼ିଶାରେ ଉତ୍କର୍ଷ ଉତ୍କଳ କନ୍‌କ୍ଲେଭ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ଆମେରିକାର ଶିଳ୍ପସଂସ୍ଥା ଅଧିକରୁ ଅଧିକ ଅଂଶଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ଓଡ଼ିଶାରେ ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା କରିବା ସହିତ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଆମେରିକାର ସହଯୋଗ କାମନା କରିଛନ୍ତି। ଏହି ଅବସରରେ ଜେନିଫର ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ଓଡ଼ିଶାରେ ଶିଳ୍ପାନୁକୂଳ ବାତାବରଣ ରହିଥିବା କହିଛନ୍ତି। ସେ ଓଡ଼ିଶାର ସଂସ୍କୃତିକୁ ପ୍ରଶଂସା କରିବା ସହ ଆମେରିକା ସମସ୍ତ ସମ୍ଭାବ୍ୟ କ୍ଷେତ୍ରରେ ସହଯୋଗ କରିବ ବୋଲି କହିଛନ୍ତି। ଏହି ଆଲୋଚନା ବେଳେ ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଉପସ୍ଥିତ ଥିଲେ।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଜୋନାଲ ଆଥ୍ଲେଟିକ୍ ଆଣ୍ଡ ଭଲିବଲ୍ ସେକ୍ସନ ଟ୍ରାଏଲ ୨୦୨୪, ସ୍ଥାନ: କିଟ୍ ଭଲିବଲ ଇନ୍‌ଡୋର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷାର ବ୍ୟବହାର ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଆ ମୁଭି 'ଆଭା' ସ୍କ୍ରିନିଂ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- 'ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତର ପରମ୍ପରା', ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୧ଟା।

## କଟକ
- ଶ୍ରୀଅରବିନ୍ଦ ଉଚ୍ଚଶିକ୍ଷା ଓ ଗବେଷଣା କେନ୍ଦ୍ର, ମାତୃଭବନ ପକ୍ଷରୁ ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଘାଟନ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା ୩୦।

## ପୁରୀ
- ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବାଂଲାଦେଶରେ ଜଗନ୍ନାଥଙ୍କୁ ପୋଡ଼ିବାକୁ ନେଇ ବିରୋଧ, ସ୍ଥାନ: ସିଂହଦ୍ୱାର ସମ୍ମୁଖ, ପୁରୀ, ସମୟ: ସକାଳ ୮ଟା।
- ପ୍ରଭୁପାଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଦୀପଦାନ, ସ୍ଥାନ: ପୌରସଦନ ଛକ, ପୁରୀ, ସମୟ: ସକାଳ ୯ଟା।
- ବରିଷ୍ଠ ନାଗରିକଙ୍କୁ ସହାୟତା ଉପକରଣ ଯୋଗାଇ ଦେବା ନେଇ ପରୀକ୍ଷଣ ଶିବିର, ସ୍ଥାନ: ସତ୍ୟବାଦୀ ବ୍ଲକ ପରିସର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୧ଟା।
- ଗୋସେବକ ଗୋବିନ୍ଦ ପ୍ରସାଦ ମହାନ୍ତିଙ୍କ ସ୍ମୃତିସଭା, ସ୍ଥାନ: ବାଘଆଖଡ଼ା ମଠ, ପୁରୀ, ସମୟ: ସନ୍ଧ୍ୟା ୭ଟା।
- ପ୍ରଭୁପାଦ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ, ସମୟ: ସନ୍ଧ୍ୟା ୭ଟା ୩୦।

## ଖୋର୍ଦ୍ଧା
- ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବିଭିନ୍ନ ଐତିହ୍ୟସ୍ଥଳ ପରିଦର୍ଶନ ଓ ସମୀକ୍ଷା, ସ୍ଥାନ: ବରୁଣେଇ, ଖୋର୍ଦ୍ଧାଗଡ଼ ଏବଂ ଅତ୍ରି, ସମୟ: ସକାଳ ୯ଟା ୩୦।
- ଖୋର୍ଦ୍ଧା ବିକାଶ ପରିଷଦ ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ଖୋର୍ଦ୍ଧାଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ରକ୍ତଦାନ ଶିବିର, ସ୍ଥାନ: ଦୁର୍ଗା ମନ୍ଦିର, ଚାନ୍ଦବାଲି, ସମୟ: ସକାଳ ୮ଟା।
- ଜବରଦଖଲ ଉଚ୍ଛେଦ, ସ୍ଥାନ: ଭଦ୍ରକ ସହର, ସମୟ: ସକାଳ ୯ଟା।
- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ମା' ଲକ୍ଷ୍ମୀ ମନ୍ଦିରରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ, ସ୍ଥାନ: ସାଇଁକୁଲ, ଘସିପୁରା, ସମୟ: ସକାଳ ୭ ଟା।
- ସିଦ୍ଧେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ସାଇଁକୁଲ, ଘସିପୁରା, ସମୟ: ସକାଳ ୭ ଟା।
- ମହାବୀର ସେବା ସଂଗଠନର ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ମା' ମଙ୍ଗଳା ମନ୍ଦିର ପରିସର, ଜଳସୁଆଁ, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ ଟା।
- ମିଡ଼ିଆ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଲକ୍ଷ୍ମୀ ନାରାୟଣଙ୍କ ମନ୍ଦିରରେ ଭାଗବତ ପାଠ ଏବଂ ପୂଜା, ସ୍ଥାନ: ସରଳା, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।
- ଜଗନ୍ନାଥଙ୍କ ମନ୍ଦିରରେ ଭଜନ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: କଳିଙ୍ଗା, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।
- ମହାଦେବଙ୍କ ମନ୍ଦିରରେ ଭଜନ କୀର୍ତ୍ତନ ସମାରୋହ, ସ୍ଥାନ: ସୋସୋ, କାନପୁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା ୩୦।

## ମୟୂରଭଞ୍ଜ
- ରରୁଆଁ ଓ ଶୁକୃଳି ବ୍ଲକ ଉନ୍ନୟନ କମିଟିର ସମୀକ୍ଷା ବୈଠକ,ସ୍ଥାନ: ଜଙ୍ଗଲ,ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ଯଶିପୁର, ସମୟ: ପୂର୍ବାହ୍ନ ୧୧ଟା।
- ରାଇରଙ୍ଗପୁର ଆଇଟିଡିଏର ସମୀକ୍ଷା ବୈଠକ, ସ୍ଥାନ: ଜଙ୍ଗଲ,ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ଯଶିପୁର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ତହସିଲ କାର୍ଯ୍ୟାଳୟ, ଚିତ୍ରଡ଼ା, ମୋରଡ଼ା ବ୍ଲକ, ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର
- ଫାଇଲେରିଆ ନିରାକରଣ ଉପରେ ଖବରଦାତା ସମ୍ମିଳନୀ, ସ୍ଥାନ: ଡିପିଏମୟୁ କନଫରେନ୍ସ ହଲ, ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଭାରତ ବିକାଶ ପରିଷଦ ଶାଖା କର୍ମଶାଳା, ସ୍ଥାନ: ଇଞ୍ଜିନିୟରିଂ ସ୍କୁଲ ଛକ, ସମୟ:ମଧ୍ୟାହ୍ନ ୧୨ଟା ୩୦।
- ରାଜ୍ୟ ଭାରୋତ୍ତୋଳନ ଚମ୍ପିୟାନଶିପ ନିମନ୍ତେ ଖବରଦାତା ସମ୍ମିଳନୀ,ସ୍ଥାନ: ମହାତ୍ମା ଗାନ୍ଧୀ ଷ୍ଟାଡିୟମ,ସମୟ: ଅପରାହ୍ନ ୪ଟା।
- ଗ୍ରାମୀଣ ନାଟ୍ୟ ଦିବସ ପାଳନ, ସ୍ଥାନ: ପ୍ରକାଶମ ହଲ, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ
- ଚିତ୍ରାଙ୍କନ ପ୍ରତିଯୋଗିତା,ସ୍ଥାନ: ବୁଗୁଡା ବନାଞ୍ଚଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ
- ସମାଜ ମଙ୍ଗଳ ବିଭାଗ କାର୍ଯ୍ୟକ୍ରମ ଉପରେ ସମୀକ୍ଷା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ୩୦।
- ଜିଲାପାଳଙ୍କ ରାଇକିଆ ବ୍ଲକ କ୍ଷେତ୍ର ପରିଦର୍ଶନ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ
- ସ୍ୱାଧୀନତା ଦିବସ ଅବସରରେ ଦେଶାତ୍ମକବୋଧକ ସଙ୍ଗୀତ ପ୍ରତିଯୋଗିତା,ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଜିଲା ମଙ୍ଗଳ ବିଭାଗର ବିଭିନ୍ନ ଯୋଜନା ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସଭାଗୃହ କୋରାପୁଟ, ସମୟ: ଅପରାହ୍ନ ୪ଟା।

## ନବରଙ୍ଗପୁର
- ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଆଭିମୁଖ୍ୟ ସମ୍ପର୍କିତ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁରସ୍ଥିତ ମିଶନ ଶକ୍ତି ସଭାଗୃହ, ସମୟ: ପୂର୍ବାହ୍ନ ୧୧ ଟା।

## ସମ୍ବଲପୁର
- ବିଧାନ ସଭାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ୭୫ତମ ଜନ୍ମଦିନ ଉପଲକ୍ଷେ ସାମୂହିକ ପୂଜାର୍ଚ୍ଚନା, ସ୍ଥାନ : ସମଲେଶ୍ୱରୀ ମନ୍ଦିର, ସକାଳ : ୭ଟା ୩୦ ।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ : ମାନେଶ୍ୱର ବ୍ଲକ ଅନ୍ତର୍ଗତ ଦେଓଗାଁ, ସମୟ : ସକାଳ ୮ଟା । ସ୍ଥାନ : ପଡିଆବାହାଲ ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ, ବଦ୍ଧୁଆପାଲି ଗ୍ରାମ, ସମୟ : ସକାଳ ୯ଟା ୩୦ ।
- ରକ୍ତଦାନ ଶିବିର, ସ୍ଥାନ : ଯୁଜୁମୁରା ବ୍ଲକ ଅନ୍ତର୍ଗତ ପଡିଆବାହାଲ ଗ୍ରାମ, ସମୟ : ସକାଳ ୮ଟା ୩୦ । ସ୍ଥାନ : ଯୁଜୁମୁରା କଲ୍ୟାଣ ମଣ୍ଡପ, ରେଢ଼ାଖୋଲ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ସମୟ : ସକାଳ ୯ଟା ୩୦ ।
- ବିଜେଡି ପକ୍ଷରୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ, ସ୍ଥାନ : ଧନକଉଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଧମା ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର , ସମୟ : ସକାଳ ୯ଟା ୩୦ ।
- ଇନ୍‌ଟାକ ସମ୍ବଲପୁର ଶାଖା ପକ୍ଷରୁ ଲୋକନାଥ ପଣ୍ଡାଙ୍କ ଜୟନ୍ତୀ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ।
- ସାମୂହିକ ପ୍ରସାଦ ସେବନ, ସ୍ଥାନ: ହାତୀବାରିସ୍ଥିତ ଆଇଜାକ ସାନ୍ତ୍ରା ବାଲନିକେତନ, ସମୟ : ଅପରାହ୍ନ ୧ଟା ୩୦ ।
- ଡାକ୍ତର ସନାତନ ସ୍ମାରକୀ ଫୁଟବଲ– ମ୍ୟାଚ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବନାମ ଭାଗବତ ମନ୍ଦିର ସଂଘ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୧ଟା ୪୫ ।
- ବିଜେଡି ପକ୍ଷରୁ ସାମୂହିକ ପୂଜାର୍ଚ୍ଚନା ଓ ଆଳତୀ, ସ୍ଥାନ : ରେଢ଼ାଖୋଲ ଜଗନ୍ନାଥ ମନ୍ଦିର, ସମୟ : ସନ୍ଧ୍ୟା ୬ଟା ୩୦ ।

## ବଲାଙ୍ଗୀର
- ହିନ୍ଦୀ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ରାମଗୋପାଲ ହିନ୍ଦୀ ହାଇସ୍କୁଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ରାଉରକେଲା
- ହ୍ୟାଣ୍ଡଲୁମ ଓ ହ୍ୟାଣ୍ଡିକ୍ରାଫ୍ଟ ଏକ୍ସପ୍ରୋ ପ୍ରଦର୍ଶନୀ ମେଳା ଉଦଘାଟନୀ ସମାରୋହ,ସ୍ଥାନ: ସେକ୍ଟର–୧୩ ମେଳଣ ପଡିଆ,ସମୟ: ଅପରାହ୍ନ ୩ଟା।

## ସୁନ୍ଦରଗଡ଼
- ଆମ ସୁନ୍ଦରଗଡ଼, ସ୍ୱଚ୍ଛ ସୁନ୍ଦରଗଡ଼ ଅଭିଯାନରେ କୁଆଁରମୁଣ୍ଡା ବ୍ଲକରେ କାର୍ଯ୍ୟାନୟନ ହେଉଥିବା କଠିନ ବର୍ଜ୍ୟବସ୍ତୁ ପରିଚାଳନା ୟୁନିଟକୁ ପରିଦର୍ଶନ କରିବେ ଝାଡ଼ଖଣ୍ଡ ରାଜ୍ୟର ଟିମ୍, ସ୍ଥାନ: କୁଆଁରମୁଣ୍ଡା ବ୍ଲକର କଟାରୁ ଓ ଡୁମେରଜୋର ଗ୍ରାମପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ଶିକ୍ଷକଙ୍କ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ଜିଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାକକ୍ଷ, ଝାରବନ୍ଧ, ସମୟ: ଅପରାହ୍ନ ୨ଟା ୩୦।
- ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ, ସ୍ଥାନ: ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତା, ଅମ୍ବାଭୋନା, ସମୟ: ଅପରାହ୍ନ ୩ଟା ୩୦।

## କଳାହାଣ୍ଡି
- ଟିପିଡବ୍ଲ୍ୟୁଓଡ଼ିଏଲ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ଧର୍ମଗଡ଼ ଏସ୍‌ଡ଼ିଓ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- କଳାହାଣ୍ଡି ଜିଲାରେ କୌଶଳ ରଥର ଶୁଭାରମ୍ଭ, ସ୍ଥାନ: ଜୁନାଗଡ଼ ପିଆଇ କଲେଜ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ
- ନୂଆଁପାଲି ଗ୍ରାମରେ ଭାଗବତ ପାରାୟଣ, ସ୍ଥାନ: ନୂଆଁପାଲି ଭାଗବତ ଟୁଙ୍ଗି, କଣ୍ଟାମାଳ, ସମୟ : ସନ୍ଧ୍ୟା ୭ଟା ।
- ବାଲେଙ୍ଗେଯୋର ଗ୍ରାମରେ ଭାଗବତ ପାରାୟଣ, ସ୍ଥାନ: ବାଲେଙ୍ଗେଯୋର ଗ୍ରାମ୍ୟମଣ୍ଡପ , କଣ୍ଟାମାଳ, ସମୟ: ସନ୍ଧ୍ୟା ୭ଟା ।

## ଦେବଗଡ଼
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ନଗର ସଙ୍କୀର୍ତ୍ତନ, ସ୍ଥାନ:ସୁବଳୟା, ସମୟ: ପ୍ରାତଃ ୫ଟା୩୦ ।
- ଭାଗବତ ଟୁଙ୍ଗିରେ ଭାଗବତ କଥା, ସ୍ଥାନ: ଶୃଙ୍ଗଦର୍ହ, ଭାଲୁଡୁଙ୍ଗୁରି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ଫାଇଲେରିଆ ରୋଗର ନିରାକରଣ ପାଇଁ ସାମୂହିକ ଔଷଧ ସେବନ ସମ୍ପର୍କରେ କର୍ମଶାଳା, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ସଙ୍ଗିତ ଅନୁଷ୍ଠାନ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।
- ୧୫ ତମ ରାଜା ଅନୁପ ସିଂହଦେଓ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଖଡିଆଳ ବ୍ଲକ ରାଜାଏଟି ଖେଳପଡିଆ, ସମୟ: ଅପରାହ୍ନ ୪ଟା।

## ଝାରସୁଗୁଡ଼ା
- ଗଣେଶ ପୂଜା ପାଇଁ ସ୍ୱତନ୍ତ୍ର ବୈଠକ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ବାବୁପଡ଼ା ହନୁମାନ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ସହରସ୍ଥିତ ଗାଏତ୍ରୀ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର
- ଚକ୍ରବ୍ୟୂହ କଳା ପରିଷଦ ପକ୍ଷରୁ ବୋଲବମ୍ ଉପରେ ଆଧାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ଅଠରବାଙ୍କି ଶିବ ମନ୍ଦିର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଡୁଣପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା
- ଲୋକାୟୁକ୍ତ ଅନୁଧ୍ୟାନ ଟିମ୍‌ର ତନଖର ୩ୟ ଦିବସ, ସ୍ଥାନ: ଗରଦପୁର ପଞ୍ଚାୟତ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବଡ଼ଚଣା ବ୍ଲକ୍ ଅଧୀନ ଛତିଆ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ବିଧାୟକଙ୍କ ଅଭିଯୋଗ ଶୁଣାଣି ସଭା, ସ୍ଥାନ : ରସୁଲପୁର ବ୍ଲକ ସିଂହାପୁର ସ୍କୁଲ ପଡ଼ିଆ, ସମୟ : ପୂର୍ବାହ୍ନ ୧୦ଟା୩୦।
- ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର,ସ୍ଥାନ : ଦଶରଥପୁର ବ୍ଲକ ବିରୁହାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୧ଟା।
- ଫାଇଲେରିଆ ନିରାକରଣ ସପ୍ତାହ ପାଳନ,ସ୍ଥାନ : ଯାଜପୁର ଜିଲା ଟ୍ରେନିଂ ୟୁନିଟ,ସମୟ : ଅପରାହ୍ନ ୪ଟା।

## ନୟାଗଡ଼
- ଶ୍ରବଣ ଯନ୍ତ୍ର ବିତରଣୀ ମେଳାର ୨ୟ ଦିବସ , ସ୍ଥାନ: ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବନ୍ଧୁଙ୍କ ପ୍ରେରଣା ଲାଭକରି ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିପାରନ୍ତି। ବିବାଦୀୟ ପରିବେଶରେ ମଧ୍ୟସ୍ଥତାପୂର୍ବକ ପ୍ରିୟକଥା କହି ସମସ୍ୟାକୁ ସୁଧାରି ନେବେ। ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି, ଯାହାକି ଦୁଶ୍ଚିନ୍ତାର କାରଣ ହେବ। ଆର୍ଥିକ ଅଭିବୃଦ୍ଧିଜନିତ କୌଣସି ନୂତନ ଯୋଜନାରମ୍ଭ ସକାଶେ ମନ ବଳାଇପାରନ୍ତି।

**ବୃଷ** କର୍ମକ୍ଷେତ୍ରରେ ଉଚ୍ଚସମ୍ମାନ ପାଇବା ସହ ଅନ୍ୟମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ତଥା କଳା, କ୍ରୀଡ଼ା ଓ ସାହିତ୍ୟ, ସଙ୍ଗୀତରେ ସୁନାମ ଅର୍ଜନ କରିବେ। ଭାଇଙ୍କ ରୁଗ୍ଣ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ନିର୍ମାଣ, ବାଣିଜ୍ୟ, ସାମ୍ବାଦିକତା,ଏଜେନ୍ସିପ୍, ମାଲିମକଦ୍ଦମା ପ୍ରଭୃତିରେ ଉନ୍ନତିର ଆଶାରହିଛି।

**ମିଥୁନ** କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିଲେ ମଧ୍ୟ ନୂତନ ଦାୟିତ୍ୱ ହାତକୁ ନେବାକୁ ବାଧ ହେବେ। ନିଜ ପରିସରରେ ଜାଣିଶୁଣି କେତେକ ବ୍ୟକ୍ତି ସମସ୍ୟା ସୃଷ୍ଟି କରିପାରନ୍ତି। ଯାନବାହନ ଚାଳାନାରେ ସତର୍କତା ଅବଲମ୍ବନ କରନ୍ତୁ। ବାଣିଜ୍ୟ, ବ୍ୟବସାୟ, ପରିବହନ, ଜମିଜମା କାରବାର, କଳକାରଖାନା କାମରେ ଲାଭବାନ୍ ହେବେ।

**କର୍କଟ** ପାରିବାରିକ ସମସ୍ୟା ସମାଧାନରେ ଅତିପ୍ରିୟ ବନ୍ଧୁଙ୍କ ପରାମର୍ଶରୁ ମାନସିକ ସାନ୍ତ୍ୱନା ମିଳିବ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହିତ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ସଭାସମିତିରେ ଆଜିର ଆଲୋଚନା ଫଳପ୍ରଦ ହେବାର କ୍ଷୀଣ ଆଶା ରହିଛି।

**ସିଂହ** ମନକଥା ମନରେ ଗୋପନ ରଖି ପିଠି ଥାପୁଡ଼େଇ କାମ ହାସଲ କରିବେ। କଠିନଶ୍ରମ ଓ ବିଶ୍ରାମର ଅଭାବ ଜନିତ ପୁରାତନ ରୋଗର ପୀଡ଼ା ବୃଦ୍ଧି ଘଟିପାରେ। ଆଖିରେ ନଦେଖି କେବଳ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଷ୍ଟିଆ ସଫଳତା ହାସଲ କରିପାରିବେ ନାହିଁ।

**କନ୍ୟା** ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ନିଜ ଲୋକଙ୍କ ଦ୍ୱାରା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ପରିବାରର ଆବଶ୍ୟକତାନୁଯାୟୀ ଗୃହୋପକରଣ କ୍ରୟ କରିପାରନ୍ତି। ଆକସ୍ମିକ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବା କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ତୁଳା** ବନ୍ଧୁମାନଙ୍କୁ ଉପଯୁକ୍ତ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଅନ୍ୟମାନଙ୍କ ପ୍ରରୋଚନାରେ ପଡି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବିଭିନ୍ନ କ୍ଷେତ୍ରରୁ ନିଜଲୋକମାନଙ୍କ ବିରୋଧରେ ଅଭିଯୋଗ ଆସିପାରେ। ଭାବୁଥିବା ବିଷୟଟିକୁ ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ।

**ବିଛା** ପ୍ରତ୍ୟେକ ପରିସ୍ଥିତିରେ ଯୁକ୍ତିଯୁକ୍ତ କଥା କହି ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ। ପରିବାରରେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଯୋଗୁ ମନ ଅଶାନ୍ତି ରହିବାର ସୂଚନା ରହିଛି। ସରକାରୀ ସ୍ତରରୁ ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ବାକି ପଡିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**ଧନୁ** ସତର୍କତା କିମ୍ବା ଅନ୍ୟମନସ୍କତା କାରଣରୁ ଧନ ହାନି ଘଟି ପାରେ। ନିକଟତମ ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାର ଅନୁଭବ କରିବେ। ଅଫିସିଆଲି କାମ କିମ୍ବା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାର ସୂଚନା ରହିଛି। ବହୁତ ଦିନରୁ ଅଟକି ରହିଯାଇଥିବା କାମ ହାସଲ କରିବାରେ ସମର୍ଥ ହେବେ।

**ମକର** ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରିବେ। ନୀଚ ମନୋଭାବର ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଅର୍ଥ ସଂକଟ, ମାଲିମକଦ୍ଦମା, ପରୋକ୍ଷ ଶତ୍ରୁତା ଚିନ୍ତାର କାରଣ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରେସ୍, ପବ୍ଲିକେଶନରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** ସମୟାନୁବର୍ତ୍ତିତା ଓ କାର୍ଯ୍ୟଦକ୍ଷତା କାରଣରୁ କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ଅକ୍ଷୁଣ୍ଣ ରହିବ। ଈର୍ଷାପରାୟଣତା ମନୋଭାବ ହେତୁ ପ୍ରାପ୍ୟଧନରେ ବାଧା ସୃଷ୍ଟି ହୋଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟର ଆଶଙ୍କା ରହିଛି। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ମୀନ** ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବାରେ ସଫଳ ହେବେ। ପ୍ରତିଯୋଗିତା, କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତରେ ସଫଳତା ହାସଲ କରିବେ। ଆତ୍ମୀୟମାନଙ୍କ ସାହାଯ୍ୟ ଫଳରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଅସ୍ଥିରତା ପ୍ରକାଶ ନ କରି ଧୈର୍ଯ୍ୟର ସହ କାମକଲେ ସମସ୍ୟାର ସରଳ ସମାଧାନ ହୋଇପାରିବ।

ଆଜି ଅଗଷ୍ଟ ୮ ତାରିଖ, ଶ୍ରାବଣ ଶୁକ୍ଳ ଚତୁର୍ଥୀ ଗୁରୁବାର, ରାଶିନକ୍ଷତ୍ର–ଉତ୍ତରା ଫାଲଗୁନୀ/କନ୍ୟା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୮ମି. ଗତେ ଘ.୦୭।୧୦ମି. ମଧ୍ୟେ, ଘ.୧୦।୩୫ମି. ଗତେ ଘ.୦୧।୦୮ ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧।୨୮ମି. ଗତେ ଘ.୦୩।୦୩ମି. ମଧ୍ୟେ ରାହୁକାଳ ।

# ପ୍ରଥମ ପୃଷ୍ଠାରୁ...



ଭିନେଶ ଅଲିମ୍ପିକ୍ସରୁ ବାଦ୍ ପଡ଼ିବା ପରେ ତାଙ୍କୁ ନ୍ୟାୟ ଦେବା ଦାବିରେ ବିରୋଧୀ ଦଳ ଏମ୍‌ପିମାନେ ବୁଧବାର ପାର୍ଲାମେଣ୍ଟର ମୌସୁମୀ ଅଧିବେଶନକୁ ତ୍ୟାଗ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସାଂଘାତିକ ଷଡ଼ଯନ୍ତ୍ର...

ବଞ୍ଚିତ ହୋଇଛନ୍ତି। ୫୦ କେ.ଜି. ବର୍ଗ ପାଇଁ ଉଦ୍ଦିଷ୍ଟ ଓଜନରୁ ମାତ୍ର ୧୦୦ ଗ୍ରାମ ଅଧିକ ହେବାରୁ ଭିନେଶଙ୍କୁ ଚତୁଃବାର୍ଷିକ କ୍ରୀଡ଼ା ମହାକୁମ୍ଭ ପ୍ରତିଯୋଗିତାରୁ ବାଦ୍ ଦିଆଯାଇଛି। ଭିନେଶ ହେଉଛନ୍ତି ସେହି କୁସ୍ତିଯୋଦ୍ଧାଙ୍କ ମଧ୍ୟରୁ ଅନ୍ୟତମ, ଯେଉଁମାନେ ଗତବର୍ଷ ତତ୍କାଳୀନ ଭାରତୀୟ କୁସ୍ତି ମହାସଂଘ ଅଧ୍ୟକ୍ଷ ତଥା ଭାଜପା ନେତା ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣି ମାସାଧିକ କାଳ ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କୁସ୍ତିଯୋଦ୍ଧାମାନଙ୍କୁ ଏନେଇ ଅଦ୍ୟାବଧି ନ୍ୟାୟ ମିଳିନାହିଁ। ଏଭଳି ସ୍ଥଳେ ଭିନେଶ ଅଲିମ୍ପିକ୍ସରୁ ବାଦ୍ ପଡ଼ିବା ପରେ ସରକାରଙ୍କୁ ଟାର୍ଗେଟ କରିବା ପାଇଁ ବିରୋଧୀଙ୍କୁ ସୁଯୋଗ ମିଳିଛି। କଂଗ୍ରେସ ଏମ୍‌ପି ରଣଦୀପ ସୂର୍ଯ୍ୟେୱାଲା କହିଛନ୍ତି, ଭିନେଶଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ପଛରେ ଏକ ସାଂଘାତିକ ଷଡ଼ଯନ୍ତ୍ର ରହିଛି। ତାଙ୍କୁ ହଠାତ୍ ଅଯୋଗ୍ୟ ଘୋଷଣା କରାଯିବା ନେଇ ୧୪୦ କୋଟି ଭାରତୀୟ ମର୍ମାହତ। ଏହା ଭାରତୀୟ କ୍ରୀଡ଼ା ପାଇଁ ଏକ କଳାଦିବସ। ମୋଦି ସରକାର ଭାରତୀୟ କ୍ରୀଡ଼ା ବ୍ୟକ୍ତିତ୍ୱମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି। ଆମେ ଭୁଲିଯିବା ଅନୁଚିତ ଯେ, ଭିନେଶ ୨୦୨୩ରେ ନ୍ୟାୟ ନ ପାଇବାରୁ ଦିଲ୍ଲୀର ଯନ୍ତରମନ୍ତରରେ ମୋଦି ସରକାରଙ୍କ ବିରୋଧରେ ୧୪୦ ଦିନ ଧରି ବିକ୍ଷୋଭ କରିଥିଲେ। ଏପରି କି ଭାଜପା ସରକାରଙ୍କ ନିର୍ଦ୍ଦେଶକ୍ରମେ ଦିଲ୍ଲୀ ପୋଲିସ ନୂଆ ସଂସଦ ଭବନର ଉଦ୍‌ଘାଟନ ବେଳେ ପାର୍ଲାମେଣ୍ଟ ସମ୍ମୁଖରୁ ତାଙ୍କୁ ଘୋଷାରି ନେଇଥିଲା। ଭାଜପା ଶେଷରେ ବ୍ରିଜ୍‌ଭୂଷଣଙ୍କୁ ମହାସଂଘରୁ ବାହାରିଯିବାକୁ କହିଥିଲା। ନିର୍ବାଚନ ବେଳେ ବ୍ରିଜ୍‌ଭୂଷଣଙ୍କୁ ଟିକେଟ ନ ଦେଇ ତାଙ୍କ ପୁଅଙ୍କୁ ଲଢ଼ିବା ପାଇଁ ସୁଯୋଗ ଦେଇଥିଲା। ଭିନେଶଙ୍କ ଓଜନ ବୃଦ୍ଧି ଭାରତକୁ ସ୍ୱର୍ଣ୍ଣ ପଦକ ଆଣିବାକୁ ନ ଦେବା ପାଇଁ ଏକ ଷଡ଼ଯନ୍ତ୍ରର ଅଂଶ। ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଏକ୍ସ'ରେ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟକରି ଲେଖିଛନ୍ତି, ଭିନେଶ ମଙ୍ଗଳବାର ସେମିଫାଇନାଲ ଜିତିବା ପରେ ପ୍ରଧାନମନ୍ତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇ ନ ଥିଲେ। କିନ୍ତୁ ସେ ବୁଧବାର ଅଯୋଗ୍ୟ ଘୋଷିତ ହେବା ପରେ ମୋଦି ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି। ଅନ୍ୟପକ୍ଷେ ପାର୍ଲାମେଣ୍ଟରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏହି ବିବାଦ ଉପରେ ବିବୃତି ରଖିଛନ୍ତି। ମାଣ୍ଡବ୍ୟ କହିଛନ୍ତି, ଭିନେଶଙ୍କ ଓଜନ ୫୦ କେ.ଜି. ୧୦୦ ଗ୍ରାମ ହୋଇଥିବା ଜଣାପଡ଼ିବାରୁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି। ଆଇଓଏ ୟୁନାଇଟେଡ୍ ୱାର୍ଲ୍ଡ ରେସଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ)ରେ ପ୍ରତିବାଦ ଜଣାଇସାରିଛି। ପ୍ୟାରିସ୍‌ରେ ଥିବା ଆଇଓଏ ପ୍ରେସିଡେଣ୍ଟ ପି.ଟି. ଉଷାଙ୍କ ସହ ପ୍ରଧାନମନ୍ତ୍ରୀ ଫୋନ୍‌ରେ କଥା ହୋଇ ଜରୁରୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭିନେଶଙ୍କୁ ସରକାର ବ୍ୟକ୍ତିଗତ ଷ୍ଟାଫ୍ ସହ ସବୁ ପ୍ରକାର ସୁବିଧା ଯୋଗାଇ ଦେଇଥିବା ମାଣ୍ଡବ୍ୟ ଲୋକ ସଭାକୁ ଅବଗତ କରାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ସମେତ ଅନେକ କେନ୍ଦ୍ରମନ୍ତ୍ରୀ ଭିନେଶଙ୍କୁ ପ୍ରଶଂସା କରିଥିବାବେଳେ ଏଥିରେ ଅସନ୍ତୁଷ୍ଟ ବିରୋଧୀ ଦଳଗୁଡ଼ିକର ସଦସ୍ୟମାନେ ଲୋକ ସଭାରେ କକ୍ଷତ୍ୟାଗ କରିଛନ୍ତି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଭିନେଶଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ଦୁର୍ଭାଗ୍ୟଜନକ। ଏହି ନିଷ୍ପତ୍ତିକୁ ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏଶନ୍ ଦୃଢ଼ ଭାବେ ଚ୍ୟାଲେଞ୍ଜ କରିବ ବୋଲି ଆଶା। ଭିନେଶ ଆହୁରି ଶକ୍ତ ହୋଇ ରେସ୍‌ଲିଂକୁ ଫେରିବେ। ଦେଶର ଝିଅଙ୍କୁ ନ୍ୟାୟ ମିଳୁ। କିଛି ମାସ ପରେ ଭିନେଶଙ୍କ ରାଜ୍ୟ ହରିୟାଣାରେ ବିଧାନସଭା ନିର୍ବାଚନ ହେବ। ତେଣୁ କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଶାସକ ଭାଜପାକୁ ଟାର୍ଗେଟ କରିବା ପାଇଁ ଆଗକୁ ମଧ୍ୟ ଏହାକୁ ପ୍ରସଙ୍ଗ କରିପାରନ୍ତି।

## ୧୦୦ ଗ୍ରାମ୍ ...

ଚ୍ୟାଲେଞ୍ଜର ସହ ନେଇ ଭବିଷ୍ୟତରେ ସଫଳତାର ସହ ପ୍ରତ୍ୟାବର୍ତ୍ତନ କରିବ'' ବୋଲି ମୋଦି 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ପ୍ୟାରିସରେ ଥିବା ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ସଭାପତି ପି.ଟି. ଉଷା ମଧ୍ୟ ନିଜର ମତ ରଖିଛନ୍ତି। ''ମୁଁ ଭିନେଶଙ୍କୁ ଅଲିମ୍ପିକ୍ ଭିଲେଜ ପଲିକ୍ଲିନିକ୍‌ରେ ସାକ୍ଷାତକରି ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ଓ ଭାରତ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରିବାକୁ ଆଶ୍ୱାସନା ଦେଇଛି। ଆମେ ଭିନେଶଙ୍କୁ ଡାକ୍ତରୀ ଏବଂ ଭାବାବେଗ ସହ ଜଡ଼ିତ ସମସ୍ତ ପ୍ରକାର ସମର୍ଥନ କରିବୁ''ବୋଲି ଉଷା ପ୍ରକାଶ କରିଛନ୍ତି। ନିଷ୍ପତ୍ତିର ପୁନର୍ବିଚାର ପାଇଁ ଭାରତୀୟ ରେସଲିଂ ଫେଡେରେଶନ ପକ୍ଷରୁ ମଧ୍ୟ ୟୁନାଇଟେଡ ୱାର୍ଲ୍ଡ ରେସଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ)କୁ ଆବେଦନ କରାଯାଇଛି। ଯଥାସମ୍ଭବ ଆଇଓଏ ମଧ୍ୟ ଦୃଢ଼ତାର ସହ ଏହାକୁ ବିରୋଧ କରିବ ବୋଲି ସେ କହିଛନ୍ତି। ପରେ ୟୁଡବ୍ଲ୍ୟୁଡବ୍ଲ୍ୟୁ ଆବେଦନକୁ ଖାରଜ କରିଥିବା ଜଣାଯାଇଛି। ଅନ୍ୟପକ୍ଷରେ ଭିନେଶଙ୍କୁ ଅଯୋଗ୍ୟ ଘୋଷିତ କରାଯିବା ପରେ ତାଙ୍କଠାରୁ ସେମିଫାଇନାଲରେ ହାରିଥିବା କ୍ୟୁବା ରେସଲର ୟୁସ୍ନେଲିସ ଗୁଜମାନ ଲୋପେଜଙ୍କୁ ଫାଇନାଲ ପାଇଁ ରିପ୍ଲେସ କରାଯାଇଛି।

ଅନ୍ତର୍ଜାତୀୟ ନିୟମ ଅନୁସାରେ କୌଣସି ରେସଲର ଯଦି ଓଜନ ସମୟରେ ଅଧିକ ଥିବା ପ୍ରମାଣିତ ହୁଏ ତେବେ ତାଙ୍କୁ ଓଭରଅଲ୍ ଷ୍ଟାଣ୍ଡିଂର ନିମ୍ନ ସ୍ଥାନରେ ରଖାଯାଏ। ଡିଫେଣ୍ଡିଂ ଅଲିମ୍ପିକ୍ ଚାମ୍ପିୟନ ଜାପାନର ୟୁଇ ସୁସାକିଙ୍କୁ ହରାଇଥିବା ଭିନେଶ ଫାଇନାଲରେ ଆମେରିକାର ସାରା ଆନ୍ ହିଲ୍‌ଡେବ୍ରାଣ୍ଟଙ୍କୁ ଭେଟିବାର ଥିଲା। ମାତ୍ର ଅଯୋଗ୍ୟ ଘୋଷିତ ହେବାରୁ ତାଙ୍କଠାରୁ ସେମିଫାଇନାଲରେ ହାରିଥିବା ରେସଲର ଫାଇନାଲରେ ଲଢ଼େଇ କରିବେ। ରିପିଚେଜ୍‌ରେ ଥିବା ୟୁଇ ସୁସାକି ଓ ଓକସାନା ଲିଭାଚ୍‌ଙ୍କ ଲଢ଼େଇ ବ୍ରୋଞ୍ଜ ପଦକ ମ୍ୟାଚ ହେବ। ଅର୍ଥାତ୍ ରେସ୍‌ଲିଂରେ ୨ଟି ବ୍ରୋଞ୍ଜ ପଦକ ପ୍ରଦାନର ନିୟମ ଥିବାବେଳେ ଏଥର କେବଳ ଗୋଟିଏରେ ସୀମିତ ରହିବ। ଓଜନ ଅଧିକ ପାଇଁ ଅଯୋଗ୍ୟ ଘୋଷିତ ହେବାରେ ଭିନେଶ ଏକମାତ୍ର ରେସଲର ନୁହନ୍ତି। ମଙ୍ଗଳବାର ଇଟାଲୀର ଇମାନୁଏଲା ଲିଉଜି ମଧ୍ୟ ସମାନ କାରଣ ପାଇଁ ପ୍ରିଲିମିନାରୀ ଲଢ଼େଇରୁ ଓହରିଥିଲେ।

ୟୁନାଇଟେଡ ୱାର୍ଲ୍ଡ ରେସଲିଂର ନିୟମ ଅନୁସାରେ ଲଢ଼େଇ ସମୟ ମଧ୍ୟରେ ରେସଲରଙ୍କ ଓଜନ ଏକାଧିକଥର ମପା ଯାଇଥାଏ । ଯଦି କୌଣସି ଆଥଲେଟ୍ ଏଥିରେ ଭାଗ ନ ନିଅନ୍ତି କିମ୍ବା ଓଜନରେ ବିଫଳ ହୁଅନ୍ତି ତେବେ ପ୍ରତିଯୋଗିତାରୁ ଏଲିମିନେଟ୍ ହୋଇ ଶେଷ ର୍ୟାଙ୍କ୍‌ରେ ରୁହନ୍ତି। ''ପରିବାରରେ କାହାର ପରଲୋକ ହୋଇଗଲେ ଯେପରି ହୁଏ ଏବେ ସମସ୍ତେ ସେପରି ଅନୁଭବ କରୁଛନ୍ତି। ସମସ୍ତେ ବହୁତ ଦୁଃଖରେ ଅଛନ୍ତି'' ବୋଲି ଭାରତୀୟ ଦଳର ମହିଳା କୋଚ୍ ବୀରେନ୍ଦର ଦହିୟା ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ଆମନ୍ତ୍ରଣୀୟ ରେସଲିଂ ଟୁର୍ନାମେଣ୍ଟଗୁଡ଼ିକରେ ୟୁଡବ୍ଲ୍ୟୁଡବ୍ଲ୍ୟୁ ୨ କେଜି ପର୍ଯ୍ୟନ୍ତ କୋହଳ କରିଥାଏ। ମାତ୍ର ଅଲିମ୍ପିକ୍ସ, ବିଶ୍ୱ ଚାମ୍ପିୟନଶିପ୍ ଏବଂ ଏସିଆନ ଚାମ୍ପିୟନଶିପ୍ ପରି ବଡ଼ ପ୍ରତିଯୋଗିତା ଗୁଡ଼ିକରେ ଏହି କୋହଳ ବ୍ୟବସ୍ଥା ଲାଗୁ ହୋଇ ନ ଥାଏ।

## ସ୍କିପିଂ, ଜଗିଂ ଓ ସାଇକ୍ଲିଂ, ...

କ୍ୟାଲୋରୀଯୁକ୍ତ ଖାଦ୍ୟ ଦିଆଯାଇଥିଲା। ନ୍ୟୁଟ୍ରିସିଆନ ଏହାକୁ ୧.୫ କେଜି ମଧ୍ୟରେ ସୀମିତ ରଖିଥିଲେ। ପ୍ରତିଦ୍ୱନ୍ଦ୍ୱିତା ପରେ ଏପରି କରାଯିବା ଦ୍ୱାରା ବେଳେବେଳ ଓଜନ କମିବା ପରିବର୍ତ୍ତେ ବଢ଼ି ଯାଇଥାଏ। ଓଜନ କମାଇବା ପାଇଁ ଭିନେଶଙ୍କର ଚୁଟି ମଧ୍ୟ କଟାଯାଇଥିଲା। ମାତ୍ର ଏହାସତ୍ତ୍ୱେ ସେ ନିଜ ବର୍ଗରେ ଲଢ଼ିବା ପାଇଁ ଉପଯୁକ୍ତ ହୋଇ ନ ଥିଲେ। ରିପୋର୍ଟ ଅନୁସାରେ ମଙ୍ଗଳବାର ରାତିରେ ଭିନେଶଙ୍କ ଓଜନ ୨ କେଜି ଅଧିକ ଥିଲା। ରାତିସାରା ୱାର୍କଆଉଟ କରିବା ପରେ ୧.୮୫ କେଜି ହ୍ରାସ ହୋଇ ପାରିଥିଲା। ତେଣୁ ସକାଳେ ସ୍ୱର୍ଣ୍ଣ ପଦକ ଲଢ଼େଇ ପାଇଁ ଓଜନ ବେଳେ ସେ କେବଳ ୧୦୦ ଗ୍ରାମ୍ ଅଧିକ ରହିଥିଲେ। ଗତ ୨ଟି ୨୦୧୬ ଓ ୨୦୨୦ ଅଲିମ୍ପିକ୍ସରେ ଭିନେଶ ୫୩ କେଜି ବର୍ଗରେ ଲଢ଼ି ବିଫଳ ହୋଇଥିଲେ। ମାତ୍ର ଏଥର ଅପେକ୍ଷାକୃତ କମ୍ ଓଜନର ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଲଢ଼ିବା ପାଇଁ ୩ କେଜି କମ୍ ଅର୍ଥାତ୍ ୫୦ କେଜିରେ ଲଢ଼ିବାକୁ ନିଷ୍ପତ୍ତି ନେଇଥିଲେ।

# ଶିଶୁ ଅପହରଣ, ବିକ୍ରି ଘଟଣାରେ ୬ ଗିରଫ

ଫୁଲନଖରା,୭।୮
(ସତ୍ୟରଞ୍ଜନ ଦାସମହାପାତ୍ର)


ଗିରଫ ୬ ଅଭିଯୁକ୍ତ।

କଟକ ସଦର ଥାନା ଅନ୍ତର୍ଗତ ନଛିପୁରରୁ ଶିଶୁ ଅପହରଣ ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ନଛିପୁର ଗ୍ରାମରେ ରହୁଥିବା ବୌଦ୍ଧ ଜିଲା ଆଡେଣିଗଡ଼ ଅଞ୍ଚଳର ସୁଶୀଳା ପ୍ରଧାନ, ନୟାଗଡ଼ ବାଣୀଗୋଛିଆ ଥାନା ଅଞ୍ଚଳର ମାଳତୀ ପ୍ରଧାନ, ସ୍ଥାନୀୟ ଗଙ୍ଗେଶ୍ୱରଗଡ଼ର ଅଟୋ ଚାଳକ ବିଦ୍ୟାଧର ପାତ୍ର, ନୟାଗଡ଼ ଜିଲା ନୂଆଗାଁ ଥାନା କୁତୁବିନ୍ଧା ଗ୍ରାମର କଳିପା ମହାପାତ୍ର, ନୟାଗଡ଼ ଜିଲା ଦଶପଲ୍ଲା ଗ୍ରାମର କିଶୋର ରଣା ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ରଣା। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ କଟକସଦର ଥାନା ଅନ୍ତର୍ଗତ କୁଆଁଇଲୋ ଗ୍ରାମର ଏକ ଇଟା ଭାଟିରେ ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଦେବସାହିର ମଙ୍ଗଲ ସିଂହ ନାମକ ଜଣେ ବ୍ୟକ୍ତି ଚାକିରି କରି ନିଜ ପରିବାର ସହ ସେଠାରେ ରହିଆସୁଛନ୍ତି। ଗତ ଶୁକ୍ରବାର ଅପରାହ୍ନରେ ମଙ୍ଗଲଙ୍କ ଦୁଇ ଶିଶୁ ପୁତ୍ର ତୋଫାନ (୯) ଓ ତୋଫା(୬) ନିକଟସ୍ଥ ଦୋକାନକୁ ସଉଦା ଆଣିବା ପାଇଁ ଯାଇଥିଲେ। ସେମାନେ ଦୋକାନରୁ ସଉଦା କିଣି ଫେରିବା ବାଟରେ ବିଦ୍ୟାଧର ପାତ୍ର ସେମାନଙ୍କୁ ଅଟୋରେ ଘରେ ଛାଡ଼ି ଦେବାକୁ କହି ନିକଟରେ ରହୁଥିବା ସୁଶୀଳା ପ୍ରଧାନଙ୍କ ଘରେ ଛାଡ଼ି ଦେଇଥିଲେ। ସୁଶିଳା ଦୁଇଜଣଙ୍କୁ ଗୋଟେ ଘରେ ତାଲାପକାଇ ଶୁକ୍ରବାର ରାତିରେ ରଖିଥିଲେ। ଶନିବାର ସକାଳୁ ତୋଫାନ ଓ ତୋଫା ଶୌଚ ହେବାକୁ କହି କୌଶଳକ୍ରମେ ସେଠାରୁ ଖସି ପଳେଇ ଯାଇଥିଲେ। ହେଲେ ଏହା ଜାଣି ସୁଶୀଳା ଓ ତାଙ୍କ ସହଯୋଗୀ ମାଳତୀ ବାଟରେ ତୋଫାଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ତୋଫାନ ସେଠାରୁ ଖସିଯାଇ ଏସବୁ ଘଟଣା ବିଷୟ ବାପା ମଙ୍ଗଲଙ୍କୁ କହିଥିଲେ। ମଙ୍ଗଲ ତୁରନ୍ତ ଆସି ସେଠାରେ ଖୋଜାଖୋଜି କରିଥିଲେ ସୁଦ୍ଧା ତୋଫାର ସନ୍ଧାନ ପାଇ ନ ଥିଲେ। ଅପରପକ୍ଷରେ ସୁଶୀଳା ଓ ମାଳତୀ ଉଭୟ ମିଶି କାଳୀପା ମହାପାତ୍ରଙ୍କ ସହଯୋଗରେ ତୋଫାଙ୍କୁ ବିଦ୍ୟାଧରଙ୍କ ଅଟୋରେ ନେଇ ପୁରୁଣା ଦଶପଲ୍ଲାର କିଶୋର ରଣା ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ରଣାଙ୍କୁ ବିକି ଦେଇଥିଲେ। କିଶୋର ଓ ଲକ୍ଷ୍ମୀଙ୍କ କୌଣସି ସନ୍ତାନ ନ ଥିବାରୁ ସେମାନେ ତୋଫାଙ୍କୁ ପୁତ୍ର ଭାବେ ପାଳନ କରିବେ ବୋଲି ମନସ୍ଥ କରିଥିଲେ। ଏନେଇ ମଙ୍ଗଲ ବହୁ ଖୋଜାଖୋଜି କଲାପରେ କଟକ ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ. ୪୧୮/୨୦୨୪) ରୁଜୁ କରି ତଦନ୍ତ ଚଳାଇ ଥିଲା। ମଙ୍ଗଳବାର କଟକ ସଦର ଥାନା ପୋଲିସ ଦଶପଲ୍ଲାରେ ପହଞ୍ଚି ସେଠାରୁ ତୋଫାଙ୍କୁ ଉଦ୍ଧାର କରିବା ସହ ସେଠାରୁ କିଶୋର ଓ ଲକ୍ଷ୍ମୀଙ୍କୁ ଗିରଫ କରିଥିଲେ।

# କୁଡ଼ିଆରେ ପଶି ଦମ୍ପତିଙ୍କୁ ହତ୍ୟା


କୁଡ଼ିଆ ନିକଟରେ ପୋଲିସ ତଦନ୍ତ ଚଳାଇଛି।

ଆର୍.ଉଦୟଗିରି/ପାରଳାଖେମୁଣ୍ଡି,୭।୮
(ମନୋଜ ପାଢ଼ୀ/ଗିରିଧାରୀ ପରିଛା)

ଗଜପତି ଜିଲା ଆର୍. ଉଦୟଗିରି ଥାନା ଟୁଙ୍ଗୁରୁ ଗାଁ ନିକଟ ପାହାଡ଼ ଉପରେ କୁଡ଼ିଆ କରି ରହୁଥିବା ଏକ ଦମ୍ପତିଙ୍କୁ ମଙ୍ଗଳବାର ରାତିରେ ହତ୍ୟା କରାଯାଇଛି। ସେମାନେ ହେଲେ ଚୈତନ୍ୟ ମଣ୍ଡଳ ଓ ଇରଯାନୀ ମଣ୍ଡଳ। ପୋଲିସ ବୁଧବାର ସେଠାରେ ପହଞ୍ଚି ମୃତଦେହ ଜବତ କରିଛି। ଗୁଣିଗାରେଡ଼ି କାରଣରୁ ଦମ୍ପତିଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ପୋଲିସ ଅନୁମାନ କରୁଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ରକ୍ତ ନମୁନା ଓ ଆଖପାଖରୁ ଅନେକ ତଥ୍ୟ ସଂଗ୍ରହ କରି ତଦନ୍ତ ଚଳାଇଛି।

ଚୈତନ୍ୟ ପାହାଡ଼ ଉପରେ କୁଡ଼ିଆରେ ରହି ଚେରମୂଳି ଚିକିତ୍ସା କରୁଥିଲେ। ସେଠାରେ ତାଙ୍କ ସ୍ତ୍ରୀ ଇରଯାନୀ ମଧ୍ୟ ରହୁଥିଲେ। ଗାଁରୁ ବାହାରେ ରହୁଥିବାରୁ ସେମାନେ ଗୁଣିଗାରେଡ଼ି କରୁଥିବା ଗ୍ରାମର କେତେଜଣ ଲୋକ ସନ୍ଦେହ କରୁଥିଲେ। ଏଭଳି ସ୍ଥିତିରେ ମଙ୍ଗଳବାର ବିଳମ୍ବିତ ରାତିରେ ଦମ୍ପତି କୁଡ଼ିଆରେ ଶୋଇଥିବା ବେଳେ କେହି ଅତି ବୀଭତ୍ସ ଭାବେ ହତ୍ୟା କରିଛନ୍ତି। କୁଡ଼ିଆରେ ଥିବା କିଛି ଟଙ୍କା ଓ ସୁନା ମଧ୍ୟ ଦୁର୍ବୃତ୍ତମାନେ ନେଇ ଯାଇଥିବା ଚୈତନ୍ୟଙ୍କ ପୁଅ ଇସ୍ମାଇଲ ମଣ୍ଡଳ କହିଛନ୍ତି। ଆର. ଉଦୟଗିରି ପୋଲିସ ଦମ୍ପତିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ନଂ. ୧୨୦/୨୪ରେ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଆଇଆଇସି ସବ୍ୟସାଚୀ ମଲ୍ଲ କହିଛନ୍ତି।

# କଟୁରିରେ ଗଳା କାଟି ସ୍ତ୍ରୀଙ୍କୁ ହତ୍ୟା

ଯାଜପୁର,୭।୮ (ହର୍ଷବର୍ଦ୍ଧନ ବେହେରା)

## ଥାନାରେ ଆତ୍ମସମର୍ପଣ କଲେ ଅଭିଯୁକ୍ତ

ସାମାନ୍ୟ ଘରୋଇ କଳିକୁ କେନ୍ଦ୍ର କରି ସ୍ୱାମୀଙ୍କ କଟୁରି ଚୋଟରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ଯାଜପୁର ଜିଲା ମଙ୍ଗଳପୁର ଥାନା ଦତ୍ତପୁର ପଞ୍ଚାୟତ ଅଧୀନ ନାରଣପୁର (ନାୟକସାହି ) ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଅଭିଯୁକ୍ତ ସ୍ୱାମୀ ଏହି ଘଟଣା ପରେ ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ମୃତଦେହକୁ ଜବତ କରି ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଛି।

ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ୨ଟା ସମୟରେ ନାରଣପୁର ନାୟକ ସାହିର ଅଭିମନ୍ୟୁ ସାହୁଙ୍କ ସହିତ ସ୍ତ୍ରୀ ସବିତାଙ୍କ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଧୀରେ ଧୀରେ ସେହି ଝଗଡ଼ା ଉଗ୍ରରୂପ ନେଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିମନ୍ୟୁ ଘରେ ଥିବା ଏକ ଧାରୁଆ କଟୁରିରେ ସବିତାଙ୍କ ବେକକୁ କାଟି ଦେଇଥିଲେ। ଫଳରେ ସବିତା ସେଠାରେ ଟଳି ପଡିଥିଲେ। ଘର ଭିତରେ ଦୀର୍ଘ ସମୟ ଧରି ସବିତା ମୁମୂର୍ଷୁ ଅବସ୍ଥାରେ ପଡ଼ି ରହିଥିଲେ ମଧ୍ୟ କେହି ତାଙ୍କୁ ଡାକ୍ତରଖାନା ନେଇ ନ ଥିଲେ। ଏ ସମ୍ପର୍କରେ ଗ୍ରାମବାସୀଙ୍କଠାରୁ ଖବରପାଇ ମଙ୍ଗଳପୁର ଥାନା ପୋଲିସ ଆମ୍ବୁଲାନ୍ସ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହାପରେ ସବିତାଙ୍କୁ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ ଅଭିଯୁକ୍ତ ସ୍ୱାମୀ ଅଭିମନ୍ୟୁ ଏହି ଘଟଣା ପରେ ମଙ୍ଗଳପୁର ଥାନାରେ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି। ତେବେ କେଉଁ କାରଣରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗିଲା ଓ ଅଭିମନ୍ୟୁ ଏପରି ନିଷ୍ଠୁର ପଦକ୍ଷେପ ନେଲେ ତାହା ସ୍ପଷ୍ଟ ହୋଇନାହିଁ।

# ଜମି ବ୍ୟବସାୟକୁ କେନ୍ଦ୍ରକରି ଫୁଟିଲା ଗୁଳି



ଥାନା ସମ୍ମୁଖରେ ତଦନ୍ତକାରୀ ପୋଲିସ ଟିମ୍।


ଗୁଳିମାଡ଼ରେ ଆହତ ଯୁବକ।

ବାଲେଶ୍ୱର, ୭।୮ (ବାଞ୍ଛାନିଧି ଦେ)

## ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ

ଜମି ବ୍ୟବସାୟକୁ କେନ୍ଦ୍ରକରି ବୁଧବାର ବାଲେଶ୍ୱର ସହରରେ ଗୁଳି ଫୁଟିଛି। ସହଦେବଖୁଣ୍ଟା ଥାନା ଅଧୀନ ବାଲିଆ ନିକଟରେ ଜଣେ ଯୁବକଙ୍କ ଉପରକୁ ଦୁର୍ବୃତ୍ତମାନେ ଦୁଇ ରାଉଣ୍ଡ ଗୁଳିମାଡ଼ କରିଛନ୍ତି। ଯୁବକ ଜଣକ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଆହତ ଯୁବକ ହେଲେ ଶୋଭାରାମପୁର ଟାଇଲବସା ଅଞ୍ଚଳର ମନୋରଞ୍ଜନ ବିନ୍ଧାଣି (୩୪)। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ସହଦେବଖୁଣ୍ଟା ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ବାଲିଆସ୍ଥିତ ହିନ୍ଦ୍ ଜିମ୍‌ରୁ ମନୋରଞ୍ଜନ ବାହାରି ବାଇକ୍ ଯୋଗେ ଯାଉଥିଲେ। ଅନ୍ୟ ଏକ ବାଇକ୍ ଯୋଗେ ଦୁଇଜଣ ଯୁବକ ଆସି ତାଙ୍କ ଉପରକୁ ଅଚାନକ ଦୁଇ ରାଉଣ୍ଡ ଗୁଳି ମାଡ଼ କରି ଚମ୍ପଟ ମାରିଥିଲେ। ଗୋଟିଏ ଗୁଳି ତାଙ୍କ ମୁହଁରେ ଛୁଇଁ ପଳାଇଥିବାରୁ ସେ ଅଳ୍ପକେ ବର୍ତ୍ତିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ସହ ସହଦେବଖୁଣ୍ଟା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଥିଲ। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ. ୩୦୪/୨୪) ରୁଜୁ କରାଯାଇଛି। ଜଣେ ଯୁବକଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ମାନସିଂ ବଜାର ଅଞ୍ଚଳର ଅନ୍ୟ ଜଣେ ଯୁବକଙ୍କୁ ପୋଲିସ ସନ୍ଦେହରେ ଥାନାକୁ ଆଣିଥିଲା। ଏହାପରେ ଉକ୍ତ ଅଞ୍ଚଳର ମହିଳା ଓ ପୁରୁଷମାନେ ଆସି ଥାନାରେ ହୋହଲ୍ଲା କରିଥିଲେ। ଉକ୍ତ ଯୁବକଙ୍କ ସମ୍ପୃକ୍ତି ନ ଥିବା କହି ଥାନାରେ ପାଟିତୁଣ୍ଡ କରିବା ସହ ଗଣ୍ଡଗୋଳ କରିଥିଲେ। ପରିସ୍ଥିତିକୁ ଆୟତ୍ତ କରିବା ପାଇଁ ପୋଲିସ ପକ୍ଷରୁ ମୃଦୁ ଲାଠିଚାଳନା କରାଯାଇଥିଲା। ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୧୦ଜଣଙ୍କୁ ଅଟକ ରଖାଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଥାନାରେ ପହଞ୍ଚି ଜିଲାର ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

# ଭିଜିଲାନ୍ସ ଜାଲରେ ଆଠଗଡ଼ ବିଡିଓ

କଟକ,୭।୮ (କାର୍ତ୍ତିକ ସାହୁ)

## ■ ୮ ସ୍ଥାନରେ ଚଢ଼ାଉ
## ■ କୋଠା, ଅଳଙ୍କାର, ଟଙ୍କା, ଗାଡ଼ି ଜବତ

କଟକ ଜିଲା ଆଠଗଡ଼ ବିଡିଓ ପ୍ରଦୀପ କୁମାର ସାହୁ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଭିଜିଲାନ୍ସର ୮ଟି ଟିମ୍ ଏକକାଳୀନ ବିଡିଓ ସାହୁଙ୍କ ଆଠଗଡ଼ସ୍ଥିତ ସରକାରୀ କାର୍ଯ୍ୟାଳୟ ସମେତ ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡ଼ର ୮ଟି ସ୍ଥାନରେ ବୁଧବାର ଚଢ଼ାଉ କରିଛି। ଚଢ଼ାଉବେଳେ ବିଡିଓ ସାହୁ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ରହିଥିବା ୨ଟି କୋଠା, ୩ ଫ୍ଲାଟ୍, ଭୁବନେଶ୍ୱରରେ ଗୋଟିଏ ଫ୍ଲାଟ୍, ୪୭ ଲକ୍ଷ ଟଙ୍କାର ଜମା, ନଗଦ ୬.୧୧ ଲକ୍ଷ ଟଙ୍କା, ଦାମୀ ଡାଏମଣ୍ଡ ନେକ୍‌ଲେସ୍, ପ୍ରାୟ ୩୦୦ ଗ୍ରାମ୍‌ର ସୁନା, ଦୁଇଟି ୪ ଚକିଆ ଗାଡ଼ି ଆଦି ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ସୂଚନା ଅନୁସାରେ, ଖୋର୍ଦ୍ଧାର ଭାଲିବଡ଼ିରେ ଗୋଟିଏ କୋଠା, ନୟାଗଡ଼ର ରାଜସୁନାଖଳାରେ ପୈତୃକ ବାସଗୃହ ଗୋଟିଏ ତିନିମହଲା କୋଠା, ୩ଟି ଫ୍ଲାଟ୍, ଭୁବନେଶ୍ୱର ଗୌତମ ନଗରରେ ୨-ବିଏଚ୍‌କେ ଫ୍ଲାଟ୍ ରହିଛି। ସାହୁଙ୍କ ଏତେ ସମ୍ପତ୍ତିର ଉତ୍ସ ସମ୍ପର୍କରେ ଭିଜିଲାନ୍ସ ଖୋଳତାଡ଼ କରୁଛି। ସମ୍ପତ୍ତି ତାଲିକା ଆହୁରି ଅଧିକ ହେବାର ସମ୍ଭାବନା ରହିଛି। ପ୍ରଦୀପ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଫଳରେ ଭିଜିଲାନ୍ସ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ୨୦୨୩ ଫେବୃଆରୀ ୧ରେ ପ୍ରଦୀପ ଆଠଗଡ଼ ବିଡିଓ ଭାବେ ନିଯୁକ୍ତି ପାଇଥିଲେ। ଏହାପୂର୍ବରୁ ସେ ନରସିଂହପୁର ବ୍ଲକରେ କାର୍ଯ୍ୟରତ ଥିଲେ।

# ସତ୍ୟଜିତ୍‌ଙ୍କ ମୋବାଇଲରେ ମହିଳାଙ୍କ ଆପତ୍ତିଜନକ ଭିଡିଓ

ଭୁବନେଶ୍ୱର,୭।୮ (ସୂର୍ଯ୍ୟକାନ୍ତ ବେହେରା)

## ବ୍ରହ୍ମପୁର ଜଣେ ମହିଳାଙ୍କଠାରୁ ଠକିନେଇଛନ୍ତି ୧.୬୦ ଲକ୍ଷ ଟଙ୍କା

ମିଥ୍ୟା ପରିଚୟ ଦେଇ ବିବାହ ଏଗ୍ରିମେଣ୍ଟ କରି ଲକ୍ଷାଧିକ ଟଙ୍କା, ଗାଡ଼ି ଆଦି ଠକି ନେଇଥିବା ୫ ମହିଳାଙ୍କ ସ୍ୱାମୀ ସତ୍ୟଜିତ୍ ସାମଲଙ୍କ ରିମାଣ୍ଡ ଅବଧି ବୁଧବାର ସରିଛି। କ୍ୟାପିଟାଲ ଥାନା ପୋଲିସ ମଙ୍ଗଳବାରଠାରୁ ୨ଦିନିଆ ରିମାଣ୍ଡରେ ଆଣି ମାରାଥନ୍ ଜେରା କରିବା ସହ ଚନ୍ଦ୍ରଶେଖରପୁରସ୍ଥିତ ସତ୍ୟଜିତ୍‌ଙ୍କ ଭଡ଼ାଘରୁ ଲାପଟପ୍, ପେନ୍‌ଡ୍ରାଇଭ୍ ଓ ପାସପୋର୍ଟ ଆଦି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଜବତ କରି ଫୋରେନ୍‌ସିକ ଲ୍ୟାବକୁ ପଠାଇଛି। ଜବତ ଲାପଟପ ଓ ପେନ୍ ଡ୍ରାଇଭ୍‌ରୁ ମାମଲା ସଂକ୍ରାନ୍ତରେ ଅଧିକ ତଥ୍ୟ ମିଳିଥିବା ସୂଚନା ମିଳିଛି। ସେହିପରି ସତ୍ୟଜିତ ବ୍ରହ୍ମପୁରର ଜଣେ ମହିଳାଙ୍କୁ ମଧ୍ୟ ୧ ଲକ୍ଷ ୬୦ ହଜାର ଟଙ୍କା ଠକିଥିବାର ପ୍ରମାଣ ପାଇଛି ପୋଲିସ। ଏହାସହ କୋର୍ଟ ପେପର କିମ୍ବା ବିବାହର ଏଗ୍ରିମେଣ୍ଟ ପେପର ସତ୍ୟଜିତ ନିଜ ପାଖରେ ସବୁବେଳେ ରଖୁଥିବା ପୋଲିସ ଜାଣିବାକୁ ପାଇଛି। ସେହିଭଳି ଜବତ ମୋବାଇଲରେ ମହିଳାମାନଙ୍କର ଆପତ୍ତିଜନକ ଭିଡିଓ ଷ୍ଟୋରେଜ କରି ରଖିବା ସହ ଅଶ୍ଳୀଳ ଚାଟିଂ ମଧ୍ୟ ରହିଥିବା ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଜଣେ ଗିରଫ

ବଡ଼ବିଲ,୭।୮ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ଅଭିଯୁକ୍ତ ବଲାଣି ଥାନା ଉର୍ବି ଅଞ୍ଚଳର ଅଜୟ ଲୋହାର। ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ଅଭିଯୁକ୍ତ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ବଡ଼ବିଲ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ ୨୩୮/୨୪)ରୁଜୁ କରି କେନ୍ଦୁଝର ପୋକ୍‌ସୋ କୋର୍ଟକୁ ଚାଲାଣ କରିଛି।

# ଦୋଷୀଙ୍କୁ ଆଜୀବନ ଜେଲ

ଆନନ୍ଦପୁର,୭।୮ ( ଉମେଶ ଚନ୍ଦ୍ର ପାଢ଼ୀ)

## ଜମିବାଡ଼ି ବିବାଦରୁ କକାଙ୍କୁ ହତ୍ୟା ମାମଲା

କେନ୍ଦୁଝର ଜିଲା ଆନନ୍ଦପୁର ଅତିରିକ୍ତ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟରେ ବୁଧବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପ୍ରଜ୍ୟୋତି ରାଉତ ମାମଲାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୫ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୨ବର୍ଷ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୁଦ୍ଧଦେବ ନାୟକ।

ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ସେପ୍ଟେମ୍ବର ୨୪ରେ ଆନନ୍ଦପୁର ଥାନା ବାହିଆବାରଦଣ୍ଡା ଗାଁରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ବୁଦ୍ଧଦେବ ନିଜ କକା ମୁରଲିଧର ନାୟକଙ୍କୁ ତୀରମାଡ଼ କରିଥିଲେ। ଗୁରୁତର ଅବସ୍ଥାରେ ମୁରଲିଙ୍କୁ ପ୍ରଥମେ ଆନନ୍ଦପୁର ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୁରଲିଧରଙ୍କ ଭାଇ ଉମାକାନ୍ତଙ୍କ ଅଭିଯୋଗକ୍ରମେ ପୋଲିସ ବୁଦ୍ଧଦେବଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପୋଲିସ ତଦନ୍ତ ରିପୋର୍ଟ ଓ ସାକ୍ଷ୍ୟଙ୍କ ବୟାନ ଆଧାରରେ ବିଚାରପତି ଉକ୍ତ ରାୟ ଦେଇଥିବା ସରକାରୀ ଓକିଲ ଅଶ୍ୱିନୀ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

# ପ୍ରଥମ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ, ଦ୍ୱିତୀୟ ସ୍ତ୍ରୀ ଗିରଫ

ନୂଆପଡ଼ା/ବୋଡେନ, ୭।୮
(ମକାରୁ ବେମାଲ/ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡେନ ଥାନା ଜାମଗାଁ ଠେଲାପଡ଼ାରେ ଏକ ଅଭାବନୀୟ ଘଟଣା ଘଟିଛି। ଦ୍ୱିତୀୟ ସ୍ତ୍ରୀଙ୍କ ବାଲ୍‌ଟି ମାଡ଼ରେ ପ୍ରଥମ ସ୍ତ୍ରୀ ବାରୁଣୀ ଜଗତ (୪୪)ଙ୍କ ମୃତ୍ୟୁ ଘଟିଛି। ଏ ନେଇ ଅଭିଯୋଗ ପରେ ପୋଲିସ ସ୍ୱାମୀ ହେରମ୍ବ ଜଗତ ଓ ଦ୍ୱିତୀୟ ସ୍ତ୍ରୀ ମାଧୁରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ଖଡିଆଳ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରାଙ୍କ ସୂଚନା ମୁତାବକ, ସିନାପାଲି ବ୍ଲକ ବରଗାଁ ପଞ୍ଚାୟତ ଜାମଗାଁ ଠେଲାପଡ଼ାର ହେରମ୍ବ ବୋଡେନ ବ୍ଲକ ବାବେବିର ଗାଁର ବାରୁଣୀ ଦେଇଙ୍କୁ ପ୍ରାୟ ୨୦ବର୍ଷ ପୂର୍ବେ ବୈଦିକ ରୀତିରେ ବିବାହ କରିଥିଲେ। ସେମାନଙ୍କ ୧୧ ବର୍ଷର ଝିଅ ରହିଛି । ତେବେ ହେରମ୍ବ ୫ବର୍ଷ ପୂର୍ବେ ଛତିଶଗଡ କାମ କରିବାକୁ ଯାଇଥିବାବେଳେ ମାଧୁରୀ ଦେଇଙ୍କୁ ଭଲପାଇ ସାଙ୍ଗରେ ଆଣି ଦ୍ୱିତୀୟ ସ୍ତ୍ରୀ ଭାବେ ଘରେ ରଖିଥିଲେ। ମାଧୁରୀ ଘରକୁ ଆସିବା ଦିନଠାରୁ ବାରୁଣୀ ଏବଂ ମାଧୁରୀଙ୍କ ମଧ୍ୟରେ ଝଗଡା ଲାଗିରହୁଥିଲା। ଗତ ୩ ତାରିଖରେ କୌଣସି କଥାକୁ ନେଇ ଦୁଇ ସଉତୁଣି ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହା କ୍ରମଶଃ ଉଗ୍ରରୂପ ଧାରଣ କରିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦ୍ୱିତୀୟ ସ୍ତ୍ରୀ ମାଧୁରୀ ହାତରେ ଧରିଥିବା ଷ୍ଟିଲ ବାଲଟିରେ ବାରୁଣୀଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ଏଥିରେ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ଏହା ସତ୍ତ୍ୱେ ହେରମ୍ବ ତାଙ୍କୁ ଡାକ୍ତରଖାନା ନ ନେଇ ଘରେ ଆୟୁର୍ବେଦିକ ଚିକିତ୍ସା କରୁଥିଲେ। ବାରୁଣୀଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇ ଶେଷରେ ଗତ ୫ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ବାରୁଣିଙ୍କ ବଡ ଭାଇ ବିଶିକେଶନ ତାଣ୍ଡି ଭଉଣୀଙ୍କୁ ମାରି ଦେଇଛନ୍ତି ବୋଲି ବୋଡେନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବୋଡେନ ପୋଲିସ ୬ ତାରିଖରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୭୭/୨୪) ରୁଜୁ କରିବା ସହ ହେରମ୍ବ ଓ ମାଧୁରୀଙ୍କୁ ଗିରଫ କରିଥିବା ଏସ୍‌ଡିପିଓ ବେହେରା ସୂଚନା ଦେଇଛନ୍ତି।


ଗିରଫ ସ୍ୱାମୀ, ଦ୍ୱିତୀୟ ସ୍ତ୍ରୀ।

# ୫ ଆନ୍ତଃରାଜ୍ୟ ଲୁଟେରା ଗିରଫ

ପାଟଣା,୭।୮ (ବୀରକିଶୋର ଦାଶ)

## ଜଣେ ନାବାଳକ ଅଟକ

କେନ୍ଦୁଝର ଜିଲା ପାଟଣା ପୋଲିସ ବୁଧବାର ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ୫ ଜଣଙ୍କୁ ଗିରଫ କରିଛି। ଏଥିସହ ଜଣେ ୧୭ ବର୍ଷର ନାବାଳକଙ୍କୁ ମଧ୍ୟ ଅଟକ ରଖିଛି। ଗିରଫ ଅଭିଯୁକ୍ତ ଗଞ୍ଜାମ ଜିଲା କୋଦିନାଡ଼ା ଥାନା ସାହାପୁର ଗ୍ରାମର ଏ. ଜଗନ୍ନାଥ(୪୦), ଯାଜପୁର ଜିଲା ଯାଜପୁର ରୋଡ୍ ଥାନା ମୁଣ୍ଡମାଳ ଗ୍ରାମର ସନ୍ଦୀପ ପ୍ରଧାନ (୨୦), ସମୀର ପ୍ରଧାନ (୧୯), ବିକି ପ୍ରଧାନ (୨୩) ଓ ଛତିଶଗଡ଼ ରାଜ୍ୟ ରାୟପୁର ଜିଲା ଔରାଡବ୍ରି ଥାନା ଔରାଡବ୍ରି ଗ୍ରାମର ଶିବା ନେତମ(୨୩)। ସେମାନଙ୍କଠାରୁ ନଗଦ ୨୦ ହଜାର ଟଙ୍କା, ଲୁଟ୍‌ରେ ବ୍ୟବହୃତ ୩ ବାଇକ୍, ୮ ମୋବାଇଲ, ବାଇକ୍ ଡିକି ଭାଙ୍ଗିବା ଯନ୍ତ୍ରକୁ ପୋଲିସ ଜବତ କରିଛି। ନାବାଳକଙ୍କୁ ପୋଲିସ କେନ୍ଦୁଝର ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିବ ବୋଲି ବୁଧବାର ଏକ ଖବରଦାତା ସମ୍ମିଳନୀରେ ଘଟଗାଁ ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ ଓ ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଜୁଲାଇ ୩୦ରେ ପାଟଣା ଥାନା ଦାସପଡ଼ା ଗ୍ରାମର ବିଦ୍ୟାଧର ମହାନ୍ତ ବ୍ୟାଙ୍କ ଅଫ ଇଣ୍ଡିଆ ବଡ଼ବିଲ ଶାଖାରୁ ୧୭ ହଜାର ଟଙ୍କା ଉଠାଇ ବାଇକରେ ଘରକୁ ଫେରୁଥିଲେ। ସେ ସମୟରେ ଲୁଟେରା ସଂଘବଦ୍ଧ ହୋଇ ତାଙ୍କଠାରୁ ଟଙ୍କା ଭର୍ତ୍ତି ବ୍ୟାଗ ଝାମ୍ପି ନେଇଥିଲେ। ଏ ନେଇ ବିଦ୍ୟାଧର ପାଟଣା ଥାନାରେ ଅଭିଯୋଗ କରିଥିଲେ। ପରେ କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ କୁଶଲକର ନୀତିନ ଦାଗୁଡୁଙ୍କ ନିର୍ଦ୍ଦେଶ କ୍ରମେ ପାଟଣା ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ଛତିଶଗଡ଼ ରାଜ୍ୟର ରାୟପୁର ସହ ଗଞ୍ଜାମ, ଅନୁଗୋଳ, ଯାଜପୁର, ଢେଙ୍କାନାଳ ଆଦି ଜିଲାରେ ଚଢ଼ାଉ କରିଥିଲା। ଟିମ୍ ୬ ଜଣଙ୍କୁ ଧରିବାରେ ସଫଳ ହୋଇଥିଲା। ଅଭିଯୁକ୍ତଙ୍କ ନାମରେ କେନ୍ଦୁଝର ଜିଲାର ପାଟଣା, ବଡବିଲ, ନୟାକୋଟ, ନନ୍ଦିପଦା, ମୟୂରଭଞ୍ଜ ଜିଲାର ରରୁଆଁ, ଢେଙ୍କାନାଳ ଜିଲାର ମଟଗାଁ, ଅନୁଗୋଳ ଜିଲା ଅନୁଗୋଳ କଲୋନୀ ଥାନା, ଗଞ୍ଜାମ ଜିଲା ଦିଗପହଣ୍ଡି ଆଦି ୮ ଥାନାରେ ବିଭିନ୍ନ ସମୟରେ ୧୨ଟି ଲୁଟ, ଛିନ୍‌ତାଇ ଓ ଚୋରି ମାମଲା ରହିଛି। ବୁଧବାର ୫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ନାବାଳକଙ୍କୁ ଜୁଭେନାଇଲ କୋର୍ଟକୁ ପଠାଯିବ। ପୋଲିସ ବିଦ୍ୟାଧର ମହାନ୍ତଙ୍କ ଲୁଟ୍‌ହୋଇଥିବା ୧୭ହଜାର ଟଙ୍କାକୁ ହସ୍ତାନ୍ତର କରିବ ବୋଲି ଏସ୍‌ଡିପିଓ କହିଛନ୍ତି।



ତୁମେ ଯଦି ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେଉ ବୋଲି ଚାହୁଁଥାଅ– ତେବେ ଆଗ ନିଜ ହୃଦୟରେ ଶାନ୍ତି ସ୍ଥାପନ କର। ... ଜଣେ ତା'ର ପ୍ରଗାଢ ନିଦ୍ରାରୁ ଜାଗି ଉଠିପାରେ। କିନ୍ତୁ ଥରେ ପ୍ରଗାଢ ଶାନ୍ତି ତୁମ ଭିତରେ ସ୍ଥାପିତ ହେଲେ– ତାହା ଆଉ ଭାଙ୍ଗେ ନାହିଁ। **–ଶ୍ରୀମା**



# ଜିନ୍ ଓ ଭାଷାର ଦେଶାନ୍ତର



ଦେବଦତ୍ତ ପଟ୍ଟନାୟକ

ସଂସ୍କୃତିବୁଝିବାକୁହେଲେଆମକୁଲୋକଙ୍କୁବୁଝିବାକୁହେବ। ଭାରତକୁ ବୁଝିବାକୁ ହେଲେ ଆମକୁ ଭାରତୀୟଙ୍କୁ ବୁଝିବାକୁ ପଡ଼ିବ। ଦେଖିବାକୁ ହେବ, ଭାରତୀୟମାନେ କେଉଁଠାରୁ ଆସିଥିଲେ? ଆମେ ଭାରତୀୟ ମାଟିରେ କ୍ରମବିକଶିତ ହୋଇଥିଲୁ ନା ଅନ୍ୟ ସ୍ଥାନରୁ ଆସିଥିଲୁ? ସବୁ ମଣିଷଙ୍କ ଆଦ୍ୟଭୂମି ଆଫ୍ରିକା। ୬୦,୦୦୦ ବର୍ଷ ପୂର୍ବେ ଆଫ୍ରିକା ଛାଡ଼ି ଏମାନେ ବାହାରକୁ ଚାଲିଯାଇଥିଲେ। ସେମାନଙ୍କ ମଧ୍ୟରେ ପ୍ରଥମ ଭାରତୀୟ ମଣିଷ ରହିଥିଲେ। ଏହା ପୂର୍ବରୁ ମଣିଷ ଭଳି ଦେଖାଯାଉଥିବା ଜୀବମାନଙ୍କର ଅନେକ ଅସଫଳ ମାଇଗ୍ରେଶନ ବା ଦେଶାନ୍ତର ଗମନ ହୋଇଥିଲା, ଯେଉଁଥିପାଇଁ ତାମିଲନାଡୁରେ ୧,୫୦,୦୦୦ ବର୍ଷର ପୁରୁଣା ପଥର ଉପକରଣ ଦେଖିବାକୁ ପାଉ। ନର୍ମଦା ନଦୀ କୂଳରୁ ମିଳିଥିବା ଖପୁରି ଏହାଠାରୁ ଆହୁରି ପୁରାତନ। ୧.୮ ମିଲିୟନରୁ ୨,୦୦,୦୦୦ ବର୍ଷ ତଳେ ଆଧୁନିକ ହୋମୋ ସାପିଏନ୍ସଙ୍କ ପୂର୍ବରୁ ଏମାନେ ଥିଲେ। କିନ୍ତୁ ୬୦,୦୦୦ ବର୍ଷ ପୂର୍ବେ ଆଧୁନିକ ମଣିଷମାନେ ପ୍ରଥମେ ଭାରତକୁ ଆସି ସମୁଦ୍ର ଉପକୂଳ ଦେଇ ଦକ୍ଷିଣ ପୂର୍ବ ଏସିଆ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ଏହି ଆଦିମାନବମାନେ କହିବା ସମୟରେ ବୋଧହୁଏ ରେଟ୍ରୋଫ୍ଲେକ୍ସ ଧ୍ୱନି(ଟ,ଠ,ଡ଼,ଢ଼,ଣ)ବ୍ୟବହାର କରୁଥିଲେ, ଯାହାକୁ ଆଜି ମଧ୍ୟ ଆମେ ଭାରତରେ ବ୍ୟବହାରକରୁ। ଏବେ ମଧ୍ୟ ଅଷ୍ଟ୍ରେଲୀୟ ମୂଳନିବାସୀଙ୍କ ମଧ୍ୟରେ ସମାନ ପ୍ରକାର ଧ୍ୱନି ଶୁଣିବାକୁ ମିଳେ। ତୁମେ ଆଉ ଏହି ଧ୍ୱନିଗୁଡ଼ିକୁ ବିଶ୍ୱର ଅବଶିଷ୍ଟ ଭାଗରେ ପାଇବ ନାହିଁ।

ପ୍ରଥମେ ସନ୍ନ୍ୟାସୀ, ବଣିକ ଇତ୍ୟାଦିଙ୍କ ଯାତ୍ରାରୁ ଦେଶାନ୍ତର ଗମନକୁ ପୃଥକ୍ କରିବାକୁ ପଡ଼ିବ। ମାଇଗ୍ରେଶନର ଅର୍ଥ କହିଲେ ରହିବାକୁ କୌଣସି ଏକ ନୂଆ ବାସସ୍ଥାନ ଖୋଜିପାଇବା। ଉଦାହରଣ ସ୍ୱରୂପ, ପାର୍ସୀ ସମୁଦାୟ ଧାର୍ମିକ ଅତ୍ୟାଚାରରୁ ରକ୍ଷାପାଇବା ପାଇଁ ପ୍ରାୟ ୧ହଜାର ବର୍ଷ ପୂର୍ବେ ଇରାନରୁ ଭାରତକୁ ଆସିଥିଲେ। ଅର୍ଥନୈତିକ କାରଣ,ନିଯୁକ୍ତି ସୁଯୋଗ କିମ୍ବା ରାଜନୈତିକ କାରଣରୁ ଆରମ୍ଭକରି ବିପଦରୁ ରକ୍ଷାପାଇବା ଲାଗି ଲୋକେ ଦେଶାନ୍ତରଗମନ କରିଥାନ୍ତି। ଯେତେବେଳେ ଲୋକେ ସ୍ଥାନ ପରିବର୍ତ୍ତନ କରନ୍ତି ସେତେବେଳେ ସେମାନଙ୍କର ପରିବର୍ତ୍ତନ ହୁଏ। ଏହା ସହ ସେମାନଙ୍କ ବିବାହ, ଭାଷା ଏବଂ ସଂସ୍କୃତିରେ ପରିବର୍ତ୍ତନ ହୋଇଥାଏ।

୧୦,୦୦୦ ବର୍ଷ ପୂର୍ବେ ଭାରତକୁ ବାହାର ଅଞ୍ଚଳରୁ ଲୋକମାନେ ଆସିଥିଲେ। ଏହା ଥିଲା ଏକ ପ୍ରମୁଖ ମାଇଗ୍ରେଶନ। ଏଥିରେ ଇରାନ କୃଷକଙ୍କ ପୂର୍ବଜମାନେ ହିନ୍ଦୁ



କୁଶ ପର୍ବତ ପାରହୋଇ ସିନ୍ଧୁ ଉପତ୍ୟକାରେ ପହଞ୍ଚି ସେଠାରେ କୃଷି ବିପ୍ଳବ ସୃଷ୍ଟି କରିଥିଲେ। ସେମାନେ ବାର୍ଲି ,ଗହମ ଉତ୍ପାଦନ କରିବା ସହ ଛେଳି ଏବଂ ମେଣ୍ଢା ପାଳନ କରୁଥିଲେ। ମଇଁଷି ଏବଂ କୂଜ ଥିବା 'ଜେବୁ' ଷଣ୍ଢ ରଖୁଥିଲେ। ଆଜକୁ ୪,୫୦୦ରୁ ଅଧିକ ବର୍ଷ ପୂର୍ବେ ହରପ୍ପା ସଭ୍ୟତା ବିକଶିତ ହୋଇଥିଲା। ହରପ୍ପାର ଲୋକମାନେ ଜେଡ୍(Z) ଆକାରରେ ସେଠାରୁ ଅନ୍ୟ ଆଡ଼କୁ ଯାଇଥିଲେ। ପ୍ରଥମେ ପଶ୍ଚିମରେ ଗାଙ୍ଗେୟ ଉପତ୍ୟକା ଆଡ଼କୁ , ପରେ ପୂର୍ବରେ ନର୍ମଦା ଏବଂ ତା'ପରେ ଦକ୍ଷିଣରେ ପଶ୍ଚିମ ଉପକୂଳ ଆଡ଼କୁ ଯାଇଥିଲେ।

ଜେନେଟିକ୍ ବା ଆନୁବଂଶିକ ଗବେଷଣାରୁ ଜଣାପଡ଼େ ଯେ, ପ୍ରାୟ ୩,୮୦୦ ବର୍ଷ ପୂର୍ବେ ଏକ ନୂତନ ଇଣ୍ଡୋ–ୟୁରୋପୀୟ ଗୋଷ୍ଠୀ ଭାରତରେ ପ୍ରବେଶ କରିଥିଲେ, ଯେଉଁମାନେ ଥିଲେ ମୂଳତଃ କାସ୍ପିଆନ ସାଗର ଉତ୍ତରରେ ଥିବା ତୃଣଭୂମି ଅଞ୍ଚଳର। ଏମାନେ ଘୋଡ଼ା ପାଳୁଥିଲେ ଓ ଆସିବା ସମୟରେ ୟୁରୋପ ଓ କେନ୍ଦ୍ର ଏସିଆକୁ ସେମାନଙ୍କୁ ସାଙ୍ଗରେ ଆଣିଥିଲେ। କେନ୍ଦ୍ର ଏସିଆରେ ଏହି ଗୋଷ୍ଠୀ ୨ ଭାଗ ହୋଇଗଲେ। ଗୋଟିଏ ଗୋଷ୍ଠୀ ଭାରତ ଅଭିମୁଖେ ଯାତ୍ରା କରିଥିଲେ ଓ ଅନ୍ୟ ଗୋଷ୍ଠୀ ଇରାନ ଆଡ଼କୁ ଚାଲିଯାଇଥିଲେ। ଅଧିକ ଲୋକ ନୂଆ ରଥ ନିର୍ମାଣର ଜ୍ଞାନକୌଶଳ ଏବଂ ଏକ ନୂଆ ଭାଷା ସଂସ୍କୃତକୁ ନେଇ ଆସିଥିଲେ। ଏହି ସଂସ୍କୃତ ବ୍ୟାକରଣ ଦକ୍ଷିଣ ଭାରତରେ କଥିତ ଦ୍ରାବିଡ଼ିଆନ ଭାଷାର ବ୍ୟାକରଣଠାରୁ ସମ୍ପୂର୍ଣ୍ଣ ଭିନ୍ନ। ପାଖାପାଖି ୪,୦୦୦ ବର୍ଷ ପୂର୍ବେ ହରପ୍ପାର ଅଧିବାସୀମାନେ ଦକ୍ଷିଣ ଭାରତକୁ ଆସିଥିଲେ। କାସ୍ପିଆନ୍ ସାଗରର ଉତ୍ତରରେ ଥିବା ଚାରଣଭୂମିରୁ ଆସିଥିବା ମେଷପାଳକଙ୍କ ଜିନ୍ (ଷ୍ଟେପ୍ପି ପାଷ୍ଟୋରାଲ ଜିନ୍) ଭାରତୀୟଙ୍କଠାରେ ରହିଥିବାର ଏକ ସଙ୍କେତ ମିଳେ। ଏହି ଜିନ୍ ବୟସ୍କ ଅବସ୍ଥାରେ ଦୁଗ୍ଧକୁ ଭଲ ଭାବେ ହଜମ କରିଥାଏ। ଉତ୍ତର ଓ ପଶ୍ଚିମ ଭାରତର ବୟସ୍କଙ୍କର ଦୁଗ୍ଧ ହଜମ କରିବାର କ୍ଷମତା ଅଛି। ପିଲାଙ୍କଠାରେ ଦେଖାଯାଉଥିବା ଲାକ୍ଟୋଜ ଏଞ୍ଜାଇମ୍(ଦୁଗ୍ଧକୁ ହଜମ କରାଏ) ଏହି ବୟସ୍କଙ୍କଠାରେ ରହିଛି। କିନ୍ତୁ ପୂର୍ବ ଓ ଦକ୍ଷିଣ ଭାରତରେ ଅଧିକାଂଶ ବୟସ୍କ ଦୁଗ୍ଧ ହଜମ କରିପାରନ୍ତି ନାହିଁ। ଏହା ସୂଚିତକରେ ଯେ, ସେମାନଙ୍କଠାରେ ଷ୍ଟେପ୍ପି ପାଷ୍ଟୋରାଲ ଜିନ୍ ନାହିଁ। ଅନେକେ ଏହି ଜନ୍‌କୁ ଆର୍ଯ୍ୟଙ୍କ ଜିନ୍ ବୋଲି କହିଥାନ୍ତି, କିନ୍ତୁ ଏହା ଅନେକ ଭାବନା ଉଦ୍ରେକକରେ।

ଆଉ କେତେକ ସ୍ଥାନରୁ ଭାରତକୁ ଲୋକେ ଆସିଥିବା ଦେଖିବାକୁ ମିଳେ। ପୂର୍ବ ଏସିଆରୁ ଅଷ୍ଟ୍ରୋ–ଏସିଆଟିକ୍ ଭାଷାଭାଷୀ 'ମୁଣ୍ଡା' ଲୋକମାନେ ଦକ୍ଷିଣ–ପୂର୍ବ ଏସିଆ(ଭିଏଟ୍‌ନାମ)ରୁ ସେମାନଙ୍କ ସହ ଧାନଚାଷର ପଦ୍ଧତିକୁ ସାଙ୍ଗରେ ନେଇ ଆସିଥିଲେ। ଏପରିକି ଏବେ ପୂର୍ବ (ମଗଧ) ଓ ପଶ୍ଚିମ( ମହାରାଷ୍ଟ୍ର ଅଞ୍ଚଳ) ମଧ୍ୟରେ ଏକ ଜିନୀୟ ବା ଆନୁବଂଶିକ ପ୍ରଭେଦ ରହିଛି। ପୂର୍ବରେ ମୁଣ୍ଡାଙ୍କ ଜିନ୍ ଥିବା ବେଳେ ପଶ୍ଚିମରେ ଷ୍ଟେପ୍ପି ଜିନ୍ ଦେଖିବାକୁ ମିଳେ। ସେମାନଙ୍କ ଭାଷା ମଧ୍ୟ ଭିନ୍ନ। ଏହା ବ୍ୟତୀତ ଆହୁରି ଅନେକ ଅଞ୍ଚଳରୁ ଅଧିବାସୀମାନେ ଭାରତକୁ ଆସିଛନ୍ତି। ଖ୍ରୀଷ୍ଟପୂର୍ବ ୩୦୦ରୁ ୩୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହା ଘଟିଛି ଓ ଏମାନଙ୍କ ମଧ୍ୟରେ ଥିଲେ ଗ୍ରୀକ୍ସ (ଯବନମାନେ), ସ୍କିଥିଆନ୍ସ (ସାକମାନେ), ପାର୍ଥିଆନ୍ସ (ପଲ୍ଲଭମାନେ) ଏବଂ କୁଶାଣମାନେ। ଦଶମ ଶତାବ୍ଦୀ ପରେ ତୁର୍କୀ ଏବଂ ଆଫଗାନିସ୍ତାନ ଲୋକେ ମଧ୍ୟ ଆସିଥିଲେ। ସମାନ ଜେନେଟିକ୍ ମେକ୍‌ଅପ୍‌ର ଲୋକମାନଙ୍କଠାରୁ ସେମାନେ ସମସ୍ତେ ଆସିଥିଲେ। ତେଣୁ ସେମାନେ ଦେଶାନ୍ତରଗମନ କରିଥିବାରୁ ଆମେ ଜେନେଟିକ୍ସରେ ବଡ଼ ପରିବର୍ତ୍ତନ ଦେଖିବାକୁ ପାଉନାହୁଁ। କିନ୍ତୁ ସେମାନଙ୍କ ସଂସ୍କୃତିରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଥିବା ଲକ୍ଷ୍ୟ କରାଯାଏ।

ଖ୍ରୀଷ୍ଟପୂର୍ବ ୩୦୦ ବେଳକୁ ପ୍ରାକୃତ ଭାଷା ଥିଲା କୋର୍ଟ ଲାଙ୍ଗୁଏଜ୍ ବା ଦରବାରୀ ଭାଷା। ଖ୍ରୀଷ୍ଟାବ୍ଦ ୫୦୦ ପରେ କୋର୍ଟ ଲାଙ୍ଗୁଏଜ୍ ସଂସ୍କୃତ ହେଲା। ୧୨୦୦ ଖ୍ରୀଷ୍ଟାବ୍ଦ ପରେ ଏହା ପର୍ସିଆନ (ଫାର୍ସୀ) ହୋଇଗଲା । ଖ୍ରୀଷ୍ଟାବ୍ଦ ୧୮୦୦ ପରେ ସରକାରୀ ଭାଷା ଇଂରାଜୀ ହେଲା । ୧୯୪୭ ପରଠାରୁ ହିନ୍ଦୀକୁ ପ୍ରଭାବୀ ସରକାରୀ ଭାଷା କରିବା ପାଇଁ ପ୍ରୟାସ ଚାଲିଛି। କିନ୍ତୁ ଭାରତର ପ୍ରତ୍ୟେକ ରାଜ୍ୟର ନିଜସ୍ୱ ସରକାରୀ ଭାଷା ରହିଛି। ଭାରତର ଅନ୍ୟ ସବୁ ଅଞ୍ଚଳ ତୁଳନାରେ ଉତ୍ତର ଭାରତରେ ହିନ୍ଦୀର ପ୍ରଭାବ ଦେଖୁ, କାରଣ ଉର୍ବର ଗଙ୍ଗାନଦୀ ଅବବାହିକାରେ ଭାରତର ଜନସଂଖ୍ୟାର ପାଖାପାଖି ୫୦% ଲୋକ ରହନ୍ତି। ଏହା ମଧ୍ୟ ବୈଦିକ ସଂସ୍କୃତିର କେନ୍ଦ୍ର। ପ୍ରାୟ ୨୦୦୦ ବର୍ଷ ପୂର୍ବେ ଏହି ଅଞ୍ଚଳରୁ ଲୋକେ ବିନ୍ଧ୍ୟ ପାର୍ବତ୍ୟାଞ୍ଚଳ ପାରହୋଇ ବାହାରକୁ ଯାଇଥିଲେ। କିନ୍ତୁ ତାହା ଏକ ଭିନ୍ନ କାହାଣୀ।

–devduttofficial@gmail.com

## ଏଇ ଭାରତରେ

ମହାରାଷ୍ଟ୍ରର ସତାରା ଏକ ମରୁଡ଼ିପ୍ରବଣ ଅଞ୍ଚଳ। କିନ୍ତୁ ହୃଷୀକେଶ ଜୟସିଂ ଧାନେ ଏଭଳି ପ୍ରତିକୂଳ ସ୍ଥିତିରେ ଘିକୁଆଁରୀ ଚାଷରେ ସଫଳତା ପାଇପାରିଛନ୍ତି। ହୃଷୀକେଶ ତାଙ୍କ ଗାଁ ପଡଲିରେ ଘିକୁଆଁରୀ ଚାଷ କରି ବର୍ଷକୁ ୩.୫ କୋଟି ଟଙ୍କାର ବ୍ୟବସାୟ କରୁଛନ୍ତି ଓ ଏଥିରୁ ୩୦% ଲାଭ ପାଉଛନ୍ତି। ସେ ଘିକୁଆଁରୀରୁ ସାବୁନ, ଶାମ୍ପୁ ଏବଂ ଜୁସ୍ ପ୍ରସ୍ତୁତ କରୁଛନ୍ତି। ଏଥିରୁ ପ୍ରାକୃତିକ କୀଟନାଶକ ମଧ୍ୟ ତିଆରି ହେଉଛି। ହୃଷୀକେଶଙ୍କ ବୟସ ଏବେ ୪୪। ତାଙ୍କ ପିଲାଦିନ ବହୁ କଷ୍ଟରେ କଟିଥିଲା। ପରିବାର ନିକଟରେ ୮ ଏକର ଜମି ଥିଲେ ବି ମରୁଡ଼ି ଯୋଗୁ ସେଥିରୁ ଯାହା କିଛି ଉତ୍ପାଦନ ହୁଏ ସେଥିରେ ପରିବାର ଚଳିବା କଷ୍ଟକର ହୋଇଥାଏ । ଏଭଳି ସ୍ଥିତିରେ ବହୁ କଷ୍ଟରେ ସେ ୧୦ମ ଯାଏ ପଢ଼ିବା ପରେ ଅର୍ଥାଭାବରୁ ଆଉ ପଢ଼ିପାରିଲେ ନାହିଁ। ଏକ କମ୍ପାନୀରେ ମାର୍କେଟିଂ କାମ କରି ପରେ ତାକୁ ଛାଡ଼ି ପୁଣି କ୍ଷେତକୁ ଫେରିଥିଲେ। କିନ୍ତୁ ସେତେବେଳେ ଗାଁରେ ଲୋକେ ଘିକୁଆଁରୀ ଚାଷ କରି କ୍ଷତି ସହିବା ପରେ ତାହାକ କ୍ଷେତରୁ ଓପାଡ଼ି ଫିଙ୍ଗି ଦେଇଥିଲେ। ସେଥିରୁ ୪, ୦୦୦ ଗଛ ସଂଗ୍ରହ କରି ହୃଷୀକେଶ ସେ ସବୁକୁ ପ୍ରଥମେ ଆମ୍ବ, ଅଁଳା ଗଛ ତଳେ ଲଗାଇଥିଲେ। ଏବେ ଦୁଇ ଏକର ଜମିରେ ଚାଷ କରୁଛନ୍ତି ଓ ଦିନକୁ ଘିକୁଆଁରୀରୁ ୮,୦୦୦ ଲିଟର ଉତ୍ପାଦ ପ୍ରସ୍ତୁତ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୮ ଅଗଷ୍ଟ ୧୯୭୫

- ମିଜୋ ଜାତୀୟ ସାମ୍ମୁଖ୍ୟ ଓ ଏହାସହିତ ସମ୍ପୃକ୍ତ ଥିବା ଅନ୍ୟାନ୍ୟ ସଂସ୍ଥାଗୁଡ଼ିକୁ ସରକାର ବେଆଇନ ଘୋଷଣା କରିଛନ୍ତି।
- ପ୍ରାଉଟିଷ୍ଟ ବ୍ଲକ୍ ଅଫ୍ ଇଣ୍ଡିଆକୁ ବେଆଇନ ଘୋଷଣା କରାଯାଇଥିବାରୁ ଏହି ଦଳର ନାମ ରେଜିଷ୍ଟ୍ରୀଭୁକ୍ତ ଅଣସ୍ୱୀକୃତ ରାଜନୈତିକ ଦଳ ତାଲିକାରୁ କଟାଯାଇଛି।
- ପାର୍ଲାମେଣ୍ଟରେ ସମ୍ପ୍ରତି ଗୃହୀତ ହୋଇଥିବା ନିର୍ବାଚନ ଆଇନ (ସଂଶୋଧନ) ବିଲ୍ ରାଷ୍ଟ୍ରପତିଙ୍କ ମଞ୍ଜୁରି ପାଇଛି।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 7 | | 3 |
| | | | | | | | | |
| | 2 | 8 | | | | | | |
| 7 | | 9 | 3 | | | | | |
| | 4 | | | | 6 | | | |
| | | 2 | | 5 | 9 | | | 8 |
| | 8 | | | | 7 | 1 | | 2 |
| | 1 | | 4 | | | 3 | | |
| | | | 1 | 2 | | 4 | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 9 | 4 | 5 | 2 | 7 | 8 | 1 |
| 1 | 8 | 5 | 9 | 6 | 7 | 2 | 4 | 3 |
| 2 | 7 | 4 | 3 | 1 | 8 | 9 | 6 | 5 |
| 9 | 4 | 1 | 2 | 8 | 6 | 5 | 3 | 7 |
| 5 | 2 | 7 | 1 | 3 | 4 | 8 | 9 | 6 |
| 8 | 6 | 3 | 7 | 9 | 5 | 1 | 2 | 4 |
| 7 | 9 | 8 | 5 | 4 | 3 | 6 | 1 | 2 |
| 4 | 1 | 2 | 6 | 7 | 9 | 3 | 5 | 8 |
| 3 | 5 | 6 | 8 | 2 | 1 | 4 | 7 | 9 |

ଗତକାଲିର ଉତ୍ତର


# ଡିଜିଟାଲ ମହାମାରୀ



ପ୍ରକାଶ ତ୍ରିପାଠୀ

ଜୁଲାଇ ୧୯ରେ ବିଶ୍ୱବ୍ୟାପୀ କମ୍ପ୍ୟୁଟର ଅଚଳ ହୋଇପଡ଼ିବା ଯୋଗୁ ସବୁକିଛି ଠପ୍ ହୋଇଗଲା। ବିମାନ ଚଳାଚଳ, ବ୍ୟାଙ୍କସେବା, ସ୍ୱାସ୍ଥ୍ୟସେବା, ରେଳ ଚଳାଚଳରେ ବିଭ୍ରାଟ ସୃଷ୍ଟିହେବା ସହ ପୁଞ୍ଜି ବଜାରରେ ପ୍ରଭାବ ପଡ଼ିଲା। ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ସର୍ବାଧିକ ବ୍ୟବହୃତ ମାଇକ୍ରୋସଫ୍ଟ ସଫ୍ଟୱେରରେ ତ୍ରୁଟି ଦେଖାଯିବା ଯୋଗୁ ବିଶ୍ୱବ୍ୟାପୀ ଏପରି ଅଚଳାବସ୍ଥା ସୃଷ୍ଟିହେଲା ବୋଲି କୁହାଯାଉଛି। ସମ୍ପ୍ରତି ଆମର ଜୀବନ, ରୋଜଗାର, ସଫଳତା, ପରିଚୟ ସବୁକିଛି କମ୍ପ୍ୟୁଟର ସହ ଯୋଡି ହୋଇଯାଇଛି। ଜୁଲାଇ ୧୯ର ବିଶ୍ୱର ଏହି ସର୍ବବୃହତ ସମସ୍ୟାକୁ କୁହାଯାଉଛି ଗ୍ଲୋବାଲ ଟେକ୍‌ନିକାଲ ପ୍ରୋବ୍ଲେମ। ମାଇକ୍ରୋସଫ୍ଟ ସଫ୍ଟୱେରରେ ଏକ ତ୍ରୁଟି ଦେଖାଗଲା ଓ ତା' ପରେ ୧୭୦ ଦେଶର ୮୫ ଲକ୍ଷ କମ୍ପ୍ୟୁଟର ଅଚଳ ହୋଇଗଲା। ଏହା ଥିଲା ଡିଜିଟାଲ ମହାମାରୀର ଏକ ଛୋଟ ନମୁନା। ଏହି ତ୍ରୁଟି ସାଇବର ଆକ୍ରମଣଜନିତ ନୁହେଁ, ବରଂ କ୍ରାଉଡ ଷ୍ଟ୍ରାଇକବଗର ପ୍ରଭାବ ବୋଲି ମାଇକ୍ରୋସଫ୍ଟ ପକ୍ଷରୁ କୁହାଯାଇଛି। ଏହି ଗଡ଼ବଡ଼ ପଛରେ ମାନବୀୟ ତ୍ରୁଟିକୁ ଦାୟୀ କରାଯାଉଛି, ମାତ୍ର ଏହା ଭବିଷ୍ୟତ ପାଇଁ ଏକ ସତର୍କ ଘଣ୍ଟି। ଆମେ ସମସ୍ତେ ଜାଣିଛୁ ଯେ କମ୍ପ୍ୟୁଟରକୁ ଯେପରି କୌଣସି ଭାଇରସ୍ ନ ଆସେ ବା କୌଣସି ସାଇବର ଆକ୍ରମଣ ନ ହୁଏ, ସେଥିପାଇଁ କମ୍ପ୍ୟୁଟରରେ ଆଣ୍ଟି ଭାଇରସ୍ ରଖାଯାଏ। ଏକ କମ୍ପାନୀ ଅଛି ଯାହାର ନାମ କ୍ରାଉଡଷ୍ଟ୍ରାଇକ ଫାଲକନ, ଯାହାର ମୁଖ୍ୟ କାର୍ଯ୍ୟାଳୟ ଆମେରିକାସ୍ଥିତ ଅଷ୍ଟିନରେ। ଏହା ସାଇବର ଆକ୍ରମଣ ବା ଯେ କୌଣସି ଭାଇରସ୍ ଉପସ୍ଥିତିର ସଙ୍କେତ ଓ ସୁରକ୍ଷା ଦେଇଥାଏ। ଏହି କମ୍ପାନୀରେ କାର୍ଯ୍ୟରତ ଦଶ ହଜାରରୁ ଉର୍ଦ୍ଧ୍ୱ ବୈଷୟିକ କର୍ମଚାରୀଙ୍କ ମଧ୍ୟରୁ ଜଣେ ସଫ୍ଟୱେରକୁ ଅପଡେଟ ପ୍ରସ୍ତୁତ କଲେ ଓ ଏହାକୁ ବିସ୍ତାରିତ କରିଦେଲେ ଯାହାକୁ କି ଲୋକମାନେ ଗ୍ରହଣ କରିନେଲେ। ଏହାପରେ କମ୍ପ୍ୟୁଟରର ସ୍କ୍ରିନ ନୀଳ ହୋଇଗଲା ଯାହାକୁ କି କମ୍ପ୍ୟୁଟର ଭାଷାରେ ବ୍ଲୁ ସ୍କ୍ରିନ୍ ଅଫ୍ ଡେଥ୍ କୁହାଯାଏ। ଏହା ପରେ କମ୍ପ୍ୟୁଟର ସମ୍ପୂର୍ଣ୍ଣ ଅଚଳ। ମାଇକ୍ରୋସଫ୍ଟ ଅପରେଟିଂ ସିଷ୍ଟମ ବିଶ୍ୱରେ ସର୍ବାଧିକ ବ୍ୟବହୃତ ହୁଏ ଓ କ୍ରାଉଡ ଷ୍ଟ୍ରାଇକ ଫାଲକନ କମ୍ପାନୀ ମାଇକ୍ରୋସଫ୍ଟ କମ୍ପାନୀର ସାଇବର ସୁରକ୍ଷା ଦାୟିତ୍ୱରେ ରହିଛି। କଥାରେ ଅଛି, ଯଦି ବାଡ଼ ଫସଲ ଖାଇବ, ତେବେ ଫସଲକୁ କିଏ ରକ୍ଷା କରିବ। ଠିକ୍ ଏହି ଘଟଣା ମାଇକ୍ରୋସଫ୍ଟ କ୍ଷେତ୍ରରେ ହେଲା, ଯାହାର ପରିଣାମ ସମଗ୍ର ବିଶ୍ୱ ଭୋଗିଲା। ଯଦି ଏହା କୌଣସି ସାଇବର ଅପରାଧ ହୋଇଥାନ୍ତା ତେବେ ଏତେ ଚିନ୍ତା କରିବାର ଆବଶ୍ୟକତା ନ ଥାନ୍ତା। କରଣ ସାଇବର ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ଅନେକ ବ୍ୟବସ୍ଥା ଅଛି। କିନ୍ତୁ ଏହି ତ୍ରୁଟି ସାଇବର ଅପରାଧକୁ ରୋକିବା ବ୍ୟବସ୍ଥାରୁ ହିଁ ସୃଷ୍ଟି ହେଲା ଯାହାକୁ କି ଆତ୍ମଘାତୀ କୁହାଯାଇପାରେ।

ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଯଦି କିଛି ସମୟ ପାଇଁ କମ୍ପ୍ୟୁଟର ଅଚଳ ହୋଇଗଲା ତେବେ ସାଧାରଣ ମଣିଷଟିଏ କାହିଁକି ହଇରାଣ ହେବ। କିନ୍ତୁ ଏହା ସତ୍ୟ ଯେ ବର୍ତ୍ତମାନ ସମୟରେ ଆମେ ସଭିଏ କମ୍ପ୍ୟୁଟର ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ। କୃଷି କ୍ଷେତ୍ରରେ କାମ କରୁଥିବା ଶ୍ରମିକଠାରୁ ଆରମ୍ଭକରି ମେଟ୍ରୋ ସିଟିରେ ସଫ୍ଟୱେରରେ କାର୍ଯ୍ୟ କରୁଥିବା ଇଞ୍ଜିନିୟର ସମସ୍ତେ ଏହା ଦ୍ୱାରା କବଳିତ । ବ୍ୟାଙ୍କିଙ୍ଗ୍, ରେଲ୍‌ୱେ, ସ୍ୱାସ୍ଥ୍ୟ, ବିମାନ ଚଳାଚଳ, ଆଧାର କାର୍ଡ, ବିଜୁଳି ସେବା ଓ ପ୍ରତିରକ୍ଷା ବ୍ୟବସ୍ଥା ସହ ଟେଲିଭିଜନ ପ୍ରସାରଣ,



ମୋବାଇଲ ଫୋନ ଆଦି ପ୍ରତ୍ୟେକ କ୍ଷେତ୍ର କମ୍ପ୍ୟୁଟର ସହ ଯୋଡି ହୋଇରହିଛି। ଏହି ସବୁ କ୍ଷେତ୍ରରେ ବ୍ୟବହୃତ କମ୍ପ୍ୟୁଟରକୁ ନିୟନ୍ତ୍ରଣ କରୁଛି ମାଇକ୍ରୋସଫ୍ଟ କମ୍ପାନୀ। କମ୍ପ୍ୟୁଟର ନ ଥିଲା ବେଳେ ଏହିସବୁ କାମ ଚଳୁଥିଲା। କିନ୍ତୁ ଏହିସବୁ ସେବା ବ୍ୟବସ୍ଥାକୁ ସହଜ ଓ ସରଳ କରିବା ପାଇଁ ସମୟକ୍ରମେ କମ୍ପ୍ୟୁଟର ଉପଯୋଗ କରାଗଲା। ବିଭିନ୍ନ ସଫ୍ଟୱେର ବିକଶିତ ହେଲା। ବର୍ତ୍ତମାନ ସମଗ୍ର ବିଶ୍ୱ ଏହି ସଫ୍ଟୱେର ଉପରେ ନିର୍ଭରଶୀଳ ଓ ଏହିସବୁ ସଫ୍ଟୱେର ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ନୁହେଁ। ଯଦି ସାମାନ୍ୟ ତ୍ରୁଟି ପାଇଁ ସମଗ୍ର ବିଶ୍ୱରେ ଅଚଳାବସ୍ଥା ସୃଷ୍ଟି ହୋଇପାରୁଛି, ତେବେ ଭବିଷ୍ୟତରେ ସାଇବର ଅପରାଧ ଯୋଗୁ ଏହି ଘଟଣା ଅଧିକ ତୀବ୍ର ହୋଇପାରେ ବୋଲି ଆଶଙ୍କା କରାଯାଇପାରେ। ଯେ କୌଣସି ଆପରାଧିକ ସଂଗଠନ କୌଣସି ଦେଶର କମ୍ପ୍ୟୁଟର ସିଷ୍ଟମ୍‌କୁ ଅଚଳ କରି ସେମାନଙ୍କର ଦାବି ଉପସ୍ଥାପନ କରିପାରନ୍ତି। ପାଠକଙ୍କର ମନେଥିବ ଜାପାନର ଭୟଙ୍କର ସୁନାମି ବେଳର କଥା। ସେଠାରେ ଅନେକଙ୍କର ଘର ଡିଜିଟାଲ ତାଲାରେ ବନ୍ଦ ହୋଇଥାଏ। ସୁନାମି ବେଳେ ସେଠାରେ ବିଜୁଳି ଚାଲିଗଲା ଓ ଲୋକମାନଙ୍କର ସ୍ୱୟଂଚାଳିତ ଘର ଆଉ ଖୋଲି ପାରି ନ ଥିଲା। ଯାହା ଦ୍ୱାରା ଲୋକମାନେ ଘର ଭିତରକୁ ପ୍ରବେଶ କରିପାରି ନ ଥିଲେ କି ଘରୁ ବାହାରକୁ ଆସିପାରି ନ ଥିଲେ। ହଜାର ହଜାର ଲୋକ ପାଣିରେ ଭାସିଗଲେ।

ଆଜିର ମଣିଷ ନିଜର କାର୍ଯ୍ୟକୁ ସହଜ, ସରଳ ତଥା ନିଜର ସୁଖପ୍ରଦ ଜୀବନ ପାଇଁ ବୈଷୟିକ ଜ୍ଞାନ କୌଶଳକୁ ବିକଶିତ କରୁଛି। ଏବେ ତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତାକୁ ପ୍ରୟୋଗ କରି ନିଜକୁ ମଣିଷ ସମ୍ପୂର୍ଣ୍ଣ ଅଚଳ କରିବାକୁ ବସିଲାଣି। ଟେକ୍ନୋଲୋଜି ଡାଳେ ଡାଳେ ଗଲେ କମ୍ପ୍ୟୁଟର ଭାଇରସ୍ ଓ ସାଇବର ଅପରାଧୀ ପତ୍ରେ ପତ୍ରେ ଯାଉଛନ୍ତି। ଏହାର ପ୍ରମାଣ ହେଉଛି ବିଶ୍ୱବ୍ୟାପୀ କ୍ରମାଗତ ବୃଦ୍ଧି ପାଉଥିବା ସାଇବର ଅପରାଧ। ପ୍ରକାଶ ଯୋଗ୍ୟ ଯେ ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୩୦ କୋଟି ବ୍ରାଣ୍ଡେଡ୍ କମ୍ପ୍ୟୁଟର ବିକ୍ରୟ ହେଉଛି ଓ ଏହାର ଅନେକ ଗୁଣ ସ୍ମାର୍ଟ ମୋବାଇଲ ଫୋନ ବିକ୍ରି ହେଉଛି। ବିଶ୍ୱର ପ୍ରାୟ ୯୦ ପ୍ରତିଶତ କମ୍ପାନୀ ମୁଖ୍ୟ ସର୍ଭର ସହ ଯୋଡି ହୋଇରହିଛନ୍ତି। ବ୍ୟାଙ୍କଠାରୁ ଆରମ୍ଭ କରି ପ୍ରତିରକ୍ଷା ବିଭାଗ ସବୁ କିଛି ସର୍ଭର ସହ ଯୋଡି ହୋଇରହିଛି ଓ ନିୟମିତ ଅପ୍‌ଡେଟ୍ ହେଉଛି। ଏଥିରେ ସାମାନ୍ୟ ତ୍ରୁଟି ପରିଲକ୍ଷିତ ହେଲେ ତାହା ଗୁରୁତର ବିଭ୍ରାଟ ସୃଷ୍ଟି କରିପାରେ। ପ୍ରକାଶଯୋଗ୍ୟ ଯେ ସାଇବର ଆକ୍ରମଣରେ ଜର୍ଜରିତ ହେଉଥିବା ଦେଶ ମଧ୍ୟରେ ଭାରତ ଏକ ଅଗ୍ରଣୀ ଦେଶ। ଆପ୍ଲିକେଶନ ସୁରକ୍ଷା କମ୍ପାନୀ ଇଣ୍ଡସଫେସ୍ ରିପୋର୍ଟ ଅନୁଯାୟୀ ୨୦୨୩ରେ ଭାରତୀୟ ୱେବ୍‌ସାଇଟ ଓ ଆପ୍ସ ଉପରେ ଦୈନିକ ପ୍ରାୟ ୧କୋଟି ସାଇବର ଆକ୍ରମଣ ହୋଇଥାଏ। ବିଶେଷ କରି ଉତ୍ତର କୋରିଆ ଓ ଚାଇନାର ହ୍ୟାକରମାନେ ଅଧିକାଂଶ ଅପରାଧ ଘଟାଇଥାନ୍ତି। ଚିନ୍ତାଜନକ କଥା ହେଲା ଭାରତର ୪୦ ପ୍ରତିଶତ କମ୍ପାନୀ ସାଇବର ଅପରାଧକୁ ରୋକିବାରେ ସଫଳ ନୁହନ୍ତି।

ସାଇବର ଅପରାଧକୁ ଡରି କେତେ ଦସ୍ତାବିଜର ନକଲ ରଖିବା, ଘରେ ଓ କାର୍ଯ୍ୟାଳୟରେ କେତେ ବ୍ୟାକ୍‌ଅପ୍ ରଖିବା। ଚିନ୍ତାଜନକ କଥା ହେଲା ଯଦି ଏହିପରି ସଫ୍ଟୱେର ଆକ୍ରମଣ ବା ତ୍ରୁଟି ଅବ୍ୟାହତ ରୁହେ, ତେବେ ଷ୍ଟାର ୱାର ସିନେମାର ପ୍ରତିଟି ଦୃଶ୍ୟ ଭବିଷ୍ୟତରେ ବାସ୍ତବ ରୂପ ନେଇପାରେ। ଯୁଦ୍ଧ ମଇଦାନରେ ନୁହେଁ, କମ୍ପ୍ୟୁଟରରେ ହେବ। ଏଥିପାଇଁ ଆମେ କେତେ ପ୍ରସ୍ତୁତ? ଆମେ ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ଆମର ଶକ୍ତିକୁ କମ୍ପ୍ୟୁଟର ପରିଚାଳନା କରିବ। ଆଉ କମ୍ପ୍ୟୁଟର ଯଦି ବିଶ୍ୱାସଘାତକତା କରେ? ବିଶିଷ୍ଟ ବିଜ୍ଞାନୀ ଷ୍ଟିଫେନ ହାକିଂ ଠିକ୍ କହିଥିଲେ। ସେ କହିଥିଲେ ଯେ ପର୍ଯ୍ୟନ୍ତ ମାନବ ଜାତି ନିଜର ଜେନେଟିକ ମେକ୍‌ଅପ୍ ଓ ଡିଏନ୍‌ଏକୁ ବଦଳ କରି ନିଜର ନୂତନ ଡିଜାଇନ ନ କରିଛି, ତେବେ ଏହା ନିଶ୍ଚିତ ଯେ କମ୍ପ୍ୟୁଟର ପ୍ରସ୍ତୁତ ରୋବ ଆମର ଦୁନିଆକୁ ଦିନେ କବ୍‌ଜା କରିଦେବ।

ମୋ: ୯୪୩୭୨୩୨୪୬୩

# ହାଣ୍ଡି ଉପରେ ମାଡ଼



ଧ୍ରୁବ ଚରଣ ଘିବେଲା

ସାଧାରଣତଃ ଭୁଲ କାମ ପାଇଁ ମାଡ଼ ଥାଏ। ମାଡ଼ ବସେ। ପିଲାଙ୍କ କାନମୋଡି ପିଲାଙ୍କ ଗାଲରେ ସରୁ ଚଟକଣି ବସାଇ ଦୁଷ୍ଟ ନ ହେବା ପାଇଁ ପିଲାଙ୍କୁ ଆକଟ କରିବାକୁ ଚେଷ୍ଟା କରନ୍ତି ମା'ବାପା ଗୁରୁଜନ। ମା'ଙ୍କ ଗାଳିମାଡ଼ ପିଲାଙ୍କ ପାଇଁ ଦାଣ୍ଡର ଧୂଳି ଚନ୍ଦନ ଭଳି। ବାପାଙ୍କ ଅଭିଭାବକପଣିଆ ଅନୁଭୂତ ହୁଏ ପିଲାଙ୍କୁ ମାଡ଼ ଦେଇ ଆକଟ କରିବାରେ । ସେ ମାଡ଼ ପିଲାଙ୍କୁ ଠିକ୍ ବାଟକୁ ବି ଆଣିଥାଏ। ମାଡ଼କୁ ନେଇ ସେମିତି ଲେଖାଯାଇଛି ଅନେକ ଲେଖା, ଅନ୍ୟକୁ କେବଳ ସୁଧାରିବା ପାଇଁ। କୁହାଯାଏ ସେମିତି ଅନେକ କଥା। ତନ୍ମଧ୍ୟରେ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ କାଳଜୟୀ ସୃଷ୍ଟି 'ମାଡ଼ହାଣ୍ଡି କଥା' ଉଲ୍ଲେଖଯୋଗ୍ୟ। ସେଇ ମାଡ଼ହାଣ୍ଡିର କାହାଣୀ ଯିଏ ପଢ଼ିଛି, ସେ ନିଶ୍ଚୟ ନ ହସି ରହି ନ ଥିବେ। ମାଡ଼କୁ ନେଇ ଆଜି ବି ଲେଖାଚାଲିଛି ଗୀତ, କବିତା, ପ୍ରବନ୍ଧ ଗଳ୍ପ। ଆମ ପିଲାବେଳେ ସ୍କୁଲରେ ଯେଉଁ ମାଡ଼ ଥିଲା, ଏବେ ସେ ମାଡ଼ ଆଉ ନାହିଁ ସ୍କୁଲରେ। ସ୍କୁଲସବୁକୁ କରାଯାଇଛି 'ଦଣ୍ଡମୁକ୍ତ ଅଞ୍ଚଳ'। ସେଠି ପିଲାଙ୍କ ପିଠିରେ ପାହାର ବସିବା ପୁରା ମନା ହୋଇଛି। ଏ କଥା ବି ମିଛ ନୁହେଁ ମାଡ଼ ଉଠିଯାଇଥିବାରୁ କିଛି ପିଲା ଖୁବ୍ ଅମନଯୋଗୀ ରହନ୍ତି ଆଜିର ଦିନରେ। ଗୋପାଳ ଚନ୍ଦ୍ରଙ୍କ ମାଡ଼ହାଣ୍ଡି କାହାଣୀରେ ହାଣ୍ଡି ଉପରେ ମାଡ଼ ପଡ଼ିନି, ହେଲେ ହାଣ୍ଡି ଭିତରେ ଢଙ୍କାଯାଇ ହାଣ୍ଡି ମୁହଁ ବନ୍ଦ କରି ରଖାଯାଇଥିଲା ବିବିଧ ପ୍ରକାର ମାଡ଼(ମାଡ଼କୁ ହାଣ୍ଡିରେ ରଖାଯିବା ସମ୍ଭବ କେବଳ ଗପରେ)। ଅଳସୁଆ ପୁଅ ପୂର୍ବଭଳି ଢଙ୍କାଯାଇ ରଖାଯାଇଥିବା ମହମହ ସ୍ୱାଦିଷ୍ଟ ଖାଦ୍ୟ ଆଶାରେ ଯେତେବେଳେ ପାଣିରେ ଭାସୁଥିବା ହାଣ୍ଡିକୁ ଆଣି ହାଣ୍ଡିମୁହଁକୁ ଖୋଲି ଦେଇଛି ତା'ପରେ ବିବିଧ ପ୍ରକାର ମାଡ଼ହାଣ୍ଡି ଭିତରୁ ବାହାରି ଆସି ଅଳସୁଆ ଉପରେ ଦୁଲ୍‌ଦାଲ୍,ଠୋ ଠା ଲଦି ଦେଇଥିଲେ। ଖାଦ୍ୟ ଲୋଭରେ ପୁଅ ଭଲ କରି ପାଇଲା ପାନେ। ତଥାପି ହାଣ୍ଡି ମୁହଁକୁ ତରବରରେ ବାନ୍ଧି ଦେବାରୁ ଅଧିକ ମାଡ଼ ଖାଇବାରୁ ଅଳସୁଆ ବର୍ତ୍ତିଗଲା। ଆଉ ସେଇ ହାଣ୍ଡିକୁ ନେଇ ଘର କୋଣରେ ରଖିଦେଲା ଯେମିତି ଆଗରୁ ରଖୁଥିଲା ବଳକା ଖାଦ୍ୟ ତା' ମାଆ ଖାଇବା ପାଇ। ଏଥରକ ତା' ମାଆର ଭାଗ୍ୟ ଭଲ। ସେ ଦେଖିବା ପୂର୍ବରୁ ଆଗରୁ ଘର ଭିତରେ ଲୁଚିଛପି ରହିଥିବା ଭୋକିଲା ଚୋର ଦଳଙ୍କ ନଜରରେ ସେ ହାଣ୍ଡିଟା ପଡ଼ିଲା। ସେମାନେ ଖାଦ୍ୟ ଥିବ ଭାବି ହାଣ୍ଡିର ବନ୍ଧଥିବା ମୁହଁକୁ ଖୋଲିଦେବାରୁ ବିଧା, ଚାପୁଡ଼ା ଗୋଇଠା ଆଦି ବିଭିନ୍ନ ପ୍ରକାର ମାଡ଼ ଚୋରମାନଙ୍କ ଉପରେ ନିର୍ଘାତ ହେଲା। ଚୋର ଦଳ ଚୋରି କରିଥିବା ମୂଲ୍ୟବାନ ଜିନିଷ ସବୁକୁ ସେଠି ଛାଡ଼ିଦେଇ ଜୀବନ ବିକଳରେ ସେଠୁ ଦୌଡ଼ି ପଳାଇଥିଲେ। ମାଆ ପୁଅ ଭାଗ୍ୟରେ ଲେଖାଥିବା ଚୋରି ସମ୍ପତ୍ତି ପାଇ ତା'ପରେ ଖୁସିରେ ଚଳିଥିଲେ। ଏହା ହେଉଛି ମାଡ଼ହାଣ୍ଡିର କଥାବସ୍ତୁ। କାହାଣୀ ବର୍ଣ୍ଣିତ ହାଣ୍ଡିଭର୍ତ୍ତି ବିବିଧ ମାଡ଼ ଅଳସୁଆ ପୁଅ ଓ ଚୋର ଦଳକୁ ଯାହା ଖୁବ୍ ଛେଚିଥିଲେ ।

ଏବେ ପୁଣି ହାଣ୍ଡି ଉପରେ ମାଡ଼ ପଡ଼ିବା ନେଇ ଚର୍ଚ୍ଚା ହୁଏ। ମାଡ଼ ମାନେ ମହଙ୍ଗା ମାଡ଼। ହାଣ୍ଡି ଉପରେ ଠେଙ୍ଗା ମାଡ଼ କରାଗଲେ ତ ହାଣ୍ଡି ଭାଙ୍ଗି ଖପରାରେ ପରିଣତ ହେବ। ଏଠି (ଗ୍ୟାସ୍) ହାଣ୍ଡି ଦର ବଢୁଛି। ହାଣ୍ଡିରେ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ ପାଇଁ ଲୋଡ଼ା ସାମଗ୍ରୀ ଦର ବି ବେଲଗାମ ବଢ଼ିଚାଲିଛି। ସବୁଠୁ ବେଶି ମହଙ୍ଗା ମାଡ଼ ସହୁଛନ୍ତି ଗରିବଗୁରୁବା। ଚାକିରିଆଙ୍କୁ ହେଲେ ମିଳୁଛି ମହଙ୍ଗା ଭତ୍ତା। ତାଙ୍କର ନ ଥାଏ ଏତେ ଦରବୃଦ୍ଧି ଚିନ୍ତା। ତିନିଶହ ଚାରିଶହ ଟଙ୍କାର ପରିବା ବ୍ୟାଗଭର୍ତ୍ତି ହୋଇପାରୁନି। ଆଳୁ ବି ପହଞ୍ଚ ହୋଇପାରେନି କେତେକଙ୍କ ପାଇ। ବଜାରରେ ଦୋକାନୀ ଦର ଡାକୁଛନ୍ତି କେଜି ଦରରେ ନୁହେଁ, ପାଏ ହିସାବରେ। ପାଏ କୋଡ଼ିଏ ପଚିଶ କହିଲେ ଗ୍ରହଣୀୟ ହୁଏ। କେଜି ଅଶୀ ଶହେ କହିଲେ ମନରେ ଛନକା ପଶେ। ଯଦିଚ ପାଏକୁ କୋଡ଼ିଏ ଯାହା, କେଜିକୁ ଅଶୀ ଦର ତାହା। ଖାଲି କେଜି ଦରକୁ ମନ ଛୁଏଁନି, ପାଏକୁ ଛୁଏଁ ଗ୍ରହଣ କରେ। ଯେମିତି ବାଟା କମ୍ପାନୀ ଚପଲ ଦର ରଖେ ୯୯,୧୯୯,୨୯୯,୩୯୯,୪୯୯ ଟଙ୍କା। ଶହେ ଓ ଅନେଶତ ଭିତରେ ବିଶେଷ କିଛି ଫରକ ଅଛି ନା ଏବେ ନିକିତି ତଉଲା ଜୀବନ ପାଏକୁ ଖସି ଆସିଛି ପ୍ରାୟତଃ ତଳତଳିଆ ନ ଥିଲାବାଲାଙ୍କ ପାଇ। ବରଂ ବଡ଼ ବଡ଼ ଥିଲାବାଲାଙ୍କ ପାଇଁ କେଜି ଅଛୁଆଁ ହୁଏନି। ଜାଳେଣି ଗ୍ୟାସ ହାଣ୍ଡି ଦର କମୁନାହିଁ। ଏମିତି ବିଭିନ୍ନ ହାଣ୍ଡି ଯଥା ରୋଷେଇ ହାଣ୍ଡି, ଗ୍ୟାସ୍ ହାଣ୍ଡି, ଗାଡ଼ିର ଇଞ୍ଜିନ ହାଣ୍ଡି ଉପରେ ମହଙ୍ଗା ମାଡ଼ ବଢ଼ିଚାଲିଛି ସିନା କମିବାର ନାଁ ନାହିଁ।

**ବଉଦରାଜ, ଜି. ବୌଦ୍ଧ**
**ମୋ:୯୪୩୭୪୭୮୪୬୬**

## ଚିରନ୍ତନୀ

ତଥାପି ଏ ଦେହ ସମ ହେଲା ତାହା ପ୍ରିୟ ତ
ତଥାପି ଏ ପାପ ଆଖି ଖୋଜିବୁଲେ ନିୟତ
ଖୋଜିବୁଲେ ଦେଖିବାକୁ ପରିଚିତ ମୁଖଟି
ଦେଖିବାକୁ ସୁକୁମାର ସେ ରୂପରୁ କିୟତ।
–(ପଥର ପ୍ରେମିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜବରଦଖଲ ଉଚ୍ଛେଦ ହେଉ

ମହାଶୟ,

କଟକ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଶିଶୁ ବିଭାଗ ପ୍ରତିଷ୍ଠାନ ଫାଟକ ସମ୍ମୁଖକୁ ଅନେକ ବ୍ୟକ୍ତି ଜବରଦଖଲ କରିଛନ୍ତି। ଏହା ଯୋଗୁ ଆମ୍ବୁଲାନ୍ସ ଯିବା ଆସିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ପ୍ରବେଶ ପାଇଁ ଉଭୟ କାଠଯୋଡ଼ି ପାର୍ଶ୍ୱ ତଥା ଲାଲ୍‌ବାଗ ଥାନା ସମ୍ମୁଖ ଫାଟକ ରହିଛି। ଏଥିପ୍ରତି ପ୍ରତିଷ୍ଠାନର ଉଚ୍ଚ କର୍ତ୍ତୃପକ୍ଷ ଏବଂ ପ୍ରଶାସନ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ବିଳମ୍ବ ନ କରି ତୁରନ୍ତ ଜବରଦଖଲକାରୀଙ୍କୁ ହଟାଇ ପ୍ରବେଶପଥକୁ ଅବରୋଧମୁକ୍ତ କରାଗଲେ ଯାତାୟାତ ସୁଗମ ହୋଇପାରନ୍ତା।

–ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବସ୍‌ରେ ଯୁବତୀଙ୍କୁ ଅସଦାଚରଣ, ଯୁବକ ଗିରଫ

ବଡ଼ବିଲ,୭।୮
(ଦେବପ୍ରିୟ ରଣା)

କେନ୍ଦୁଝରରୁ ବଡ଼ବିଲ ଆସୁଥିବା ଏକ ଯାତ୍ରୀବାହୀ ବସ୍‌ରେ ଜଣେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ବଡ଼ବିଲ ବସ୍‌ଷ୍ଟାଣ୍ଡରୁ ଗିରଫ କରିଛି। ଅଭିଯୁକ୍ତ ଜଣକ ଭଦ୍ରକ ଜିଲା ଧୁଷୁରି ଥାନା ଅନ୍ତର୍ଗତ ସୁନ୍ଦରପୁର ଗ୍ରାମର ସତ୍ୟବ୍ରତ ନାୟକ। ସେ ବଡ଼ବିଲ ଥାନା ରାଜୀବ ବିହାର ଅଞ୍ଚଳର ଏକ ଘରୋଇ କମ୍ପାନୀର ଗେଷ୍ଟ ହାଉସ୍‌ରେ ରହି କାମ କରୁଛନ୍ତି।

ସୂଚନା ଅନୁଯାୟୀ, କେନ୍ଦୁଝରରୁ ଆସୁଥିବା ବର୍ଷା ନାମକ ଯାତ୍ରୀବାହୀ ବସ୍‌ରେ ମଙ୍ଗଳବାର ଅପରାହ୍ନ ୨ଟା ୪୫ ରେ ବଡ଼ବିଲ ଅଞ୍ଚଳର ଜଣେ ଯୁବତୀ ରିମୁଲିରୁ ଚଢ଼ିଥିଲେ। ବସ୍‌ରେ ୨ ଟିକିଆ ସିଟ୍ ଥିବାବେଳେ ଗୋଟିଏ ସିଟ୍ ଖାଲିଥିବାରୁ ଯୁବତୀ ଜଣକ ବସିଥିଲେ। ସିଟକୁ ଲାଗିଥିବା ସିଟ୍‌ରେ ପୂର୍ବରୁ ବସିଥିବା ଅଭିଯୁକ୍ତ ଜଣକ ଯୁବତୀ ବସିବା ପରଠାରୁ ଅସଦ ବ୍ୟବହାର କରିଥିଲେ। ପରବର୍ତ୍ତୀ ସମୟରେ ଯୁବତୀ ବସ୍ କଣ୍ଡକ୍ଟରଙ୍କୁ କହି ସିଟ୍ ବଦଳାଇ ଥିଲେ ହେଁ ଅଭିଯୁକ୍ତ ଯୁବତୀଙ୍କ ସମ୍ମୁଖକୁ ଯାଇ ଛିଡ଼ାହୋଇ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏ ସମ୍ପର୍କରେ ଯୁବତୀ ଜଣକ କଣ୍ଡକ୍ଟର ଓ ନିଜ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ବସ୍‌ଟି ବଡ଼ବିଲସ୍ଥିତ ପୁରୁଣା ବସ୍‌ଷ୍ଟାଣ୍ଡରେ ପହଞ୍ଚିବା ବେଳକୁ ପୂର୍ବରୁ ଛକି ରହିଥିବା ଯୁବତୀଙ୍କ ପରିବାର ଓ ପୋଲିସ ଅଭିଯୁକ୍ତଙ୍କୁ କାବୁ କରିନେଇଥିଲେ। ପରେ ଯୁବତୀ ଜଣକ ଲିଖିତ ଅଭିଯୋଗ କରିବା ପରେ ବଡବିଲ ପୋଲିସ ଏକ ମାମଲା(ନଂ. ୨୩୯/୨୪) ରୁଜୁ କରିଥିଲା। ପୋଲିସ ବୁଧବାର ଅଭିଯୁକ୍ତଙ୍କୁ ବଡ଼ବିଲ କୋର୍ଟଚାଲାଣ କରିଥିଲା। ଜାମିନ୍ ଆବେଦନ ଖାରଜ ହୋଇଥିବାରୁ ଅଭିଯୁକ୍ତଙ୍କୁ ବଡ଼ବିଲ ସବ୍‌ଜେଲକୁ ପଠାଯାଇଥିବା ଜଣାପଡ଼ିଛି।

# ଦେବୀ ନଦୀରେ ଭାସିଯାଇ ଯୁବକ ନିଖୋଜ

- ୨୪ ଘଣ୍ଟା ପରେ ବି ପତ୍ତା ମିଳିନି
- ଖୋଜାଖୋଜି କରୁଛି ଅଗ୍ନିଶମ ବାହିନୀ

ଅସ୍ତରଙ୍ଗ,୭।୮(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଗତ କିଛିଦିନ ଧରି ବର୍ଷା ଲାଗିରହିଛି। ଏଥିସହ ହୀରାକୁଦର ଗେଟ୍ ଖୋଲା ହେବା ପରେ ମହାନଦୀର ଶାଖା ଦେବୀ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ମଙ୍ଗଳବାର ଅପରାହ୍ନରେ ଦେବୀ ନଦୀକୁ ଶୌଚ ହେବାକୁ ଯାଇଥିବାବେଳେ ଜଣେ ଯୁବକ ଭାସି ନିଖୋଜ ହୋଇଯାଇଛନ୍ତି। ବୁଧବାର ସକାଳେ ଖବର ପାଇ ଅସ୍ତରଙ୍ଗ ଅଗ୍ନିଶମ ବାହିନୀର ୭ଜଣିଆ ଟିମ୍ ପହଞ୍ଚି ନଦୀରେ ଖୋଜାଖୋଜି ଆରମ୍ଭ କରିଥିଲେ। ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜାଖୋଜି ଜାରି ରଖିଥିଲେ ମଧ୍ୟ ତାଙ୍କ ପତ୍ତା ମିଳିପାରିନାହିଁ।


ଆଶିଷ ସେନାପତି

ସୂଚନା ମୁତାବକ, ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ ଅନ୍ତର୍ଗତ ଏଡ଼ବାଂଶ ଗ୍ରାମର ଶରତ ସେନାପତିଙ୍କ ପୁଅ ଆଶିଷ(୨୬) ମଙ୍ଗଳବାର ଅପରାହ୍ନ ୫ଟାରୁ ନିଖୋଜ ଅଛନ୍ତି। ସେ ଅପରାହ୍ନରେ ଗାଁରେ ବୁଲୁଥିବାବେଳେ ହଠାତ ଘରକୁ ଯାଇ ଏକ ଗାମୁଛା ଆଣି ବାହାରକୁ ଆସିଥିଲେ। ପରେ ଆଉ ଫେରି ନ ଥିଲେ। ରାତି ହେବାରୁ ମାଆ ଶାନ୍ତିଲତା ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ରାତି ୮ଟାରେ ଦେବୀ ନଦୀ କୂଳରେ ଆଶିଷଙ୍କ ଗାମୁଛା ଓ ଚପଲ ଥୁଆ ହୋଇଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସନ୍ଦେହ ଉପୁଜିଥିଲା। ସେ ଶୌଚ ହେବାକୁ ଯାଇ ଭାସିଯାଇଥିବା ଆଶଙ୍କା କରାଯାଉଛି। ବୁଧବାର ସକାଳୁ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ଏବଂ ଅଞ୍ଚଳବାସୀ ଦେବୀ ନଦୀରେ ଖୋଜାଖୋଜି କରିଥିଲେ। କିନ୍ତୁ ଦେବୀ ନଦୀରେ ଜଳସ୍ତର ବୃଦ୍ଧି ସହ ଅଣ୍ଡର କରେଣ୍ଟ ଥିବାରୁ ଅଗ୍ନିଶମ ବାହିନୀଙ୍କ ପକ୍ଷେ ଅତ୍ୟଧିକ ପାଣି ଭିତରକୁ ଯିବା କଷ୍ଟକର ହୋଇଥିଲା। ସକାଳ ୭ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଅଗ୍ନିଶମ କର୍ମଚାରୀ ଦେବୀ ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ଆଶିଷଙ୍କୁ ଠାବ କରାଯାଇପାରିନାହିଁ। ଅଗ୍ନିଶମ ଅଧିକାରୀ ପ୍ରହ୍ଲାଦ ରାୟ, ହାବିଲଦାର ତାପସ ରାଉତ, ଆଗ୍ନିକ ସୁବ୍ରତ ସାମଲ, ଶାରଦା ପ୍ରସନ୍ନ ସ୍ୱାଇଁ, ନିରଞ୍ଜନ ମାନସିଂ, ସଂଗ୍ରାମ ସ୍ୱାଇଁ, ଇନ୍ଦ୍ରଜିତ ସାହୁ ପ୍ରମୁଖ ଏହି ଟିମ୍‌ରେ ସାମିଲ ଥିଲେ। ଅପରପକ୍ଷରେ ଦେବୀ ନଦୀ ପ୍ରବାହିତ ହେଉଥିବା ଜଗତ୍‌ସିଂହପୁର ଅଞ୍ଚଳରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି।

# ଘର ଭାଙ୍ଗିଲା ହାତୀ: ଆଈ, ନାତି ଆହତ


ଡାକ୍ତରଖାନାରେ ଚିକିତ୍ସିତ ଆଈ, ନାତି।

କେନ୍ଦୁଝର,୭।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ରେଞ୍ଜ ପଳାଶପଙ୍ଗା ସେକ୍ସନ କମ୍ପଡିହି ବିଟ୍ ଅଧୀନ ଉପର କୁସୁମିତା ଗ୍ରାମରେ ହାତୀ ଏକ ଘର ଭାଙ୍ଗି ଦେଇଛି। ଫଳରେ କାନ୍ଥ ତଳେ ଚାପିହୋଇ ଆଈ, ନାତି ଆହତ ହୋଇଛନ୍ତି। ଆହତ ଦ୍ୱୟ ହେଲେ ଗ୍ରାମର ଆଈ ରଇବାରୀ ମୁଣ୍ଡା (୫୫) ଏବଂ ୮ ମାସର ନାତି ସୁଶାନ୍ତ ମୁଣ୍ଡା। ଆହତଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାକୁ ନେଇ ଉକ୍ତ ଅଞ୍ଚଳରେ ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି। ବନ ବିଭାଗ ହାତୀପଲର ଗତିବିଧି ଉପରେ ନଜର ରଖିବା ସହ ଲୋକଙ୍କୁ ସଚେତନ କରୁଛି।

ସୂଚନା ଅନୁଯାୟୀ, ବୁଧବାର ଭୋର ପ୍ରାୟ ୪ଟା ସମୟରେ ୨୬ ଟିକିଆ ହାତୀପଲ ଖାଦ୍ୟ ଅନ୍ୱେଷଣରେ କୁସୁମିତା ଗ୍ରାମରେ ପ୍ରବେଶ କରିଥିଲ। ଗାଁରେ ମାଠିଆ ମୁଣ୍ଡାଙ୍କ ଘରେ ହାଣ୍ଡିଆ ବାସ୍ନା ପାଇ ଏକ ଦନ୍ତା ହାତୀ ଘରର ମାଟି କାନ୍ଥ ଭାଙ୍ଗି ଦେଇଥିଲା। କାନ୍ଥ ଭାଙ୍ଗି ଘରେ ଶୋଇଥିବା ଆଈ ରଇବାରୀ, ନାତି ସୁଶାନ୍ତଙ୍କ ଉପରେ ପଡ଼ିଥିଲା। ଗାଁ ଲୋକଙ୍କ ପାଟି ଶୁଣି ହାତୀଟି ସ୍ଥାନ ଛାଡ଼ି ପଳାଇବାରୁ କାନ୍ଥ ତଳେ ଚାପି ହୋଇଥିବା ଆଈ ଏବଂ ନାତିଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ସଦର ରେଞ୍ଜ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳକୁ ଯାଇ ଉଭୟଙ୍କୁ ଚିକିତ୍ସା ପାଇଁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେମାନଙ୍କ ଅବସ୍ଥା ଭଲ ଅଛି। ସମସ୍ତ ଚିକିତ୍ସା ବ୍ୟବସ୍ଥା କରାଯାଇଛି ବୋଲି ରେଞ୍ଜ ଅଧିକାରୀ ଅଜିତ ଦାସ କହିଛନ୍ତି। ସୂଚନାଯୋଗ୍ୟ, ସଦର ରେଞ୍ଜରେ ୨୭ ହାତୀ ବୁଲୁଥିବା ସୂଚନା ମିଳିଛି। ସେଥିରୁ ୨୫ ଟିକିଆ ହାତୀପଲ ଗତ ୨ ଦିନ ହେବ ରାଇକଳା ସଂରକ୍ଷିତ ଜଙ୍ଗଲରୁ ନୟାଗଡ଼ ସଂରକ୍ଷିତ ଜଙ୍ଗଲକୁ ଚାଲି ଆସି କୁସୁମିତା ଏବଂ ଅନ୍ୟ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ହାତୀପଲ ନିୟମିତ ଗରିବ ଲୋକଙ୍କ ଘର ଭାଙ୍ଗି ଦେବା ସହ ଘରେ ସାଇତି ରଖିଥିବା ଚାଉଳ ଖାଇ ଦେଉଛନ୍ତି। କ୍ଷତିଗ୍ରସ୍ତ ପରିବାରଙ୍କୁ ଆର୍ଥିକ ସହାୟତା ଦେବା ସହ ଥଇଥାନ କରିବାକୁ ଦାବି ହେଉଛି।

# କୁକୁର କାମୁଡ଼ାରେ ୧୦ରୁ ଊର୍ଦ୍ଧ୍ୱ ଆହତ

ବାଉଁଶୁଣୀ,୭।୮
(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଅଞ୍ଚଳରେ ଗତ ୨ ଦିନ ମଧ୍ୟରେ ଏକ ପାଗଳା କୁକୁର କାମୁଡ଼ାରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ଫଳରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ବୁଧବାର ସନ୍ଧ୍ୟା ସମୟରେ ବାଉଁଶୁଣୀ ସୋନପୁରିଆପଡ଼ା ଗ୍ରାମର ନିରଞ୍ଜନ ମେହେର ଓ ମାନଭଞ୍ଜନ ମେହେର ଘରକୁ ଯିବା ସମୟରେ ଛକ ନିକଟରେ ଏହି ପାଗଳା କୁକୁର ମାନଭଞ୍ଜନଙ୍କ ହାତ ଓ ଆଖିକୁ କାମୁଡ଼ି ଦେଇଥିଲା। ସେହିପରି ସକାଳେ ବଡଦିଆପଡା ଗ୍ରାମର ବସନ୍ତ ମେହେରଙ୍କୁ କାମୁଡ଼ି ଦେଇଥିଲା। ଆହତ ବ୍ୟକ୍ତିଙ୍କୁ ପ୍ରଥମେ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବୌଦ୍ଧ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯଇଥିବା ସୂଚନା ମିଳିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଟିକି ସରି, ବାଞ୍ଝ ମାଇପ କି କୁଳକୁ ଶିରୀ ?**

କୁଳର ରକ୍ଷା ବା ବଂଶ ବୃଦ୍ଧି ପାଇଁ ଉତ୍ତରାଧିକାରୀ ଲୋଡ଼ା ପଡିଥାଏ। ପରନ୍ତୁ ସନ୍ତାନହୀନା ନାରୀ ଏ ଦିଗରେ ପ୍ରତିବନ୍ଧକ ସାଜୁଥିବା କାରଣରୁ ସମାଜରେ ଏପରି ଅପୁତ୍ରିକ ନାରୀ ନିନ୍ଦିତ ହେଉଥିବା ଅର୍ଥରେ ଏଭଳି କଟୁକ୍ତି ପ୍ରକାଶ କରାଯାଇଛି।

**ଅଳସୁଆ ଆଉ ତା' ଠଉଁ ନାହିଁ, କୁଟାକୁ ଦି' ଖଣ୍ଡ କରଇ ନାହିଁ।**

ଅତି ଅଳସୁଆ। ଏତେ ଅଳସୁଆ ଯେ କୁଟାକୁ ଦି' ଖଣ୍ଡ କରିବାକୁ ମଧ୍ୟ ଇଚ୍ଛା ନାହିଁ। କିଛି ବ୍ୟକ୍ତି କାମଦାମ ନ କରି ଖାଇପିଇ ଅୟସରେ ଦିନ ବିତାଇଥାନ୍ତି। କାମ କରିବା କଥା କହିଲେ ନାନା ବାହାନା ଦେଖାଇ କାମରୁ ମୁହଁ ଫେରାଇ ନେଇଥାନ୍ତି। କୌଣସି କାମରେ ଦେହ ନ ହଲେଇବା ଲୋକ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ୬ ବାର୍ ଡ୍ୟାନ୍ସରଙ୍କୁ ନିର୍ଯାତନା ....

ଏଜେଣ୍ଟ ଜ୍ୟୋତିପ୍ରକାଶ ସେମାନଙ୍କୁ ନେଇ ମୃତ୍ୟୁଞ୍ଜୟ ବିହାରରେ ରଖିଥିଲେ। ପ୍ରଥମେ କିଛି ଟଙ୍କା ଦେବାପରେ ଯୁବତୀମାନଙ୍କୁ ଆଉ ଟଙ୍କା ଦିଆଯାଇ ନ ଥିଲା। ତେଣୁ ସେମାନେ ଆଉ କାମ କରିବାକୁ ଅରାଜି ହୋଇଥିଲେ। ଏହାପରେ ଅଭିଯୁକ୍ତ ଦ୍ୱୟ ପୀଡ଼ିତାମାନଙ୍କୁ ଗାଳିଗୁଲଜ ଦେଇ ନିର୍ଯାତନା ଦେଇଥିଲେ। ଏପରିକି ହତ୍ୟା ଧମକ ଦେଇ ଅଟକ ରଖିଥିଲେ। ୩ଦିନ ଅଟକ ରହିଥିବା ପୀଡ଼ିତାମାନେ ଅସହାୟ ହୋଇ ହର୍ ଟିମ୍‌କୁ ଜଣାଇଥିଲେ। ସେମାନେ ଭିଡିଓ ପଠାଇବା ସହ କଲ୍ କରି ନିର୍ଯାତନାର କାହାଣୀ କହିଥିଲେ। ସୋମବାର-ମଙ୍ଗଳବାର ବିଳମ୍ବିତ ରାତିରେ ହର୍ ଟିମ୍ ଓ ଧଉଳି ଥାନାର ଏକ ମିଳିତ ଟିମ୍ ମୃତ୍ୟୁଞ୍ଜୟ ବିହାରସ୍ଥିତ ଉକ୍ତ ପିଜି ହଷ୍ଟେଲକୁ ଯାଇ କଷ୍ଟକର ସ୍ଥିତିରେ ଯୁବତୀମାନଙ୍କୁ ଉଦ୍ଧାର କରିଥିଲା। ଅନ୍ୟପକ୍ଷେ ଅଭିଯୁକ୍ତ ବାର୍ ମାଲିକ ଶିବପ୍ରସାଦ ଗଣମାଧ୍ୟମ ଜରିଆରେ କହିଛନ୍ତି, ଅଭିଯୋଗ ସବୁ ମିଛ। କୋର୍ଟ ଏହାର ବିଚାର କରିବ ବୋଲି ସେ କହିଛନ୍ତି।

### ୩ରେ ରାଜ୍ୟ ସଭା ...

ସୂଚନାଯୋଗ୍ୟ ଯେ, ରାଜ୍ୟ ସଭାରେ ଏବେ ବିଜେଡିର ୯ ଜଣ ସଦସ୍ୟ ଥିବାବେଳେ ଭାଜପାର ଜଣେ ଅଛନ୍ତି। ମମତା ମହାନ୍ତ ଇସ୍ତଫା ଦେବା ପରେ ବିଜେଡି ରାଜ୍ୟ ସଭା ସଦସ୍ୟ ସଂଖ୍ୟା ୮କୁ ଖସିଆସିଛି। ରାଜ୍ୟ ସଭା ସଦସ୍ୟ ସରୋଜିନୀ ହେମ୍ବ୍ରମଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ମମତା ବିଜେଡିରୁ ୨୦୨୦ ଏପ୍ରିଲ ୩ ତାରିଖରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ଆସନ୍ତା ୨୦୨୬ ଏପ୍ରିଲ ୨ ତାରିଖରେ ତାଙ୍କର କାର୍ଯ୍ୟକାଳ ଶେଷ ହେବାର ଥିଲା। କାର୍ଯ୍ୟକାଳ ଶେଷ ହେବାର ୨୦ ମାସ ପୂର୍ବରୁ ସେ ରାଜ୍ୟ ସଭା ସଦସ୍ୟ ପଦବୀ ସହ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ରାଜ୍ୟରେ ଭାଜପା କ୍ଷମତାକୁ ଫେରିଥିବାରୁ ଉକ୍ତ ଆସନ ଭାଜପା ଖାତାକୁ ଯିବା ଏକପ୍ରକାର ନିଶ୍ଚିତ ହୋଇଛି। ତେବେ ୧୮ ମାସ ପାଇଁ ଦଳ ରାଜ୍ୟ ସଭାକୁ କାହାକୁ ପଠାଇବ ତାହା ଉପରେ ରହିଛି ନଜର।

# ଟ୍ରେନ୍ ଧକ୍କାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ରାୟଗଡ଼ା,୭।୮
(ଆଶିଷ ରଞ୍ଜନ ପଣ୍ଡା)

ଆନ୍ଧ୍ରପ୍ରଦେଶର ବିଜୟନଗରମ ଷ୍ଟେଶନଠାରେ ଟ୍ରେନ୍ ଧକ୍କାରେ ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାୟଗଡ଼ା ଜିଲା କାଶୀପୁର ବ୍ଲକ ମାଣ୍ଡିବିଶି ପଞ୍ଚାୟତ ଭଣ୍ଡାପାଇ ଗ୍ରାମର ତୁଳେଶ୍ୱର ଗୌଡ଼ (୪୨)। ପୋଲିସ ତାଙ୍କ ମୃତଦେହ ଜବତକରି ସ୍ଥାନୀୟ ମେଡିକାଲରେ ସଂରକ୍ଷିତ ରଖିଛି। ବିଜୟନଗରମ ପୋଲିସ ଏ ସମ୍ପର୍କରେ ମୃତକଙ୍କ ପରିବାରକୁ ସୂଚନା ଦେଇଛନ୍ତି। ଖବରପାଇ ପରିବାରବର୍ଗ ବିଜୟନଗରମ ଯାଇଛନ୍ତି। ତୁଳେଶ୍ୱରଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# କୋର୍ଟରେ ହାଜର ହେଲେ ସବ୍ୟସାଚୀ ପଣ୍ଡା

## ଗୋଟିଏ ମାମଲାରେ ସାକ୍ଷ୍ୟ ଗ୍ରହଣ


ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ଗୁଣପୁର କୋର୍ଟକୁ ଯାଉଛନ୍ତି।

ଗୁଣପୁର,୭।୮
(ପ୍ରଦୀପ କୁମାର ପାଢ଼ୀ)

ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ବୁଧବାର ରାୟଗଡ଼ା ଜିଲା ଗୁଣପୁର ଏଡିଜେଙ୍କ କୋର୍ଟରେ ହାଜର ହୋଇଥିଲେ। ତାଙ୍କ ନାମରେ ଥିବା ୪ ମାମଲାର ସାକ୍ଷ୍ୟ ଗ୍ରହଣ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ତେବେ ଗୋଟିଏ ମାମଲାରେ ତାଙ୍କର ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ୧୧.୧୨.୨୦୧୮ରେ ମୁନିଗୁଡ଼ା ଥାନା ଅଧୀନ ଡାଙ୍ଗସୋରଡ଼ାରେ ଟେଲିଫୋନ ଟାୱାର ବିସ୍ଫୋରଣକରି ଉଡାଇଦେବା ମାମଲାରେ ସାକ୍ଷ୍ୟ ଗ୍ରହଣ ହୋଇଥିଲା। ଗୁଣପୁର ଏଡିଜେ ଶେଖ ମହମ୍ମଦ କ୍ୱାଇସ ଏହି ଘଟଣାର ତଦନ୍ତ ଅଧିକାରୀ ବ୍ରହ୍ମପୁରରେ ଥିବା ବି.ପି.ପ୍ରଧାନଙ୍କ ସହ ଭର୍ଚୁଆଲ ମୋଡ୍‌ରେ ସାକ୍ଷ୍ୟ ଗ୍ରହଣ କରିଥିଲେ। ଆସନ୍ତା ୯ ତାରିଖରେ ପୁଣି ସବ୍ୟସାଚୀଙ୍କୁ ହାଜର କରିବା ପାଇଁ ଏଡିଜେ ନିର୍ଦ୍ଦେଶ ଦେଇଥିବା ଅଭିଯୁକ୍ତଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ସୂଚନା ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଉମାଚରଣ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

**पूर्व तट रेलपथ** (ପୂର୍ବ ତଟ ରେଳପଥ)

ଟେଣ୍ଡର ବିଜ୍ଞପ୍ତି ସଂ. 18-SBP-TRD-OT-2024-25, ତା.01.08.2024ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଜି. ରାମଚନ୍ଦ୍ରପୁର, ଦେପୁର ଏବଂ କୁଟୁଖମାର ହଲ୍ଟ ଷ୍ଟେସନରେ ନିମ୍ନ ସ୍ତରରୁ ଉଚ୍ଚ ସ୍ତର ପର୍ଯ୍ୟନ୍ତ ପ୍ଲାଟଫର୍ମକୁ ବୃଦ୍ଧି କାର୍ଯ୍ୟ ଉପରେ TRD ସମ୍ବନ୍ଧିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ (₹):** 5,79,568.06, EMD (₹) : 11,600.00, ଶେଷ ହେବା ଅବଧି : 06 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.08.2024ରିଖ 1530 ଘଣ୍ଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-393/P/24-25

**SUIIT**
**Sambalpur University Institute of Information Technology**

Advt. No.:941/ SUIIT    Date: 07 / 08 / 2024

| DIRECT/SPOT ADMISSION | Date |
| --- | --- |
| DIRECT ADMISSION | 13th Aug. 2024 |
| • Master in Computer Application based on OJEE rank (All Categories) | |
| SPOT ADMISSION | |
| • Master in Computer Application ( All Categories) | |
| • M. Sc Computer Sc. (All Categories) | |
| • M. Tech Computer Sc. and Engg. (All Categories) | |

**INSTRUCTIONS**

- Direct Admission (OJEE rank holder for MCA only): Interested Candidates report directly to Administrative Officer, SUIIT during 10AM to 12:00 Noon on 13.08.2024.
- Spot Admission (MCA/ M. Sc /M. Tech for All categories): Interested candidates for spot admission should report to the Administrative Officer, SUIIT during 10AM to 12 noon on 13.08.2024. There will be an entrance examination of one hour duration at 12:15 PM for all the programmes. Admission will be done on the same day, as per SUIIT admission guideline

All B. Tech admissions will be done through OJEE Councelling-2024
FOR DETAIL INFORMATION ON ADMISSION VISIT: www.suiit.ac.in
CONTACT NUMBERS: 9437284982/9938983624 / 9438074077
Sd/
Email:admin.office@suiit.ac.in    Director , SUIIT

**कार्यपालक अभियन्ता का कार्यालय,**
**ग्रामीण कार्य विभाग, कार्य प्रमण्डल, हजारीबाग**

**ई–अल्पकालीन पुनर्निविदा आमंत्रण सूचना**

ई–निविदा सं0 :–07/RE-6/2023-24/RWD/EE/HAZARIBAG    दिनांक :– 06.08.2024

कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है ।

1.कार्य की विवरणी :–

| क्र0 सं0 | आईडेन्टी फिकेशन संख्या/पैकेज संख्या | प्रखण्ड | कार्य का नाम | प्राक्कलित राशि (रुपया में) | | कार्य समाप्ति की अवधि | कॉल |
| --- | --- | --- | --- | --- | --- | --- | --- |
| | | | | अंक में | अक्षर में | | |
| 1 | RWD/HAZ/STPKG/11/2023-24 | केरेडारी | तरवां से हेन्देगीर होते हुए पताल तक पथ सुदृढ़ीकरण कार्य (लं0–19.825 कि0मी0) | 18,71,02,200/- | अठारह करोड़ एकहत्तर लाख दो हजार दो सौ रुपये मात्र | 15 (पन्द्रह) माह | तृतीय |

2. वेबसाईट में निविदा प्रकाशन की तिथि :– 13.08.2024
3. ई–निविदा प्राप्ति की अंतिम तिथि एवं समय :–23.08.2024 अपराह्न 5.00 बजे तक ।
4. निविदा खोलने की, तिथि, एवं समय–24.08.2024 अपराह्न 5.30 बजे।
5. निविदा आमंत्रित करने वाले पदाधिकारी का पदनाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग ।
6. ई–निविदा प्रकोष्ठ का दूरभाष सं0–06546–265286 ।
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग,कार्य प्रमण्डल, हजारीबाग
PR 332165 Rural Work Department(24-25).D

**कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमण्डल,खूँटी**

**ई–अति अल्पकालीन पुनर्निविदा आमंत्रण सूचना**

ई–अति अल्पकालीन पुनर्निविदा संख्याः– 12/RII/2023-24/RWD/KHUNTI, दिनांक–07.08.2024
कार्यपालक अभियंता, ग्रामीण कार्य विभाग, कार्य प्रमण्डल, खूँटी द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है।

1.योजना का नामः–

| क्र० सं० | आई०डी० सं०/पैकेज सं० | प्रखण्ड | पथ का नाम | प्राक्कलित राशि (रुपये में) | अग्रधन की राशि (रुपये में) | कार्य समाप्ति की अवधि | टेण्डर कॉल नं० |
| --- | --- | --- | --- | --- | --- | --- | --- |
| 1 | RWD-KHU-STPKG-18/2023-24 | मुरहू | 1. L032 ईटी से रोआवली भाया कारुडीह तक पथ का सुदृढ़ीकरण कार्य (लं०–6.100 कि०मी०)। | 12,14,07,400.00 (बारह करोड़ चौदह लाख सात हजार चार सौ रू० मात्र।) | 24,29,000.00 (चौबीस लाख उनत्तीस हजार रू० मात्र।) | 15 माह। | तृतीय। |
| | | मुरहू | 2. L039 रूमुतकेल से बलगी तक पथ का सुदृढ़ीकरण कार्य (लं०–2.675 कि०मी०)। | | | | |
| | | मुरहू | 3. L040 कोन्वा से बुण्डूमा माईल तक पथ का सुदृढ़ीकरण कार्य (लं०–4.490 कि०मी०)। | | | | |
| | | मुरहू | 4. L037 गुल्लू से दहंगा तक पथ का सुदृढ़ीकरण कार्य (लं०–7.200 कि०मी०)। | | | | |

2 वेबसाईट में निविदा प्रकाशन की तिथिः– 10.08.2024।
3 ई–निविदा प्राप्ति की अंतिम तिथि एवं समयः– 17.08.2024 अपराहन 5.00 बजे।
4 निविदा खोलने की तिथि एवं समयः– 20.08.2024 अपराहन 3.30 बजे
5 निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमण्डल, खूँटी, पिन–835210।
6 ई– निविदा प्रकोष्ट का दूरभाष सं०ः– 9431170803
7 अग्रधन की राशि स्वीकृत परिमाण विपत्र के अनुरूप भी मान्य होगा।
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग,कार्य प्रमण्डल,खूँटी
PR 332136 Rural Work Department(24-25).D

यूनियन बैंक ऑफ़ इंडिया Union Bank of India
ZONAL OFFICE:BHUBANESWAR
M-14, Baramunda Housing Board Colony, Bhubaneswar-751003

**E-AUCTION SALE NOTICE DETAILS**

**Mega E-Auction Date: 14.08.2024 & 29.08.2024.**
Union Bank of India is Conducting Mega E-Auction of Flats, Residential Building, Open Lands, Factory Land & Building and Commercial Properties etc. on the above Dates. For details of the properties, Interested Bidders are invited to scan the QR CODE

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୧୫ ତାରିଖ: ୦୬।୦୮।୨୦୨୪

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ–ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/websiteରେ ଅଧିସୂଚିତ ହୋଇଛି। ବର୍ଗ: ପାର୍ସଲ। କାଟାଲଗ୍ ନଂ.: ଲିଜ୍–କେଜିପି–୨୦୨୪–୧୫। ନିଲାମ ତାରିଖ: ୨୦।୦୮।୨୦୨୪। ନିଲାମ ଆରମ୍ଭ ସମୟ: ୧୧.୦୦ ଘଟିକା। ନିଲାମ ସମାପ୍ତି ସମୟ: ୧୨.୫୦ ଘଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ–ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-456) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**OFFICE OF THE PRINCIPAL, ROURKELA COLLEGE, ROURKELA**

No. 1198 / RCR / Dt. 07.08.2024

**TENDER CALL NOTICE**

Bids in sealed cover are invited under two - bid system from experienced manpower service providers for providing different Group - D services for Rourkela College, Rourkela. The details of the bidding process are as follows :

| Sl. No. | Bidding Schedule | Deadline |
| --- | --- | --- |
| 01 | Last Date and Time for Submission of Tender | 14.08.2024 (5:00 P.M.) |
| 02 | Opening of Technical Bid | 16.08.2024 (1:00 P.M.) |
| 03 | Opening of Financial Bid | 17.08.2024 (1:00 P.M.) |

Bidders are required to submit the Technical and Financial Bids separately. The bids in sealed cover-I containing "Technical Bid" and sealed cover - II containing "Financial Bid" should be placed in a third sealed cover superscribed "Bid for outsourcing of Manpower". The tenders completed in all respects must reach the undersigned on or before 14.08.2024 by 5:00 P.M. through speed post / regd. Post / courier only.

The bid documents containing eligible criteria, scope of work, terms and conditions of the tender and draft agreement can be downloaded from Rourkela College website http://www.rourkelacollege.com

Sd./- Principal
Rourkela College, Rourkela

FORM No. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7, CDA, CUTTACK, ODISHA.
O.A NO. 627 of 2023

BANK OF MAHARASHTRA ...Applicant
Versus
MIHIR KUMAR BRAHMA ...Defendant(s)

To,
1) **Mihir Kumar Brahma,** S/o.: Satyabrata Brahma, Plot No.: 103, 1st Floor, Somu Saina Residency, Dumduma, Bhubaneswar, Khurda-751019.
2) **Mrs. Rashmita Tripathy,** W/o.: Mihir Kumar Brahma, Plot No.: 103, 1st Floor, Somu Saina Residency, Dumduma, Bhubaneswar-751019.
3) **Udaya Kar Sahoo,** Pritam Construction and Developers, Plot No.: N/3/433, IRC Village, Nayapalli, Bhubaneswar.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A No. 627/ 2023** in the court of the Debts of Recovery Tribunal, Cuttack for recovery of **Rs.67,38,266.94** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **03/10/2024** at **10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this 5th day of August 2024.

Sd/- (Nikhila Ranjan Pati)
REGISTRAR

## ସଂକ୍ଷେପରେ

### ବିଧାୟକଙ୍କ ଆହାର କେନ୍ଦ୍ର ପରିଦର୍ଶନ

ଚିକିଟି,୭।୮ (ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ଗଡ ମେଡିକାଲ ସାହିରେ ଦୀର୍ଘ ଦିନ ଧରି ଚାଲିଥିବା ଆହାର କେନ୍ଦ୍ରକୁ ବୁଧବାର ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ପରିଦର୍ଶନ କରିଛନ୍ତି। ପରିଦର୍ଶନ ବେଳେ ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଦସ୍ୟାଙ୍କ ସହିତ ଖାଦ୍ୟର ମାନ ଓ ସ୍ୱାଦ ବିଷୟରେ ଆଲୋଚନା କରିଥିଲେ। ଶେଷରେ ଜନସାଧାରଣଙ୍କ ସହ ବିଧାୟକ ଭୋଜନ ମଧ୍ୟ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାରଙ୍କ ସମେତ ଚିକିଟି ଏନ୍ଏସି ଏବଂ ମେଡିକାଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ପୂର୍ବତନ ବିଜେଡି କାଉନସିଲର ପ୍ରଦୀପଙ୍କ ପରଲୋକ

ଫୁଲବାଣୀ, ୭।୮ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲାର ବରିଷ୍ଠ ବିଜେଡି ନେତା ତଥା ଫୁଲବାଣୀ ପୌର ପରିଷଦର ପୂର୍ବତନ କାଉନସିଲର ପ୍ରଦୀପ ମୁନି(୫୩)ଙ୍କ ବୁଧବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ମଙ୍ଗଳବାର ଘରେ ଥିବାବେଳେ ସେ ହଠାତ ଅସୁସ୍ଥ ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ଭୁବନେଶ୍ୱର ନେଇ ଯାଇଥିଲେ। ସେଠାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ପରଲୋକ ହୋଇଥିଲା। ଅପରାହ୍ନରେ ତାଙ୍କ ପାର୍ଥିବ ଶରୀର ଫୁଲବାଣୀରେ ପହଞ୍ଚିବା ପରେ ସ୍ଥାନୀୟ ଏଫସିଆଇ ଛକରୁ ଏକ ବିରାଟ ଶୋଭାଯାତ୍ରାରେ ପିଅନପଡା ସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା। ପରେ ପିଅନପଡାସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସ୍ୱର୍ଗତ ପ୍ରଦୀପ ଛାତ୍ର ଜୀବନରେ ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମ କରି ରାଜନୀତିକୁ ଆସିଥିଲେ। ସେ ଦୁଇଥର କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କର ଅକାଳ ବିୟୋଗରେ ବହୁ ରାଜନେତା ଶୋକ ପ୍ରକାଶ କରିଛନ୍ତି।

### ନବାଗତ ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ଚାରାରୋପଣ

ବାଲିପଦର,୭।୮ (ବିଶିକେଶନ ସ୍ୱାଇଁ)

ସ୍ଥାନୀୟ ଅହଲ୍ୟା ଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ନବାଗତ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ସ୍ୱାଗତ ଜଣାଇ ମହାବିଦ୍ୟାଳୟର ସମ୍ପାଦକ ବୃନ୍ଦାବନ ମହାନ୍ତିଙ୍କ ପୌରହିତ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବୁଗୁଡ଼ା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର ଯୋଗଦେଇଥିବା ବେଳେ ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ବି. ପ୍ରକାଶ ଚନ୍ଦ୍ର ପାତ୍ର ମୁଖ୍ୟବକ୍ତା, କବୟିତ୍ରୀ ସୌଦାମିନୀ ମିଶ୍ର, ସାମାଜିକ କର୍ମୀ ବାଞ୍ଛାନିଧି ସାହୁ, ଅଧ୍ୟକ୍ଷ, ଅଧ୍ୟାପିକା ପ୍ରମିଳା କୁମାରୀ ବେହେରା ଯୋଗଦେଇ ଛାତ୍ରୀମାନଙ୍କୁ ଚଳିତବର୍ଷର ଶିକ୍ଷାଦାନ ସମ୍ପର୍କରେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶେଷରେ ବିଦ୍ୟାଳୟର ଚତୁଃପାର୍ଶ୍ୱରେ ୨୦୦ ଚାରାରୋପଣ କରାଯାଇଥିଲା। ଏଥିରେ ବୁଗୁଡା ରେଞ୍ଜର ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ୧୮ ପଞ୍ଚାୟତରେ ନାହାନ୍ତି ଭିଏଡବ୍ଲ୍ୟୁ

ଭଞ୍ଜନଗର,୭।୮ (ବାବୁଲା ପ୍ରଧାନ):

ଜଳବାୟୁ ପରିବର୍ତ୍ତନ ସହ ବାରମ୍ବାର ପ୍ରାକୃତିକ ଦୁର୍ବିପାକ ଯୋଗୁ କିଛି ବର୍ଷ ହେବ ରାଜ୍ୟରେ ଚାଷକାର୍ଯ୍ୟ ବିଳମ୍ବିତ ହେଉଛି। ଏଥିଯୋଗୁ ଆଶାନୁରୂପ ଫସଲ ଅମଳ କରି ନ ପାରି ଚାଷୀମାନେ କ୍ଷତି ସହୁଛନ୍ତି। ଚଳିତବର୍ଷ ମଧ୍ୟ ବିଳମ୍ବରେ ବର୍ଷା ଆସିବା ଯୋଗୁ ଧାନଚାଷ ପଛେଇଛି। ଭଞ୍ଜନଗର ବ୍ଲକରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୭୦ ପ୍ରତିଶତ ଜମିରେ ଧାନ ରୁଆ ସରିଛି। ଆଗକୁ ବର୍ଷା ସ୍ୱାଭାବିକ ରହିଲେ ବଳକା ୩୦ ପ୍ରତିଶତ ଜମିରେ ଧାନରୁଆ କାର୍ଯ୍ୟ ସରିବ। ଅପରପକ୍ଷେ ଚାଷୀମାନେ ଦେଶୀ ଧାନ ବିହନ ଅପେକ୍ଷା ହାଇବ୍ରିଡ ବିହନ ଉପରେ ନିର୍ଭରଶୀଳ ହେଉଛନ୍ତି। ଏହାଦ୍ୱାରା ଚାଷୀ ଖର୍ଚ୍ଚାନ୍ତ ହେବାସହ ଦେଶୀ ଧାନ ବିହନ ଲୋପ ପାଉଛି।

**ଭଞ୍ଜନଗର ବ୍ଲକରେ ୭୦ ପ୍ରତିଶତ ଧାନରୁଆ ସରିଲାଣି**



ଧାନତଳି ରୁଆ ଚାଲିଛି।

ଚାଷୀମାନେ ନିଜେ ନିଜେ ଚାଷ କରିବା ପାଇଁ ପ୍ରାୟ ଆଗ୍ରହୀ। ତେଣୁ ଅଧିକାଂଶ ଚାଷୀ କୃଷି କର୍ମଚାରୀଙ୍କ ସହାୟତା ଲୋଡ଼ି ନ ଥାନ୍ତି। ଅପରପକ୍ଷେ ପ୍ରତି ପଞ୍ଚାୟତରେ ଜଣେ ଲେଖାଏ ଗ୍ରାମ୍ୟ କୃଷି କର୍ମଚାରୀ (ଭିଏଡବ୍ଲ୍ୟୁ) ରହିବା ନିୟମ ଥିବା ବେଳେ ଭଞ୍ଜନଗର ବ୍ଲକର ୨୨ଟି ପଞ୍ଚାୟତ ମଧ୍ୟରୁ ୧୮ଟି ପଞ୍ଚାୟତରେ ଏହି ପଦବୀ ଖାଲି ପଡ଼ିଛି। ମାତ୍ର ୪ଟି ପଞ୍ଚାୟତରେ ଭିଏଡବ୍ଲ୍ୟୁ ଅଛନ୍ତି। ଆଉ ୨ ଜଣ ଓଭରସିଅର ଅଛନ୍ତି। ଏତେ ପଦବୀ ଖାଲି ପଡ଼ିଥିବା ଯୋଗୁ ସମସ୍ତ ଚାଷୀଙ୍କ ପାଖରେ କର୍ମଚାରୀମାନେ ପହଞ୍ଚି ପାରୁନାହାନ୍ତି। ଯାହାକୁ ନେଇ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ବର୍ତ୍ତମାନ ରାଜ୍ୟରେ ଭାଜପା ନୂଆ କରି ସରକାର କରିଥିବାରୁ ଚାଷୀମାନେ ଅନେକ ଆଶା ରଖିଛନ୍ତି। ଭଞ୍ଜନଗର ବ୍ଲକ କୃଷି ଅଧିକାରୀ ବିଦ୍ୟରଞ୍ଜନ ମାଝୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଚଳିତ ବର୍ଷ ୭ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ଧାନ ଚାଷ କରିବା ଯୋଜନା ଅଛି। ଆଗାମୀ ଦିନରେ ବର୍ଷା ସ୍ୱାଭାବିକ ହେବ। ତେଣୁ ଲକ୍ଷ୍ୟ ଅନୁସାରେ ଚାଷ ହେବ। ଅନ୍ୟ ଏକ ସୁତ୍ରରୁ ପ୍ରକାଶ ଯେ ଏବେବି ଅନେକ ଜମିରେ ପାଣି ନାହିଁ। ବିକଳ୍ପ ଭାବେ ଜଳସେଚନ ସୁବିଧା ନାହିଁ। ଉକ୍ତ ଜମି ଗୁଡିକ ପଡ଼ିଆ ପଡ଼ିବା ସମ୍ଭାବନା ରହିଛି।

# ଭଞ୍ଜନଗର ହସ୍ପିଟାଲକୁ ବେବି ଫ୍ରେଣ୍ଡ୍ଲି ପୁରସ୍କାର

ଭଞ୍ଜନଗର,୭।୮ (ବାବୁଲା ପ୍ରଧାନ):

ଭଞ୍ଜନଗର ଉପଖଣ୍ଡ ହସ୍ପିଟାଲକୁ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବେବି ଫ୍ରେଣ୍ଡ୍ଲି ହସ୍ପିଟାଲ୍ ପୁରସ୍କାର ମିଳିଛି। ସ୍ତନ୍ୟପାନ ସପ୍ତାହ ଅବସରରେ ବୁଧବାର ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଭଞ୍ଜନଗର ମେଡିକାଲ ଅଧୀକ୍ଷକ ଡା. ସୀତାଂଶୁ ଶେଖର ଶତପଥୀ, ମେଡିକାଲ ପରିଚାଳକ ବିଚିତ୍ର ପାଣିଗ୍ରାହୀ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ପରିବାର ମଙ୍ଗଳ ନିର୍ଦ୍ଦେଶକ ଡା. ସଂଯୁକ୍ତା ସାହୁ , ସ୍ୱତନ୍ତ୍ର ସଚିବ ଡ ଜିତେନ୍ଦ୍ର ବେବର୍ତ୍ତା, ଡିଏଚ୍ଏସ୍ ଡା. ବିଜୟ ମହାପାତ୍ର, ନିର୍ଦ୍ଦେଶକ ନର୍ସିଂ ଡା. ଏ ବି ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ



ମେଡିକାଲ ଅଧୀକ୍ଷକ ପୁରସ୍କାର ଗ୍ରହଣ କରୁଛନ୍ତି।

କରିଥିଲେ। ଉକ୍ତ ପୁରସ୍କାର ପାଇଁ ଗତ ଜୁଲାଇ ମାସରେ ରାଜ୍ୟର ୪୭ଟି ମେଡିକାଲରେ ସର୍ଭେ ହୋଇଥିଲା। ସେଥିମଧ୍ୟରୁ ୧୫ଟି ମେଡିକାଲ ପୁରସ୍କୃତ ହୋଇଛି। ଗଞ୍ଜାମ ଜିଲାରୁ ଭଞ୍ଜନଗର ଓ ହିଞ୍ଜିଳିକାଟୁ ଉପଖଣ୍ଡ ମେଡିକାଲ ଏହି ପୁରସ୍କାର ପାଇଛି। ନବଜାତ ଶିଶୁକୁ ଏକ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ କରାଇଲେ ଶିଶୁ ଅନେକ ରୋଗରୁ ରକ୍ଷା ପାଇପାରିବ। ଭଞ୍ଜନଗର ମେଡିକାଲ ଏହାକୁ ସଫଳତାର ସହ କାର୍ଯ୍ୟକାରୀ କରିଥିବାରୁ ପୁରସ୍କାରପ୍ରାପ୍ତ ହୋଇଛି।

### ଧରାକୋଟରେ ଉପ ଜିଲାପାଳଙ୍କ ରାଜସ୍ୱ ସମୀକ୍ଷା

ଧରାକୋଟ,୭।୮ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଭଞ୍ଜନଗର ଉପ ଜିଲାପାଳ ଅନିଲ କୁମାର ସେଠୀ ଧରାକୋଟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଉପ ଜିଲାପାଳ ବିଶ୍ୱ ରଞ୍ଜନ କହଁର, ସହକାରୀ ଜିଲାପାଳ ଅମିତ ରଞ୍ଜନ ହୋତା ଓ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କ ଉପସ୍ଥିତିରେ ବିଭିନ୍ନ ରାଜସ୍ୱ କାର୍ଯ୍ୟର ସମୀକ୍ଷା କରିଛନ୍ତି। ନଥିପତ୍ର ତନଖି ସହ ସ୍ୱତ୍ୱ ପରିବର୍ତ୍ତନ, ଖାତା ଖତିଆନ ଯାଞ୍ଚ, ସୈରାତ ଉତ୍ସର ସମୀକ୍ଷା କରିଛନ୍ତି। ଧରାକୋଟ ରାଜସ୍ୱ ସର୍କଲ ଅନ୍ତର୍ଗତ ୬ଟି ସୈରାତ ଉତ୍ସ ସମ୍ପ୍ରତି ଖଣି ବିଭାଗକୁ ହସ୍ତାନ୍ତର ହୋଇଥିବା ବେଳେ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଓ କୋର୍ଟ ଜମି ହସ୍ତାନ୍ତର ବାବଦରେ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କୁ ପଚାରି ବୁଝିଥିଲେ। ଏହି ବୈଠକରେ ରାଜସ୍ୱ ପରିଦର୍ଶକ ସୁଜ୍ଞାନୀ ବେହେରା, ରାଜସ୍ୱ ନିରୀକ୍ଷକ ଯଜ୍ଞ ନାରାୟଣ ନାୟକ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ରାଜେଶ ବଳ, ଅମିନ ନିରଞ୍ଜନ ଶବର, ଦେବୀ ପ୍ରସାଦ ନାହାକ ଓ ରଜେଶ୍ୱର ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# ଗଞ୍ଜାମରେ ଚାଷୀ ପଞ୍ଜୀକରଣ ଧିମା, ଅବଧି ବୃଦ୍ଧି ଦାବି

ଛତ୍ରପୁର,୭।୮ (ସନ୍ତୋଷ ପାଢୀ):

ସରକାରଙ୍କୁ ଧାନ ବିକିବାକୁ ହେଲେ ଚାଷୀଙ୍କୁ ଅନଲାଇନ୍‌ରେ ନାମ ପଞ୍ଜୀକରଣ କରିବାକୁ ପଡିଥାଏ । ଏଥିଲାଗି ଏବେ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଚାଲିଛି। ୧୫ ତାରିଖରେ ଏହାର ଅବଧି ଶେଷ ହେବ । ଗଞ୍ଜାମ ଜିଲାରେ ଚାଷୀ ପଞ୍ଜୀକରଣ ଧିମା ରହିଛି । ତେଣୁ ୩୧ ତାରିଖ ପର୍ଯ୍ୟନ୍ତ ଏହାର ଅବଧି ବୃଦ୍ଧି ପାଇଁ ଅନୁରୋଧ କରାଯାଇଛି । ଏ ନେଇ ଗଞ୍ଜାମ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗତବର୍ଷ ଜିଲାରେ ଧାନ ବିକ୍ରି କରିବା ପାଇଁ ୧ ଲକ୍ଷ ୪୬ ହଜାର ୫୪୧ ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ । ଚଳିତବର୍ଷ ବୁଧବାର ସୁଦ୍ଧା ୫୮ ହଜାର ୫୩୧ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ତେଣୁ ପଞ୍ଜୀକରଣ ଅବଧି ବୃଦ୍ଧି ଆବଶ୍ୟକତା ଥିବା କୁହାଯାଇଛି । ମହାସଭା ପକ୍ଷରୁ କୁହାଯାଇଛି ଯେ ଏବେ ଚାଷୀମାନେ ଧାନ ରୁଆ କାମରେ ବ୍ୟସ୍ତ ଥିବାରୁ ପଞ୍ଜୀକରଣ ଧିମେଇଛି । କୃଷି ବିଭାଗର ତଥ୍ୟ ଅନୁଯାୟୀ ଜିଲାରେ ୭.୫ ଲକ୍ଷ ଚାଷୀ ଓ ଭାଗ ଚାଷୀ ଧାନ ଚାଷ କରିଥାନ୍ତି। ମାତ୍ର ଧାନ ବିକିବା ପାଇଁ ସମସ୍ତେ ପଞ୍ଜୀକରଣ କରିପାରନ୍ତି ନାହିଁ।

# ଲକ୍ଷ୍ମୀ ବସ୍ ଡ୍ରାଇଭରଙ୍କୁ ଆକ୍ରମଣ ପ୍ରତିବାଦରେ ଧାରଣା



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଡ୍ରାଇଭରଙ୍କ ଧାରଣା।

ଖଲ୍ଲିକୋଟ,୭।୮ (ପ୍ରଶାନ୍ତ କୁମାର ମିଶ୍ର)

ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିବା ଲକ୍ଷ୍ମୀ ବସ୍ ତଥା ବର୍ତ୍ତମାନ ନୂତନ ଭାବେ ପରିବର୍ତ୍ତିତ ହୋଇଥିବା ଗ୍ରାମାଞ୍ଚଳ ବସ୍ ସେବା ଚାଳକଙ୍କୁ ଆକ୍ରମଣ ପ୍ରତିବାଦରେ ବୁଧବାର ଡ୍ରାଇଭର ଓ ହେଲପରମାନେ ଧାରଣା ଦେଇଛନ୍ତି। ଏହି ବସର ଷ୍ଟପେଜକୁ ନେଇ ବଢୁଛି ବିବାଦ। ଏହାକୁ ନେଇ ବିଭିନ୍ନ ସ୍ଥାନରେ ଡ୍ରାଇଭର ଉପରେ ହେଉଛି ଆକ୍ରମଣ। ଗତ କିଛି ଦିନ ମଧ୍ୟରେ ଦୁଇଟି ସ୍ଥାନରେ ହେଲାଣି ଆକ୍ରମଣ। ସରକାର ଗ୍ରାମରେ ବସ ରହଣି ପାଇଁ ସ୍ଥାନ ନିର୍ଦ୍ଧାରଣ କରିଥିବା ବେଳେ ବର୍ତ୍ତମାନ ଲୋକମାନେ ବିଭିନ୍ନ ସ୍ଥାନରେ ମନଇଚ୍ଛା ଚଢୁଛନ୍ତି। ସେଥିପାଇଁ ବସ ରଖିବା ପାଇଁ ଡ୍ରାଇଭରକୁ ବାଧ କରୁଛନ୍ତି। ବସ ନ ରଖିଲେ ଡ୍ରାଇଭର ଉପରେ ଆକ୍ରମଣ କରୁଛନ୍ତି । ତେବେ ମଙ୍ଗଳବାର ସନ୍ଧ୍ୟାରେ ଖଲ୍ଲିକୋଟ ଥାନା ଅନ୍ତର୍ଗତ କେଶପୁର ମା' ନାରାୟଣୀ ପେଟ୍ରୋଲ ପମ୍ପ ନିକଟରେ ୪ ଜଣ ଯୁବକ ଲକ୍ଷ୍ମୀ ବସର ଡ୍ରାଇଭରଙ୍କୁ ନିର୍ଘୁମ ମାଡ଼ ମାରିଥିଲେ। ଏହାର ପ୍ରତିବାଦରେ ବୁଧବାର ସକାଳେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବସ ରଖି ଡ୍ରାଇଭର, ହେଲପରମାନେ ଧାରଣାରେ ବସିଥିଲେ। ପରେ ପୋଲିସ ପ୍ରଶାସନ ପହଞ୍ଚି ଅଭିଯୁକ୍ତଙ୍କୁ ଶୀଘ୍ର ଧରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଡ୍ରାଇଭରମାନେ ଧାରଣାରୁ ହଟିଥିଲେ ଏବଂ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଆଳିୟ ଖଣ୍ଡାୟତ ସମାଜର କେନ୍ଦ୍ରୀୟ ପରିଷଦ ବୈଠକ



ସମାଜ କାର୍ଯ୍ୟାଳୟରେ ନିବନିର୍ବାଚିତ କର୍ମକର୍ତ୍ତା ।

ଆସିକା,୭।୮ (ସୁରେନ୍ଦ୍ର ନାଥ ସାହୁ)

ନିଖିଳ ଉତ୍କଳ ଆଳିୟ ଖଣ୍ଡାୟତ ସମାଜର ସଚେତକ ମଣ୍ଡଳି ସହ କେନ୍ଦ୍ରୀୟ ପରିଷଦର ଏକ ସାଧାରଣ ବୈଠକ ମଙ୍ଗଳବାର ପୁଡୁଗେଶ୍ୱରପଲ୍ଲୀସ୍ଥିତ ପୁଡୁଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସଦସ୍ୟ ଭାସ୍କର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମାଜର ଆଇନପରାମର୍ଶଦାତା, ବରିଷ୍ଠ ସଙ୍ଗଠକ ଏବଂ ବରଗାଁ, ସିଆଳି, ଜକର, ଖଳିଙ୍ଗି, ଗହଙ୍ଗୁ ଓ ନାଟଙ୍ଗା ମଣ୍ଡଳର କର୍ମକର୍ତ୍ତା ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ସମାଜର ବାଲିମେଳା, ବ୍ରହ୍ମପୁର, ଭୁବନେଶ୍ୱର ଓ ଝାରସଗୁଡ଼ା ଶାଖାର କର୍ମକର୍ତ୍ତା ସାମିଲ ଥିଲେ। ଏହି ଅବସରରେ ଚଳିତ ବର୍ଷ ଲାଗି ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। କୁଳାଧିପତି ଭାବେ ପୂର୍ଣ୍ଣଚନ୍ଦ୍ର ମହାନ୍ତି (ମୁନା), ଉପକୁଳାଧିପତି ଶଙ୍କର ସ୍ୱାଇଁ, ସାଧାରଣ ସମ୍ପାଦକ ନିରଞ୍ଜନ ନାୟକ, ଯୁଗ୍ମ ସମ୍ପାଦକ ଚୁଡାମଣି ସ୍ୱାଇଁ, ଅଫିସ ସମ୍ପାଦକ ଡାକ୍ତର ରାଉତ, ସଙ୍ଗଠନ ସଂପାଦକ ଅଶୋକ କୁମାର ମହାନ୍ତି, କୋଷାଧ୍ୟକ୍ଷ କପିଳେଶ୍ୱର ବିଶ୍ୱାଳ, ମୁଖ୍ୟ ସମିକ୍ଷକ ରାମକୃଷ୍ଣ ସାହୁ, ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁବିହାରୀ ଖଣ୍ଡୁଆଳ ଓ ଉପ-ନିର୍ବାଚନ ଅଧିକାରୀ ଭାବେ ବଂଶୀଧର ନାହାକଙ୍କୁ ମନୋନିତ କରାଯାଇଛି। ବରିଷ୍ଠ ସଂଗଠକ ରାମକୃଷ୍ଣ ସାହୁ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥପାଠ କରଇଥିଲେ। ଏହି ଅବସରରେ ପୂର୍ବତନ କୁଳାଧିପତି ଓ ପୂର୍ବତନ ମୁଖ୍ୟ ନିର୍ବାଚନ ଅଧିକାରୀ ସମ୍ବିଧାନକୁ ଉଲ୍ଲଂଘନ କରି ଯେଉଁ ନିର୍ବାଚନ କିରଥିଲେ ତାହାକୁ ଅସିଦ୍ଧ ଘୋଷଣା କରାଯାଇଥିବା ସୂଚନା ଦିଆଯାଇଛି।

### ବସ୍ ଧକ୍କାରେ ଜଣଙ୍କ ମୃତ୍ୟୁ

ଆସିକା,୭।୮ (ସୁରେନ୍ଦ୍ର ନାଥ ସାହୁ)

ଆସିକା-ବ୍ରହ୍ମପୁର ୫୯ନମ୍ବର ଜାତୀୟ ରାଜପଥର ପିତଳ ଆବାସିକ ବିଦ୍ୟାଳୟ ନିକଟରେ ବୁଧବାର ଭୋର୍‌ରେ ଏକ ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି । ଗୋଟିଏ ନିଳ ବର୍ଣ୍ଣର ଛିଟା ଲୁଙ୍ଗି ପିନ୍ଧିଥିବା ଓ ବେକରେ ତାବିଜ ଥାଇ ଏକ ହଳଦିଆ ମାଳି ପିନ୍ଧିଥିବା ଏହି ମୃତକଙ୍କ ବୟସ ୬୫ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ତେବେ ତାଙ୍କର କୌଣସି ପରିଚୟ ମିଳିପାରିନାହିଁ। ମୁମୂର୍ଷ ଅବସ୍ଥାରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଆସିକା ଡାକ୍ତରଖାନାକୁ ଅଣାଯାଇଥିଲା। ତେବେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ବସକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି । ମୃତଦେହ ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ବଡମେଡିକାଲକୁ ପଠାଯାଇଛି। ଏ ନେଇ ଆସିକା ଥାନାରେ ନଂ. ୫୧୬/୨୪ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୋଲିସ କହିଛି।

# ଗଞ୍ଜାମ କଲେଜର ସ୍ୱନକ୍ଷତ୍ର ସମାରୋହ



ସମାରୋହରେ ମଞ୍ଚାସୀନ ଅତିଥି।

ଗଞ୍ଜାମ,୭।୮ (ବିଦ୍ୟାଧର ସାହୁ)

ଗଞ୍ଜାମ ମହାବିଦ୍ୟାଳୟକୁ ପୂରିଛି ୫୬ ବର୍ଷ। ଏହି ଅବସରରେ ବୁଧବାର ସ୍ୱନକ୍ଷତ୍ର ସମାରୋହ ପାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସମାରୋହର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ରାମଚନ୍ଦ୍ର ପଣ୍ଡା, ଏନ୍ଏସି ଅଧ୍ୟକ୍ଷା ପ୍ରତିଭା ପାଢ଼ୀ, ଅର୍ଥନୀତି ବିଭାଗର ନିରଞ୍ଜନ ଗୁରୁ ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଆ ଅଧ୍ୟାପକ ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ କଲେଜ ଅଧ୍ୟକ୍ଷ ନରସିଂହ ଭୋଳ ବିବରଣୀ ପ୍ରଦାନ କରିବା ସହ କଲେଜର ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସାଗରିକା ସ୍ମରଣିକା ଉନ୍ମୋଚନ ହୋଇଥିଲା। ଏହି ମହାବିଦ୍ୟାଳୟର ପୁରାତନ ଛାତ୍ର ଥିଲେ ମନ୍ତ୍ରୀ ଜେନା। ଏଥିପାଇଁ ଏହି କଲେଜର ସମସ୍ୟା ଶୀଘ୍ର ପୂରଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ମନ୍ତ୍ରୀଙ୍କୁ ଗଞ୍ଜାମ ପୌରାଞ୍ଚଳ ବରିଷ୍ଠ ନାଗରିକଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବାଇକ ରାଲିରେ ସରସ୍ୱତୀ ଶିଶୁ ମନ୍ଦିରରେ ପହଞ୍ଚି ସେଠାରେ ମନ୍ତ୍ରୀ ଚାରା ରୋପଣ କରିଥିଲେ। ସେଠାରୁ କଲେଜରେ ପହଞ୍ଚି ଫଳକ ଶିଳାନ୍ୟାସ, ଓଡ଼ିଶା ସରକାରଙ୍କ ବିଜ୍ଞାନାଗାର ଶିଳାନ୍ୟାସ, କଲେଜ କ୍ୟାଣ୍ଟିନ ଶିଳାନ୍ୟାସ ଓ ଦୁଇଟି ରାସ୍ତାର ଉଦ୍‌ଘାଟନ କରିଥିଲେ ମନ୍ତ୍ରୀ। ଏହି କାର୍ଯ୍ୟକ୍ରମକୁ ଇଂଲିଶ ଅଧ୍ୟାପକ ଦୁର୍ଗା ପ୍ରସାଦ ଦାସ, ଗଦା ସାହୁ, ଗିରୀଶ ଆଚାର୍ଯ୍ୟ, ଆଦିତ୍ୟ ମହାପାତ୍ର, ପ୍ରବୀର ପାଢ଼ୀ, ଅଜୟ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

# ହାବିଲଦାର, ସିପାହି ଶାଖା ସଂଘ ପାଇଁ ନାମାଙ୍କନ ଦାଖଲ

ଗଞ୍ଜାମ,୭।୮ (ବିଦ୍ୟାଧର ସାହୁ)

ଗଞ୍ଜାମ ଥାନା ଅନ୍ତର୍ଗତ ଛତ୍ରପୁର ଓଏସ୍ଏପି ଅଷ୍ଟମ ବାଟାଲିୟନରେ ସିପାହି ଶାଖା ସଂଘର ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ହୋଇଯାଇଛି। ବୁଧବାର ବାଟାଲିୟନ ଦୁର୍ଗପତି ସାରଦା ପ୍ରସାଦ ଦାଶଙ୍କ ନିକଟରେ ମୋଟ ୨୨ ଜଣ ବିଭିନ୍ନ ପଦ ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି। ସଭାପତି, ଉପସଭାପତି, ସମ୍ପାଦକ 'କ' ଓ 'ଖ', କୋଷାଧ୍ୟକ୍ଷ ଓ ୫ କାର୍ଯ୍ୟକାରୀ ସଭ୍ୟ ପଦବୀ ପାଇଁ ଆସନ୍ତା ୧୭ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ୧୯ ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା କରାଯିବ। ଯାହାକୁନେଇ ଜୋରସୋରରେ କ୍ୟାପେନିଙ୍ଗ ଆରମ୍ଭ ହୋଇଯାଇଛି।

# ଗଛ ପଡ଼ି ଭୁଶୁଡ଼ିଲା କାନ୍ଥ, ବର୍ତ୍ତିଲେ ପରିବାର

ଖଜୁରିପଡ଼ା,୭।୮ (ବିଦୂର ବେହେରା)

ଲଗାଣ ବର୍ଷା ଯୋଗୁ ବୁଧବାର ଖଜୁରିପଡ଼ା ତହସିଲ ଅନ୍ତର୍ଭୁକ୍ତ ଦୂତୀ ମେଣ୍ଡୀ ରାଜସ୍ୱ ନିରୀକ୍ଷକ ଅଧୀନରେ ଥିବା ଯମଖୋରୀ ଗ୍ରାମର ସବିତା ମଲ୍ଲିକଙ୍କ ଘର ଉପରେ ଏକ ବିରାଟ ବରଗଛ ପଡ଼ି କାନ୍ଥ ଭୁଶୁଡ଼ି ପଡ଼ିଛି। ଏଥିସହ ଆସବାବପତ୍ର ନଷ୍ଟ ହୋଇଯାଇଛି। ଅଗ୍ନିଶମ ବାହିନୀ ସହିତ ରାଜସ୍ୱ ନିରୀକ୍ଷକ ଅଧିକାରୀ ମାନସ ସାହୁ ପହଞ୍ଚି କ୍ଷୟ କ୍ଷତି ଆକଳନ କରିବା ସହିତ ସରକାରୀ ସହାୟତା ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ବଲସକୁମ୍ପା ରାଜସ୍ୱ ନିରୀକ୍ଷକ ଅଧୀନରେ ଥିବା ବଲସକୁମ୍ପା ଗ୍ରାମର ମୃତ୍ୟୁଞ୍ଜୟ ନାୟକଙ୍କ ଘରେ ଅପରାହ୍ନ ବେଳେ ଏକ ବିରାଟ ଗଛ ପଡ଼ିଛି। କିନ୍ତୁ ଅଳ୍ପକେ ଜନ ଜୀବନ ବର୍ତ୍ତି ଯାଇଛି। ଜାମୁସାହି ଗ୍ରାମର ଯମୁନା କହଁରର ଘର କାନ୍ଥ ଲଗାଣ ବର୍ଷା ଯୋଗୁ ଭୁଶୁଡ଼ି ପଡ଼ିଛି। ଅତିରିକ୍ତ ରାଜସ୍ୱ



ଘର ଉପରେ ଗଛ ପଡ଼ିଯାଇଛି।।

ନିରୀକ୍ଷକ ଅଧିକାରିଣୀ ଗିତାଞ୍ଜଳି କହଁର ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହିତ ପଲିଥିନ ପ୍ରଦାନ କରିଛନ୍ତି। ସରକାରୀ ସହାୟତା ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଯେ, ଯମୁନା ଜଣେ ଗରିବ ବିଧବା ଭିନ୍ନକ୍ଷମ ମହିଳା। ପରିବାର କହିଲେ କେବଳ ଜଣେ ଅବିବାହିତ ଝିଅ। ସରକାରଙ୍କ ଆବାସ ଯୋଜନାରେ ଗୃହ ଖଣ୍ଡେ ପାଇଁ ବାରମ୍ବାର ଆବେଦନ କରି ବିଫଳ ହୋଇଛନ୍ତି। ଅନେକ ସମୟରେ ତତ୍କାଳୀନ ବିଡିଓ, ତହସିଲଦାର, ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସରପଞ୍ଚ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ପହଞ୍ଚି ସ୍ଥିତି ଅନୁଧାନ କରି ରିପୋର୍ଟ କରିଥିଲେ ମଧ୍ୟ ଘର ଖଣ୍ଡେ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ସୁଦ୍ଧା ପ୍ରଶାସନ ନୀରଦ୍ରଷ୍ଟା ସାଜିଛି। ତେଣୁ ସରକାର ଯମୁନାଙ୍କୁ ଘର ଖଣ୍ଡେ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ସ୍ୱାଧୀନତା ଦିବସ ପାଇଁ ପ୍ରତିଯୋଗିତା

ଭଞ୍ଜନଗର,୭।୮ (ବାବୁଲା ପ୍ରଧାନ)

ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ପାଇଁ ଉପଖଣ୍ଡର ବିଭିନ୍ନ ବର୍ଗର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା ଚାଲିଛି। ଏହି କ୍ରମରେ ଭଞ୍ଜନଗର ଏନ୍ଏସିପକ୍ଷରୁ ବୁଧବାର ସହରର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସ୍ଥାନୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ପ୍ରତିଯୋଗିତା ହୋଇଥିଲା। ସୂଚନାଯୋଗ୍ୟ, ପୂର୍ବରୁ ଉପଖଣ୍ଡସ୍ତରୀୟ ପ୍ରତିଯୋଗିତାଗୁଡ଼ିକରେ ଭଞ୍ଜନଗର ସହର ଏବଂ ଆଖପାଖ ଅଞ୍ଚଳର ଛାତ୍ରୀଛାତ୍ରମାନେ କେବଳ ଭାଗ ନେଉଥିଲେ। କିନ୍ତୁ ଚଳିତ ବର୍ଷ ସମସ୍ତ ୮ଟି ବ୍ଲକ ଏବଂ ୫ଟି ଏନ୍ଏସିର ବଛା ବଛା ଛାତ୍ରୀଛାତ୍ରମାନଙ୍କୁ ନେଇ ୨ଟି ପର୍ଯ୍ୟାୟରେ ପ୍ରତିଯୋଗିତା ହେଉଛି। ଉପଜିଲାପାଳ ଅନିଲ କୁମାର ସେଠୀ ପ୍ରତିଯୋଗିତାଗୁଡିକ ବୁଲି ଦେଖୁଛନ୍ତି। ଏଥିସହ ଚୟନ ପ୍ରକ୍ରିୟାରେ ଯେଭଳି କୌଣସି ତ୍ରୁଟି ନ ହେବ ସେଥିପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଗ୍ରାମାଞ୍ଚଳରେ ଏବେ ବି ବିକାଶ ଅପହଞ୍ଚ

କାଶୀନଗର,୭।୮ (ଟି. କ୍ରିଷ୍ଣାରାଓ):

ଗଜପତି ଜିଲା କାଶୀନଗର ବ୍ଲକ ଅଲଡା ପଞ୍ଚାୟତର କୁମ୍ଭିରିଡୁପିଗୁଡା ନାମରେ ପରିଚିତ ରାମକୃଷ୍ଣପୁର ଓ ପଣସଗୁଡାରେ ଜନବସତି ରହିଛି। ପ୍ରାୟ ୧୦ ବର୍ଷ ହେଲା ବାଇଝଲ ଅଞ୍ଚଳରୁ ଆଦିବାସୀ ବର୍ଗର ଲୋକମାନେ ଆସି ସେଠାରେ ବସବାସ କରୁଛନ୍ତି। ହେଲେ ବିକାଶ କ'ଣ ସେମାନେ ଏ ଯାଏ ଜାଣିନାହାନ୍ତି।

ପଣସଗୁଡା ବାସିନ୍ଦା ବିଜୟ ରଇତଙ୍କ କହିବା ଅନୁଯାୟୀ, ତାଙ୍କ ଗୁଡାରେ ଥିବା ଏକମାତ୍ର ନଳକୂପ ବହୁଦିନ ହେଲା ଖରାପ ହୋଇଯାଇଥିଲେ ବି ମରାମତି ପାଇଁ ପଦକ୍ଷେପ ନିଆଯାଇନାହିଁ । ଆଲୋକ ବ୍ୟବସ୍ଥା ପାଇଁ ଲାଗିଥିବା ୩ଟି ସୋଲାର ପ୍ଲେଟ୍‌ରୁ ୨ଟି ଅଚଳ ହୋଇଯାଇଛି। ଏଠାରେ ସମସ୍ତେ ମଜୁରି ଲାଗି ପରିବାର ଚଳାଉଛନ୍ତି। କେବେ କୌଣସି ଡାକ୍ତର



କି ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଆସିଥିବା ସେ ଜାଣିନାହାନ୍ତି ବୋଲି ବିଜୟ କହିଛନ୍ତି। କୁମ୍ଭିରିଡୁପି ଗୁଡାର ଅର୍ଜୁନ ରଇତ କହିଛନ୍ତି, ବହୁ କଷ୍ଟରେ ଛୋଟ ଘର ଖଣ୍ଡିକ ତିଆରି କରିଛି, କୌଣସି ସରକାରୀ ଯୋଜନାରେ କିଛି ସହାୟତା ମିଳିନାହିଁ। ଅନ୍ୟପକ୍ଷରେ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଅର୍ଚ୍ଚନା ରଇତ କହିଛନ୍ତି ଯେ, ସେ ଭଲ ନମ୍ବର ରଖି ପରୀକ୍ଷାରେ ପାସ୍ କରିଥିଲେ। କିନ୍ତୁ ଛୋଟ ଛୁଆର ଜଞ୍ଜାଳ ଯୋଗୁ ଅଧିକ ପଢ଼ିବାକୁ ଚାହିଁଲେନି ବୋଲି କହିଛନ୍ତି। ତାଙ୍କ ଗୁଡାର ଅଧିକାଂଶ ଲୋକ ମଜୁରିଆ ଶ୍ରେଣୀର ଓ ଛୋଟ ଛୋଟ କୁଡ଼ିଆରେ ରହନ୍ତି। କାଶୀନଗର ସହରଠାରୁ ମାତ୍ର ୧୪/୧୫ କି .ମି ଦୂରରେ ସମତଳ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କର ଯଦି ଏଭଳି ଅବସ୍ଥା, ତେବେ ଦୁର୍ଗମ ଅଞ୍ଚଳରେ ଲୋକମାନେ କିପରି ଜୀବନ ଓ ଜୀବିକା ନିର୍ବାହ କରୁଥିବେ, ତାହା ସହଜେ ଅନୁମେୟ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତ। ବିକଶିତ ଓଡ଼ିଶା ଓ ବିକଶିତ ଭାରତର ସ୍ଲୋଗାନ ଯେଉଁମାନେ ଦେଉଛନ୍ତି, ସେମାନେ କୁମ୍ଭିରିଡୁପି ଓ ପଣସଗୁଡା ଆସି ବୁଲିଯିବା ଉଚିତ ବୋଲି ମତ ପ୍ରକାଶ ପାଇଛି ।

## ସଂକ୍ଷେପରେ

### ସ୍କୁଲ ରୋଡରେ ଜମୁଛି ବର୍ଷା, ଆବର୍ଜନା ପାଣି

ବୁଗୁଡ଼ା,୭।୮ (କାଳିଚରଣ ଦାଶ)

ବୁଗୁଡା ବ୍ଲକ ବିରଞ୍ଚିପୁର ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ବର୍ଷା ଓ ଆବର୍ଜନା ପାଣି ଜମି ରହୁଥିବାରୁ ବିଦ୍ୟାଳୟକୁ ଯିବାଆସିବାରେ ଅସୁବିଧା ହେଉଛି। ଯାହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଦିନେ ବର୍ଷା ହେଲେ ଅନେକ ଦିନ ଯାଏ ସେଠାରେ ପାଣି ଜମି ରହି ଦୁର୍ଗନ୍ଧ ହେଉଛି। ରାସ୍ତା କଡ଼ରେ ଯାଇଥିବା ଡ୍ରେନ୍‌ଟି ପୋତି ହୋଇଯାଇଥିବାରୁ ବର୍ଷା ପାଣି ନିଷ୍କାସନ ହୋଇନପାରି ଏଭଳି ସମସ୍ୟା ସୃଷ୍ଟି ହେଉଛି। ତେଣୁ ଏହି ସମସ୍ୟାର ତୁରନ୍ତ ପ୍ରତିକାର କରିବା ପାଇଁ ସ୍ଥାନୀୟ ପ୍ରଶାସନ ଏବଂ ପଞ୍ଚାୟତ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

### ଗଣେଶପୂଜା କମିଟିର ପ୍ରସ୍ତୁତି ବୈଠକ

ଦିଗପହଣ୍ଡି,୭।୮ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବଜାର ସାହି ପୂଜା କମିଟି ପକ୍ଷରୁ ୪୨ ତମ ଗଣେଶ ପୂଜା ପାଳନ ପାଇଁ ସ୍ଥାନୀୟ ଗୁପ୍ତେଶ୍ୱର ଶୈବପୀଠ ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଦସ୍ୟ ବିଚିତ୍ରାନନ୍ଦ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଦୀର୍ଘ ୪୧ ବର୍ଷ ଧରି ବଜାର ସାହି ଗାନ୍ଧୀ ଛକଠାରେ ଗଣେଶ ପୂଜା ଯେପରି ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଆସୁଛି ଚଳିତ ବର୍ଷ ମଧ୍ୟ ଜାକଜମକରେ ପୂଜା ପାଳନ ନେଇ ନିଷ୍ପତ୍ତି ଗୃହୀତ ହୋଇଛି। ବୈଠକରେ ପ୍ରଦୀପ କୁମାର ପଣ୍ଡା, ଶିବଶଙ୍କର ମହାକୁଡ, ନରେନ୍ଦ୍ର ସାହୁ, ଲଲାଟେନ୍ଦୁ ପଧାନ, ଆଶିଷ ପଟ୍ଟନାୟକ, ରବୀନ୍ଦ୍ର ମାର୍ଥା, ବାବୁ ଦାସ, କୁନା ପାତ୍ର, ଅଶୋକ ନନ୍ଦ, ସୁଧାଂଶୁ ପାଣିଗ୍ରାହୀ, ବାରିକ ବେହେରା, ଜେ .ମିଟୁ ରାଓ, ଦେବେନ୍ଦ୍ର ଗୌଡ, ରଞ୍ଜିତ ବେହେରା, ଦେବରାଜ ସାହୁ, ଓଡି . ଅରବିନ୍ଦ, କୁନା ସାହୁ ଉପସ୍ଥିତ ଥିଲେ।

### ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ଦିଗପହଣ୍ଡି,୭।୮ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଏନ୍‌ଏସି ସମ୍ମିଳନୀ କକ୍ଷରେ ସ୍ୱାଧୀନତା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣଙ୍କ ସଂଯୋଜନା ଏବଂ ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାଉନସିଲର ସୁନିଲ କୁମାର ପଣ୍ଡା ଓ ପ୍ରତିନିଧି ରମେଶ ଚନ୍ଦ୍ର ଜେନା ଉପସ୍ଥିତ ଥିଲେ। ଅଙ୍ଗନୱାଡି ଶିଶୁଙ୍କଠାରୁ ଆରମ୍ଭ କରି ପ୍ରାଥମିକ, ଉଚ୍ଚ ପ୍ରାଥମିକ, ହାଇସ୍କୁଲ ଓ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବାକୁ ନିଷ୍ପତ୍ତି ନିଆଯିବା ସହ ପୂର୍ବବର୍ଷ ଗୁଡ଼ିକ ଭଳି ଚଳିତ ବର୍ଷ ମଧ୍ୟ ପତାକା ଉତ୍ତୋଳନ, ପୁରସ୍କାର ବଣ୍ଟନ ଆଦି ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସି କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀ ସଂଘର ପୂର୍ବତନ ସଭାପତି ହରିକୃଷ୍ଣ ପଣ୍ଡା, ଜନାର୍ଦ୍ଦନ ପଣ୍ଡା, ଶୁକ୍ରୁ ସେଠୀ, କାଳୁ ଚରଣ ପାଣିଗ୍ରାହୀ, ସୁବାସ ଚନ୍ଦ୍ର ପାଢ଼ୀ, ଡ. ଅସିତ କୁମାର ଷଡ଼ଙ୍ଗୀ, ବାବୁଲା ପଣ୍ଡା, ପ୍ରମୋଦ କୁମାର ରାଉତ, ଗୀତାଞ୍ଜଳି ପ୍ରଧାନ, ସୁଷମା ଗୌଡ଼, କବିତା ନନ୍ଦ, ପ୍ରିୟଙ୍କା ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଅଙ୍ଗନୱାଡି କର୍ମୀ ଓ ସମସ୍ତ ଏନ୍‌ଏସି କର୍ମଚାରୀ ଉପସ୍ଥିତ ଥିଲେ।

# ବର୍ଷାରେ ଦବିଲା ପୋଲ, ଯାତାୟାତ ବାଧାପ୍ରାପ୍ତ

ଫୁଲବାଣୀ,୭।୮ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ଜାରି ରହିଛି। ଏହାର ପ୍ରଭାବ ଫିରିଙ୍ଗିଆ ବ୍ଲକରେ ଦେଖିବାକୁ ମିଳିଛି। ବ୍ଲକର ଅଧିକାଂଶ ଅଞ୍ଚଳ ଉପାନ୍ତ ଓ ପାହାଡ଼ିଆ ହୋଇଥିବାରୁ ବର୍ଷା ଜଳ ସ୍ରୋତରେ ରାସ୍ତା ଘାଟ ଭାଙ୍ଗି ଯାଇଛି। କିଛି ଅଞ୍ଚଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ବ୍ଲକର ପାଙ୍ଗା ଉପର ସାହି ପଞ୍ଚାୟତର ପାଙ୍ଗା ଗ୍ରାମଠାରୁ ବାଲିଗଟା ଯାଇଥିବା ରାସ୍ତାର ପୁଟୁକିସୁଗାଠାରେ ଥିବା ପୋଲ ବର୍ଷାରେ ଦବିଯିବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଏହି ରାସ୍ତା ଓ ପୋଲ ଉପରେ ବାଲିଗଟା, ପଟିଲ ପିଡ଼ିଆ, ଗାଦାପାଙ୍ଗା, ପିଣ୍ଡାଙ୍ଗୀ, ଲଦା ଆଦି ଅନେକ ଗ୍ରାମର ଜନସାଧାରଣ ଯାତାୟାତ ପାଇଁ ନିର୍ଭର କରୁଥିବାରୁ


ଦବି ଯାଇଥିବା ପୋଲ।

ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ତ୍ତମାନ ପରିସ୍ଥିତିରେ ଏହି ରାସ୍ତା ଦେଇ ପଞ୍ଚାୟତ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟକୁ ଯାଇ ହେଉନାହିଁ। ରାସ୍ତା କାଦୁଅରେ ଭର୍ତ୍ତି ହୋଇଥିବାରୁ ଛାତ୍ରୀଛାତ୍ର ସ୍କୁଲ, କଲେଜ ନ ଯାଇ ଘରେ ରହିବାକୁ ବାଧ ହେଉଛନ୍ତି। ବର୍ଷା ହେଲେ ବହୁ ସମସ୍ୟା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଗତ ବର୍ଷ ମଧ୍ୟ ଏମିତି ଲଗାଣ ବର୍ଷାରେ ଏହି ପୋଲଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ମରାମତି କରାଯାଇଥିଲା । ପୋଲ ମରାମତିର ବର୍ଷେ ନ ପୂରୁଣୁ ପୁଣି ବର୍ଷାରେ ଏହା ଧୋଇ ହୋଇଯାଇଛି । ବିଭାଗର ନିମ୍ନମାନର କାମକୁ ଦାୟୀ କରିଛନ୍ତି ଅଞ୍ଚଳବାସୀ। ତୁରନ୍ତ ଏହି ପୁଟୁକିସୁଗାଠାରେ ଥିବା ପୋଲକୁ ମରାମତି କରିବାକୁ ଅଞ୍ଚଳର ଶିଳ ଦିଗାଲ, ବସିରାମ ଦିଗାଲ, ନରୋତ୍ତମ କହଁର, ଶ୍ରବଣ କହଁର, କୁନି ଦିଗାଲ, ଜୟଚନ୍ଦ୍ର କହଁର, ଭୀମସେନ ଦିଗାଲ, ବିରୂପାକ୍ଷ ଦିଗାଲ, କମଳାକାନ୍ତ ଦିଗାଲ ପ୍ରମୁଖ ଦାବି କରିଛନ୍ତି।

## ସାଉଁଳେଇ-ଶେରଗଡ଼ ରାସ୍ତା ଦେଖିଲେ କେନ୍ଦ୍ରୀୟ ଟିମ୍




ଶେରଗଡ,୭।୮ (ସୂର୍ଯ୍ୟ ନାରାୟଣ ଦାଶ):

ଶେରଗଡ ବ୍ଲକର ବିଭିନ୍ନ ଗ୍ରାମକୁ ଶାଉଁଳେଇରୁ ଶେରଗଡ ଯାଇଥିବା ରାସ୍ତା ସଂଯୋଗ କରୁଛି। ନିକଟରେ ନିର୍ମାଣ ସରିଥିବା ଏହି ରାସ୍ତାକୁ କେ. ସୁଧୀର ସିଂଙ୍କ ନେତୃତ୍ୱରେ ଆସିଥିବା ୨ ଜଣିଆ କେନ୍ଦ୍ରୀୟ ଟିମ ତଦାରଖ କରିଥିଲେ। ପରେ ସେମାନେ ଏହି ରାସ୍ତା ସରୁଥିବା ହରକୃଷ୍ଣପୁର ଠାରେ ପହଞ୍ଚି ପୂର୍ତ୍ତ ବିଭାଗର ଯନ୍ତ୍ରୀ ବନୋଜ ସେଠୀଙ୍କ ଆଲୋଚନା କରିଛନ୍ତି। ରାସ୍ତାର ସୁରକ୍ଷା ପାଇଁ କି କି ପଦକ୍ଷେପ ନିଆଯାଇଛି ତାର ସେ ସମ୍ପର୍କରେ ଯନ୍ତ୍ରୀ ସେଠୀଙ୍କୁ ପଚାରି ବୁଝିଥିବା ଜଣାପଡ଼ିଛି।

## ତେଲ ପାଇଁ ଲଗାଯିବ ତାଳଗଛ


ତାଳ ଗଛ ରୋପଣ କରାଯାଉଛି ।

ମୋହନା,୭।୮ (ମନ୍ମଥ ମିଶ୍ର)

ମୋହନା ବ୍ଲକ ଅନଙ୍ଗପୁର୍ ଗ୍ରାମରେ ପ୍ରଥମଥର ତାଳ ଗଛରୁ ପାମ୍ ଅଏଲ ବାହାର କରାଯିବ। ଏଥିପାଇଁ ବୁଧବାର ମୋହନା ବିଡିଓ ଅନଙ୍ଗପୁର ଗାଁ ନିକଟସ୍ଥ ୨୫ ଏକର ଜମିରେ ତାଳ ଗଛ ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ୨୫ ଏକର ଜାଗାରେ ତିବ୍ବତୀୟ ଶରଣାର୍ଥୀମାନେ ଚାରା ରୋପଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଫଳରେ ପାମ୍ ଅଏଲ(ତାଳ ତେଲ) ବାହାର କରାଯିବ। ଏହି ତାଳ ଗଛ ଗଜପତି ଜିଲାରେ ପ୍ରଥମ ଥର ଚାଷ କରାଯାଇଥିବା ବେଳେ କୃଷି ଉଦ୍ୟାନ ବିଭାଗ ଅଧୀନରେ ୮ ତିବ୍ବତୀୟ ପରିବାର ନିଜ ହାତକୁ ନେଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଚାରା ରୋପଣ କରିଥିଲେ। ଏହି ତେଲ ଲୋକେ ଖାଇବା ପାଇଁ ବ୍ୟବହାର କରିପାରିବେ। ଆଗକୁ କିଭଳି ଅଧିକରୁ ଅଧିକା ଏହି ଚାଷ କରିବେ ତାହା ଗୁରୁତ୍ୱ ଦିଆଯିବ ବୋଲି ବିଡିଓ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ରାଜୀବ ଦାସ, କୃଷି ଉଦ୍ୟାନ ବିଭାଗ ଡିଡିହେଚ୍ ସୁଶାନ୍ତ ରଞ୍ଜନ ଦାସ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସୁଶ୍ରୀ ଚୌଧୁରୀ, ସହକାରୀ କୃଷି ଉଦ୍ୟାନ ଅଧିକାରୀ କରୁଣାକର ପାଇକ, ଗୋପୀନାଥ ସାହୁ ଓ ସରପଞ୍ଚ ଯମୁନା ରଇତ ଯୋଗ ଦେଇଥିଲେ।

## ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍ ପରିଦର୍ଶନକଲେ ପରିବହନ ମନ୍ତ୍ରୀ

ଛତ୍ରପୁର,୭।୮ (ଦିଲ୍ଲୀପ ସାମଲ):




ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବୁଧବାର ଅପରାହ୍ନରେ ଛତ୍ରପୁର ବ୍ଲକ ଅଗସ୍ତିନୂଆଗାଁସ୍ଥିତ ଗଞ୍ଜାମ ଆଞ୍ଚଳିକ ପରିବହନ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ପରିଚାଳିତ ହେଉଥିବା ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍ ପରିଦର୍ଶନ କରିଛନ୍ତି। ସେଠାରେ ଚାଲିଥିବା କାର୍ଯ୍ୟର ତଦାରଖ କରିବା ସହିତ ଲୋକମାନଙ୍କୁ ଉତ୍ତମ ସେବା ଯୋଗାଇବା ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଦୁର୍ଘଟଣା ହାର କିପରି କମିବ ସେଥି ସକାଶେ ଲୋକଙ୍କୁ ଅଧିକ ସଚେତନ କରାଇବା ଏବଂ ଚେକିଂକୁ କଡାକଡି କରିବା ନିମନ୍ତେ ମନ୍ତ୍ରୀ ଜେନା କହିଥିଲେ। ସମସ୍ତ କାର୍ଯ୍ୟର ଚାର୍ଟ କାର୍ଯ୍ୟାଳୟରେ ମାରିବାକୁ କହିଥିଲେ। ମନ୍ତ୍ରୀଙ୍କ ପରିଦର୍ଶନ ବେଳେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଗଞ୍ଜାମ ଆରଟିଓ ମାନସ ରଞ୍ଜନ ସାହୁ, ଏମଭିଆଇ ରବିନ୍ଦ୍ର ନାଥ ଜେନା, ଆଡିଶନାଲ ଆରଟିଓ କେ.ଭେଙ୍କଟ , ଜୁନିୟର ଏମଭିଆଇ ରତିକାନ୍ତ ନାହାକ, ଅଜୟ କୁମାର ବାରିକ, କମଲେଶ ଦାଶ, ବସନ୍ତ ତରାଇ ଓ ଦେବି ପ୍ରସାଦ ଦାଶ ଙ୍କ ସମେତ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

### ଅଞ୍ଚଳର ସମସ୍ୟା ସମାଧାନ ପାଇଁ କମିଟି ଗଠିତ

ଆର.ଉଦୟଗିରି,୭।୮ (ମନୋଜ କୁମାର ପାଢ଼ୀ):

ଆର. ଉଦୟଗିରି ଗ୍ରାମ କଲ୍ୟାଣମଣ୍ଡପ ଠାରେ ଅଞ୍ଚଳର ବୃଦ୍ଧିଜୀବୀମାନେ ଏକାଠି ହୋଇ ଗ୍ରାମର ବିଭିନ୍ନ ସମସ୍ୟାର ସମାଧାନ ଓ ଅଞ୍ଚଳର ବିକାଶ ପାଇଁ ଆଲୋଚନା କରିଛନ୍ତି। ସମସ୍ୟା ସମ୍ପର୍କରେ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆର. ଉଦୟଗିରିରେ ଯୁକ୍ତ ୩ ମହାବିଦ୍ୟାଳୟ ପ୍ରତିଷ୍ଠା, କର୍ମ ନିୟୋଜନ କାର୍ଯ୍ୟାଳୟକୁ ପୁନଃକାର୍ଯ୍ୟକ୍ଷମ, ଶବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକ୍ଷମ କରିବା, ଆତରସିଙ୍ଗ – ତୁମନ ଦେଇ ବାଇପାସ୍ ରାସ୍ତା ନିର୍ମାଣ ଓ କାଳିଆତୋଟା ନାଳ ଶ୍ମଶାନ ପାଇଁ ଏକ ପୋଲ ନିର୍ମାଣ ଆଦି ଦାବି ବିଷୟରେ ଆଲୋଚନା ହୋଇଥିଲା। ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପାଇଁ ଏକ କମିଟି ଗଠନ ହୋଇଛି। ଏଥିରେ ପୂର୍ବତନ ଉପାଧ୍ୟକ୍ଷ ନବୀନ ରଇତ ସଭାପତି ମନୋନୀତ ହୋଇଛନ୍ତି।

## ଜିଲା ସ୍ୱାସ୍ଥ୍ୟ ସମିତିର କାର୍ଯ୍ୟ ନିର୍ବାହୀ କମିଟି ବୈଠକ


ଜିଲାପାଳଙ୍କ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

ଫୁଲବାଣୀ, ୭।୮ (ରାକେଶ କୁମାର ରାଉତ)

ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଜିଲା ସ୍ୱାସ୍ଥ୍ୟ ସମିତିର କାର୍ଯ୍ୟ ନିର୍ବାହୀ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଏଥିରେ ଅଧ୍ୟକ୍ଷତା କରିଥିଲେ । ଜିଲା ସ୍ୱାସ୍ଥ୍ୟ ମିଶନ ପ୍ରକଳ୍ପ ପରିଚାଳକ ମନୋରନ ସାହୁ ପାୱାର ପଏଣ୍ଟ ମାଧ୍ୟମରେ ଗତ ବୈଠକର ବିବରଣୀ ସମ୍ପର୍କରେ ଆଲୋଚନା କରିଥିଲେ।

ଫୁଲବାଣୀ ପୌର ପରିଷଦର ମହାପ୍ରୟାଣ ଗାଡ଼ି ମରାମତି ବାବଦରେ ଅଧିକ ଖର୍ଚ୍ଚ ହେଉଥିବାରୁ ୧୦୮ ଆମ୍ବୁଲାନ୍ସକୁ ମହାପ୍ରୟାଣ ଗାଡ଼ି ଭାବେ ବ୍ୟବହାର କରାଯିବ । ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ଡ୍ରାଇଭର ସେହି ଗାଡ଼ି ଚଳାଇବେ। ସେଥିପାଇଁ ଆବଶ୍ୟକ ଖର୍ଚ୍ଚ ଜିଲାପାଳଙ୍କ ଅନୁମୋଦନ କ୍ରମେ ରେଡକ୍ରସ୍ ପାଣ୍ଠିରୁ ଭରଣା କରାଯିବ। ଜିଲା ସଦର ମହକୁମା ନିକଟରେ କାର୍ଯ୍ୟ କରୁଥିବା ପୁରୁଷ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ଜନସ୍ୱାର୍ଥ ପାଇଁ ଆଭ୍ୟନ୍ତରୀଣ ଅଞ୍ଚଳକୁ ସ୍ଥାନାନ୍ତର କରାଯିବ। ଜିଲା ମୁଖ୍ୟ ଚିକିତ୍ସାଳୟ/ଉପଖଣ୍ଡ ଚିକିତ୍ସାଳୟ ପାଇଁ ହେଲ୍ପ ଡେସ୍କ ସେବା ଏବଂ ହସ୍ପିଟାଲ ଡାଏଟ୍ ସର୍ଭିସ୍ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଚୂଡ଼ାନ୍ତ ହେବା ଯାଏ ବୃଦ୍ଧି କରାଯିବ ବୋଲି ଜଣାପଡ଼ିଛି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ହାର, ମାତୃ ଓ ଶିଶୁ ମୃତ୍ୟୁହାର, ନବଜାତ ଶିଶୁ ମୃତ୍ୟୁହାର, ପୃଷ୍ଟିକର ଥଇଥାନ କେନ୍ଦ୍ର, ଶୂନରୁ ୬ ବର୍ଷ ବୟସର ଶିଶୁ ଲିଙ୍ଗ ଅନୁପାତ ଉପରେ ଆଲୋଚନା କରାଯାଇଥିଲା। କେଉଁ ସି.ଏଚ୍.ସି.ରେ ଏକ୍ସ–ରେ କରା ଯାଉନାହିଁ ଏବଂ କ'ଣ ପାଇଁ ହେଉନାହିଁ ବୋଲି ଜିଲାପାଳ ପଚାରି ବୁଝିଥିଲେ। ଅନୁଷ୍ଠିତ ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ପଣ୍ଡାଙ୍କ ସମେତ ସମସ୍ତ ବିଭାଗର ଚିକିତ୍ସା ଅଧିକାରୀ, ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ, ହୋମିଓପାଥି ଚିକିତ୍ସାଧିକାରୀ, ଆରଡବ୍ଲୁଏସ୍‌ଏସ୍ ଅଧିକ୍ଷଣ ଯନ୍ତ୍ରୀ, ରାସ୍ତା ଓ କୋଠାବାଡ଼ି ଅଧିକ୍ଷଣ ଯନ୍ତ୍ରୀ, ପୌର ପରିଷଦ ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

### ଫାଇଲେରିଆ, ଡେଙ୍ଗୁ, ମ୍ୟାଲେରିଆ, ସମ୍ପର୍କିତ ସଚେତନତା

ରମ୍ଭା,୭।୮ (ବନବାସୀ ସେଠୀ)

ସାବୁଳିଆ ଗ୍ରାମ ପଞ୍ଚାୟତରେ ଦୁଇ ଦିନ ଧରି ଫାଇଲେରିଆ, ଡେଙ୍ଗୁ, ମ୍ୟାଲେରିଆ, ଝାଡ଼ାବାନ୍ତି ରୋଗର ନିରାକରଣ ପାଇଁ ସଚେତନତା ରାଲି କାର୍ଯ୍ୟକ୍ରମ ସରପଞ୍ଚ ଅହଲ୍ୟା ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ପ୍ରତ୍ୟେକ ୱାର୍ଡର ଗଳି କନ୍ଦି ସାହି ବୁଲି ଲୋକମାନଙ୍କୁ ବିଭିନ୍ନ ରୋଗ ବିଷୟରେ ବୁଝାଇବା, ନିଜକୁ ଏବଂ ଆଖପାଖ ଅଞ୍ଚଳକୁ ସଫା ସୁତୁରା ରଖିବା, ଜ୍ୱର ହେଲେ ଡାକ୍ତରଙ୍କ ପରାମର୍ଶ ନେବା, ମଶାରୀ ଟାଙ୍ଗୀ ଶୋଇବା ଆଦି ବାର୍ତ୍ତା ଦେଇ ଜନ ସଚେତନତା କରିବା ଓ ସ୍ଥାନେ ସ୍ଥାନେ ରୋଗ ଚିହ୍ନଟ କରି ମେଡ଼ିସିନ ଦେବା ଥିଲା ପ୍ରଥମ ଦିନର କାର୍ଯ୍ୟକ୍ରମ। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ଗୁରୁ କଲ୍ୟାଣୀ ବେହେରା, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ସୁଦାମ ଚରଣ ବେହେରା, ମହିଳା ସ୍ୱାସ୍ଥ୍ୟ କର୍ମୀ ବନ୍ଦନା ପାତ୍ର, ସହ ଅଙ୍ଗନୱାଡି କର୍ମୀ ସନ୍ଧ୍ୟାରାଣୀ ପଣ୍ଡା, ସୁକୁମାରୀ ବେହେରା, କଳ୍ପନା ପଣ୍ଡା ପୁଷ୍ପଲତା ବେହେରା, ଆଶାକର୍ମୀ ଭାଗ୍ୟଶ୍ରୀ ନାହାକ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସରପଞ୍ଚ ପ୍ରତିନିଧି ସଶଧର ବେହେରା ସଂଯୋଜନା କରିଥିଲେ। ଦ୍ୱିତୀୟ ଦିନ ଷ୍ଟୁଡେଣ୍ଟସ ନୋଡାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅମର ପ୍ରସାଦ ନାହାକଙ୍କ ନେତୃତ୍ୱରେ ଏକ ସଚେତନତା ରାଲି ଅଭିଯାନ ହୋଇଥିଲା।

## ମୋହନା ବିଡିଓଙ୍କ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ

ମୋହନା,୭।୮ (ମନ୍ମଥ ମିଶ୍ର)

ମୋହନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ ଦାସ ବିଭିନ୍ନ ପଞ୍ଚାୟତ ଗସ୍ତ କରି ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ କରିଛନ୍ତି। ବୁଧବାର ପୂର୍ବାହ୍ନରେ ବ୍ଲକର ଚାନ୍ଦିପୁଟ ପଞ୍ଚାୟତରେ ପହଞ୍ଚି ଉନ୍ନୟନ ମୂଳକ କାର୍ଯ୍ୟ ତଦାରଖ କରିଥିଲେ। ପରେ ଚନ୍ଦ୍ରଗିରି ଗ୍ରାମ ପଞ୍ଚାୟତରେ ପହଞ୍ଚି ସରପଞ୍ଚ ରଜନୀକାନ୍ତ ପ୍ରଧାନଙ୍କ ସହ ଉନ୍ନୟନ ମୂଳକ କାର୍ଯ୍ୟ ନେଇ ଆଲୋଚନା କରିବା ସହ ନିର୍ମାଣ କାର୍ଯ୍ୟ ଚାଲିଥିବା ଗ୍ରାମ ପଞ୍ଚାୟତ ସୁବିଧା କେନ୍ଦ୍ର ଓ ମୁଖ୍ୟ ପ୍ରବେଶ ଦ୍ୱାର କାର୍ଯ୍ୟ ଶୀଘ୍ର ସାରିବାକୁ କହିଥିଲେ। ପରେ ଲବାରସିଂ ଗ୍ରାମ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଥିବା ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ।

## ଶିକ୍ଷକ ସଂଘର ବାର୍ଷିକ ସମ୍ମିଳନୀ

ବେଲଗୁଣ୍ଠା,୭।୮ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ):

ବେଲଗୁଣ୍ଠା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ପ୍ରଥମ ବାର୍ଷିକ ସମ୍ମିଳନୀ ଏବଂ ନବ ନିର୍ବାଚିତ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ନୋଡାଲ୍ ଘୁମୁସର ବୈଷୟିକ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ରୂପେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ରୂପେ ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷା ଟି. ବବିତା କୁମାରୀ ଯୋଗ ଦେଇଥିଲେ। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ରାଜ୍ୟ ସମ୍ପାଦକ ବିଭୁ ପ୍ରସାଦ ସାହୁ, ଜିଲା ସମ୍ପାଦକ ଜି. ତ୍ରିପତି, ବ୍ଲକ ସମ୍ପାଦକ ମନୋରଞ୍ଜନ ବିଷୋୟୀ, ଅବସରପ୍ରାପ୍ତ ଶିକ୍ଷକ ପୀତାମ୍ବର ପରିଡ଼ା, ସମାଜସେବୀ ଲିଙ୍ଗରାଜ ପାତ୍ର, ଜିତେନ୍ଦ୍ର ନାୟକ, ଯତୀନ୍ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବେଲଗୁଣ୍ଠା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ବିଧାୟକ ନୀଳମଣି ବିଷୋୟୀଙ୍କୁ ସମ୍ବର୍ଦ୍ଧନା ପତ୍ର, ଉପଢୌକନ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଗୁରୁ ହେଉଛନ୍ତି ରାଷ୍ଟ୍ରର ଗୌରବ। ପ୍ରତ୍ୟେକ ଗୁରୁ ଗୋଟିଏ ଉତ୍ତମ ଶିଷ୍ୟ ସୃଷ୍ଟି କଲେ ରାଷ୍ଟ୍ର ପ୍ରଗତିର ଚରମ ସୀମାରେ ପହଞ୍ଚିପାରିବ ବୋଲି ସୋରଡ଼ା ବିଧାୟକ କହିଥିଲେ। ଏହା ସହିତ ପ୍ରାଥମିକ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଶୀଘ୍ର ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା।

## ବଜେଟ ସମ୍ପର୍କିତ ଆଲୋଚନାଚକ୍ର

ଜି.ଉଦୟଗିରି,୭।୮ (ଶିଶିର ପଟ୍ଟନାୟକ)

ଜି.ଉଦୟଗିରିସ୍ଥିତ କଳିଙ୍ଗ ମହାବିଦ୍ୟାଳୟ, ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଆନୁକୂଲ୍ୟରେ ୨୦୨୪–୨୫ ଆର୍ଥିକ ବର୍ଷର ବଜେଟ୍ ସମ୍ପର୍କିତ ଏକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେର ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଆଲୋଚକ ଭାବରେ ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପକ ବିନାୟକ ବିଶ୍ୱାଳ ଏବଂ ଅଧ୍ୟାପକ ରଞ୍ଜିତ କୁମାର ନାୟକ ଯୋଗଦେଇ ଚଳିତ ବଜେଟର ପ୍ରସ୍ତୁତି ଏବଂ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଏହାର ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ନଳିନୀ କୁମାର ପାଣିଗ୍ରାହୀ ମଞ୍ଚାସୀନ ଥିବା ବେଳେ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗିରିଶ ଚନ୍ଦ୍ର ମୁଠାମାଝୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପିକା ସରିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶହେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା ଅଧ୍ୟାପକ ଅଂଶଗ୍ରହଣ କରିଥିଲେ।

## ଘରୋଇ ଯୋଗାଣ ପାଇପରେ ଗୋଳିଆପାଣି

### କୂଅ, ନଳକୂଅ ପାଖରେ ଭିଡ଼, ବୃଦ୍ଧି ପାଉଛି ଥଣ୍ଡା କାଶ ଜ୍ୱର

ବାଲିଗୁଡ଼ା,୭।୮ (ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଏନ୍‌ଏସି ଅଞ୍ଚଳରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଳ ଯୋଗାଣ କରାଯାଉଛି। କିନ୍ତୁ ବର୍ତ୍ତମାନ କିଛି ଦିନ ହେଲା ଗୋଳିପାଣି ଆସୁଥିବାରୁ ଏହା ବ୍ୟବହାର ହୋଇପାରୁ ନାହିଁ। ଫଳରେ ସାହି ବାସିନ୍ଦା ବାଧ୍ୟ ହୋଇ କୂଅ ଓ ନଳକୂପ ଉପରେ ଭରସା କରୁଛନ୍ତି। ଏହି ଗୋଳିଆ ପାଣି ପାନ କରି ୱାର୍ଡ ବାସିନ୍ଦାମାନେ ଥଣ୍ଡା, କାଶ, ଜ୍ୱର ଭଳି ବିଭିନ୍ନ ପ୍ରକାର ସଂକ୍ରାମକ ରୋଗରେ


ପାଇପରେ ଆସୁଥିବା ଗୋଳିପାଣି।

ଆକ୍ରାନ୍ତ ହେଉଛନ୍ତି। ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ରହିଛି ୧୩ଟି ୱାର୍ଡ। ସମସ୍ତ ୱାର୍ଡରେ ଥିବା ପାଇପରେ ଆସୁଛି ଗୋଳିପାଣି। କାଦୁଅ ପାଣି ଭଳି ଦେଖା ଯାଉଥିବା ବେଳେ ଏହା ଆଦୌ ବ୍ୟବହାର କରାଯାଇ ପାରୁନାହିଁ। ଏ ନେଇ ୱାର୍ଡ ବାସିନ୍ଦା ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି କୂଅ, ନଳକୂଅ ପାଣି ବ୍ୟବହାର କରୁଛନ୍ତି। ଗୋଳିପାଣି ବ୍ୟବହାର କରିବା ଦ୍ୱାରା କାଛୁ କୁଣ୍ଡିଆ ଭଳି ବିଭିନ୍ନ ସଂକ୍ରାମକ ରୋଗ ହେବା ଆଶଙ୍କା ରହିଥିବା କୁହାଯାଉଛି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀ ଏ.ଚକ୍ରଧରଙ୍କୁ ପଚାରିବାରୁ ବର୍ଷା ଦିନ ଯୋଗୁ ନଦୀରେ ଗୋଳି ପାଣି ଆସୁଛି। କେମିକାଲ ମିଶାଇ ଗୋଳି କଟାଯାଉଛି। ତଥାପି ଏନେଇ ଅନୁଧ୍ୟାନ କରିବା ସହ ଶୀଘ୍ର ସଫା ପାଣି ଦେବାକୁ ଆମର ଚେଷ୍ଟା ଜାରି ରହିଛି ବୋଲି ପ୍ରକାଶ କରିଛନ୍ତି।

## ଯାତ୍ରୀ ବିଶ୍ରାମାଗାର ପାଲଟିଛି ଅଟୋଷ୍ଟାଣ୍ଡ

ପାରଳାଖେମୁଣ୍ଡି,୭।୮ (ଗିରିଧାରୀ ପରିଚ୍ଛା):

ଗଜପତି ଜିଲାର ଏକମାତ୍ର ପୌରାଞ୍ଚଳ ହେଉଛି ପାରଳାଖେମୁଣ୍ଡି । ଜନସଂଖ୍ୟା ବଢ଼ିଲା କିନ୍ତୁ ଏଠାକାର ବିକାଶ ସେହି ମାତ୍ରାରେ ହୋଇନଥିବା ଦେଖିବାକୁ ମିଳେ। ଏହାର ଉଦାହରଣ ସ୍ଥାନୀୟ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ବିଶ୍ରାମାଗାର। ଗତ କିଛି ବର୍ଷଧରି ଏଠାରେ ଥିବା ଏକ ଯାତ୍ରୀ ବିଶ୍ରାମାଗାର ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବାରୁ ଜନସାଧାରଣ ଓ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରେ ରଖି ପୌରପାଳିକା ଏହାକୁ ଭାଙ୍ଗି ଦେଇଥିଲା, କିନ୍ତୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିବା ପରେ ଉକ୍ତ ସ୍ଥାନରେ ଅଟୋରିକ୍ସା ଓ ଗାଡିଗୁଡିକ ପାର୍କିଙ୍ଗ କରାଯାଉଥିବା


ଲଟାବୁଦାରେ ପରିପୂର୍ଣ୍ଣ ଯାତ୍ରୀ ବିଶ୍ରାମାଗାର

ଦେଖିବାକୁ ମିଳିଛି। ସହରରେ ଥିବା ବିଭିନ୍ନ ଯାତ୍ରୀବାହୀ ବସ, ଅଟୋ ଓ ଟ୍ୟାକ୍ସିର ଏଠାରେ ରହଣି ସ୍ଥଳ ହୋଇଥିବାରୁ ବର୍ଷ ବର୍ଷ ଧରି ଯାତ୍ରୀମାନେ ଉକ୍ତ ଯାତ୍ରୀ ବିଶ୍ରାମାଗାରରେ ଖରା ଓ ବର୍ଷାରୁ ଯାତ୍ରା ସମୟରେ ରକ୍ଷା ପାଇବା ପାଇଁ ବ୍ୟବହାର କରୁଥିଲେ। କିନ୍ତୁ ଦୀର୍ଘ ୧୦ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଏହାକୁ ଭାଙ୍ଗିବା ପରେ ଯେପରି ପୌରପାଳିକା ନୂତନ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିବା ଭୁଲି ଯାଇଛି । ଫଳରେ ଧୀରେ ଧୀରେ ଏହି ଖୋଲା ସ୍ଥାନ ଉପରେ ଜମି ମାଫିଆଙ୍କ ନଜର ପଡିଛି। ଯେଉଁପରି ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମ୍ମୁଖ ଭାଗରେ ଦିନକୁ ଗୋଟିଏ ଜବର ଦଖଲ କରାଯାଇ କ୍ୟାବିନଗୁଡିକ ନିର୍ମାଣ ହେଉଛି ଆଗାମୀ କିଛି ଦିନରେ ଏହି ଯାତ୍ରୀ ବିଶ୍ରାମାଗାର ମଧ୍ୟ ଜବରଦଖଲ ହେବା ସମ୍ଭାବନା ରହିଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ବାରମ୍ବାର ଖବର ପ୍ରସାରଣ ହୋଇଥିଲେ ମଧ୍ୟ ମରାମତି ହୋଇ ପାରୁନାହିଁ। ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ସରିବା ପରେ ଏହି ବିଶ୍ରାମାଗାର ନିର୍ମାଣ କରାଯିବ ବୋଲି ପୌର ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ଏହାକୁ ଭାଙ୍ଗି ଦୀର୍ଘ ଦଶ ବର୍ଷରୁ ଊର୍ଦ୍ଧ୍ୱ ସମୟ ହୋଇଥିଲେ ମଧ୍ୟ ରାସ୍ତା ମରାମତି ହୋଇପାରିନାହିଁ। ଫଳରେ ଯାତ୍ରୀ ବିଶ୍ରାମାଗାର ଲଟା ବୁଦାରେ ପୂର୍ଣ୍ଣ ହୋଇଥିବା ଦେଖିବାକୁ ମିଳୁଛି।

## ନକଲି ଅଏଲ କାରଖାନା ଠାବ

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ): ବଡବଜାର ଥାନା ସମ୍ମୁଖରେ ଏକ ନକଲି ଅଏଲ କାରଖାନା ଠାବ ହୋଇଛି। ସେଠାରୁ ବିପୁଳ ପରିମାଣର ନକଲି ଅଏଲ ସହ କଞ୍ଚାମାଲ ଜବତ ହୋଇଛି । ଏହି କାରବାରରେ କାରଖାନା ମାଲିକଙ୍କ ସମେତ ୩ ଜଣଙ୍କୁ କାବୁ କରାଯାଇଛି । ପୋଲିସ ସେମାନଙ୍କୁ ଅଟକ ରଖି ପଚରାଉଚରା କରୁଛି।



## ସଂକ୍ଷେପରେ

### ୭ଜଣଙ୍କୁ ମିଳିବ ଗଞ୍ଜାମର କବିତାଘର ସାହିତ୍ୟ ସମ୍ମାନ

ବ୍ରହ୍ମପୁର,୭।୮(ଅଶୋକ କୁମାର ସାହୁ)
ବ୍ରହ୍ମପୁରରେ ଥିବା ଓଡିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ ପକ୍ଷରୁ ଚଳିତବର୍ଷ ନିମନ୍ତେ ସାହିତ୍ୟ ପୁରସ୍କାର ଘୋଷଣା କରାଯାଇଛି। ଅନୁଷ୍ଠାନର ଅଧକ୍ଷ ଭାଗୀରଥି ବେହେରା ଏବଂ ସଭାପତି ଡା. ରାଜେନ୍ଦ୍ର କୁମାର ବେହେରାଙ୍କ ଅଧକ୍ଷତାରେ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକାରୀ କମିଟି ବୈଠକରେ ମନୋନୀତ ସାରସ୍ୱତ ସ୍ରଷ୍ଟାଙ୍କ ଚୂଡାନ୍ତ ତାଲିକା ପ୍ରକାଶ ପାଇଛି । ୭ ସାହିତ୍ୟିକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଇଂ. ସରୋଜ କୁମାର ମହାପାତ୍ରଙ୍କୁ ରାଜ୍ୟସ୍ତରୀୟ କବିତା ସମ୍ମାନ, ଶେଷଦେବ ବେହେରାଙ୍କୁ ଜିଲାସ୍ତରୀୟ କବିତା ସମ୍ମାନ, ଶଶାଙ୍କ ଚୂଡାମଣିଙ୍କୁ ଶ୍ରେଷ୍ଠ ସମ୍ପାଦକ ସମ୍ମାନ, ଅଶୋକ ମହାନ୍ତିଙ୍କୁ ଶ୍ରେଷ୍ଠ ପ୍ରକାଶକ ସମ୍ମାନ, ଡ.ସହଦେବ ସ୍ୱାଇଁ ଓ ଜ୍ଞାନ ରଂଜନ ସ୍ୱାଇଁଙ୍କୁ ସ୍ୱର୍ଗତା ଦେବମଣି ସାହୁ ପୁସ୍ତକ ସ୍ମୃତି ସମ୍ମାନ, ଇଂ ନଳିନୀକାନ୍ତ ନାୟକଙ୍କୁ ସ୍ୱର୍ଗତା ରୁକ୍ମଣୀ ବେହେରା ପୁସ୍ତକ ସ୍ମୃତି ସମ୍ମାନ, ନର୍ମଦା ଦେବୀଙ୍କୁ ପ୍ରମିଳା ସ୍ୱାଇଁ କବିତା ପୁସ୍ତକ ସମ୍ମାନ ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି। ଘୋଷିତ ଲେଖକଙ୍କୁ ଟ୍ରଷ୍ଟ ତରଫରୁ ଆସନ୍ତା ଅକ୍ଟୋବରରେ ବ୍ରହ୍ମପୁର ଠାରେ ଏକ ଭବ୍ୟ ସାହିତ୍ୟିକ ଆୟୋଜନରେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯିବ ବୋଲି ଅନୁଷ୍ଠାନ ତରଫରୁ ଘୋଷଣା କରାଯାଇଛି । ସମ୍ପାଦକ ଭାଗୀରଥି ବେହେରା ସମସ୍ତ ବିବେଚିତ ସମ୍ମାନିତ ପ୍ରତିଭାଙ୍କୁ ଅନୁଷ୍ଠାନ ତରଫରୁ ଶୁଭେଚ୍ଛା ଜଣାଇଛନ୍ତି। ବିଚାରକ ମଣ୍ଡଳୀ କବି ଦେବେନ୍ଦ୍ର କୁମାର ବାଉରୀ, କବି କୈଳାସ ଚନ୍ଦ୍ର ସାହାଣୀ, କବି ବିଦେଶୀ ନାୟକ, କବି ଜ୍ୟୋସ୍ନାରାଣୀ ଦେବୀ, କବି ଜ୍ୟୋସ୍ନା କୁମାରୀ ପ୍ରଧାନ ଓ କବି ଗୋପୀନାଥ ଦାଶଙ୍କୁ ଧନ୍ୟବାଦ ଦେଇଛନ୍ତି।

### ରୁପା ଗହଣା,ମୋବାଇଲ ଚୋରି

ବ୍ରହ୍ମପୁର,୭।୮(ସୁବାସ ଚନ୍ଦ୍ର ପାଢ଼ୀ)
ସ୍ଥାନୀୟ ଆରଡିସି କଲୋନୀର ଏକ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ମାନସ ନାୟକ ନାମ୍ନୀ ମହିଳା ଏ ସଂକ୍ରାନ୍ତରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ମାନସ ଉକ୍ତ କଲୋନୀର କ୍ୱାର୍ଟର୍ସ ନଂ. ୨ଆରବି୨ରେ ରୁହନ୍ତି। ସେ ଅଫିସରୁ ମଧ୍ୟାହ୍ନଭୋଜନ ନିମନ୍ତେ ଘରକୁ ଆସିଥିବା ବେଳେ ଘରୁ କିଛି ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। କିଛି ରୁପା ଗହଣା ଓ ୨ଟି ହାତ ଘଣ୍ଟା ଓ ଗୋଟିଏ ମୋବାଇଲ ଫୋନ ନ ଥିବା ଦେଖି ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ନଂ. ୩୬୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ପ୍ରାଥମିକ ସ୍କୁଲ ବନ୍ଦ,ମିଶ୍ରଣ ବାତିଲ ହେଉ

## ବିଦ୍ୟାଳୟ ସୁରକ୍ଷା କମିଟିର ପଦଯାତ୍ରା ଓ ଗଣ ବିକ୍ଷୋଭ



ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବ୍ରହ୍ମପୁର, ୭।୮(ସ୍ୱାଧୀନ ଶେଖର ପାଢ଼ୀ)

ସରକାରୀ ପ୍ରାଥମିକ ବିଦ୍ୟାଳୟ ବନ୍ଦ ଓ ମିଶ୍ରଣ ବାତିଲ ହେଉ। ତୁରନ୍ତ ସ୍କୁଲରେ ନାମଲେଖା ଆରମ୍ଭ କରାଯାଉ ବୋଲି ବିଦ୍ୟାଳୟ ସୁରକ୍ଷା କମିଟି ଦାବି କରିଛି। ଏହି ପରିପ୍ରେକ୍ଷୀରେ କମିଟି ପକ୍ଷରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟଠାରୁ ପଦଯାତ୍ରା ବାହାରି ଗିରିରୋଡ଼ସ୍ଥିତ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଦିଗପହଣ୍ଡି ବ୍ଲକ ବିଜୟନଗରଗଡ଼, ଗୋବରବାଲସା, ନୂଆଁ ଘନସିଂ, ପୁରୁଷୋତ୍ତମପୁର ବ୍ଲକର ଡ଼ି. ଅନ୍ତରିଗାଁ, ଶେରଗଡ଼ ବ୍ଲକର କମଳାଦେଇପୁର ଏବଂ ଆସିକା ବ୍ଲକର ଟିନି ଶିକ୍ଷ ସ୍କୁଲଗୁଡ଼ିକୁ ତୁରନ୍ତ ଖୋଲିବା ସହ ନାମଲେଖା ପ୍ରକ୍ରିୟା ଆରମ୍ଭ କରାଯାଉ ବୋଲି କମିଟି କହିବା ସହ ଏ ସଂକ୍ରାନ୍ତ ଦାବିପତ୍ର ଜିଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଗଣ ଶିକ୍ଷାମନ୍ତ୍ରୀ ଏବଂ ଜିଲାପାଳଙ୍କୁ ପ୍ରଦାନ କରିଛି ।

୨୦୧୮ରେ ରାଜ୍ୟ ସରକାର ୧୪,୩୭୯ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ସେଥିମଧ୍ୟରେ ଗଞ୍ଜାମ ଜିଲାର ୪୩୩ ସ୍କୁଲ ରହିଥିଲା। ସ୍କୁଲ ବନ୍ଦ କରିବା ପ୍ରକ୍ରିୟା ୨୦୨୦ ଶିକ୍ଷା ବର୍ଷରୁ ଆରମ୍ଭ ହୋଇଥିଲା । ଉପରୋକ୍ତ ସ୍କୁଲଗୁଡିକରେ କମ ଛାତ୍ରୀଛାତ୍ର ଥିବା ଆଳ ଦେଖାଇ ନିକଟବର୍ତ୍ତୀ ସ୍କୁଲ ଯାହାର ଦୂରତ୍ୱ ପ୍ରାୟ ୧.୫କି.ମି.ରୁ ଉର୍ଦ୍ଧ୍ୱ ସହ ମିଶ୍ରଣ ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ସ୍କୁଲଗୁଡ଼ିକରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢିବା ପାଇଁ ପ୍ରସ୍ତୁତ ଅଛନ୍ତି । ମିଶ୍ରଣ ହୋଇଥିବା ସ୍କୁଲକୁ କୋମଳମତି ଶିଶୁମାନେ ମୁଖ୍ୟ ରାସ୍ତା ପାର କରି ଯିବା ଆସିବା ପ୍ରତି ମୁହୂର୍ତ୍ତରେ ଦୁର୍ଘଟଣାର ସମ୍ଭାବନା ରହିଛି । ସେହିପରି ଗ୍ରାମବାସୀ ଗ୍ରାମର ଅଧିକାଂଶ ଅଭିଭାବକ ଗରିବ,ଶ୍ରମିକ ଶ୍ରେଣୀର ହୋଇଥିବାରୁ ପିଲାଙ୍କୁ ପ୍ରତ୍ୟେକ ଦିନ ସ୍କୁଲକୁ ନେବା ଆଣିବା କରିବା ସମ୍ଭବ ନୁହେଁ। ଅନ୍ୟପଟେ ରାଜ୍ୟର ବିପର୍ଯ୍ୟସ୍ତ ସ୍କୁଲ ଶିକ୍ଷା ବ୍ୟବସ୍ଥାକୁ ନ ସଜାଡି ସରକାରୀ ସ୍କୁଲଗୁଡିକୁ ବନ୍ଦ କରିବା ଦ୍ୱାରା ଘରୋଇ ଶିକ୍ଷାକୁ ପ୍ରୋତ୍ସାହିତ କରାଯାଉଛି। ଏହି ମିଶ୍ରଣ ଏବଂ ବନ୍ଦ ନୀତି ଫଳରେ ସ୍କୁଲର ଛାତ୍ରୀଛାତ୍ରଙ୍କ ପାଠପଢାରେ ଡୋରି ବନ୍ଧା ହେଉଛି । ତେଣୁ ସରକାର ସ୍କୁଲ ବନ୍ଦ ଓ ମିଶ୍ରଣ ନୀତି ସଂପୂର୍ଣ୍ଣ ପ୍ରତ୍ୟାହାର କରି ରାଜ୍ୟ ତଥା ଜିଲାରେ ବନ୍ଦ କରାଯାଇଥିବା ସରକାରୀ ପ୍ରାଥମିକ ସ୍କୁଲଗୁଡିକୁ ତୁରନ୍ତ ଖୋଲି ନାମଲେଖା ଆରମ୍ଭ କରିବା ପାଇଁ ବିଦ୍ୟାଳୟ ସୁରକ୍ଷା କମିଟି କରିଛି। କାର୍ଯ୍ୟକ୍ରମରେ ଏଆଇଡ଼ିଏସଓ ରାଜ୍ୟ ସଭାପତି ସୋମନାଥ ବେହେରା, ଜିଲା ସଭାପତି ନିମାଇଁ ଚରଣ ସାହୁ, ଉପସଭାପତି ପପୁନ ସାହୁ, ସମ୍ପାଦକ ନାରାୟଣ ସାହୁ, ଜିଲା କମିଟି ସଭ୍ୟା ଶୁଭସ୍ମିତା ପାଣିଗ୍ରାହୀଙ୍କସହ ବିଦ୍ୟାଳୟ ସୁରକ୍ଷା କମିଟି ତରଫରୁ କିରଣ କୁମାର ନାହକ, ବିଷ୍ଣୁ ପ୍ରସାଦ ମହାରଣା, ବିକ୍ରମ ନାହକ, ଅନିଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ହସ୍ତତନ୍ତ ଦିବସ


କାର୍ଯ୍ୟକ୍ରମରେ କୁଳପତିଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୭।୮(ସ୍ୱାଧୀନ ଶେଖର ପାଢୀ)
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବୁଧବାର ଗୃହ ବିଜ୍ଞାନ ପକ୍ଷରୁ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି । ଏଥିରେ ବିଭାଗର ବହୁ ବିଦ୍ୟାର୍ଥୀ ଓ ଅଧ୍ୟାପିକା ତନ୍ତ ନିର୍ମିତ ବସ୍ତ୍ର ପରିଧାନ କରି ବିଶ୍ୱବିଦ୍ୟାଳୟ ପରିକ୍ରମା କରିଥିଲେ । ଛାତ୍ରୀମାନେ 'କୁଟି ଖାଅ ଓ କାଟି ପିନ୍ଧ, ସ୍ୱଦେଶୀ ହୁଅ' ସ୍ଲୋଗାନ ଦେବା ସହ ପୋଷ୍ଟର ପ୍ରଦର୍ଶନ କରି ହସ୍ତତନ୍ତର ବାର୍ତ୍ତା ଦେଇଥିଲେ । ହସ୍ତତନ୍ତର ପ୍ରଚାର, ପ୍ରସାର ଓ ପୁନରୁଦ୍ଧାର କିଭଳି ହେବ ସେ ବିଷୟରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଗୁରୁତ୍ୱ ଦେଇଥିଲେ । ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ । ଗୃହ ବିଜ୍ଞାନ ମୁଖ୍ୟା ଡ. ସସ୍ମିତା ବେହେରା ଧନ୍ୟବାଦ ଦେଇଥିଲେ । ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଅଲିତାମିଂଜ ସମସ୍ତ ଅଧ୍ୟାପକ ଓ ପ୍ରାଧ୍ୟାପକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଜିଲାସ୍ତରୀୟ ହାକାଥନ ପ୍ରତିଯୋଗିତା



ପ୍ରତିଯୋଗିତାରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

ବ୍ରହ୍ମପୁର,୭।୮(ସ୍ୱାଧୀନ ଶେଖର ପାଢୀ)
ଜିଲାସ୍ତରୀୟ ହାକାଥନ ପ୍ରତିଯୋଗିତା ବୁଧବାର ଶହୀଦ ଲକ୍ଷ୍ମଣ ନାୟକ ସରକାରୀ ପୌରପାଳିକା ଉଚ୍ଚ ବିଦ୍ୟାଳୟ କୋର୍ଟପେଟାରେ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ ଓ ଭୁବନେଶ୍ୱର ଓ.ୟୁ.ଟି.ଆରର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଭିତରେ ବିଭିନ୍ନ ସମସ୍ୟା ଓ ତାହାର ସମାଧାନ କିପରି ହେବ ପ୍ରତିଯୋଗିତାର ମୂଳଲକ୍ଷ୍ୟ ଥିଲା। ଜିଲାର ୬୫ ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଓୟୁଟିଆରର ଆସୋସିଏଟ ପ୍ରଫେସର ସୁଧାଂଶୁ ଶେଖର ସାହୁ ଏବଂ ଆସିଷ୍ଟାଣ୍ଟ ପ୍ରଫେସର ବିଷ୍ଣୁ ନାରାୟଣ ମହାପାତ୍ର ବିଚାରକ ଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମର ଉପାଦେୟତା କହିଥିଲେ। ଦୁଇ ଅତିରିକ୍ତ ଜିଲାଶିକ୍ଷାଧିକାରୀ ରାଜେଶ କୁମାର ପ୍ରଧାନ ଓ ଚିତ୍ତରଞ୍ଜନ ପାଣ୍ଡେ ଉପସ୍ଥିତ ଥିଲେ । ଉଦଯାପନୀ କାର୍ଯ୍ୟକ୍ରମରେ ସରକାରୀ ମେଡିକାଲ କ୍ୟାମ୍ପସର ପ୍ରଧାନ ଶିକ୍ଷୟିତ୍ରୀ ଡ.ପ୍ରଭାତୀ କୁମାରୀ ମହାପାତ୍ର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ଖଲ୍ଲିକୋଟ କନିଷ୍ଠ ମହାବିଦ୍ୟାଳୟର ଛାତ୍ର ରାମେଶ୍ୱର ଶତପଥି, ସୋରଡା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଦିବ୍ୟଦିଶା ବିଷୋୟୀ, ନିମିନା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଅମ୍ରିତା ସ୍ୱାଇଁ ଯଥାକ୍ରମେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୃତୀମାନେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ । ଏଥିରେ ନୋଡାଲ ଅଫିସର ଦାଶରଥି ମୁର୍ମୁ ଓ ଜିଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା ସହଯୋଗ କରିଥିଲେ । ସ୍କୁଲର ପ୍ରଧାନ ଶିକ୍ଷକ ସନାତନ ଜାଲି ଧନ୍ୟବାଦ ଦେଇଥିଲେ ।

## ଖୋଡାସିଙ୍ଗିଠାରେ ଜାତୀୟ ହସ୍ତତନ୍ତ ଦିବସ


ମହିଳା ମୋର୍ଚ୍ଚା ପକ୍ଷରୁ ବୁଣାକାରଙ୍କୁ ସମ୍ବର୍ଦ୍ଧନା।

ବ୍ରହ୍ମପୁର,୭।୮(ସ୍ମୃତି ରଞ୍ଜନ ମହାଲିକ)

ଭାଜପା ଜିଲା ମହିଳା ମୋର୍ଚ୍ଚା ପକ୍ଷରୁ ବୁଧବାର ଖୋଡାସିଙ୍ଗିଠାରେ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସଂପାଦିକା ବବିତା ପାତ୍ର, ବରିଷ୍ଠ ନେତା ବନ ସେଠୀ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନୁଯା ନନ୍ଦ ବିଶ୍ୱାଳ ଓ ଡ ସନ୍ଧ୍ୟା ତ୍ରିପାଠୀ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ବ୍ରହ୍ମପୁରୀ ପାଟ, ସମ୍ବଲପୁରୀ ବାନ୍ଧ, କୋଟପାଡ କଟନ, ବୋମକେଇ ଶାଢି ଭଳି ଶାଢିରେ ଆଜି ଓଡିଶା ଅସ୍ମିତା ଝଲସି ଉଠୁଛି। ପ୍ରବାହ ମାନ କାଳରୁ ନିଜ କଳାକୁ ବଞ୍ଚାଇ ରଖିବା ପାଇଁ ଅହରହ ପରିଶ୍ରମ କରୁଥିବା କାରିଗରଙ୍କୁ ଜାତୀୟ ହସ୍ତତନ୍ତ ଦିବସରେ ସମ୍ମାନିତ ଓ ଉତ୍ସାହିତ କରିବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଭିନ୍ନ ବୁଣାକାରଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସଂପାଦିକା ମୋନିକା ପ୍ରହରାଜ ଓ ଉଷାରାଣୀ ମହାପାତ୍ର ସହଯୋଗ କରିଥିଲେ।

## ବିଶ୍ୱବିଦ୍ୟାଳୟରେ ଗୃହବିଜ୍ଞାନ ବିଭାଗ ପକ୍ଷରୁ ସ୍ତନ୍ୟପାନ ସପ୍ତାହ

ବ୍ରହ୍ମପୁର, ୭।୮(ସ୍ୱାଧୀନ ଶେଖର ପାଢ଼ୀ)
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗୃହ ବିଜ୍ଞାନ ବିଭାଗ ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ର ସହଯୋଗରେ ବିଶ୍ୱ ବିଦ୍ୟାଳୟରେ ଥିବା ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଡ. ସଂଦୀପ କୁମାର ଦାସ ସଂଯୋଜନା କରିଥିଲେ । ଗୃହ ବିଜ୍ଞାନ ବିଭାଗର ମୁଖ୍ୟା ଡ. ସସ୍ମିତା ବେହେରା ଧନ୍ୟବାଦ ଦେଇଥିଲେ। ଅଲିତା ମିଞ୍ଜ, ଅସ୍ମୀତା ବେଉରା ଓ ମାନସୀ ମେହେର ସମେତ ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ।

## ଟ୍ରେନ୍ ଯାତ୍ରୀଙ୍କଠାରୁ ଲୁଟୁଥିବା ୫ଜଣିଆ ଗ୍ୟାଙ୍ଗ ଗିରଫ

ବ୍ରହ୍ମପୁର,୭।୮(ସୁବାସ ଚନ୍ଦ୍ର ପାଢ଼ୀ)

ବିଭିନ୍ନ ଟ୍ରେନରେ ଚଢି ଯାତ୍ରୀଙ୍କ ମୋବାଇଲ ଫୋନ୍ ଓ ଭ୍ୟାନିଟ ବ୍ୟାଗ ଲୁଟ କରୁଥିବା ୫ ଜଣିଆ ଗ୍ୟାଙ୍ଗକୁ ସରକାରୀ ରେଳବାଇ ପୋଲିସ (ଜିଆରପି) ଗିରଫ କରିଛି । ସେମାନେ ହେଲେ ବଡବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗର ଧାନମେରା ସାହିର ଚନ୍ଦ୍ରଶେଖର ବେହେରା, ଭେଙ୍କଟେଶ୍ୱର ମନ୍ଦିର ନିକଟ ଉତ୍କଳ ସିନେମାର ଅଞ୍ଚଳର ଆର୍ଯ୍ୟାନ ଗୌଡ, ଟାଉନ ଥାନା ଗିରି ମାର୍କେଟ ମେୟାଚି ସାହିର ପି. ରମେଶ, ଯାଜପୁର ଜିଲା ଯଖପୁରା ଥାନା ଦାସମଣିଆ ଗ୍ରାମର ପୃଥିବୀ ପ୍ରଧାନ ଏବଂ ପୁରୀ ଜିଲା କଣାସ ବ୍ଲକ ଚାନ୍ଦପଡାର ନରସିଂହ ନାୟକ । ଘଟଣାକୁ ନେଇ ଆରପିଏଫ ଏସଆଇ ପି. ହରିଶ କୁମାରଙ୍କ ଅଭିଯୋଗକ୍ରମେ ଜିଆରପି ଥାନାରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୬ଟି ମୋବାଇଲ, ୧୭୬୦୦ ଟଙ୍କା, ରୁପା ଅଳଙ୍କାର, ହେଡଫୋନ ଆଦି ଜବତ କରିଛି । ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀଙ୍କ ଠାରୁ ଅନେକ ସମୟରେ ମୋବାଇଲ, ଭେନିଟ ବ୍ୟାଗ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହେଉଥିବା ଅଭିଯୋଗ ହେଉଥିଲା । ଏହାପରେ ଆରପିଏଫ ଓ ଜିଆରପି କର୍ମଚାରୀମାନେ ଏହି ଚୋର ଗ୍ୟାଙ୍ଗକୁ ଠାବ କରିବାକୁ ଯାଞ୍ଚ କଡାକଡି କରିଥିଲେ । ଆରପିଏଫ ପକ୍ଷରୁ ଅଭିଯୁକ୍ତ ଚନ୍ଦ୍ରଶେଖର, ଆର୍ଯ୍ୟାନ, ରମେଶ ଓ ପୃଥିବୀଙ୍କୁ ଗିରଫ କରାଯାଇଥିଲା । ଏହି ୪ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ସେମାନଙ୍କ ଗ୍ୟାଙ୍ଗର ଆଉ ଜଣେ ସଦସ୍ୟ ବ୍ରହ୍ମପୁରରୁ ଖଲ୍ଲିକୋଟ ଦେଇ ଯାଉଥିବା ଏକ ଟ୍ରେନରେ ଯାତ୍ରୀଙ୍କ ଠାରୁ ଚୋରି କରୁଥିବା ଖବର ମିଳିଥିଲା । ସେହିକ୍ରମରେ ପୋଲିସ ଓ ଆରପିଏଫର ଏକ ମିଳିତ ଟିମ ଉକ୍ତ ଟ୍ରେନରେ ଯାଞ୍ଚ ଆରମ୍ଭ କରିଥିଲେ । ଯାଞ୍ଚ ବେଳେ ଅଭିଯୁକ୍ତ ନରସିଂହଙ୍କୁ କାବୁ କରାଯାଇଥିଲା । ତାଙ୍କ ନିକଟରୁ ଏକ ଚୋରି ମୋବାଇଲ, ୫ ହଜାର ଟଙ୍କା, ରୁପା ଚେନ, ମୁଦି ଓ ବ୍ରେସଲେଟ ଜବତ ହୋଇଥିଲା । ସେ ଏହି ସବୁ ସାମଗ୍ରୀ ଯାତ୍ରୀଙ୍କ ଠାରୁ ଚୋରି କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲା । ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

## ୨.୮୦ ଲକ୍ଷ ଠକେଇ ଘଟଣା: ୨ ଗିରଫ

ବ୍ରହ୍ମପୁର,୭।୮(ସୁବାସ ଚନ୍ଦ୍ର ପାଢ଼ୀ)

ଡିଏଆଇ ଇନଭେଷ୍ଟମେଣ୍ଟ ଓ ଗ୍ରୁପ ନାମକ ଏକ ଅନ୍‌ଲାଇନ ଆପ୍ଲିକେଶନରେ ଟଙ୍କା ଜମା କଲେ ଡବଲ ହୋଇଯିବା ପ୍ରତିଶ୍ରୁତି ଦେଇ ଜଣେ ବ୍ୟକ୍ତିଙ୍କଠାରୁ ୨ ଲକ୍ଷ ୮୦ ହଜାର ଟଙ୍କା ଠକେଇ ହୋଇଥିବା ନେଇ ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଡ଼ ବଜାର ଥାନା ଅନ୍ତର୍ଗତ ରଙ୍ଗୁଣିବନ୍ଧ ସାହିର ପ୍ରଶାନ୍ତ କୁମାର ନାୟକ ଓ ଜରଡ଼ା ଥାନା ଅନ୍ତର୍ଗତ ଅଭୟପୁର ଗ୍ରାମର ସୁଧୀର କୁମାର ପ୍ରଧାନ। ଘଟଣାରେ ବ୍ୟବହୃତ ମୋବାଇଲ ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଜବତ କରିଛି । ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ରଙ୍ଗୁଣିବନ୍ଧ ସାହିର ମନୋଜ କୁମାର ମହାପାତ୍ର ୨୦୨୪ ଏପ୍ରିଲରେ ତାଙ୍କର ପରିଚିତ ପ୍ରଶାନ୍ତ କୁମାର ନାୟକଙ୍କ ଜରିଆରେ ଡିଏଆଇ ଆପ୍ଲିକେଶନ ବିଷୟରେ ଜାଣିବାକୁ ପାଇଥିଲେ । ଏହାପରେ ସେ ଏହି ଡିଏଆଇ ଇନଭେଷ୍ଟମେଣ୍ଟ ଓ ଗ୍ରୁପର ବ୍ରହ୍ମପୁର ମୁଖ୍ୟ ସୁଧୀର କୁମାର ପ୍ରଧାନଙ୍କ ସହ ଯୋଡି ହୋଇଥିଲେ । ଏହି ଆପ୍ଲିକେଶନ ଜରିଆରେ ଅନଲାଇନରେ ଟଙ୍କା ଜମା କଲେ କିଛିଦିନ ମଧ୍ୟରେ ତାହା ଡବଲ ହୋଇଯିବ ବୋଲି କହିଥିଲେ । ଏପରିକି କମ୍ପାନୀ ପକ୍ଷରୁ ସହରର ବିଭିନ୍ନ ହୋଟେଲରେ ବୈଠକ କରାଯାଇ ଜମାକାରୀଙ୍କୁ ଉତ୍ସାହିତ କରାଯାଇଥିଲା । ସେହିକ୍ରମରେ ମନୋଜ ବିଭିନ୍ନ ପର୍ଯ୍ୟାୟରେ ସେହି ଆପ୍ଲିକେଶନରେ ୨ଲକ୍ଷ ୮୦ହଜାର ଟଙ୍କା ଜମା କରିଥିଲେ । ଜୁନ ୨୧ ତାରିଖରେ ବୈଠକ କରି ସଂସ୍ଥାର ନିୟମ ବଦଳିପାରେ ବୋଲି ବ୍ରହ୍ମପୁର ମୁଖ୍ୟ କହିଥିଲେ । ହେଲେ ଜୁଲାଇରେ ଏହି କମ୍ପାନୀ ବନ୍ଦ ହୋଇଯାଇଥିଲା । ସଂସ୍ଥାରେ କାର୍ଯ୍ୟରତ ପ୍ରଶାନ୍ତ ଓ ସୁଧୀରଙ୍କୁ ମନୋଜ ଫୋନରେ ଯୋଗାଯୋଗ କରିବାରୁ ସେମାନେ ଫୋନ ଉଠାଇ ନ ଥିଲେ। ଫଳରେ ସେ ଠକେଇର ଶିକାର ହୋଇଥିବା ଜାଣିଥିଲେ । ସଂସ୍ଥାର ମୁଖ୍ୟ ମୁମ୍ବାଇରେ ରହୁଥିବା ଜଣାପଡିଥିଲା। ଜମାକାରୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ୨ଲକ୍ଷ ୮୦ହଜାର ଟଙ୍କା ଠକେଇ କରାଯାଇଥିଲା। ଠକେଇର ଶିକାର ହୋଇଥିବା ଜମାକାରୀ ମନୋଜ ନିମଖଣ୍ଡି ଥାନାରେ ଅଭିଯୋଗ କରିଥଲେ। ପୋଲିସ ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକିଂ କରି ୨ ଜଣଙ୍କୁ କାବୁ କରିଥିଲା।

## ବ୍ରହ୍ମପୁରରେ ଭାଜପା ଦକ୍ଷିଣାଞ୍ଚଳ ଜୋନ୍ ବୈଠକ

ବ୍ରହ୍ମପୁର,୭।୮(ନରସିଂହ ସାହୁ)
ଭାଜପାର ଦକ୍ଷିଣାଞ୍ଚଳ ଜୋନସ୍ତରୀୟ ବୈଠକ ବୁଧବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ଅଗଷ୍ଟ ୯ କ୍ରାନ୍ତି ଦିବସଠାରୁ ୧୬ ତାରିଖ ପର୍ଯ୍ୟନ୍ତ ପାଳିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ପ୍ରସ୍ତୁତି ଚୂଡ଼ାନ୍ତ କରାଯାଇଛି। ଏଥିରେ ରାଜ୍ୟ ସାଙ୍ଗଠନିକ ସାଧାରଣ ସମ୍ପାଦକ ମାନସ ମହାନ୍ତି ଅଧକ୍ଷତା କରିଥିଲେ। ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ଘୁମୁସର, କଳାହାଣ୍ଡି ଆଦି ସାଙ୍ଗଠନିକ ଜିଲାର କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ। ପ୍ରତି ଜିଲାରୁ ସଭାପତି, ସାଧାରଣ ସମ୍ପାଦକ ଓ ଯୁବମୋର୍ଚ୍ଚା ସଭାପତିଙ୍କ ସମେତ ୩ ଜଣ ଲେଖାଏ ଉପସ୍ଥିତ ଥିଲେ। ସେମାନଙ୍କୁ ରାଜ୍ୟ ସାଙ୍ଗଠନିକ ସାଧାରଣ ସମ୍ପାଦକ ମହାନ୍ତି ଆଗାମୀ କାର୍ଯ୍ୟକ୍ରମର ସଫଳତା ନେଇ ସଚେତନ

### କ୍ରାନ୍ତି ଦିବସରୁ ୧୯ ଯାଏ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି



ଭାଜପାର ଦକ୍ଷିଣାଞ୍ଚଳ ଜୋନ ସ୍ତରୀୟ ବୈଠକରେ ମନ୍ତ୍ରୀ ଓ ଅନ୍ୟମାନେ ।

କରାଇଥିଲେ। ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଜେନା ଯୋଗ ଦେଇଥିଲେ। ରାଜ୍ୟରେ ନୂଆ ସରକାରଙ୍କ ନିର୍ଦ୍ଦେଶରେ ପାଳନ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମରେ ଯୋଡ଼ି ହୋଇ କାର୍ଯ୍ୟକର୍ତ୍ତା ଓ ପଦାଧିକାରୀମାନେ ସମ୍ପୂର୍ଣ୍ଣ ସଫଳ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଗଞ୍ଜାମ ସାଙ୍ଗଠନିକ ଜିଲା ଅନ୍ତର୍ଗତ ୫ ବିଧାନସଭା ନିର୍ବାଚନ ମଣ୍ଡଳୀର ୩୫ ମଣ୍ଡଳର ସଭାପତି ଓ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଗଞ୍ଜାମ ଜିଲା ସଭାପତି ଡ଼ା. ସୁବାସ ସାହୁ ସ୍ୱାଗତ ଜଣାଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ସାବତ ଓ ଜୋନସ୍ତରୀୟ ମିଡିଆ ସେଣ୍ଟର ମୁଖ୍ୟ ସୁନୀଲ କୁମାର ସାହୁ ମହିଳା ଓ ଯୁବାମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ବୈଠକର ନିଷ୍ପତ୍ତି ଅନୁସାରେ ସବୁ ଜିଲା ଓ ମଣ୍ଡଳ ମାନଙ୍କରେ କ୍ରାନ୍ତି ଦିବସ ପାଳନ ହେବ। ୧୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହେବ। ଘରେ ଘରେ ତ୍ରିରଙ୍ଗା ଉଡ଼ାଯିବ। ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ଧୂମଧାମରେ ପାଳନ କରାଯିବ। ଏହା ପୂର୍ବ ଦିନ ୧୪ ତାରିଖରେ ଦେଶ ବିଭାଜନ ଓ ବିଭିଷିକା ସ୍ମୃତିଚାରଣ କରାଯିବ। ୧୬ ତାରିଖରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହେବ। ୧୯ରେ ଭାଜପା ରକ୍ଷାବନ୍ଧନ ଉତ୍ସବ ପାଳିବ ।

## ଆଇଜରର ଚତୁର୍ଥ ସମାବର୍ତ୍ତନ ଉତ୍ସବ

ଗୋପାଳପୁର,୭।୮(ନବୀନ ରାଜ ଆଚାରୀ):

ରଙ୍ଗେଇଲୁଣ୍ଡା ବ୍ଲକ ଲଉଡ଼ିଗାଁ ସ୍ଥିତ ଇଣ୍ଡିଆନ୍ ଇନିଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଜର)ର ସ୍ଥାୟୀ କ୍ୟାମ୍ପସରେ ଚତୁର୍ଥ ସମାବର୍ତ୍ତନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର୍ ଅଶୋକ କୁମାର ଗାଙ୍ଗୁଲିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ପୂର୍ବତନ ବୈଦେଶିକ ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା ଯୋଗଦେଇ ବିଜ୍ଞାନ ଶିକ୍ଷାର ଗୁରୁତ୍ୱ ବିଷୟରେ କହିଥିଲେ। ବ୍ରହ୍ମପୁର ଆଇଜର୍ ବିଜ୍ଞାନ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଶୀର୍ଷରେ ପହଞ୍ଚିପାରିଛି। ପ୍ରଫେସର୍ ଗାଙ୍ଗୁଲିଙ୍କ ନେତୃତ୍ୱରେ ଅନ୍ୟ ଅଧ୍ୟାପକମାନେ ମିଶି ଏଠାର ଶିକ୍ଷା ଓ ଶୈକ୍ଷିକ ସ୍ଥିତିକୁ ସୁଦୃଢ଼ କରିଛନ୍ତି ବୋଲି ସେ କହିଥିଲେ। ଆଇଜର୍ ନିର୍ଦ୍ଦେଶକ ପ୍ରଫେସର୍ ଗାଙ୍ଗୁଲି ସ୍ୱାଗତ ଭାଷଣ ଦେଇ ଶିକ୍ଷାନୁଷ୍ଠାନର ସଫଳତା



କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଉଛି ।

କହିଥିଲେ। ଆଇଜର ଛାତ୍ରୀଛାତ୍ର ସେମାନଙ୍କ ଦକ୍ଷତାକୁ ଉପଯୋଗ କରି ଆଗାମୀ ଦିନରେ ବିଜ୍ଞାନ ଭିତ୍ତିକ ଷ୍ଟାର୍ଟଅପ୍ ସ୍ଥାପନ କରିବେ, ଯାହା ନିଯୁକ୍ତି ସୁଯୋଗ ସୃଷ୍ଟିର କ୍ଷେତ୍ର ହେବ ବୋଲି ଅତିଥି କହିଥିଲେ। ଏକାଡେମିକ୍ ଡିନ୍ ପ୍ରଫେସର୍ ଜୟଦୀପ୍ ମୁଖୋପାଧ୍ୟାୟ, ରେଜିଷ୍ଟ୍ରାର୍ ପ୍ରଦୀପ କୁମାର ରାୟ, ପ୍ରଫେସର୍ ବିଶ୍ୱାସ ଚୌହାନ ମଞ୍ଚାସୀନ ଥିଲେ। ଏହି ଅବସରରେ ୧୧୭ ଛାତ୍ରୀଛାତ୍ରଙ୍କୁ ବିଏସ୍-ଏସ୍ଏସ୍ ଡିଗ୍ରୀ, ୨ ଜଣଙ୍କୁ ଏମଏସଏସ୍ ଡିଗ୍ରୀ ଏବଂ ୫ ଜଣଙ୍କୁ ପିଏଚଡି ଡିଗ୍ରୀ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ମେଧାବୀ ହର୍ଷ ମିଶ୍ରଙ୍କୁ ପ୍ରେସିଡେଣ୍ଟ ଗୋଲ୍ଡ ମେଡାଲ୍ ଓ ଦୁର୍ଗେଶ ମହାନ୍ତିଙ୍କୁ ସ୍ମାରକୀ ଗୋଲ୍ଡ ମେଡାଲ, ସାଇ କାର୍ତ୍ତିକଙ୍କୁ ଡାଇରେକ୍ଟର୍ ଗୋଲ୍ଡମେଡାଲ୍ ସହ ୪ ଜଣଙ୍କୁ ସିଲଭର୍ ମେଡାଲ୍ ଏବଂ ଦୀକ୍ଷା ମିତ୍ତଲଙ୍କୁ ପ୍ରତିଷ୍ଠାତା ନିର୍ଦ୍ଦେଶକଙ୍କ ସ୍ମୃତିରେ ଗୋଲ୍ଡମେଡାଲ ପ୍ରଦାନ କରାଯାଇଥିଲା।

# ତଲାବିରା: ୩ ଦଳର ବାକ୍‌ଯୁଦ୍ଧ

ଭୁବନେଶ୍ୱର,୭।୮ (ସୁନିତ୍ ମିଶ୍ର)


ଟଙ୍କଧର ତ୍ରିପାଠୀ


ସିଏସ୍ ରାଜନ୍ ଏକ୍କା


ପ୍ରଦୀପ ଦିଶାରୀ

**ହିଣ୍ଡାଲ୍‌କୋକୁ ତଲାବିରା ଖଣି ଦେବାକୁ ଚିଠି ଲେଖିଥିଲେ ନବୀନ: ଟାର୍ଗେଟ କଲେ ଭାଜପା, କଂଗ୍ରେସ**

- ଯିଏ ନିର୍ମଳ ଭାବମୂର୍ତ୍ତି କଥା କହୁଥିଲେ ତଦନ୍ତ ପରେ ସବୁ ସାମ୍ନାକୁ ଆସିବ: ଟଙ୍କଧର
- ଯିଏ ଦାୟୀ, ବିରୋଧୀ ଦଳ ନେତା ହୁଅନ୍ତୁ ବା ଯିଏ ହୁଅନ୍ତୁ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ: ରାଜନ
- ଚିଠି ଲେଖିଲେ ବୋଲି ମୁଖ୍ୟମନ୍ତ୍ରୀ ଦୁର୍ନୀତି କରିବାକୁ ସୁଯୋଗ ଦେଲେ କହିବା ଭୁଲ୍: ପ୍ରଦୀପ

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ କୋଇଲା ଦୁର୍ନୀତି ପ୍ରସଙ୍ଗକୁ ନେଇ ରାଜନୀତି ଜୋର୍ ଧରିଛି। ହିଣ୍ଡାଲ୍‌କୋ ନାଁରେ ସିବିଆଇ ଏତଲା ରୁଜୁକରିବା ପରେ ଅଡୁଆ ବଢ଼ିଥିବା କୁହାଯାଉଛି। ଯେହେତୁ ୨୦୦୫ରେ ହିଣ୍ଡାଲ୍‌କୋକୁ ତଲାବିରା ଖଣି ଦେବା ଲାଗି ସୁପାରିସ କରି ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ନବୀନ ଚିଠି ଲେଖିଥିଲେ ସେଥିଲାଗି ସେ ମଧ୍ୟ ତଦନ୍ତ ପରିସରଭୁକ୍ତ ହୋଇପାରନ୍ତି। ତଲାବିରା ଖଣି ଲାଗି ପରିବେଶ ମଞ୍ଜୁରୀ ହାତେଇବା ପାଇଁ ହିଣ୍ଡାଲ୍‌କୋ ସରକାରୀ ଅଧିକାରୀଙ୍କୁ ଲାଞ୍ଚ ଦେଇଥିବା ଅଭିଯୋଗ ରହିଛି। ଏହି ପ୍ରସଙ୍ଗରେ ଏବେ ନବୀନଙ୍କୁ ଉଭୟ ଭାଜପା ଏବଂ କଂଗ୍ରେସ ଟାର୍ଗେଟ କରିଥିବା ବେଳେ ପାଲଟା ଜବାବ ରଖିଛି ବିଜେଡି।

ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି, ବିଗତ ସରକାର ସମୟରେ ସମସ୍ତ ଆଇନକାନୁନ ଏବଂ ବିଧି ବ୍ୟବସ୍ଥାକୁ ଆଖି ବୁଜିଦେଇ ଅନେକ କାମ ହୋଇଥିଲା। ଏବେ ସିବିଆଇ ତଦନ୍ତରୁ ସବୁକଥା ସାମ୍ନାକୁ ଆସିବ। ଯେଉଁମାନେ ନିଜକୁ ନିର୍ମଳ ଭାବମୂର୍ତ୍ତି କହି ଆସୁଥିଲେ, ଯିଏ ଏଥିରେ ସାମିଲ ଥିବେ ସେମାନେ ସାମ୍ନାକୁ ଆସିବା ଦରକାର ବୋଲି ଟଙ୍କାଧର କହିଛନ୍ତି।

କଂଗ୍ରେସ ବିଧାୟକ ସିଏସ୍ ରାଜନ୍ ଏକ୍କା କହିଛନ୍ତି, ଯେତେବେଳେ ସିବିଆଇ ତଦନ୍ତ ହେବ କିଏ କାହାକୁ ଅନୁକମ୍ପା ଦେଖାଇଥିବେ ତାହା ସାମ୍ନାକୁ ଆସିବ। ଆଉ ଯଦି ସବୁ ବିଷୟ ତର୍ଜମା ନ କରି କାହାକୁ ଖଣି ଦିଆଯାଇଥିବ ତାହ ମଧ୍ୟ ବାହାରକୁ ବାହାରିବ। ଯେଉଁମାନେ ଏଥିଲାଗି ଦାୟୀ ହୋଇଥିବେ ସେ ବିରୋଧୀ ଦଳ ନେତା କି ଆଉ ଯିଏ ହୋଇଥାଆନ୍ତୁ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ହେବ ବୋଲି ରାଜନ କହିଛନ୍ତି।

ବିଜେଡି ବିଧାୟକ ପ୍ରଦୀପ ଦିଶାରୀ କହିଛନ୍ତି, ୨୪ ବର୍ଷ ଶାସନ କାଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ସ୍ୱଚ୍ଛତା ଦେଖାଇ ଆସିଛନ୍ତି। ଚିଠି ଲେଖିବାରେ ଅସୁବିଧା କେଉଁଠି ରହିଲା। ଓଡ଼ିଶାର ବିକାଶ ଲାଗି ଯଦି କିଛି ଭଲ କାମ ହେବାକୁ ଯାଉଛି ସେଥିପାଇଁ ଚିଠି ଦିଆଗଲା ସେଥିରେ ଅସୁବିଧା କ'ଣ ରହିଲା। ତେଣୁ ଚିଠି ଲେଖିଲେ ବୋଲି କୌଣସି ମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ଦୁର୍ନୀତି କରିବାକୁ ସୁଯୋଗ ଦେଲେ କହିବା ଭୁଲ୍ ବୋଲି ପ୍ରଦୀପ କହିଛନ୍ତି।

# ବିଧାୟକଙ୍କ ବଦଳରେ ପୁଅ ଦେଲେ ଶୁଭ



ଫଳକ ନିକଟରେ ସିମୁଳିଆ ବିଧାୟକଙ୍କ ପୁଅଙ୍କ ସହିତ ସରପଞ୍ଚ ଓ ସମିତିସଭ୍ୟ।

## ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହର ଫଳକ ଉନ୍ମୋଚନ
## ସମିତିସଭ୍ୟଙ୍କ ନାଁ ନ ଥିବାରୁ ଅସନ୍ତୋଷ

ସିମୁଳିଆ, ୭।୮ (ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବାଉରିପଦା ପଞ୍ଚାୟତରେ ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହ ନିର୍ମାଣ ପାଇଁ ଶୁଭ ଫଳକ ଉନ୍ମୋଚନକୁ ନେଇ ରାଜନୀତି ଜୋର୍ ଧରିଛି। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଅନୁପସ୍ଥିତିରେ ତାଙ୍କ ପୁଅ ଅଣୁମାଧବ ଏହି ଫଳକର ଉନ୍ମୋଚନ ସହ ଶୁଭ ଦେଇଥିଲେ। ଅପରପକ୍ଷେ ଫଳକରେ ବିଜେଡି ସମର୍ଥିତ ସ୍ଥାନୀୟ ସମିତିସଭ୍ୟ ଗଜେନ୍ଦ୍ର ସେଠୀଙ୍କ ନାମ ବାଦ ପଡିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା।

ଜାତୀୟ ସ୍ୱାସ୍ଥ୍ୟମିଶନ ଯୋଜନାରେ ୩୧ଲକ୍ଷ ୪୮ହଜାର ୫୧୬ଟଙ୍କା ବ୍ୟୟ ଅଟକଳରେ ସ୍ଥାନୀୟ ବାଉରିପଦା ପଞ୍ଚାୟତର ବାଉରିପଦା ପ୍ରାଥମିକ ବିଦ୍ୟାଳୟ ନିକଟରେ ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହ ନିର୍ମାଣ ପାଇଁ ବ୍ୟୟବରାଦ ହୋଇଛି। ସିମୁଳିଆ ବ୍ଲକର ଗ୍ରାମ୍ୟ ଉନ୍ନୟନ ବିଭାଗ ଏହାର ନିର୍ମାଣ ଦାୟିତ୍ୱ ନେଇଛି। ତେବେ ମଙ୍ଗଳବାର ଅପରାହ୍ନରେ ଏହି ଗୃହ ନିର୍ମାଣ ପାଇଁ ଶୁଭ ଦିଆଯିବା ସହିତ ଅତିଥିମାନଙ୍କ ନାମଫଳକ ଉନ୍ମୋଚିତ ହୋଇଥିଲା। ମୁଖ୍ୟଅତିଥି ରୂପେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲିକ, ଜିଲାପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ,ସରପଞ୍ଚ ଧରଣୀଧର ନାୟକ ଓ ସମିତିସଭ୍ୟ ଗଜେନ୍ଦ୍ର ସେଠୀ ଯୋଗଦେବାର ଥିଲା। ସରପଞ୍ଚ ଓ ସମିତିସଭ୍ୟ ଏହି ଉତ୍ସବରେ ଉପସ୍ଥିତ ଥିବାବେଳେ ଅନ୍ୟ ଅତିଥି ଆସି ନ ଥିଲେ। ବିଧାୟକଙ୍କ ବଦଳରେ ତାଙ୍କ ପୁଅ ଅଣୁମାଧବ ପଣ୍ଡା ଫଳକ ଉନ୍ମୋଚନ ସହ ଶୁଭ ଦେଇଥିଲେ। ଅପରପକ୍ଷେ ସମିତିସଭ୍ୟଙ୍କ ଗାଁରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହେଉଥିବାବେଳେ ଦଳୀୟ ମତଭେଦକୁ କେନ୍ଦ୍ର କରି ତାଙ୍କ ନାମ ନ ରହିବା ଘଟଣାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଏ ସମ୍ପର୍କରେ ସମିତିସଭ୍ୟ ଗଜେନ୍ଦ୍ର ସେଠୀ କହିଛନ୍ତି, ଫଳକରେ ନାମ ନ ରହିବା ବଡ଼ କଥା ନୁହେଁ, ତେବେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ସିମୁଳିଆ ବ୍ଲକ ବାଉରିପଦା ପଞ୍ଚାୟତର ୮ ଓ ଖଇରା ବ୍ଲକ ମାଖନପୁର ପଞ୍ଚାୟତର ୪ଟି ଗ୍ରାମର ଲୋକେ ଉପକୃତ ହେବେ ତାହା ହିଁ ବଡ କଥା। ତେବେ ବିଧାୟକଙ୍କ ବଦଳରେ ତାଙ୍କ ପୁଅ କାର୍ଯ୍ୟକ୍ରମରେ ଯୋଗଦେବା ଅନୁଚିତ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଧରଣୀଧର ନାୟକ କହିଛନ୍ତି, ପୂର୍ବରୁ ଏହି ଉତ୍ସବ ସ୍ଥିର କରାଯାଇଥିଲା। ଠିକାଦାର ଏଥିପାଇଁ ସମସ୍ତ ଯୋଗାଡ଼ କରିଦେଇଥିଲେ। ହଠାତ୍ ବିଧାୟକ ଓ ଅନ୍ୟ ଅତିଥିମାନେ ଅନୁପସ୍ଥିତ ରହିବା ଯୋଗୁ ବିଧାୟକଙ୍କ ବଦଳରେ ତାଙ୍କ ପୁଅ ଶୁଭ ଦେଇଥିଲେ ବୋଲି ସରପଞ୍ଚ କହିଛନ୍ତି। ଅପରପକ୍ଷେ ଗଣମାଧ୍ୟମକୁ ସୂଚନା ଦିଆ ନ ଯାଇ ଶୁଭ ଦେବା ଘଟଣାକୁ ଖବରଦାତା ମହଲରେ ନାପସନ୍ଦ କରାଯାଇଛି।

**ଧର୍ମଶାଳା ବିଧାୟକଙ୍କ ବିରୋଧରେ ଆପତ୍ତିଜନକ ପୋଷ୍ଟ**

## ଯାଜପୁର ଜିଲା ଛାତ୍ର ବିଜେଡି ସଭାପତି ଗିରଫ


ସୌମ୍ୟ ପ୍ରକାଶ ବିଶ୍ୱାଳ

ଧର୍ମଶାଳା/ କାଏମା,୭।୮ (ବଟକୃଷ୍ଣ ପରିଡ଼ା/ ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଓ ତାଙ୍କ ସ୍ତ୍ରୀଙ୍କ ବିରୋଧରେ ସୋସିଆଲ ମିଡିଆରେ ଆପତ୍ତିଜନକ ମନ୍ତବ୍ୟ ପୋଷ୍ଟ କରି ଯାଜପୁର ଜିଲା ଛାତ୍ର ବିଜେଡିର ସଭାପତି ସୌମ୍ୟ ପ୍ରକାଶ ବିଶ୍ୱାଳ ବୁଧବାର ଗିରଫ ହୋଇଛନ୍ତି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଗଡ଼ି ଜେଲକୁ ପଠାଇ ଦିଆଯାଇଛି। ବିଧାୟକ ସାହୁଙ୍କ ନେତୃତ୍ୱରେ ଅନେକ ଯୁବକ ବିଜେଡି ଛାଡ଼ି ଭାଜପାରେ ଯୋଗଦେଉଥିବାରୁ ଏଥିରେ ଅଧୈର୍ଯ୍ୟ ହୋଇ ସୌମ୍ୟ ସୋସିଆଲ ମିଡିଆରେ ଆପତ୍ତିଜନକ ମନ୍ତବ୍ୟ ପୋଷ୍ଟ କରିଥିଲେ। ଏନେଇ ବିଧାୟକଙ୍କ ସମର୍ଥକ କୁମାରୀ ପଞ୍ଚାୟତ ଦେଉଳି ଗ୍ରାମର ରାଜେଶ ପାଲ ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଥିଲା। ସୌମ୍ୟପ୍ରକାଶ ଏହି ଥାନା ଅଧୀନ ବଡ଼ମଙ୍ଗଳପୁରସ୍ଥିତ ତାଙ୍କ ଘରେ ଥିବାବେଳେ ପୋଲିସ ସକାଳୁ ତାଙ୍କୁ ଘରୁ ଉଠାଇ ଆଣି କୌଣସି ଏକ ସ୍ଥାନରେ ଅଟକ ରଖି ପଚରାଉଚରା କରିଥିଲା। ପରେ ଅପରାହ୍ନରେ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିଲା। ସୌମ୍ୟପ୍ରକାଶ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ ବିଜେଡିର ପୂର୍ବତନ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଅତି ନିକଟତର ଥିଲେ। ଜିଲା ଛାତ୍ର ବିଜେଡି ସଭାପତିଙ୍କ ଏଭଳି ଗିରଫଦାରି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଥାନାରେ ନଂ.୬୧୫/୨୪ରେ ଏକ ମାମଲା ରୁଜୁ ହୋଇଛି।

# ଆନ୍ଧ୍ର ହସିବ, ଓଡ଼ିଶା କାନ୍ଦିବ: ବ୍ରଜ ତ୍ରିପାଠୀ

**ପୋଲାଭରମ୍ ପ୍ରକଳ୍ପ**

ମାଲକାନଗିରି/ଏମ୍‌ଭି , ୭।୯, ୭।୮ (ଦୁର୍ଯ୍ୟୋଧନ ପାତ୍ର/ଭିକି ବାରିକ)


ମାଲକାନଗିରି ସର୍କିଟ ହାଉସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆମ ଜନତା ଅଧିକାର ମଞ୍ଚ ଆବାହକ ବ୍ରଜକିଶୋର ତ୍ରିପାଠୀ ଓ ଅନ୍ୟମାନେ ।

ପୋଲାଭରମ୍ ପ୍ରକଳ୍ପ ଦ୍ୱାରା ମାଲକାନଗିରି ଜିଲା ବିଶେଷ ଭାବେ କ୍ଷତିଗ୍ରସ୍ତ ହେବ। ଜିଲାରେ କେତେ କ୍ଷୟକ୍ଷତି ହେବ ଏହାର ଆକଳନ ଓ ସମୀକ୍ଷା ପାଇଁ ଆମ ଜନତା ଅଧିକାର ମଞ୍ଚ କର୍ମକର୍ତ୍ତାମାନେ ବୁଧବାର ପୋଲାଭରମ୍ ଯୋଗୁ କ୍ଷତିଗ୍ରସ୍ତ ହେବାକୁ ଥିବା ଅଞ୍ଚଳ ବୁଲି ଲୋକଙ୍କ ସହ ଆଲୋଚନା କରିଥିଲେ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ ତ୍ରିପାଠୀଙ୍କ ନେତୃତ୍ୱରେ ସଦସ୍ୟମାନେ ମଙ୍ଗଳବାର ଜିଲାପାଳ ସଚିନ ପାୱାରଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବୁଧବାର ମୋଟୁ ତହସିଲର ମୋଟୁ, ବିନାୟକପୁର, ଆଲମା, ମୁଗୀ ପଏଣ୍ଟ ଓ ଛତିଶଗଡ଼ ଦ୍ୱାରା ନିର୍ମିତ ସାବେରୀ ସେତୁ ପରିଦର୍ଶନ କରି ଲୋକଙ୍କ ସହ ଆଲୋଚନା କରିଥିଲେ। କୌଣସି କ୍ଷୟକ୍ଷତି ଆକଳନ ନ କରି ଆନ୍ଧ୍ର ସରକାର ପୋଲାଭରମ୍ ପ୍ରକଳ୍ପ କରୁଥିବାରୁ ମୋଟୁର ତଳ ଅଞ୍ଚଳରେ ଥିବା ଗାଁଗଣ୍ଡା ସହ ଜଙ୍ଗଲ ଜମି ଓ ଚାଷଜମି ବୁଡ଼ିଯିବା ଆଶଙ୍କା ରହିଛି ବୋଲି ବ୍ରଜ କହିଛନ୍ତି। ତେଣୁ ପ୍ରଭାବିତ ଲୋକଙ୍କୁ ଥଇଥାନ କରିବା ସହିତ କ୍ଷତିପୂରଣ ଦେବାକୁ ସେ ଦାବି କରିଛନ୍ତି। କ୍ଷତିଗ୍ରସ୍ତ ହେବାକୁ ଥିବା ଅଞ୍ଚଳ ବୁଲି ସାରିବାପରେ ମାଲକାନଗିରି ସର୍କିଟ ହାଉସ୍‌ରେ ଖବରଦାତା ସମ୍ମିଳନୀ କରିଥିଲେ, ଯେଉଁଥିରେ ସେମାନେ ପୋଲାଭରମ୍ ପ୍ରକଳ୍ପ ଯୋଗୁ ହେବାକୁ କ୍ଷୟକ୍ଷତିର ଆକଳନ ବିଷୟରେ ଉପସ୍ଥାପନ କରି ରାଜ୍ୟ ସରକାର ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଦାବି କରିଥିଲେ। ପ୍ରକଳ୍ପ ପାଇଁ ଆନ୍ଧ୍ର ହସିବ, ଓଡିଶା କାନ୍ଦିବ । ଏହା ଆମେ ବରଦାସ୍ତ କରିବୁ ନାହିଁ। କେନ୍ଦ୍ର ସରକାର ଏହି ପ୍ରକଳ୍ପ ପାଇଁ ଚଳିତ ବଜେଟରେ ଅନୁଦାନ ଦେଇଛନ୍ତି। ଏହି ପ୍ରକଳ୍ପ ଯୋଗୁ ଓଡିଶାର କ୍ଷତି ହେବ। ଯାହାକୁ ନେଇ କେନ୍ଦ୍ର ସରକାରଙ୍କର କୌଣସି ଚିନ୍ତା ନାହିଁ, ତେଣୁ ଓଡିଶା ପାଇଁ ଆମେ ଚିନ୍ତିତ। ସିଲେରୁ ଓ ସାବେରୀ ନଦୀରେ ପ୍ରକଳ୍ପ ପାଇଁ ପଛୁଆ ଜଳ ଆସି ମାଲକାନଗିରି ଜିଲାର ଅନେକ ଅଞ୍ଚଳ କ୍ଷତିଗ୍ରସ୍ତ ହେବ। ଏଣୁ ଏହା ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ଖବରଦାତା ସମ୍ମିଳନୀରେ ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ଆବାହକ ସୁଦର୍ଶନ ଦାସ, ଆମ ଜନତା ଅଧିକାର ସଂଗଠନର ଆବାହକ ମନୋଜ ଜେନା, ରାଜ୍ୟ ଅଭିଭାବକ ସଂଘ ଆବାହକ ବାସୁଦେବ ଭଟ୍ଟ, ପୂର୍ବତନ ବିଧାୟକ ନିମାଇଁ ସରକାର, କାଲିମେଲା ବ୍ଲକ ପୂର୍ବତନ ଅଧ୍ୟକ୍ଷ ମାଲା ମାଢ଼ି ଓ ଜିଲା କଂଗ୍ରେସର କେତେ ଜଣ ନେତା ସାମିଲ ହୋଇଥିଲେ।

Memo No. - 1899/DPP, Dt.05/08/24

**OFFICE OF THE DIRECTOR OF PHYSICAL PLANTS**
**OUAT, BHUBANESWAR**

"e"-Procurement Notice No. 02/2024-25

1st Corrigendum

No.KK-93 : As per Administrative instruction for recasting of estimates as per current SOR and labour rate within budgetary provision, On partial modification to the above notice, estimated cost at SL.No. 3 of the notice may be read as Rs. 6.75 lakh to 92.00 lakh approximate (excluding GST) instead of **Rs. 6.75 lakh to 95.33 lakh approximate (Excluding GST).**

The date and time of availability of bid documents in the portal mentioned at SL. 7 of the notice may be read as **from dt. 07.08.2024 to 17.00 hrs of dt. 16.08.2024 instead of From Dt. 30.07.2024 to 17.00 hrs of dt. 13.08.2024** respectively and last date/time for receipt of bids in the portal mentioned in SL. 8 of notice may be read as dated **16.08.2024 upto 17.00 hrs instead of 13.08.2024 upto 17.00 hrs.** Similarly at SL. 9 of the notice for submission of Original documents may be read as **17.08.2024 to dt. 20.08.2024 upto 17.00 hrs instead of 14.08.2024 and dt. 16.08.2024 upto 17.00 hrs** respectively. The date of opening of bid at SL. 10 of notice may be read as **21.08.2024 at 11.00 hrs instead of 17.08.2024 at 11.00 hrs.**

All other terms and conditions remain un-changed.

Sd./- Director of Physical Plants
OUAT, Bhubaneswar

OIPR-01036/11/0032/2425

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୫୫ | ତା:୦୩।୦୮।୨୦୨୪

**ବିଜ୍ଞାପନ**

No. CAD-768: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଚ୍‌ଆଇଜି-୧୪୧ (HIG-141) ଚନ୍ଦ୍ରଶେଖରପୁର, କାନନ ବିହାର, ୧ମ ପର୍ଯ୍ୟାୟ, ହାଉସିଂ ପ୍ରକଳ୍ପ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ନୁପୂର ଦାସ, ସ୍ୱାମୀ: ଡକ୍ଟର ଗୋଷ୍ଠବିହାରୀ ଦାସ, ସା: ଜଗନ୍ନାଥ ବଲ୍ଲଭ, ପୋ: ବକ୍ସିବଜାର, ଜିଲ୍ଲା: କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ନୁପୂର ଦାସ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ସତ୍ୟବ୍ରତ ପ୍ରଧାନ, ପିତା: ପ୍ରମୋଦ କୁମାର ପ୍ରଧାନ, ସା: ପ୍ଲଟ ନଂ. ୨୦୫୬, ମଞ୍ଚେଶ୍ୱର, ପୋ: ସୈନିକ ସ୍କୁଲ, ଥାନା: ମଞ୍ଚେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0212/2425

**STATE INSTITUTE FOR RURAL DEVELOPMENT & PANCHAYATI RAJ**

Panchayati Raj & Drinking Water Department, Govt. of Odisha
Unit - VIII, Bhubaneswar

**REQUEST FOR PROPOSAL**

**No. 1639/SIRD&PR** | **Dated: 03.08.2024**

No. i-62: Request for Proposal (RFP) are invited from the interested bidder/s relating to 'SELECTION OF AGENCY FOR PROVIDING COMPREHENSIVE FACILITY MANAGEMENT SERVICES (CFMS)' as per the ToR at SIRD & PR, Bhubaneswar. Details of ToR has been uploaded in the office website **panchayat.odisha.gov.in.**

Interested agency may visit the office website as mentioned above for downloading the details of ToR. Further, addendum/corrigendum/cancellation if any in this context can be seen in the office website only. The tender documents should reach addressing the Director, SIRD&PR, Unit-VIII, Gopabandhu Nagar, Bhubaneswar - 751012 with the requisite documents through Registered Post/Speed Post/Courier Service within the scheduled date and time mentioned below.

**Last date of receipt of Bid : 20.08.2024 upto 05.30 P.M.**
**Date & Time of Opening of Technical Bid : 21.08.2024 at 11.30 A.M.**

**OIPR-19214/11/0003/2425** | **Sd./- Director**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

No.CAD-763:

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ-(୦୬୭୪)୨୩୯୩୫୨୪
ଇପିବିଏକ୍ସ (୦୬୭୪) ୨୩୯୧୫୪୨,୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.shb.org

ପତ୍ର ସଂଖ୍ୟା: ୧୫୨ | ତା.୩୧.୦୭.୨୦୨୪

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ ।

| ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ୰ ସୀତା ବେହେରା<br>ସ୍ୱାମୀ–୰ ଦେବେନ୍ଦ୍ରନାଥ ବେହେରା<br>ଘର ନଂ.–ଏମ୍‌ଆଇଜି–୧–୨୫୯<br>ଛେଣ୍ଡ, ଫେଜ୍–୨<br>କଳିଙ୍ଗନଗର,ରାଉରକେଲା–୧୫<br>ଜିଲ୍ଲା–ସୁନ୍ଦରଗଡ | ଏମ୍‌ଆଇଜି–୧–୨୫୯<br>(MIG–I–259)<br>ଛେଣ୍ଡ, ଫେଜ୍–୨<br>ରାଉରକେଲା–୧୫<br>ସୁନ୍ଦରଗଡ | ୧.ପ୍ରଦୀପ କୁମାର ବେହେରା (ବି.ପୁତ୍ର)<br>୨.ରାଧାରାଣୀ ବଡ଼ପଣ୍ଡା (ବି.କନ୍ୟା) |

ସ୍ୱା./–ପ୍ରଶାସନିକ ଅଧିକାରୀ,
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0216/2425

**OFFICE OF THE ANGUL MUNICIPALITY, ANGUL**

No. 2247 | Dt. 06.08.2024

**e-PROCUREMENT**

**Tender reference No. EO/AGLM-SAN- 02/2024-25**
**Bid ID No. 2024-ORCCLB-104126**
Mail ID : angulmunicipality@gmail.com

No.C-368: Bid documents consisting of work, estimated cost, cost of Tender paper, E.M.D., time of completion, Registered contractor of state Govt. (A) / Registered Firms / Service Provider / NGOs those are experience in similar nature of work at least for three years having manually/mechanically and the set of terms and condition of contract and other necessary documents can be seen in Govt. website i.e **www.tendersorissa.gov.in**

| | | |
|---|---|---|
| Name of the work | : | Sanitation work of Angul Municipality |
| No. of works | : | 01 no. |
| Estimated Cost | : | **Rs. 3,59,01,902.00** |
| Date & Time of availability of Bid Documents in the portal | : | From 10.00 A.M. of dt.06.08.2024 to 28.08.2024 up to 5.00 P.M. |
| Last Date of receive of Bid through online | : | On or before 28.08.2024 up to 5.00 P.M |
| Date of opening (Technical bid) | : | At 11.00 A.M. on 29.08.2024 |

Sd/- P.K. Nayak
Executive Officer
Angul Municipality

OIPR-13085/11/0004/2425

See Career Appointment on every Wednesday & Saturday

**CUTTACK MUNICIPAL CORPORATION**

RFP.No.-11201, Dated 06.08.2024

**NOTICE INVITING REQUEST FOR PROPOSAL (RFP)**

**"Selection of Agency For Management of Solid Waste (Wet Waste) Using Black Soldier Fly Technology**

**No.C-372:** Cuttack Municipal Corporation invites sealed proposals from interested Bidder/Agency/Firms/Proprietor of National and International repute for **"Selection of Agency For Management of Solid Waste (Wet Waste) using Black Soildier Fly Technology."** The RFP document will be available in the Offical website, www.cmccuttack.odisha.gov.in. The bidders fulfilling the prescribed eligibility criteria of the RFP can access and download the complete EOI Document and other details from the above website & apply accordingly.

The major events under the bid process are:

| Sl.No. | List of Key Events | Ciritical Dates |
|---|---|---|
| 1 | Date of availability of RFP document in official website | 06.08.24, 04.00 P.M. |
| 2 | Last Date for Submission of Bid | 22.08.24, 5.00 P.M. |
| 3 | Date of Opening of Technical Bid on | 23.08.24, 11.00 A.M. |
| 4 | Date of Opening of Financial Bid | 23.08.24, 4.00 P.M. |

The Proposals complete in all respects must reach the undersigned by **Speed Post/ Registered Post** only latest by 22.08.24 before 5.00 P.M. in a sealed envelope superscribe as **"REQUEST FOR PROPOSAL " SELECTION OF AGENCY FOR MANAGEMENT OF SOLID WASTE (WET WASTE) USING BLACK SOLDIER FLY TECHNOLOGY"**. The proposals received beyond the last date and time will be summarily rejected. The authority reserves the right to accept/ reject any / all BIDs / cancel the entire selection process at any stage without assigning any reason thereof.

Address for Submission of Proposal
**Cuttack Municipal Corporation**
**Biju Bhawan, Choudhary Bazar, Cuttack-753001**

**OIPR-13031/11/0028/2425** | **Sd./- Commissioner**
**Cuttack Municipal Corporation**

Government of Odisha

**CIRCLE JAIL, BERHAMPUR**

**Quotation / Tender Call Notice**

No. 01/Jls/2024 Date : 05.08.2024

No.D-106 : Sealed quotations / tenders are invited from interested reputed Travel Agencies / Tour Operators / Private individuals for providing one no. of AC petrol/ Diesel driven vehicles having sitting capacity not more than five including driver, which shall conform to the Terms and conditions (Appendix-A) for official use in **Circle Jail, Berhampur, Ganjam** Department/Office on monthly rent basis. The Quotation completed in all respect should reach the undersigned on or before **31.08.2024 by 5.00 P.M.** and shall be opened on **06.09.2024 at 11.30 A.M.** in presence of the bidders or their authorized representatives. The application form of quotation / tender containing General Bid Information & Terms and Conditions for Hiring of Vehicles etc. will be available with Jailor of Circle Jail, Berhampur on payment of Rs. 1000/- (Rupees one thousand) only from 10.08.2024 to 29.08.2024.

Sd./- Senior Superintendent,
Circle Jail, Berhampur, Ganjam

OIPR-12032/11/0004/2425

**OFFICE OF THE ROURKELA MUNICIPAL CORPORATION**

Uditnagar, Rourkela, Sundargarh, Pin-769012, Tel. - 0661-2500388,
e-mail ID : rourkelamunicipality@gmail.com

No. 9618 | Date : 06.08.2024

**TENDER CALL NOTICE**

No.C-364 : Sealed Tenders are invited from Authorized Supplier/ Firm/Agency for supply of 1no. of **HP LASER JET PRINTER (MFP M72630)** machine to Rourkela Municipal Corporation. The rates will be valid for one year.

The details of the tender papers/Technical specifications along with term and conditions etc. may be seen from the Website of Rourkela Municipal Corporation i.e www.rmc.nic.in.

The tender papers to be sent through Speed Post/Registered post/Courier or may be deposited in Tender Box in the Address of **Municipal Commissioner, Rourkela Municipal Corporation, Udit Nagar, Rourkela, Pin - 769012**, so that it shall be received by this office on or before 1.00 PM on 21.08.2024. THE TENDERS RECEIVED BEYOND THE PRESCRIBED TIME AND DATE SHALL BE SUMMARILY REJECTED. The tender will be opened in RMC on the same day at 4.00 PM in presence of the bidder or their authorized representatives whoever present. The undersigned reserves the right to accept or reject any of quotations or negotiate with more than one agency without assigning any reason thereof.

SD./- Commissioner
Rourkela Municipal Corporation

OIPR-13131/11/0008/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................




ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆର୍‌ଆଇଏଲ୍‌ର ରେକର୍ଡ ପରିମାଣର ଟିକସ ପ୍ରଦାନ

- ୨୦୨୩-୨୪ ଆର୍ଥିକ ବର୍ଷରେ ୧.୮୬ ହଜାର କୋଟି ଟଙ୍କାରୁ ଅଧିକ ଟିକସ
- ୨୦ଲକ୍ଷ କୋଟି ଟଙ୍କାର ବଜାର ପୁଞ୍ଜିକରଣ ହାସଲରେ ପ୍ରଥମ ଭାରତୀୟ କମ୍ପାନୀ
- ୭ ବର୍ଷରେ ୧୦ ଲକ୍ଷ କୋଟି ଟଙ୍କାର ମୋଟ ରାଜସ୍ୱ ହାସଲ
- ୩ ଲକ୍ଷ କୋଟି ଟଙ୍କାର ରପ୍ତାନି
- ସିଏସ୍‌ଆର୍ ବାବଦରେ ୧୫୯୨ କୋଟି ଟଙ୍କା ଖର୍ଚ୍ଚ



ମୁକେଶ ଅମ୍ବାନୀ

**ମୁମ୍ବାଇ,୭।୮**

ଦେଶର ପ୍ରମୁଖ ଘରୋଇ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ (ଆର୍‌ଆଇଏଲ୍) ରେକର୍ଡ ପରିମାଣର ଟିକସ ସରକାରୀ ରାଜକୋଷରେ ଜମା କରିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ୧,୮୬,୪୪୦ କୋଟି ଟଙ୍କା ଟିକସ ପ୍ରଦାନ କରିଥିବାବେଳେ ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ଗତ ବର୍ଷର ଟିକସ ୯ ହଜାର କୋଟି ଟଙ୍କାରୁ ଅଧିକ ରହିଛି ବୋଲି କମ୍ପାନୀର ବାର୍ଷିକ ରିପୋର୍ଟରେ ଏହା ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ସେହିଭଳି ଦେଶର ଅର୍ଥବ୍ୟବସ୍ଥାରେ ଆର୍‌ଆଇଏଲ୍‌ର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ୨୦ଲକ୍ଷ କୋଟି ଟଙ୍କାର ବଜାର ପୁଞ୍ଜିକରଣ ହାସଲ ସହ ନୂଆ ମାଇଲଖୁଣ୍ଟ ଅତିକ୍ରମ କରିଥିବା ରିଲାଏନ୍ସ ଭାରତର ପ୍ରଥମ କମ୍ପାନୀ ହୋଇପାରିଛି। ଏପରିକି ଅନ୍ୟ କୌଣସି ଭାରତୀୟ କମ୍ପାନୀ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଅଙ୍କ ଛୁଇଁପାରିନାହାନ୍ତି। ଗତ ଆର୍ଥିକ ବର୍ଷ ତୁଳନାରେ ଏହା ୨୭% ବୃଦ୍ଧି ହୋଇଛି। ମାର୍କେଟ କ୍ୟାପିଟାଲାଇଜେଶନ ଅର୍ଥାତ୍ ବଜାର ପୁଞ୍ଜିକରଣ ଦୃଷ୍ଟିରୁ ରିଲାଏନ୍ସର ମୋଟ ରାଜସ୍ୱ ୧୦ଲକ୍ଷ କୋଟି ଟଙ୍କାର ନୂତନ ମାଇଲଖୁଣ୍ଟ ଅତିକ୍ରମ ସହ କମ୍ପାନୀ ବିଶ୍ୱର ୪୮ ତମ ସ୍ଥାନରେ ରହିଛି।

ସେହିପରି ରପ୍ତାନି କ୍ଷେତ୍ରରେ ରିଲାଏନ୍ସ ଦେଶର ମେରୁଦଣ୍ଡକୁ ମଧ୍ୟ ମଜଭୁତ କରୁଛି। ଗତ ଆର୍ଥିକ ବର୍ଷରେ ରିଲାଏନ୍ସ ପ୍ରାୟ ୩ଲକ୍ଷ କୋଟି ଟଙ୍କାର ରପ୍ତାନି କରିଥିଲାବେଳେ କେବଳ ରପ୍ତାନିରେ ନୁହେଁ ଦେଶର ପୁଞ୍ଜିଗତ ସମ୍ପତ୍ତି ନିର୍ମାଣରେ ମଧ୍ୟ ରିଲାଏନ୍ସ ସବୁଠାରୁ ବଡ଼ ଯୋଗଦାନକାରୀଙ୍କ ମଧ୍ୟରେ ଅନ୍ୟତମ ରହିଛି। କମ୍ପାନୀର ବାର୍ଷିକ ରିପୋର୍ଟ ଅନୁଯାୟୀ ୨୦୨୩-୨୪ ଆର୍ଥିକ ବର୍ଷରେ ରିଲାଏନ୍ସ ୧ଲକ୍ଷ ୩୫ ହଜାର କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ କରିଛି।

ଏ ସମ୍ପର୍କରେ ଆର୍‌ଆଇଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ବିଶ୍ୱର ଆର୍ଥିକ ଦୃଶ୍ୟପଟରେ ଭାରତର ଗୁରୁତ୍ୱ ବହୁଗୁଣିତ ହୋଇଛି। ଏପରିକି ଅସ୍ଥିରତା ଏବଂ ଅନିଶ୍ଚିତତାର ଏହି ଦୁନିଆ ମଧ୍ୟରେ ଭାରତ ସ୍ଥିରତା ଏବଂ ସମୃଦ୍ଧିର ପ୍ରତୀକ ଭାବେ ଉଭାହୋଇଛି। ସେହିଭଳି ଦେଶର ସମସ୍ତ କ୍ଷେତ୍ରଗୁଡିକରେ ଦୃଢ଼ ଅଭିବୃଦ୍ଧି ଆଡକୁ ଗତି କରୁଛି, ଯାହା ୧୪୦ କୋଟି ଭାରତୀୟଙ୍କ ସାମୂହିକ ପ୍ରୟାସର ଫଳ ବୋଲି କୁହାଯାଉଛି। ଭାରତ ଏବଂ ଭାରତୀୟତାର ଏହି ଭାବନା ହିଁ ରିଲାଏନ୍ସକୁ ନିରନ୍ତର ନବସୃଜନ କରିବା ଏବଂ ପ୍ରତ୍ୟେକ ପ୍ରୟାସରେ ଉତ୍କୃଷ୍ଟତା ହାସଲ କରିବାକୁ ପ୍ରେରିତ କରିଥାଏ। ଭାରତର ଅଭିବୃଦ୍ଧି କାହାଣୀର ଏକ ଅଂଶ ହେବା ଏବଂ ଏହାର ଚମତ୍କାର ଅଭିବୃଦ୍ଧିରେ ଯୋଗଦାନ କରିବା ରିଲାଏନ୍ସ ପରିବାର ପାଇଁ ଗର୍ବର ବିଷୟ ବୋଲି ଅମ୍ବାନୀ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ସମାଜ ପ୍ରତି ଏହାର ଦାୟିତ୍ୱ ନିର୍ବାହକରି କମ୍ପାନୀ ସାମାଜିକ ଦାୟିତ୍ୱବୋଧ(ସିଏସ୍‌ଆର୍) ବାବଦରେ ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ୧,୫୯୨ କୋଟି ଟଙ୍କା ଖର୍ଚ୍ଚ କରିଛି। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଏହା ୩୦୦କୋଟି ଟଙ୍କା ଅଧିକ ବୋଲି କୁହାଯାଉଛି।

# ଏଆଇ କାର୍ଯ୍ୟଭାର କାର୍ବନ ନିର୍ଗମନକୁ ହ୍ରାସ କରିପାରିବ

**ନୂଆଦିଲ୍ଲୀ,୭।୮**

କ୍ରମାଗତ ଭାବେ ପ୍ରଯୁକ୍ତି ଶିଳ୍ପ ବା ଆଇଟି ଶିଳ୍ପ କ୍ଷେତ୍ର ପରିସରରେ କାର୍ବନ ନିର୍ଗମନକୁ ହ୍ରାସକରିବା ପାଇଁ ସବୁ ସ୍ତରରେ ପ୍ରୟାସ କରାଯାଉଛି। ଏପରିକି ଆଇଟି ଶିଳ୍ପ ପରିସରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ବ୍ୟବହାରର ପରିବେଶୀୟ ପ୍ରଭାବକୁ ହ୍ରାସ କରିବା ପାଇଁ ଏକ ପ୍ରଭାବୀ ମାଧ୍ୟମ ହେବ ବୋଲି ଆମାଜନ ୱେବ୍ ସର୍ଭିସେସ୍ ଦ୍ୱାରା ପରିଚାଳିତ ଏବଂ ଆସେଞ୍ଚର ଦ୍ୱାରା ସମ୍ପୂର୍ଣ୍ଣ କରାଯାଇଥିବା ଏକ ନୂତନ ଅଧ୍ୟୟନରେ ବିସ୍ତୃତ ଭାବେ ଦର୍ଶାଇଛି। ସେହିଭଳି ଭାରତ ଓ ବିଶ୍ୱବ୍ୟାପୀ ଆଇଟି କାର୍ଯ୍ୟଭାରକୁ କାର୍ଯ୍ୟାଳୟ ପରିସରଗୁଡିକରୁ ଏଡବ୍ଲ୍ୟୁଏସ୍ କ୍ଲାଉଡ୍ ଡାଟା ସେଣ୍ଟରକୁ ସ୍ଥାନାନ୍ତର କରିପାରିବ। ଏପରିକି ଆସେଞ୍ଚରର ଆକଳନ ଅନୁଯାୟୀ ଏଡବ୍ଲ୍ୟୁଏସ୍‌ର ଗ୍ଲୋବାଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଅନ୍-ପ୍ରେମିସ ତୁଳନାରେ ୪.୧ ଗୁଣ ପର୍ଯ୍ୟନ୍ତ ଅଧିକ ଦକ୍ଷ ହୋଇଥିଲାବେଳେ ଭାରତୀୟ ସଂସ୍ଥାଗୁଡିକ ପାଇଁ ଏଡବ୍ଲ୍ୟୁଏସ୍‌ରେ ଅପ୍ଟିମାଇଜ ହେଉଥିବା ଏଆଇ କାର୍ଯ୍ୟଭାର ଲାଗି ମୋଟ ସମ୍ଭାବ୍ୟ କାର୍ବନ ହ୍ରାସ ସୁଯୋଗ ଅନ୍-ପ୍ରେମିସେସ୍ ଡାଟା ସେଣ୍ଟରଗୁଡିକ ତୁଳନାରେ ୯୯% ପର୍ଯ୍ୟନ୍ତ ଅଧିକ ରହିଛି। ଏ ସମ୍ପର୍କରେ ଏଡବ୍ଲ୍ୟୁଏସ୍ ଗ୍ଲୋବାଲର ଏନ୍‌ଭାଇରନ୍‌ମେଣ୍ଟ ସୋସିଆଲ ଗଭର୍ନାନ୍ସ (ଇଏସ୍‌ଜି) ଆଣ୍ଡ ଏକ୍ସଟର୍ନାଲ ଏନ୍‌ଗେଜମେଣ୍ଟର ମୁଖ୍ୟ ଜେନା ଲୈନର୍ କହିଛନ୍ତି, କାର୍ଯ୍ୟ ପରିସର ମଧ୍ୟରେ ରହୁଥିବା ସଂସ୍ଥାଗୁଡ଼ିକ ଦ୍ୱାରା ବ୍ୟୟ କରାଯାଉଥିବା ଗ୍ଲୋବାଲ ଆଇଟିର ୮୫%କୁ ବିଚାରକୁ ନିଆଗଲେ ଭାରତରେ ଏଡବ୍ଲ୍ୟୁଏସ୍‌ର ଅପ୍ଟିମାଇଜ ହୋଇଥିବା ଏଆଇ କାର୍ଯ୍ୟଭାରଗୁଡିକ ପାଇଁ ୯୯% ପର୍ଯ୍ୟନ୍ତ କାର୍ବନ ହ୍ରାସ ଭାରତୀୟ ସଂସ୍ଥାଗୁଡିକ ପାଇଁ ଏକ ସାର୍ଥକ ସ୍ଥାୟିତ୍ୱ ସୁଯୋଗ ପ୍ରଦାନ କରୁଛି। ଆସେଞ୍ଚରରେ ଟେକ୍ନୋଲୋଜି ସଷ୍ଟେନବିଲିଟି ଇନୋଭେଶନ ପାଇଁ ଗ୍ଲୋବାଲ ଲିଡ୍ ଥିବା ସଞ୍ଜୟ ପୋଦାର କହିଛନ୍ତି,ଏହି ଅନୁସନ୍ଧାନ ଦର୍ଶାଇଛି, ହାର୍ଡୱେର, କୁଲିଙ୍ଗ ଦକ୍ଷତା, କାର୍ବନମୁକ୍ତ ଶକ୍ତି, ଉଦ୍ଦେଶ୍ୟ-ନିର୍ମିତ ସିଲିକନ୍ ଓ ଅପ୍ଟିମାଇଜ୍‌ଡ ଷ୍ଟୋରେଜ ଉପରେ ଏଡବ୍ଲ୍ୟୁଏସ୍‌ର ଗୁରୁତ୍ୱ, ଆଇ ଓ ମେଶିନ ଲର୍ନିଂ କାର୍ଯ୍ୟଭାରଗୁଡିକର କାର୍ବନ ନିର୍ଗମନକୁ ହ୍ରାସ କରିବା ପାଇଁ ସଂସ୍ଥାଗୁଡିକୁ ସାହାଯ୍ୟ କରିପାରିବ।

# ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୭।୮**

କ୍ରମାଗତ ଭାବେ ଘରୋଇ ଶେୟାର ବଜାରର କାରବାରର ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ୩ୟ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୮୭୫ (୮୭୪.୯୪) ପଏଣ୍ଟ ବଢି ୭୯,୪୬୮(୭୯,୪୬୮.୦୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୦୫ (୩୦୪.୯୫) ପଏଣ୍ଟ ବୃଦ୍ଧି ଘଟି ୨୪,୨୯୭(୨୪,୨୯୭.୫୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟିମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ବଜାରରେ ଏଲ୍‌ଆଇସିର ନୂତନ ଉତ୍ପାଦ

**ମୁମ୍ବାଇ,୭।୮**



ସିଦ୍ଧାର୍ଥ ମହାନ୍ତି

ଭାରତୀୟ ଜୀବନ ବୀମା ନିଗମ (ଲାଇଫ୍ ଇନ୍‌ସ୍ୟୁରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ ବା ଏଲ୍‌ଆଇସି ଇଣ୍ଡିଆ)ର ନୂତନ ଉତ୍ପାଦ ରେଞ୍ଜ ଯଥା ଏଲ୍‌ଆଇସି ଯୁବା ଟର୍ମ (ପ୍ଲାନ୍ ୮୭୫)/ ଡିଜି ଟର୍ମ (ପ୍ଲାନ ୮୭୬) ଏବଂ ଏଲ୍‌ଆଇସି ଯୁବା କ୍ରେଡିଟ ଲାଇଫ (ପ୍ଲାନ୍ ୮୭୭) / ଡିଜି କ୍ରେଡିଟ୍ ଲାଇଫ (ପ୍ଲାନ୍ ୮୭୮)'ର ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏଲ୍‌ଆଇସି ଇଣ୍ଡିଆର ମୁମ୍ବାଇ କାର୍ଯ୍ୟାଳୟଠାରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏଲ୍‌ଆଇସି ଇଣ୍ଡିଆର ଏମ୍‌ଡି ତଥା ସିଇଓ ସିଦ୍ଧାର୍ଥ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଏଲ୍‌ଆଇସି ଇଣ୍ଡିଆର ଏମ୍‌ଡି ତଥା ସିଇଓ ସିଦ୍ଧାର୍ଥ ମହାନ୍ତି କହିଥିଲେ, ନିଗମର ନୂତନ ଉତ୍ପାଦ ରେଞ୍ଜକୁ ଉନ୍ମୋଚନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହା ଜରିଆରେ ହିତାଧିକାରୀମାନେ ଅନେକ ସୁଫଳ ପାଇପାରିବେ। ଉଭୟ ଯୁବା ଟର୍ମ/ ଡିଜି ଟର୍ମ ଏବଂ ଯୁବା କ୍ରେଡିଟ୍ ଲାଇଫ୍/ ଡିଜି କ୍ରେଡିଟ ଲାଇଫ୍ ଜରିଆରେ ନିଗମ ହିତାଧିକାରୀଙ୍କୁ ବ୍ୟାପକ ପ୍ରକାର ସୁବିଧା ଯୋଗାଇ ଦେଉଛି। ଉପରୋକ୍ତ ପ୍ଲାନ୍‌ଗୁଡିକ ନନ୍-ପାର୍, ନନ୍-ଲିଙ୍କ୍‌ଡ, ଲାଇଫ, ବ୍ୟକ୍ତିଗତ, ପିଅର ରିସ୍କ ପ୍ଲାନ୍ ହୋଇଥିଲାବେଳେ ପରିବାର ଓ ଆର୍ଥିକ ସୁରକ୍ଷା ହିତାଧିକାରୀ ପରିବାରବର୍ଗଙ୍କୁ ଯୋଗାଇଦେଇଥାଏ ବୋଲି ମହାନ୍ତି ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

# ହାସ୍‌ଟ୍ୟାଗ୍ ଫ୍ଲିପ୍ ଟ୍ରେଣ୍ଡସ୍‌ର ଅନାବରଣ

**ନୂଆଦିଲ୍ଲୀ,୭।୮**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଇ-କର୍ମସ୍ ପ୍ଲାଟ୍‌ଫର୍ମ 'ଫ୍ଲିପ୍‌କାର୍ଟ'ର ବହୁ ପ୍ରତୀକ୍ଷିତ ହାସ୍‌ଟ୍ୟାଗ୍ ଫ୍ଲିପ୍ ଟ୍ରେଣ୍ଡସର ଅନାବରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ବର୍ଷ ପାର୍ବଣଋତୁରେ ଫ୍ଲିପ୍‌କାର୍ଟ ହାସ୍‌ଟ୍ୟାଗ୍ ଫ୍ଲିପ୍ ଟ୍ରେଣ୍ଡସ ରିପୋର୍ଟର ଏଡ୍‌୧ ସଂସ୍କରଣ (୨୦୨୪ ଜାନୁଆରୀରୁ ଜୁନ୍) ନିକଟରେ ଉପସ୍ଥାପନ କରିଛି; ଯେଉଁଥିରେ ୫୦୦ ନିୟୁତରୁ ଅଧିକ ପଞ୍ଜୀକୃତ ଫ୍ଲିପ୍‌କାର୍ଟ ଉପଭୋକ୍ତାଙ୍କ ଶପିଂ ଅଭ୍ୟାସର ଏକ ଆକର୍ଷଣୀୟ ବିଶ୍ଳେଷଣ ଉପସ୍ଥାପନ କରାଯାଇଛି। ଏ ସମ୍ପର୍କରେ ଫ୍ଲିପ୍‌କାର୍ଟର ଆନାଲିଟିକ୍ସ ଆଣ୍ଡ ଡାଟା ସାଇନ୍ସର ବରିଷ୍ଠ ଉପାଧ୍ୟକ୍ଷ ରବି ବିଜୟ ରାଘବନ କହିଛନ୍ତି, ଫ୍ଲିପ୍‌କାର୍ଟରେ ଆମେ ଆମର ଫ୍ଲିପ୍ ଟ୍ରେଣ୍ଡ୍ ଏଡ୍‌୧ ୨୦୨୪ ରିପୋର୍ଟ ଉପସ୍ଥାପନ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହା କେବଳ ଆକର୍ଷଣୀୟ ଶପିଂ ଟ୍ରେଣ୍ଡକୁ ପ୍ରତିଫଳିତ କରେ ନାହିଁ ବରଂ ଇ-କମର୍ସ ପାଇଁ ଅଭିବୃଦ୍ଧି ସୁଯୋଗ ମଧ୍ୟ ପ୍ରଦର୍ଶନ କରିଛି। ସେହିଭଳି ଗ୍ରାହକ-କେନ୍ଦ୍ରୀକରଣ ପ୍ରତି ଆମର ପ୍ରତିବଦ୍ଧତା ଅତୁଟ ରହିଛି। କାରଣ ଆମେ ଆମର ବିବିଧ ଗ୍ରାହକ ଭିତ୍ତିଭୂମିର ବିକଶିତ ଚାହିଦାକୁ ଆକଳନ କରିବା ଏବଂ ପୂରଣ କରିବାକୁ ଚେଷ୍ଟା କରୁଛୁ। ୨୦୨୪ର ପ୍ରଥମାର୍ଦ୍ଧରେ ବିଶେଷକରି ଗ୍ରୀଷ୍ମଋତୁରେ 'ଛୁଟି ପୋଷାକ' ସବୁଠାରୁ ଅଧିକ ସର୍ଚ୍ଚ କରାଯାଇଥିବା କିୱାର୍ଡ ମଧ୍ୟରୁ ଅନ୍ୟତମ ଥିଲାବେଳେ ମହିଳାମାନେ ହ୍ୱିମ୍‌ସିକାଲ ବୋ, ରୋଜେଟ୍ ଟପ୍, ଟିକ୍ ବ୍ୟାଣ୍ଡୟୁ ଟପ୍, ପୋଷାକ, ଆରାମଦାୟକ ମ୍ୟୁଲ, ୮୦ଦଶକ ଅନୁପ୍ରାଣିତ ପରିଧାନ ଚୟନ କରିଛନ୍ତି। ପୁରୁଷମାନେ ଗୋଲାକାର ବେକ୍ ଟି-ଶାର୍ଟ, ଓପନ୍-ନିଟ୍ ଏବଂ ଟେକ୍ସଚର ସାର୍ଟ, ଜିପର ପୋଲୋସ୍ ଏବଂ ପାରାସୁଟ ଟ୍ରାଉଜର ଭଳି କାଜୁଆଲ୍ ପୋଷାକ ବାଛିଛନ୍ତି। ଏହା ବ୍ୟତୀତ ୨୦୨୩ ତୁଳନାରେ ପୁରୁଷଙ୍କ ଗ୍ରୁମିଂ ପ୍ରଡକ୍ଟରେ ଯଥେଷ୍ଟ ବୃଦ୍ଧି ଘଟିଛି।

# ବନ୍ଧନ ନିଫ୍ଟି ବ୍ୟାଙ୍କ ଇଣ୍ଡେକ୍ସ ଫଣ୍ଡ୍‌ର ଶୁଭାରମ୍ଭ

**ନୂଆଦିଲ୍ଲୀ,୭।୮**

Bandhan Mutual Fund

ବନ୍ଧନ ମ୍ୟୁଚୁଆଲ ଫଣ୍ଡ୍‌ର ନୂତନ ଉତ୍ପାଦ 'ବନ୍ଧନ ନିଫ୍ଟି ବ୍ୟାଙ୍କ ଇଣ୍ଡେକ୍ସ ଫଣ୍ଡ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ନିଫ୍ଟି ବ୍ୟାଙ୍କ ଇଣ୍ଡେକ୍ସକୁ ଟ୍ରାକ୍ କରୁଥିବା ଏକ ଓପନ ଏଣ୍ଡେଡ୍ ସ୍କିମ୍ ବନ୍ଧନ ନିଫ୍ଟି ବ୍ୟାଙ୍କ ଇଣ୍ଡେକ୍ସ ଫଣ୍ଡ୍‌ର ବଜାର ପ୍ରବେଶ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏହି ଇଣ୍ଡେକ୍ସରେ ଭାରତର ଅଗ୍ରଣୀ ବ୍ୟାଙ୍କ ସମେତ ଘରୋଇ ବ୍ୟାଙ୍କଗୁଡିକ ସାମିଲ ଅଛନ୍ତି; ଯେଉଁମାନେ କି ୮୫% ଅଂଶ କଭର କରୁଛନ୍ତି ଏବଂ ଅବଶିଷ୍ଟ ଅଂଶ ସରକାରୀ ବ୍ୟାଙ୍କଗୁଡ଼ିକୁ ନେଇ ଗଠିତ ହୋଇଛି। ଏହି ଫଣ୍ଡ୍ ଭାରତର ସବୁଠାରୁ ବଡ଼ ଓ ସବୁଠାରୁ ଲିକ୍ୱିଡ ବ୍ୟାଙ୍କିଙ୍ଗ୍ ଷ୍ଟକ୍‌ଗୁଡିକରେ ନିବେଶ କରିବା ପାଇଁ ସୁବିଧାଜନକ ସୁଯୋଗ ଉପସ୍ଥାପନ କରୁଛି। ଏହି ନୂତନ ଫଣ୍ଡ୍ ଅଫର (ଏନ୍‌ଏଫ୍‌ଓ) ୨୦୨୪ ଅଗଷ୍ଟ ୮ରେ ଖୋଲିବ ଏବଂ ଅଗଷ୍ଟ ୨୨ରେ ବନ୍ଦ ହେବ।

ଏ ସମ୍ପର୍କରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଭାରତର ଜିଡିପି ଉପରକୁ ଉଠିବା ସହ ଋଣ ଓ ବ୍ୟାପକ ଆର୍ଥିକ ସେବାଗୁଡ଼ିକ ପାଇଁ ଚାହିଦା ମଧ୍ୟ ବୃଦ୍ଧି ପାଉଛି, ଯାହା ବ୍ୟାଙ୍କଗୁଡିକର ଉନ୍ନତି ଓ ବିକାଶ ପାଇଁ ମଞ୍ଚ ପ୍ରସ୍ତୁତ କରୁଛି। ଆମର ବ୍ୟାଙ୍କଗୁଡ଼ିକ ଏକଦା ଉଚ୍ଚ ଏନ୍‌ପିଏ ଓ କମ୍ ଲାଭର ବୋଝ ତଳେ ଚାପିହୋଇ ରହୁଥିଲେ। କିନ୍ତୁ ବର୍ତ୍ତମାନ ସେଗୁଡିକରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ସେମାନେ ଏବେ ସୁ-ପୁଞ୍ଜିଭୂତ ଅଟନ୍ତି ଏବଂ ସେମାନଙ୍କର ଲାଭ ବହୁମାତ୍ରାରେ ବୃଦ୍ଧି ପାଇବା ସମ୍ଭାବନା ରହିଛି। ବ୍ୟାଙ୍କଗୁଡିକ ଦେଶର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରସ୍ତୁତ ରହିଛନ୍ତି। ବନ୍ଧନ ନିଫ୍ଟି ବ୍ୟାଙ୍କ ଇଣ୍ଡେକ୍ସ ଫଣ୍ଡ୍ ନିବେଶକଙ୍କୁ ଏହି କ୍ଷେତ୍ରରେ ନିବେଶ କରିବା ପାଇଁ ଏକ ସରଳ ଓ ଅପେକ୍ଷାକୃତ ମୂଲ୍ୟ ସାପେକ୍ଷ ମାର୍ଗ ପ୍ରଦାନ କରୁଛି। ବ୍ୟାଙ୍କିଙ୍ଗ୍ ସେକ୍ଟରର ଅଭିବୃଦ୍ଧି କ୍ଷମତା ସହ ନିଜର ପୋର୍ଟଫୋଲିଓକୁ ବୃଦ୍ଧି କରିବା ପାଇଁ ଚାହୁଁଥିବା ନିବେଶକମାନେ ଏହି ଫଣ୍ଡକୁ ବିଚାର କରିପାରିବେ।


# Classified Everyday
0674-2580101, 2549949



REAL ESTATE

## SALE

ଖୋର୍ଦ୍ଧାରେ ପିଚୁରୋଡ୍‌କୁ ଲାଗି ମାତ୍ର ୪୦୦ ଟଙ୍କାରେ ପ୍ଲଟ୍ ମିଳୁଛି। Near Bajpur Market, Near GIET Engineering College. Contact- 9090811926. D-894

**Ready to move 2BHK flat for sale @ 20lakh near Gudiapokhari, Bhubaneswar. Call- 9937544226.** D-756

ଭୁବନେଶ୍ୱର ନଖରା Sum-2, Grandbazar ନିକଟରେ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। Contact- 9178660666. D-900

କଟକ-ଭୁବନେଶ୍ୱର ମଧ୍ୟରେ ନବନିର୍ମିତ Sum Hospital, Grand Bazar (NH-16) ରୁ ଅଳ୍ପ ଦୂରତାରେ ୩୦ ଫୁଟ ରାସ୍ତା ଥାଇ ଘରବାରି plot କିଣନ୍ତୁ। 9658562429. D-75983

**Plot for sale at Puri Konark Marine Drive (850/- per sqft). Contact : 6371703010.** D-959

**Gharabari converted plots available near Hitech Square, Sundarpada Bhubaneswar. For more details Contact: 9437054765, 9853035888.** D-958

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8249877810, 9439368599.** D-957

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





**Commercial 14 rooms attached bathrooms Ground Floor, Chandrasekharpur, Bhubaneswar. 8763802787.** D-966





Newly open Jyoti SPA positively health benefits (Expert therapist). 8458067955. D-76141

**Relax, Refresh your body, mind at Saikrupa Spa with best therapies. 8984068077.** D-883

Newly open health benefits SPA special Offer @ 799 Bapujinagar. 8018429809. D-76140

Newly open health benefits spa by expert therapist. Contact: 6371861658. D- 76142

## AFFIDAVIT

I, Archana Patra, W/o- Ashok Kumar Patra, resident of Flat No. 201, Block-D, Utkal Vatika, Jharapada, P.O.- Budheswari, P.S.- Laxmisagar, Bhubaneswar, Dist.- Khordha, Pin-751006, Odisha declare by this affidavit on dtd.06.08.2024 that now onwards I shall be known as Archana Tripathy for all future purposes. D-963

I, Ashok Patra, S/o- Bijay Kumar Patra, resident of Flat No. 201, Block-D, Utkal Vatika, Jharapada, P.O.- Budheswari, P.S.- Laxmisagar, Bhubaneswar, Dist.-Khordha, Pin-751006, Odisha declare by this affidavit on dtd. 06.08.2024 that now onwards I shall be known as Ashok Kumar Patra for all future purposes. D-962

I, KABITA GHADEI, W/o Chandan Kumar Ghadei, resident of DE-42, Basanti Colony, P.O.- Rourkela-12, P.S.- Uditnagar, Dist.- Sundargarh, Pin-769012, Odisha declare by this affidavit No.123 date 07.08.2024 that now onwards I shall be known as KABITA KUMARI GHADEI for all future purposes. D-964

## ମନେ ପଡ଼ନ୍ତି

ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ ଜୟଗୋପାଳ ଦାସ**
ବାସୁଦେଇପୁର, ଦାଣ୍ଡମୁକୁନ୍ଦପୁର
ଆବିର୍ଭାବ : ୧୦.୦୨.୧୯୪୦
ତିରୋଧାନ : ୧୮.୦୮.୨୦୧୫

ଚାହୁଁ ଚାହୁଁ ନଅବର୍ଷ ବିତିଗଲା। ଆଖି ଲୁହ ଆଖିରେ ରହିଗଲା। ଆପଣଙ୍କ ଭଲପାଇବା ଓ ପରିବାର ପ୍ରତି କର୍ତ୍ତବ୍ୟ ଭୁଲି ହେଉନାହିଁ। ଆଜି ଏଇ ଆପଣଙ୍କ ପୁଣ୍ୟତିଥିରେ ସପରିବାର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ଆପଣଙ୍କ ଅମର ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।

ଶୋକସନ୍ତପ୍ତ
ସ୍ତ୍ରୀ ଇନ୍ଦୁ, ଝିଅ ଜୋଇଁ, ପୁଅ ବୋହୂ, ନାତି ନାତୁଣୀ
ଧ-୯୬୫

See Career Appointment on every Wednesday & Saturday


## LEGAL NOTICE

### ନୋଟିସ

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ)ଙ୍କ
ଅଦାଲତ ନଂ.୧ନ୍ୱର, ଭୁବନେଶ୍ୱର
ଚତୁର୍ଥ ମହଲା, ହେଡ୍‌ସ ଅଫ୍ ଡିପାର୍ଟମେଣ୍ଟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର-୧୮୪/୨୦୧୬
(ସି.ପି.ସି. ଅର୍ଡର ୫, ରୁଲ୍-୨୦ ମୁତାବକ)
ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ

ଶ୍ରୀ ପ୍ରତାପ ଚନ୍ଦ୍ର ଦାସ, ବୟସ ୭୦ ବର୍ଷ, ପିତା- ମଧୁସୂଦନ ଦାସ, ଠିକଣା: ସା/ପୋଷ୍ଟ- ଶାଳଗାଁ, ଥାନା- ଚୌଦ୍ୱାର, ଜିଲ୍ଲା- କଟକ, ବର୍ତ୍ତମାନ ଠିକଣା: ପ୍ଲଟ୍ ନମ୍ବର- ସି-୪୬୯୭ (ପି) ୪୬୯୮ (ପି), ଗାଡ଼କଣ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ... ... ... ବାଦୀ

ବନାମ

ପଠାଣୀ ସାହୁ, ଓଗେର ... ... ... ପ୍ରତିବାଦୀମାନେ

ପ୍ରାପ୍ତେଷୁ,
୧. ପଠାଣୀ ସାହୁ, ପିତା- ✓ଅରକ୍ଷିତ ସାହୁ,
୨. ବାସନ୍ତୀ ସାହୁ, ସ୍ୱାମୀ- ✓ଧୁଲେଶ୍ୱର ସାହୁ,
୩. ଦିଲୀପ୍ କୁମାର ସାହୁ,
୪. ସୋନାଲି ସାହୁ, ଉଭୟଙ୍କ ପିତା- ✓ଧୁଲେଶ୍ୱର ସାହୁ,
୫. କାଳନ୍ଦୀ ସାହୁ,
୬. କୃଷ୍ଣ ସାହୁ,
୭. ମାଗୁଣି ସାହୁ, ସିରିଅଲ ନଂ.୫-୭ନ୍ୱରଙ୍କ ପିତା- ✓ପରିକ୍ଷିତ ସାହୁ,
୮. ସଦାଶିବ ସାହୁ,
୯. ମୁରଲୀ ସାହୁ, ଉଭୟଙ୍କ ପିତା- ✓ଯୋଗୀ ସାହୁ,
୧୦. ମୁକ୍ତି ସାହୁ, ସ୍ୱାମୀ- ✓ଯୋଗୀ ସାହୁ,
୧୧. ଭାଗୀରଥି ସାହୁ, ପିତା- ✓ରଘୁନାଥ ସାହୁ,
୧୨. ପୁନି ସାହୁ, ସ୍ୱାମୀ- ✓ରଘୁନାଥ ସାହୁ,
୧୩. ଗଣେଶ ସାହୁ, ପିତା- ✓ଆରତ ସାହୁ,
୧୪. ବିନୋଦ ସାହୁ,
୧୫. ବୀରବର ସାହୁ, ସିରିଅଲ ନଂ.୧୪-୧୫ନ୍ୱରଙ୍କ ପିତା- ✓ମହନୀ ସାହୁ,
୧୬. ଚାନ୍ଦ ସାହୁ, ସ୍ୱାମୀ- ✓ ଦ୍ୱିଜବର ସାହୁ,
୧୭. ହୃଦାନନ୍ଦ ସାହୁ, ପିତା- ✓ଦିଗାମ୍ବର ସାହୁ

ଏ ସମସ୍ତଙ୍କ ଠିକଣା: ସା- ଗାଡ଼କଣ, ପୋଷ୍ଟ- ମଞ୍ଚେଶ୍ୱର ରେଲୱେ କଲୋନୀ, ଥାନା- ସହିଦ ନଗର, ହାଲ୍ ଥାନା- ମଞ୍ଚେଶ୍ୱର।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀ ନମ୍ବର ୧ ଠାରୁ ୧୭ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ରିଭିଜନ କେସ୍ ବାଦୀ ମାନ୍ୟବର ଅତିରିକ୍ତ ଆୟୁକ୍ତ ନଂ୧ନ୍ୱରଙ୍କ ଇଜିଲାସରେ ଦାଖଲ କରିଅଛନ୍ତି, ଯେହେତୁ ଉପରୋକ୍ତ ମାମଲାର ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ, ଅତ୍ର ବିଜ୍ଞାପନ ମାଧ୍ୟମରେ ଆପଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦୀ ଦାୟର କରିଛନ୍ତି। ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଅଛି:

**ଜମିର ବିବରଣୀ**

ମୌଜା: ଭୁବନେଶ୍ୱର ସହର ୟୁନିଟ୍ -୩୯ ଗାଡ଼କଣ, ତହସିଲ- ଭୁବନେଶ୍ୱର, ଥାନା- ନିୟୁ କ୍ୟାପିଟାଲ, ଥାନା ନଂ୨୫ନ୍ୱର, ଜିଲ୍ଲା- ଖୋର୍ଦ୍ଧା

| ସାବକ ଖାତା ନଂ. | ସାବକ ପ୍ଲଟ୍ ନଂ. | ସାବକ ରକବା | ହାଲ୍ ଖାତା ନଂ. | ହାଲ୍ ପ୍ଲଟ୍ ନଂ. | ରକବା |
|---|---|---|---|---|---|
| ୫୮ | ୪୬୯୭ (ଅଂଶ) | ଏ୦.୦୩ଡି. ଏ୦.୫୦ଡି. ସ୍ୱଧରୁ | ୧୮୩୬ | ୭୧୨୮ (ଅଂଶ) | ଏ୦.୦୬୧ଡି. ଏ୦.୦୭୦ଡି. ସ୍ୱଧରୁ |
| ୫୯ | ୪୬୯୮ (ଅଂଶ) | ଏ୦.୦୩୧ଡି. ଏ୩.୬୨ଡି. ସ୍ୱଧରୁ | | | |

ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତ ନଂ୧ନ୍ୱରଙ୍କ କାର୍ଯ୍ୟାଳୟଠାରେ ଆସନ୍ତା ତା୪।୦୯।୨୦୨୪ରିଖେ ଦିବା ୧୧.୦୦ ଘଟିକା ସମୟରେ ସ୍ଥିର କରାଯାଇଅଛି। ଏଣୁ, ଉପରୋକ୍ତ ମାମଲାର ପ୍ରତିବାଦୀମାନେ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ, ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

**ଅତିରିକ୍ତ ଆୟୁକ୍ତ ଭୁବନେଶ୍ୱରଙ୍କ ଆଦେଶକ୍ରମେ**
**ସ୍ୱା./- କୋର୍ଟ ଅଫିସର**

ଧ-୯୬୦

# ପୁରୀରେ ହେବ ଗୁଣାତ୍ମକ ରୋଗୀକୈନ୍ଦ୍ରିକ ଏକୀକୃତ ମଡେଲ

■ ଏମ୍ସ, ଆଇସିଏମ୍ଆର୍ ଓ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେବ

■ ଦେଶର ୫ ଜିଲାରେ ପ୍ରକଳ୍ପ କରିବ ଆଇସିଏମ୍ଆର୍



ଜାତୀୟସ୍ତରୀୟ ପରାମର୍ଶ ସମୀକ୍ଷା ବୈଠକରେ ପ୍ରକଳ୍ପର ଟ୍ରେନିଂ ମାନୁଆଲ ଭିଜନ ଡକ୍ୟୁମେଣ୍ଟ ଉନ୍ମୋଚନ କରାଯାଉଛି।

ଭୁବନେଶ୍ୱର, ୭।୮ (ଅସମାପିକା ସାହୁ)

ଉନ୍ନତ ଜରୁରିକାଳୀନ ଚିକିତ୍ସା ବ୍ୟବସ୍ଥାର ବିକାଶ ଲକ୍ଷ୍ୟରେ ଆଇସିଏମ୍ଆର୍ ଏକ ଜାତୀୟ ସ୍ୱାସ୍ଥ୍ୟ ଅନୁସନ୍ଧାନ ପ୍ରାଥମିକତା ପ୍ରକଳ୍ପ ଆରମ୍ଭ କରିଛି। ଏହି ପ୍ରକଳ୍ପ ମାଧ୍ୟମରେ ଦେଶର ୫ ଜିଲାରେ ଜରୁରିକାଳୀନ ଚିକିତ୍ସା ବ୍ୟବସ୍ଥା ପାଇଁ ଏକ ଉଚ୍ଚ ଗୁଣାତ୍ମକ ରୋଗୀକୈନ୍ଦ୍ରିକ ଏକୀକୃତ ମଡେଲ (ହାଇ-କ୍ୱାଲିଟି ପାସେଣ୍ଟ-ସେଣ୍ଟ୍ରିକ ଇଣ୍ଟିଗ୍ରେଟେଡ ମଡେଲ) ପ୍ରତିଷ୍ଠା କରାଯିବ। ଏହି ୫ ଜିଲା ମଧ୍ୟରେ ଓଡ଼ିଶାର ପୁରୀ ରହିଛି। ଏହାଛଡ଼ା ପଞ୍ଜାବର ଲୁଧିଆନା, ମଧ୍ୟପ୍ରଦେଶର ଭିଦିଶା, ଗୁଜରାଟର ଭଦୋଦରା ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରିର ରାଜଧାନୀ ପଣ୍ଡିଚେରିଠାରେ ପ୍ରତିଷ୍ଠା ହେବ ବୋଲି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ସୂଚନା ଦେଇଛନ୍ତି। ଏହା ମାଧ୍ୟମରେ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଉନ୍ନତି, ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀଙ୍କ ଦକ୍ଷତା ବୃଦ୍ଧି, ସୂଚନା ପ୍ରଯୁକ୍ତି ବିଦ୍ୟା ଓ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଯୁକ୍ତ ଉପକରଣ ଏବଂ ମ୍ୟାପିଂ ସୁବିଧା ଦ୍ୱାରା ଜରୁରୀକାଳୀନ ଚିକିତ୍ସା ବ୍ୟବସ୍ଥାର ଦୃଢ଼ୀକରଣ କରାଯିବାର ଲକ୍ଷ୍ୟ ରହିଛି। ଏଥିସହିତ ଆମ୍ବୁଲାନ୍ସ ସେବାରେ ଉନ୍ନତି, ଗୋଷ୍ଠୀର ଚାହିଦାକୁ ଦୃଷ୍ଟିରେ ରଖି ସେବା ପ୍ରଦାନ ଏବଂ ପ୍ରାଥମିକ ସ୍ତରର ସେବାପ୍ରଦାନକାରୀଙ୍କୁ ତାଲିମ ଆଦି ବ୍ୟବସ୍ଥା ରହିଛି। ହୃଦ୍‌ଘାତ, ମସ୍ତିଷ୍କାଘାତ, ସାପ କାମୁଡ଼ା, ବିଷପାନ, ଶ୍ୱାସକ୍ରିୟାଜନିତ ତଥା ନବଜାତକ ଓ ପ୍ରସବକାଳୀନ ଭଳି ୭ଟି ଗୁରୁତ୍ୱପୂର୍ଣ୍ଣ ଜରୁରିକାଳୀନ ପରିସ୍ଥିତିକୁ ସମାଧାନ କରିବାରେ ଏହି ପ୍ରକଳ୍ପ ସହଯୋଗୀ ହେବ ବୋଲି ଡା. ବିଶ୍ୱାସ କହିଛନ୍ତି।

ଆଇସିଏମ୍ଆର ଏବଂ ରାଜ୍ୟ ସରକାରଙ୍କ ସହଯୋଗରେ ଏମ୍ସ ଭୁବନେଶ୍ୱର ରାଜ୍ୟରେ ଏହି ପ୍ରକଳ୍ପକୁ ତ୍ୱରାନ୍ୱିତ କରୁଛି। ଏନେଇ ବୁଧବାର ଏମ୍ସରେ ଏକ ଜାତୀୟସ୍ତରୀୟ ପରାମର୍ଶ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ମଡେଲର ବିକାଶ ତଥା କାର୍ଯ୍ୟକାରୀ କରିବା ପାଇଁ ଏମ୍ସର ଅତିରିକ୍ତ ପ୍ରଫେସର ଡା. ଅରବିନ୍ଦ କୁମାର ସିଂଙ୍କ ନେତୃତ୍ୱରେ ଏକ ଅନୁସନ୍ଧାନକାରୀ ଦଳ ଗଠନ କରାଯାଇଛି। ବୈଠକରେ ନୂଆଦିଲ୍ଲୀ ଆଇସିଏମ୍ଆର୍‌ର ଡା. ମୀନାକ୍ଷୀ ଶର୍ମାଙ୍କ ସମେତ ୫ ପ୍ରକଳ୍ପ ସ୍ଥାନର ପ୍ରମୁଖ ନିରୀକ୍ଷକ ଯୋଗଦେଇଥିଲେ। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ଡିଏମଇଟି ଡା. ସନ୍ତୋଷ କୁମାର ମିଶ୍ର, ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପୁରୀର ଅଧୀକ୍ଷକ ଡା. କୌଶିକ ମିଶ୍ର, ପୁରୀ ସିଡିଏମ୍ଓ ଡା. ରୂପଭାନୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡା. ଆଶୁତୋଷ ବିଶ୍ୱାସ ଏହି ପ୍ରକଳ୍ପର ଟ୍ରେନିଂ ମାନୁଆଲର ଭିଜନ ଡକ୍ୟୁମେଣ୍ଟ ଉନ୍ମୋଚନ କରିଥିଲେ।

# ନ୍ୟାୟ ଦାବିରେ ପରିବାର ଲୋକଙ୍କ ଧାରଣା



ମୃତ ଛାତ୍ରଙ୍କ ପରିବାର ଓ ଅନ୍ୟମାନେ କଲେଜ ସମ୍ମୁଖରେ ଧାରଣା ଦେଇଛନ୍ତି।

## ନିର୍ଯାତନା ସହି ନ ପାରି ଘରୋଇ କଲେଜ ଛାତ୍ରଙ୍କ ଆତ୍ମହତ୍ୟା ଘଟଣା

ଧର୍ମଶାଳା/କାଏମା,୭।୮ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ଜାରକାସ୍ଥିତ ଏକ ଘରୋଇ କଲେଜର ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ଆଶିଷ କୁମାର ପଣ୍ଡା(୧୭)ଙ୍କ ଆତ୍ମହତ୍ୟା ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କରାଯାଇଛି। ତେଣୁ ନ୍ୟାୟ ଦାବିରେ ବୁଧବାର ଛାତ୍ରଙ୍କ ପରିବାର ଲୋକଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ କଲେଜ ସମ୍ମୁଖରେ ଧାରଣା ଦେଇଛନ୍ତି। କଲେଜର ନିର୍ଦ୍ଦେଶକ ବିଭୂତି ଭୂଷଣ ରାଉତ ଓ ମ୍ୟାନେଜର ଚିନ୍ମୟଙ୍କୁ ଗିରଫ ସହ କଲେଜ ବନ୍ଦ କରିବା ପାଇଁ ସେମାନେ ଦାବି କରିଛନ୍ତି। ଘଟଣାସ୍ଥଳରେ ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ ଓ କୁଆଖିଆ ଥାନା ଅଧିକାରୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ବିଫଳ ହୋଇଛନ୍ତି। ଯାଜପୁର ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ପହଞ୍ଚି ୭ ଦିନ ଭିତରେ ଏହାଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ଆନ୍ଦୋଳନକାରୀ ଧାରଣାରୁ ଓହରି ଯାଇଛନ୍ତି।

କୁଆଖିଆ ଥାନା ଓଡ଼ିଶୋ ପଞ୍ଚାୟତ ଅଣ୍ଡେଇଘୋଡ଼ା ଗ୍ରାମର ବାଙ୍କ ବିହାରୀ ପଣ୍ଡାଙ୍କ ଏକମାତ୍ର ପୁତ୍ର ଆଶିଷଙ୍କୁ କଲେଜରେ ଟଙ୍କା ଓ ମୋବାଇଲ ଚୋରି କରିଥିବା ଅଭିଯୋଗରେ ସମସ୍ତଙ୍କ ସାମ୍ନାରେ ଆଣ୍ଠେଇ ଦିଆଯାଇବା ସହ ମାଡ଼ ମରାଯାଇଥିଲା। ବିଭିନ୍ନ କଟୁ କଥା କହି ତାଙ୍କୁ ଭର୍ତ୍ସନା କରାଯାଇଥିଲା। ଫଳରେ ସେ ମାନସିକସ୍ତରରେ ଭାଙ୍ଗିପଡ଼ିଥିଲେ। କଲେଜ ପକ୍ଷରୁ ଏ ନେଇ ତାଙ୍କ ପରିବାର ଲୋକଙ୍କୁ ଜଣାଯିବାରୁ ପରିବାର ଲୋକେ ଦୁଇ ଦିନ ତଳେ ତାଙ୍କୁ ଘରକୁ ନେଇ ଆସିଥିଲେ। ଫଳରେ ସେ ଗତ ସୋମବାର ରାତିରେ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଜଣେ ଭଲ ଛାତ୍ର ଥିଲେ। ହେଲେ ଏଭଳି ଅପମାନକୁ ସହ୍ୟ କରି ନ ପାରି ଆତ୍ମହତ୍ୟା ଭଳି ପଦକ୍ଷେପ ନେଇଥିବା ନେଇ ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ନଂ. ୬୧୪/୨୪ ରୁଜୁକରି ତଦନ୍ତ ଚଳାଇଛି। ଏ ସମ୍ପର୍କରେ କଲେଜ ସମ୍ପାଦକ ବିଭୂତି ରାଉତଙ୍କୁ ପଚାରିବାରୁ ପିଲା ଚଗଲା ହୋଇଥିବାରୁ ତାଗିଦ କରିବା ପାଇଁ ଆଣ୍ଠେଇ ଦିଆଯାଇଥିଲା ବୋଲି କହିଛନ୍ତି।

# ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ବିସ୍ଥାପିତ ପରିବାର ସଦସ୍ୟଙ୍କୁ ନିଯୁକ୍ତି ପ୍ରଦାନ ମାମଲା

ଯାଜପୁର/କଳିଙ୍ଗନଗର (ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷ ରାଉତ), ୭।୮

କଳିଙ୍ଗନଗର ନୀଳାଚଳ ଇସ୍ପାତ ନିଗମ ଲିଃ (ଏନ୍ଆଇଏନ୍ଏଲ୍)ର ଜଣେ ବିସ୍ଥାପିତଙ୍କ ନିଯୁକ୍ତି ଆଶା ପୂରଣ ହେବାକୁ ଯାଉଛି। ହାଇକୋର୍ଟରେ ହୋଇଥିବା ଆବେଦନ ଉପରେ ବିଚାର କରି ବିଚାରପତି ଏସ୍.କେ. ସାହୁ ଓ ଚିତ୍ତରଞ୍ଜନ ଦାସ ୩ ମାସ ମଧ୍ୟରେ ଆର୍‌ଡିସି(ସେଣ୍ଟ୍ରାଲ), ଯାଜପୁର ଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କୁ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଜିଲା ସୁକିନ୍ଦା ଥାନା କଇଁଜିରା ଗ୍ରାମର ଲୁଣିଆ ମୁଣ୍ଡା ନୀଳାଚଳ କାରଖାନା ପ୍ରତିଷ୍ଠା ପାଇଁ ବିସ୍ଥାପିତ ହୋଇଥିଲେ। ତାଙ୍କର ଭିଟାମାଟି ସରକାର ଅଧିଗ୍ରହଣ କରିବା ସମୟରେ ବିସ୍ଥାପନ ସାହାଯ୍ୟ ଭାବେ ସରକାରଙ୍କ ଆଦେଶ ଅନୁସାରେ ବିସ୍ଥାପନ ପରିଚୟ ପତ୍ର ସଂଖ୍ୟା ୩୦୯/୪ ମିଳିଥିଲା। ଏହାସହ ବିସ୍ଥାପନ ନୀତି ଅନୁସାରେ ତାଙ୍କୁ ଅଣକୁଶଳୀ କର୍ମଚାରୀ ଭାବେ ନିଯୁକ୍ତି ମିଳିଥିଲା। ଜମି ଅଧିଗ୍ରହଣର ପ୍ରାୟ ୧୦ ବର୍ଷ ପରେ ସେ କୁପୋଷଣର ଶିକାର ହୋଇ ଚାକିରି କାଳ ମଧ୍ୟରେ ୧୧।୧୦।୨୦୨୨ରେ ମୃତ୍ୟୁବରଣ କରିଥିଲେ। ନୀଳାଚଳ କାରଖାନା ପାଇଁ ସମସ୍ତ ଜମିବାଡ଼ି ହରାଇବା ପରେ ପରିବାରର ଭରଣପୋଷଣ କେବଳ ଲୁଣିଆ ମୁଣ୍ଡାଙ୍କ ଚାକିରି ହିଁ ଏକମାତ୍ର ଭରସା ଥିଲା। ଏହାପରେ ତାଙ୍କ ପୁଅ ରଥିଆ ମୁଣ୍ଡା ସରକାରଙ୍କ ଆର୍‌ଆର୍ ପଲିସିର ନିୟମ ଅନୁଯାୟୀ ବାପାଙ୍କ ସ୍ଥାନରେ ନିଯୁକ୍ତି ପାଇବାକୁ ୪ର୍ଥ, ୫ମ ଓ ୬ଷ୍ଠ ଆର୍‌ପିଡିଏସି ବୈଠକରେ ଗୃହୀତ ମତ ଅନୁସାରେ ଜିଲା ପ୍ରଶାସନ ନିକଟରେ ୩ ଥର ଆବେଦନ କରିଥିଲେ। ଏଥିରେ ତାଙ୍କ ମା'ମାନି ମୁଣ୍ଡାଙ୍କ ସମର୍ଥନ ବି ରହିଥିଲା। କିନ୍ତୁ ରଥିଆଙ୍କ ଆବେଦନ ଉପରେ କେହି କର୍ଣ୍ଣପାତ କରି ନ ଥିଲେ। ପୂର୍ବରୁ ଉକ୍ତ ନିୟମ ଏବଂ ଆର୍‌ପିଡିଏସି ନିଷ୍ପତ୍ତିକୁ ଆଧାର କରି ନୀଳାଚଳରେ ୧୭ ଜଣଙ୍କୁ ନିଯୁକ୍ତି ମିଳି ସାରିଛି। କିନ୍ତୁ ରଥିଆଙ୍କ ସ୍ଥାନରେ ପାତରଅନ୍ତର ନୀତି ଅବଲମ୍ବନ କରାଯିବାରୁ ତାଙ୍କ ପରିବାର ଭୋକ ଉପାସରେ କାଳାତିପାତ କରୁଛନ୍ତି। ସମସ୍ତ କ୍ଷେତ୍ରରେ ସେ ବିଫଳ ହେବାରୁ ହାଇକୋର୍ଟରେ ଡବ୍ଲ୍ୟୁପି(ସି) ୧୭୬୮୩/୨୦୨୪ରେ ଏକ ମାମଲା ରୁଜୁ କରିଥିଲେ।

# ପୂର୍ବତଟ ରେଳପଥର ବିଭିନ୍ନ କୋଠା, ଲେଭଲ କ୍ରସିଂରେ ସ୍ଥାପନ ହେବ ସୌରଶକ୍ତି କେନ୍ଦ୍ର

## ବାର୍ଷିକ କ୍ଷମତା ୨୧୮୨୬ କେଡବ୍ଲ୍ୟୁପି

ଭୁବନେଶ୍ୱର,୭।୮ (ଅନୁରାଧା ମହାରଣା)




ପୂର୍ବତଟ ରେଳପଥର ବିଭିନ୍ନ କୋଠା ଓ ଲେଭଲ କ୍ରସିଂ ଗେଟ୍‌ଗୁଡିକରେ ସୌରଶକ୍ତି ଉତ୍ପାଦନ କେନ୍ଦ୍ର ସ୍ଥାପନ ହେବ। ଭାରତୀୟ ରେଳର ସବୁଜ ପଦକ୍ଷେପ ନୀତି ଅନୁଯାୟୀ ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ଏସବୁ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବ। ପ୍ରକଳ୍ପ ଅଧୀନରେ ପୂର୍ବତଟ ରେଳପଥର ୧୪୯ଟି ଷ୍ଟେଶନ ବିଲ୍ଡିଂ, ୨୪୮ଟି ସର୍ଭିସ ବିଲ୍ଡିଂ, ୬୯୨୪ଟି ଆବାସିକ ବିଲ୍ଡିଂ ଏବଂ ୩୬୬ଟି ଲେଭଲ କ୍ରସିଂ ଗେଟ୍‌ରେ ସୌରଶକ୍ତି କେନ୍ଦ୍ର ସ୍ଥାପନ କରିବାକୁ ସ୍ଥିର କରାଯାଇଛି। ଏଥିପାଇଁ ପୂର୍ବତଟ ରେଳପଥ ପ୍ରାୟ ୮୩.୭୯ କୋଟି ଟଙ୍କାର ଟେଣ୍ଡର ବିଜ୍ଞପ୍ତି ପ୍ରକାଶ କରିଛି, ଯେଉଁଥିରେ ଛାତ ଉପରେ ବିଭିନ୍ନ କ୍ଷମତା ବିଶିଷ୍ଟ ଗ୍ରୀଡ୍ ପ୍ଲାଣ୍ଟରେ ସୌରଶକ୍ତି ପ୍ଲାଣ୍ଟ / ନବୀକରଣଯୋଗ୍ୟ ସୌରଶକ୍ତି ଉତ୍ସ ସ୍ଥାପନ କରିବ। ଏଥିରୁ ବାର୍ଷିକ ପ୍ରାୟ ୨୧୮୨୬ କେଡବ୍ଲ୍ୟୁପି ଶକ୍ତି ଉତ୍ପାଦନ ହେବ ଓ ବିଦ୍ୟୁତ୍ ଶକ୍ତି ବାବଦକୁ ବାର୍ଷିକ ବିଲ୍ ପ୍ରାୟ ୧୪ କୋଟି ଟଙ୍କା ଏବଂ କାର୍ବନ କ୍ରୟ ବାବଦକୁ ପ୍ରାୟ ୯୧.୪୧ ଲକ୍ଷ ଟଙ୍କା ସଞ୍ଚୟ କରିପାରିବ ବୋଲି ପୂର୍ବତଟ ରେଳପଥ ଆକଳନ କରିଛି।

ପୂର୍ବତଟ ରେଳପଥର ସୂଚନାନୁସାରେ, ବ୍ରହ୍ମପୁର-ପଲାସା ରେଳ ସେକ୍ସନରେ ସୌରଶକ୍ତି ସ୍ଥାପନ ବାବଦରେ ପ୍ରାୟ ୦୯.୧୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ଭୁବନେଶ୍ୱର-କଟକ-ପାରାଦୀପ-ଭଦ୍ରକ ରେଳ ସେକ୍ସନ ପାଇଁ ୮.୮୬ କୋଟି, ଅନୁଗୋଳ ରେଳ ସେକ୍ସନ ପାଇଁ ୯.୪୮ କୋଟି ଟଙ୍କା, ଭୁବନେଶ୍ୱର ମୁଖ୍ୟାଳୟ ସମେତ ନିକଟସ୍ଥ ଅଞ୍ଚଳ ପାଇଁ ୯.୧୦ କୋଟି, ଖୋର୍ଦ୍ଧା ରୋଡ୍ - ପୁରୀ ରେଳ ସେକ୍ସନ ପାଇଁ ୮.୭୪ କୋଟି, ପାରାଦୀପ-କେନ୍ଦୁଝରଗଡ ରେଳ ସେକ୍ସନ ପାଇଁ ୮.୧୦ କୋଟି, ବିଶାଖାପାଟଣା ସେକ୍ସନ ପାଇଁ ୭.୨୫ କୋଟି, ବିଶାଖାପାଟଣା ଇଲେକ୍ଟ୍ରିକ ଲୋକୋ ଶେଡ୍ ଅଞ୍ଚଳ ପାଇଁ ୭.୧୦ କୋଟି, ଦୁଭାଡା-ପଲାସା ମୁଖ୍ୟ ଲାଇନ୍ ତଥା ନୌପଡା-ଗୁଣୁପୁର / ବିଜୟନଗରମ-ରାୟଗଡା ଅଞ୍ଚଳ ପାଇଁ ୮.୭୮ କୋଟି ଏବଂ କୋଟାଭାଲାସା-କିରାଣ୍ଡୁଲ ରେଳ ଲାଇନ ଅଞ୍ଚଳରେ ସୌରଶକ୍ତି କେନ୍ଦ୍ର ସ୍ଥାପନ ଲାଗି ୭.୫୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

ଅନ୍ୟପକ୍ଷରେ ପୂର୍ବତଟ ରେଳପଥର ମୁଖ୍ୟାଳୟ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ରେଳ ସଦନ ଛାତ ଉପରେ ସ୍ଥାପନ କରାଯାଇଥିବା ସୌରଶକ୍ତି କେନ୍ଦ୍ର ତଥା ନବୀକରଣଯୋଗ୍ୟ ଶକ୍ତି ଉତ୍ସ କ୍ଷମତା ବାର୍ଷିକ ପ୍ରାୟ ୬୭୯୦ କେଡବ୍ଲ୍ୟୁପି ରହିଛି। ସେହିଭଳି ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଅଧିକାଂଶ ସ୍ଥାନରେ ଲେଭଲ କ୍ରସିଂ ଗେଟ୍‌ଗୁଡିକରେ ମଧ୍ୟ ସୌରଶକ୍ତି / ନବୀକରଣଯୋଗ୍ୟ ଶକ୍ତି ଉତ୍ସ ପ୍ରଣାଳୀ ସ୍ଥାପିତ ହୋଇଥିବା ସୂଚନା ଦିଆଯାଇଛି।

# 'ଭଦ୍ରକରୁ ସୁରଟ୍ ରେଳ ଚଳାଚଳ ହେଉ'

## ରେଳମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଲେ ଏମ୍‌ପି



ଏମ୍‌ପି ଅଭିମନ୍ୟୁ ସେଠୀ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି।

ଭଦ୍ରକ, ୭।୮ (ସନାତନ ରାଉତ)

ଭଦ୍ରକ ଜିଲାରୁ ବହୁ ଓଡ଼ିଆ ଯୁବତୀଯୁବକ ଗୁଜରାଟର ସୁରଟ୍‌ରେ କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ଯାତାୟାତ ପାଇଁ ଭଦ୍ରକରୁ ସିଧାସଳଖ ଟ୍ରେନ୍ ବ୍ୟବସ୍ଥା ନ ଥିବାରୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କର ଏହି ଅସୁବିଧାକୁ ଉପଲବ୍ଧି କରି ଭଦ୍ରକ ଏବଂ ବାଲେଶ୍ୱରରୁ ସୁରଟ୍‌କୁ ରେଳ ଚଳାଚଳ ପାଇଁ ଏମ୍‌ପି ଅଭିମନ୍ୟୁ ସେଠୀ ବୁଧବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଭେଟି ଏକ ଦାବିପତ୍ର ଦେବା ସହ ଆଲୋଚନା କରିଛନ୍ତି। ରେଳମନ୍ତ୍ରୀ ସରକାରଙ୍କ ସହ ଆଲୋଚନା କରି ଏହା ଉପରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି ଏମ୍‌ପିଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଭଦ୍ରକରୁ ସୁରଟ୍‌କୁ ସିଧାସଳଖ ରେଳ ଚଳାଚଳ କଲେ ଜିଲା ଓ ପଡ଼ୋଶୀ ଜିଲାର ବହୁ ଲୋକ ଉପକୃତ ହୋଇପାରିବେ ବୋଲି ଏମ୍‌ପି ସେଠୀ କହିଛନ୍ତି।

# ସୁନୀତା ମହାକାଶର ସୁରକ୍ଷିତ ସ୍ଥାନରେ ଅଛନ୍ତି: ଇସ୍ରୋ ଅଧ୍ୟକ୍ଷ

ବେଙ୍ଗାଲୁରୁ, ୭।୮

ବୋଇଂ ଷ୍ଟାର୍‌ଲାଇନର ମହାକାଶଯାନରେ ବୈଷୟିକ ତ୍ରୁଟି ଦେଖାଯିବା ଯୋଗୁ ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ସୁନୀତା ୱିଲିୟମ୍ସ ପ୍ରାୟ ୬୦ ଦିନ ଧରି ମହାକାଶରେ ଫସି ରହିଛନ୍ତି। ତେବେ ସେ ମହାକାଶର ସବୁଠାରୁ ସୁରକ୍ଷିତ ସ୍ଥାନ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍)ରେ ରହିଛନ୍ତି, ତେଣୁ ତାଙ୍କୁ ନେଇ ଚିନ୍ତା କରିବାର କୌଣସି କାରଣ ନାହିଁ ବୋଲି ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ(ଇସ୍ରୋ) ଚେୟାରମ୍ୟାନ୍ ଏସ୍. ସୋମନାଥ ମଙ୍ଗଳବାର ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ କହିଛନ୍ତି। ଆସନ୍ତା ବର୍ଷ ଭାରତ ଓ ଆମେରିକାର ମିଳିତ 'ଆକ୍ସିଓମ -୪' ମିଶନରେ ଗ୍ରୁପ୍ କ୍ୟାପ୍‌ଟେନ ଶୁଭ୍ରାଂଶୁ ଶୁକ୍ଳା ପ୍ରଥମ ଭାରତୀୟ ଭାବେ ଆଇଏସ୍ଏସ୍‌କୁ ଯିବେ। ତେବେ ସୁନୀତା ଏବଂ ତାଙ୍କ ସାଥୀ ମହାକାଶଚାରୀ ବୁଚ୍ ୱିଲମୋର ଦୀର୍ଘ ୨ ମାସ ଧରି ଆଇଏସ୍ଏସ୍‌ରେ ଫସି ରହିଥିବାରୁ ଶୁଭ୍ରାଂଶୁଙ୍କୁ ନେଇ ଚିନ୍ତିତ ଅଛନ୍ତି କି ବୋଲି ଏହି ସାକ୍ଷାତ୍‌କାରରେ ସୋମନାଥଙ୍କୁ ପ୍ରଶ୍ନ କରାଯାଇଥିଲା। ଉତ୍ତରରେ ସୋମନାଥ କହିଛନ୍ତି, ଷ୍ଟାରଲାଇନର ମହାକାଶଯାନରେ କିଛି ବୈଷୟିକ ସମସ୍ୟା ରହିଛି, ସେଥିପାଇଁ ଉଭୟ ମହାକାଶଚାରୀଙ୍କର ପୃଥିବୀକୁ ଫେରିବାରେ ବିଳମ୍ବ ଘଟୁଛି। ତେବେ ଏହି ସମସ୍ୟା ସହ ଆଇଏସ୍ଏସ୍‌ର କୌଣସି ସମ୍ପର୍କ ନାହିଁ। ସୁନୀତା ଏବଂ ବୁଚ୍‌ଙ୍କୁ ଫେରାଇ ଆଣିବା ପାଇଁ ନିଶ୍ଚିନ୍ତ ଭାବେ ଉପାୟ ରହିଛି। ଉକ୍ତ ମହାକାଶଯାନରେ ଦେଖାଯାଇଥିବା ତ୍ରୁଟିର ସମାଧାନ ଉପଯୁକ୍ତ ବ୍ୟକ୍ତିଙ୍କ ଦ୍ୱାରା କରାଯାଉଛି। ଉଭୟଙ୍କୁ ପୃଥିବୀ ଫେରାଇ ଆଣିବା ପାଇଁ ଷ୍ଟାରଲାଇନର ମହାକାଶଯାନ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛି କି ନାହିଁ, ସେନେଇ ନିଷ୍ପତ୍ତି ନେବାକୁ ବୋଧହୁଏ ବିଳମ୍ବ ଘଟୁଛି ବୋଲି ସୋମନାଥ କହିଛନ୍ତି।

# ସାମାଜିକ, ଅର୍ଥନୈତିକ ବିକାଶରେ ହସ୍ତତନ୍ତର ଗୁରୁତ୍ୱ ରହିଛି

## ୪ ବୁଣାକାର ସମ୍ବର୍ଦ୍ଧିତ

ଭୁବନେଶ୍ୱର,୭।୮ (ଶର୍ମିଷ୍ଠା ପାଣିଗ୍ରାହୀ)



ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏବଂ ଅନ୍ୟ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବୁଣାକାରମାନେ।

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଦଶମ ଜାତୀୟ ହସ୍ତତନ୍ତ ଦିବସ ବୁଧବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ କହିଲେ, ସାମାଜିକ ତଥା ଅର୍ଥନୈତିକ ବିକାଶରେ ହସ୍ତତନ୍ତର ଗୁରୁତ୍ୱ ରହିଛି। ସାଂସ୍କୃତିକ ଐତିହ୍ୟସମୃଦ୍ଧ ଓଡ଼ିଶା ଏହାର ସୂକ୍ଷ୍ମ ହସ୍ତତନ୍ତ ପରମ୍ପରା ପାଇଁ ପ୍ରସିଦ୍ଧ। ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଓ ଅର୍ଥନୀତିରେ ହସ୍ତତନ୍ତ ବୁଣାକାରଙ୍କ ପ୍ରମୁଖ ଯୋଗଦାନ ରହିଛି। ରାଜ୍ୟର ହସ୍ତତନ୍ତ ଶିଳ୍ପ ଏହାର ବୁଣାକାରଙ୍କ ଦକ୍ଷତା ଓ ସୃଜନଶୀଳତାର ପ୍ରମାଣ। ବୁଣାକାରମାନେ ନିଜ କଳାକୁ ଯୁଗଯୁଗ ଧରି ସଂରକ୍ଷଣ କରି ରଖିଛନ୍ତି। ସମ୍ବଲପୁରୀ, ଟସର, ବମକାଇ, ମାଣିଆବନ୍ଧ ଓ ବ୍ରହ୍ମପୁରୀ ଶାଢ଼ି ପରି ଓଡ଼ିଶାର ହସ୍ତତନ୍ତ ଉତ୍ପାଦ ସାରା ବିଶ୍ୱରେ ନିଆରା ଡିଜାଇନ୍ ଏବଂ ସୂକ୍ଷ୍ମ କାରୁକାର୍ଯ୍ୟ ପାଇଁ ପ୍ରସିଦ୍ଧି ଅର୍ଜନ କରିଛି ବୋଲି ଡ. ପାଢ଼ୀ କହିଥିଲେ। ବିଭାଗର ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ଯୁଗ୍ମ ଶାସନ ସଚିବ ଅନନ୍ୟା ଦାସ, ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ, 'ଉତ୍କଳିକା'ର ପରିଚାଳନା ନିର୍ଦ୍ଦେଶକ କଲ୍ୟାଣୀ ପଟ୍ଟନାୟକ, ରେଶମ ଚାଷର ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ପଟ୍ଟନାୟକ ଏବଂ ବୟନ ଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ଅଧିକାରୀ ଇନ୍ଦିରା ବେହେରା ଉପସ୍ଥିତ ଥିଲେ। ଏହି ଅବସରରେ ୪ଜଣ ବିଶିଷ୍ଟ ବୁଣାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖୋର୍ଦ୍ଧା ଜିଲାର ଧଳାପରଦା କପଡ଼ା ଓ ଫାବ୍ରିକ୍ସ କାମ ପାଇଁ ସୁରେଶ କୁମାର ରାଉତ, ମୟୂରଭଞ୍ଜ ଜିଲାର ଫୁଟା ଶାଢ଼ି ଗାମୁଛାରେ ପାରଦର୍ଶିତା ପାଇଁ ଶମ୍ଭୁନାଥ ସେନାପତି, କୋରାପୁଟ ଜିଲାର କେରଙ୍ଗା କପଡ଼ାରେ ବିବିଧ କାରିଗରି ପାଇଁ ଭାଗବତୀ ସିସା ଓ କଳାହାଣ୍ଡି ଜିଲାର ହାବାସପୁରି ହସ୍ତତନ୍ତ ଉତ୍ପାଦ ପାଇଁ ଜଳନ୍ଧର ମେହେରଙ୍କୁ ସମ୍ମାନିତ କରାଯାଇଥିଲା। ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶକ ଶୋଭନ୍‌କୃଷ୍ଣ ସାହୁ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ବୟନଶିଳ୍ପ ଓ ହସ୍ତତନ୍ତ ଯୁଗ୍ମ ନିର୍ଦ୍ଦେଶକ ଦେବଜିତ୍ ନନ୍ଦୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଯାଜପୁର ଝିଅ ସାଇ ସନ୍ତୋଷିନୀ ହେଲେ ରଜ କୁଇନ

ଯାଜପୁର,୭।୮ (ହର୍ଷବର୍ଦ୍ଧନ ବେହେରା)



ଜୀ ସାର୍ଥକ ପରିବାର ତରଫରୁ ଆୟୋଜିତ ରଜ କୁଇନ ପ୍ରତିଯୋଗିତାରେ ଯାଜପୁର ଜିଲା ଦଶରଥପୁର ବ୍ଲକ ଅକରପଡ଼ା ପଞ୍ଚାୟତ ଆନ୍ଦୋଳା ଗ୍ରାମର ସାଇ ସନ୍ତୋଷିନୀ ଜେନା ରାଜ୍ୟ ଟପ୍ପର ହୋଇଛନ୍ତି। ବିଜୟ କୁମାର ଜେନା ଓ ସୁଦେଷ୍ଣା ଜେନାଙ୍କ ଝିଅ ସନ୍ତୋଷିନୀ ଯାଜପୁର ନୃସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ। ସନ୍ତୋଷିନୀଙ୍କ ଏହି ସଫଳତା ପାଇଁ ତାଙ୍କୁ ୧ ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ସେହିପରି ସେନ୍‌କୋ ଅଳଙ୍କାର ତରଫରୁ ସୁନାହାର ଓ କାନଫୁଲ ପ୍ରଦାନ କରାଯାଇଛି। ୧୮ ବର୍ଷୀୟା ସନ୍ତୋଷିନୀ ତାଙ୍କ ବାପା ବିଜୟ, ମାଆ ସୁଦେଷ୍ଣା, ଜେଜେ ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ତାଙ୍କର ସଫଳତାର ଶ୍ରେୟ ଦେଇଛନ୍ତି। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କ ଆଶୀର୍ବାଦ ତଥା ପରିବାର ଲୋକଙ୍କ ସ୍ନେହ ମମତା ଓ ସହଯୋଗ ପାଇଁ ସେ ଏହି ସଫଳତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇପାରିଛନ୍ତି ବୋଲି ସନ୍ତୋଷିନୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ରହସ୍ୟ ଖୋଲିଲେ ବରୁଣ

ବଲିଉଡ୍‌ର ଅନ୍ୟତମ ନାମୀ ନିର୍ଦ୍ଦେଶକ ଡେଭିଡ୍ ଧାୱନଙ୍କ ପୁଅ ବରୁଣ ଗୋଟିଏ କଥାରେ ଭାରି ବିଶ୍ୱାସ କରନ୍ତି। କୌଣସି ସିନେମାର ଶୁଟିଂ ଆରମ୍ଭ ପୂର୍ବରୁ ସେ ପୂଜାପାଠ କରିବାକୁ ଭୁଲନ୍ତି ନାହିଁ। ଏହାବ୍ୟତୀତ ସେ ପଶୁପକ୍ଷୀ ପାଳିବାକୁ ଭଲ ପାଆନ୍ତି। ତା'ସହ ନିଜର ଫିଟ୍‌ନେସ୍ ପ୍ରତି ମଧ୍ୟ ବେଶ୍ ସତର୍କ ଥାଆନ୍ତି। ଏ ସମ୍ପର୍କରେ ବରୁଣ କହନ୍ତି, 'ପିଲାଟି ଦିନରୁ ମୋର ଠାକୁରଙ୍କ ପ୍ରତି ଦୃଢ଼ ବିଶ୍ୱାସ ରହିଛି। କାରଣ ଠାକୁରଙ୍କ ଆଶୀର୍ବାଦ ବିନା କିଛି ସମ୍ଭବ ନୁହେଁ। ଏହାବ୍ୟତୀତ ମେକ୍‌ଅପ୍ ନେବା ସମୟରେ ନିଜର କେଶ ବିନ୍ୟାସ ପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତି। ଏପରିକି ବେଳେବେଳେ ସେ ଏଥିପାଇଁ ଘଣ୍ଟାଏରୁ ଅଧିକ ସମୟ ନେଇଥାଆନ୍ତି। ବରୁଣଙ୍କ ନିକ୍ ନେମ୍ ପପୁ। ବରୁଣଙ୍କ ବଲିଉଡ୍ କ୍ୟାରିୟର ଜଣେ ସହନିର୍ଦ୍ଦେଶକ ଭାବରେ ଆରମ୍ଭ ହୋଇଥିଲା, ଆଉ ଫିଲ୍ମଟି ଥିଲା 'ମାଇଁ ନେମ୍ ଇଜ୍ ଖାନ୍'। ଏହାର ଦୁଇ ବର୍ଷ ପରେ କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର'ରୁ ସେ ନାୟକ ସାଜିଥିଲେ। ଏବେ ତାଙ୍କ ହାତରେ ଥିବା ଫିଲ୍ମଗୁଡିକ ହେଲା–'ବେବି ଜନ୍', 'ସନି ସଂସ୍କାରି କି ତୁଲସୀ କୁମାରୀ' ଏବଂ 'ହେ ଜୱାନୀ ତୋ ଇସ୍କ ହୋନା ହେ'। ଏଗୁଡିକ ମଧ୍ୟରୁ 'ବେବି ଜନ୍' ଚଳିତ ବର୍ଷ ଡିସେମ୍ବର ୨୫ରେ ରିଲିଜ ହେବାର ଯୋଜନା ରହିଛି। ଏହି ଫିଲ୍ମଟିକୁ ନେଇ ବେଶ୍ ଭରସା ରଖିଛନ୍ତି ସେ।


ବରୁଣ

# ଭାବି ନ ଥିଲେ ସାରା

ସୈଫ ତନୟା ସାରା ଅଲ୍ଲୀ ଖାନ୍‌ଙ୍କ ଖୁସି କହିଲେ ନ ସରେ। କାରଣ ତାଙ୍କ ଆକ୍ଟିଂ କ୍ୟାରିୟରରେ ଏପରି ଶୁଭ ଘଟଣା ଘଟିବ ବୋଲି ସେ କେବେ କଳ୍ପନା କରି ନ ଥିଲେ। କଥା କ'ଣ କି ଏକ ନୂଆ ପ୍ରଯୋଜନା ସଂସ୍ଥା ନିର୍ମାଣ କରୁଥିବା ଏକ ଅନଟାଇଟଲ୍‌ଡ ଫିଲ୍ମରେ ଅଭିନୟ କରିବାକୁ ତାଙ୍କୁ ଯୋଗାଯୋଗ କରାଯାଇଥିଲା। ଶେଷରେ ଏଭଳି ଅଫରକୁ ଗ୍ରୀନ୍ ସିଗ୍‌ନାଲ ଦେଖାଇଛନ୍ତି ସାରା। କେବଳ ସେତିକି ନୁହେଁ, ଏହି ସଂସ୍ଥା ଦ୍ୱାରା ଆଗକୁ ପ୍ରସ୍ତୁତ ହେବାକୁ ଯାଉଥିବା ଆଉ ଦୁଇଟି ସିନେମାରେ ସେ ମଧ୍ୟ ନାୟିକା ସାଜିବେ। ଏପରି ହ୍ୟାଟ୍ରିକ୍ ଚାନ୍ସ ସମ୍ପର୍କରେ ସେ କହନ୍ତି, 'ଯଦିଓ ଏହା ଏକ ନୂଆ ବ୍ୟାନର, ହେଲେ ପ୍ରଯୋଜକ ଚୟନ କରିଥିବା କାହାଣୀଗୁଡ଼ିକ ମୋତେ ବେଶ୍ ପ୍ରଭାବିତ କରିଛି। ତା'ସହ ସେଗୁଡିକରେ ମୋ ଭୂମିକା କୌଣସି ଗୁଣରେ ମଧ୍ୟ କମ୍ ନୁହେଁ। ତେଣୁ ପ୍ରଯୋଜକଙ୍କର ତିନୋଟି ଅଫର୍‌କୁ ଗ୍ରହଣ କରିଛି। ଏଗୁଡ଼ିକର ଶୁଟିଂ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ହେବ।' ତେବେ ନିକଟରେ ସାରା ସାଇନ୍ କରିଥିବା ତିନୋଟି ଫିଲ୍ମ ତାଙ୍କ କ୍ୟାରିୟରକୁ କି ମୋଡ଼ ଦେଉଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।


ସାରା

# କେମିତି ପ୍ରେମ

ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ନୂଆ ସିନେମା 'କେମିତି ପ୍ରେମ' ରିଲିଜ ଅପେକ୍ଷାରେ ରହିଛି। ଏହାର ପ୍ରଯୋଜନା କରିବା ସହ ଚିତ୍ରଟିରେ ନାୟକ ସାଜୁଛନ୍ତି ଧୀରେନ୍ ନାଥ ତ୍ରିପାଠୀ। ସିନେମାର କାହାଣୀ ରଚନା କରିଛନ୍ତି ଆଶୁତୋଷ ବାରିକ। ଫିଲ୍ମ ସମ୍ପର୍କରେ ଧୀରେନ୍ କହନ୍ତି, 'ବର୍ତ୍ତମାନର ଯୁବପିଢ଼ିଙ୍କୁ ଲକ୍ଷ୍ୟ କରି କାହାଣୀ ଚୟନ କରାଯାଇଛି। ଏଥିରେ କେବଳ ଲଭ୍ ନୁହେଁ, ଇମୋଶନ, ଆକ୍ସନ, କମେଡି, ଫ୍ୟାମିଲି ଡ୍ରାମା ମଧ୍ୟ ରହିଛି। ଗୋଟିଏ ପଟେ ପ୍ରଯୋଜନା ଏବଂ ଅନ୍ୟପଟେ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିବା ଏକ ରିସ୍କ। ଆଶା ରଖିଛି ଫିଲ୍ମଟିକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ।' ମା' ଧନଲକ୍ଷ୍ମୀ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଏହି ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ଆନନ୍ଦ କୁମାର। ଏଥିରେ ଧୀରେନ୍‌ଙ୍କ ବ୍ୟତୀତ ପ୍ରିୟଙ୍କା ସାହୁ, ରାକେଶ ଦେଓ, ପ୍ରିୟଙ୍କା ପାଣିଗ୍ରାହୀ, ରାବଣ, ଗୁଣ୍ଟୁ, ମିତା ଚକ୍ରବର୍ତ୍ତୀ, କୁସୁମ ତ୍ରିପାଠୀ, ଲଲାଟେନ୍ଦୁ, ସୁଶାନ୍ତ ସାହୁ, ଟୁନା ଟନ୍ ଟନ୍, ଶୁଭଶ୍ରୀ ଏବଂ ଶିଶୁ କଳାକାର ତନିଷ୍କା ମିଶ୍ର। ସୂଚନାଯୋଗ୍ୟ ଏହା ପୂର୍ବରୁ ଧୀରେନ୍ 'ଆଇଆଇସି ଧୀରେନ୍' ଫିଲ୍ମରୁ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରିସାରିଛନ୍ତି। ଫିଲ୍ମଟିର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ଅମରେଶ ବେଉରା।


(ବାମରୁ) ରାବଣ–ଧୀରେନ୍–ରାକେଶ

# କେବଳ ଅପେକ୍ଷା

ବେଳେବେଳେ ମଣିଷ ଯାହା ଚାହେଁ, ତାହା ପୂରଣ ହୁଏନା। ନିଜର ସ୍ୱପ୍ନ ସାକାର କରିବାକୁ ଆଉ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ। ଦୀର୍ଘ ୧୮ ବର୍ଷର ଆକ୍ଟିଂ କ୍ୟାରିୟରରେ ବେଶ୍ ଉତ୍‌ଥାନ ପତନ ଦେଇ ସେ ଗତି କରିଛନ୍ତି। ଆଉ ତାହା ଭିତରେ ମାତ୍ର ୨୦ରୁ ଅଧିକ ସିନେମାରେ ଅଭିନୟ କରିଛନ୍ତି। ଗତ ବର୍ଷେ ହେଲା ତାଙ୍କ ଅଭିନୀତ ଗୋଟିଏ ହେଲେ ଫିଲ୍ମ ରିଲିଜ ହୋଇନାହିଁ। ହଁ, ସେ ହେଲେ ନୁସରତ ଭରୁଚା। ୨୦୦୬ରେ 'ଜୟ ସନ୍ତୋଷୀ ମା'ରୁ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ତା'ପରେ ସେ 'ଲଭ୍ ସେକ୍ସ ଔର ଧୋକା', 'ପ୍ୟାର୍ କା ପଞ୍ଚନାମା', 'ଆକାଶବାଣୀ', 'ଡ୍ରିମ୍ ଗାର୍ଲ', 'ମରଜାଓ୍ୱାଁ', 'ଛଲାନ୍', 'ରାମସେତୁ', 'ସେଲ୍‌ଫି' ଏବଂ 'ଅକେଲି' ଫିଲ୍ମରେ ଅଭିନୟ କରିସାରିଛନ୍ତି। ନିଜ କ୍ୟାରିୟର ବିଷୟରେ ନୁସରତ କହନ୍ତି, 'ଏ ପର୍ଯ୍ୟନ୍ତ କେବଳ ଦର୍ଶକଙ୍କ ଭଲ ପାଇବା ପାଇଁ ମୁଁ ବଲିଉଡ୍‌ରେ ତିଷ୍ଠିରହିଛି। ମୋତେ ଯେଉଁ ଭୂମିକାଗୁଡିକ ମିଳିଛି ତାହାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି। ଏକଥା ସତ ଯେ, ଆକ୍ଟିଂ କ୍ୟାରିୟରରେ ଅପ୍–ଡାଉନ୍ ଲାଗିରହିଥାଏ। ତେଣୁ ଏବେ ମୋ ପାଇଁ ସମୟ ଭଲ ନାହିଁ। ତେଣୁ ପ୍ରାୟ ବର୍ଷେ ହେଲା ମୋତେ କୌଣସି ନୂଆ ଅଫର ମିଳିନାହିଁ। ତଥାପି ଅପେକ୍ଷା କରିବି।' ଅନ୍ୟପକ୍ଷରେ ନୁସରତ୍ ଅଭିନୟ କରିଥିବା 'ଛୋରି–୨'ର ଶୁଟିଂ ନିକଟରେ ଶେଷ ହୋଇଛି।


ନୁସରତ

# ଅଭିନେତ୍ରୀ ହୋଇ ନ ଥିଲେ...

ଥରେ ମନେପକାନ୍ତୁ ନା ଆମିର ଖାନ୍‌ଙ୍କ ଅଭିନୀତ ତଥା ହିଟ୍ ଫିଲ୍ମ 'ଦଙ୍ଗଲ'ର ବବିତା ପୋଘାଟ ଚରିତ୍ରକୁ। ଏହି ଭୂମିକାରୁ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ ସାନ୍ୟା ମାଲହୋତ୍ରା। ତେବେ ଯେତେବେଳେ ସେ ପାଠ ପଢୁଥିଲେ ସେତେବେଳେ ତାଙ୍କର ଆଉ ଏକ ଇଚ୍ଛା ଥିଲା। କିନ୍ତୁ ତାହା ପୂରଣ ହେଲା କି ? ଯଦି ହଁ, ତେବେ ସେହି ଆଶାଟି କ'ଣ ଥିଲା ? ଆସନ୍ତୁ ନା, ଏ ନେଇ ଖୋଦ୍ ସାନ୍ୟା କ'ଣ କହୁଛନ୍ତି ଜାଣିବା। 'ପାଠ ପଢ଼ିବା ବେଳେ କେବେ ଭାବି ନ ଥିଲି ଯେ ଦିନେ ମୁଁ ଜଣେ ଆକ୍ଟ୍ରେସ୍ ହେବି ବୋଲି। ଅଧିକ ପାଠ ପଢ଼ିବି ଆଉ ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଆଶା ରଖିଥିଲି। କିନ୍ତୁ ତାହା କେବଳ ଆଶାରେ ହିଁ ରହିଗଲା। ଯେତେବେଳେ ମୋତେ ଆମିର ସାର୍ ଏହି ଫିଲ୍ମ ପାଇଁ ଅଫର ଦେଲେ ସେତେବେଳେ ତାହାକୁ ବିଶ୍ୱାସ କରିପାରି ନ ଥିଲି। ଯାହାହେଉ ଭୂମିକାଟି ମୋତେ ବେଶ୍ ମାଇଲେଜ ଦେଲା ଏବଂ ପରେ ମୁଁ ଆକ୍ଟିଂକୁ କ୍ୟାରିୟର ଭାବରେ ଗ୍ରହଣ କରିନେଇଛି। ଗୋଟିଏ କଥା ଜାଣନ୍ତି ? ସାନ୍ୟା ନନ୍‌ଭେଜ୍ ଖାଦ୍ୟ ଖାଇବାକୁ ପସନ୍ଦ କରିଥାଆନ୍ତି। ଏହା ବ୍ୟତୀତ ଅବସର ସମୟରେ ଡ୍ୟାନ୍ସ କରିବା, ଦର୍ଶନୀୟ ସ୍ଥାନ ବୁଲିବା ସହ ବହି ପଢ଼ିବାକୁ ଖୁବ୍ ଭଲ ପାଆନ୍ତି। ସାନ୍ୟା ଅଭିନୟ କରିଥିବା ପ୍ରମୁଖ ଫିଲ୍ମଗୁଡିକ ହେଉଛି–'ସିକ୍ରେଟ ସୁପରଷ୍ଟାର', 'ବଧାଇ ହୋ', 'ଫଟୋଗ୍ରାଫ', 'ଲଭ୍ ହଷ୍ଟେଲ', 'ଜୱାନ' ଏବଂ 'ଶାମ ବାହାଦୁର'। ତାଙ୍କ ଅଭିନୀତ 'ବେବି ଜନ' ରିଲିଜ ଅପେକ୍ଷାରେ ଅଛି।


ସାନ୍ୟା

ଛୋଟ ପରଦା

# ପୋଲିସ ବାବୁ ୨

ଓଡ଼ିଶାର ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ ଚଳିତ ମାସ ୧୧ ତାରିଖ ଅର୍ଥାତ୍ ରବିବାର ସନ୍ଧ୍ୟା ୬.୩୦ରେ ପ୍ରସାରିତ ହେବ ଓଡ଼ିଆ ସିନେମା 'ପୋଲିସ ବାବୁ ୨'। ସମରେଶ ରାଉତରାୟ ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ଶୈଳେନ୍ଦ୍ର ପରିଡା। କାହାଣୀ ରଚନା କରିଛନ୍ତି ଓଲିଉଡ୍‌ର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। କାହାଣୀ ଅନୁସାରେ ରାଜ୍ ଜଣେ ଦୁର୍ନୀତିଗ୍ରସ୍ତ ପୋଲିସ ଅଫିସର, ଯିଏ ନିଜର ବିଧବା ମା'ଙ୍କ ସହ କଟକରେ ରୁହନ୍ତି। ଅଧିକା ଲାଞ୍ଚ ଲୋଭରେ ସେ ଯାଜପୁରକୁ ନିଜର ଟ୍ରାନ୍ସଫର କରିନେଇଛନ୍ତି। ସେଠାରେ ସେ ବିଜୁଳି ନାମ୍ନୀ ଜଣେ ଆଇନ୍ ଛାତ୍ରୀଙ୍କୁ ଜୀବନ ସାଥୀ ରୂପେ ପାଇଛି। ସମୟ କ୍ରମେ ରାଜ୍ ଜାଣିବାକୁ ପାଇଛି ନିଜର ମା'ର ବିଧବା ହେବାର କାରଣ କ'ଣ। ତେବେ ରାଜ କ'ଣ ନିଜ ବାପାଙ୍କୁ ମାରିଥିବା ଲୋକଙ୍କୁ ଶାସ୍ତି ଦେଇପାରିବ ? ଏଗୁଡିକର ଉତ୍ତର ରହିଛି ଏହି ସିନେମାରେ। ଏହାର ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି ଶୁଭାଶିଷ ଶର୍ମା (ମଣ୍ଟୁ), ଅନୁରାଧା ଏବଂ ସମରେଶ ରାଉତରାୟ।


ମଣ୍ଟୁ

ପରଦାରେ..

# ଭଗିଆ ଭାରିଯା

ଘର ସିନା ନିପଟ ମଫସଲରେ, ହେଲେ ମନ ଆକାଶରେ ଉଡୁଛି। ସମୟ ପାଇବା ମାତ୍ରେ ହେଉ ଅବା କୌଣସି କାମ କରିବା ସମୟରେ ଯଦି ରିଲ୍ କରିବାକୁ ମନ ହେଲା, ତେବେ ତାଙ୍କୁ ଅଟକାଇବା କଷ୍ଟ। ବାସ୍, ତା'ପରେ ନିଜ ଅଟୋ ଚଲାଉଥିବା ସ୍ୱାମୀ ଏକଥାକୁ ଲକ୍ଷ୍ୟ କରି ତାଙ୍କୁ ଉତ୍ସାହିତ କରି କହନ୍ତି, ତୁମେ ଫିଲ୍ମରେ ଆକ୍ଟିଂ କଲେ କେମିତି ହୁଅନ୍ତା ? ବାସ୍, ତା'ପରେ ସ୍ୱାମୀ–ସ୍ତ୍ରୀ ରଙ୍ଗିନ ସ୍ୱପ୍ନ ଦେଖିବା ଆରମ୍ଭ କରନ୍ତି। ଆଉ ଶେଷରେ ? ଦୁହିଁଙ୍କର ଆଶା କ'ଣ ପୂରଣ ହୁଏ ? ମଫସଲର ଭଗିଆ ଭାରିଯା କ'ଣ ଦିନେ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିରେ ନାୟିକା ଭାବରେ ନିଜକୁ ପରିଚିତ କରାଇ ପାରେ ? ଏସବୁ ପାଇଁ ସେମାନେ ବାଧାବିଘ୍ନକୁ ସାମ୍ନା କରିପାରନ୍ତି ତ ? ଏମିତି ଅନେକ ପ୍ରଶ୍ନର ଅସମାହିତ ଉତ୍ତର ରହିଛି ଏହି ଫିଲ୍ମରେ, ଯାହାର ଟାଇଟଲ ହେଉଛି 'ଭଗିଆ ଭାରିଯା'। ଚଳିତ ମାସ ୯ ତାରିଖରେ ଚିତ୍ରଟି ପରଦା ଉପରକୁ ଆସୁଛି। ଏହାର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା କରିଛନ୍ତି ହରିହର ମହାପାତ୍ର। ଅନ୍ୟପକ୍ଷରେ ହରି ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ବେଳେ ଭଗିଆ ଭାରିଯା ସାଜିଛନ୍ତି ଦେବଯାନୀ। ଏମାନଙ୍କ ବ୍ୟତୀତ ବବି ମିଶ୍ର, ପୁପିନ୍ଦର, ତୃପ୍ତି ସିହ୍ନା ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ହରିବୋଲ ମିଡିଆ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଡ. ଭୀଷ୍ମ ରଥ ଏବଂ ହରିହର ମହାପାତ୍ରଙ୍କ ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି)। ଫିଲ୍ମଟି ସବୁ ଦୃଷ୍ଟିକୋଣରୁ ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ଆଶା ରଖିଛନ୍ତି ହରି।


'ଭଗିଆ ଭାରିଯା' ଫିଲ୍ମରେ ହରି–ଦେବଯାନୀ

# ଭିନେଶ ବିଦାହେବା ପଛରେ ଷଡ଼ଯନ୍ତ୍ର: ବିଜେନ୍ଦର

ପ୍ୟାରିସ୍,୭।୮ (ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ର ୫୦ କିଗ୍ରା ମହିଳା କୁସ୍ତି ଇଭେଣ୍ଟର ଫାଇନାଲରେ ପହଞ୍ଚି ଇତିହାସ ରଚିଥିବା ଭିନେଶ ଫୋଗଟ ବର୍ଦ୍ଧିତ ଓଜନ କାରଣରୁ ଅଯୋଗ୍ୟ ଘୋଷିତ ହେବା ପରେ ସମଗ୍ର ଦେଶରେ ଦେଖା ଦେଇଛି ଦୁଃଖର ପରିବେଶ। ଭାରତର ପ୍ରଥମ ମହିଳା ରେସଲର ଭାବରେ ମଙ୍ଗଳବାର ଭିନେଶ ଏକ ସ୍ୱର୍ଣ୍ଣ ବା ରୌପ୍ୟ ପଦକ ନିଶ୍ଚିତ କରିଥିବା ବେଳେ ରାତି ପାହିବା ବେଳକୁ ଓଜନ ୧୦୦ ଗ୍ରାମ ଅଧିକ ରହିଥିଲା ଓ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା। ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଠାରୁ ଆରମ୍ଭ କରି ଅନେକ ପୂର୍ବତନ ଆଥଲେଟ ଓ ସାଧାରଣ ଜନତା ଦୁଃଖ ପ୍ରକାଶ କରିଛନ୍ତି।

## ଷଡ଼ଯନ୍ତ୍ରର ସନ୍ଦେହ: ବିଜେନ୍ଦର ସିଂ

ଭିନେଶ ଫୋଗଟ ବର୍ଦ୍ଧିତ ଓଜନ କାରଣରୁ ଅଯୋଗ୍ୟ ଘୋଷିତ ହେବା ପରେ ଅଲିମ୍ପିକ୍ସ ପଦକ ବିଜେତା ଭାରତୀୟ ବକ୍ସର ବିଜେନ୍ଦର ସିଂ ଷଡଯନ୍ତ୍ରର ସନ୍ଦେହ କରିଛନ୍ତି। ପ୍ରଫେଶନାଲ ଆଥଲେଟ ଭାବରେ ଓଜନ କମ୍ କରିବାର କୌଶଳ ଆମ ସମସ୍ତଙ୍କୁ ଜଣା। ଭିନେଶ ୧୦୦ ଗ୍ରାମ ଅଧିକ ଓଜନ ରହିବା ଷଡଯନ୍ତ୍ର ଆଡକୁ ଇସାରା କରୁଛି ବୋଲି ବିଜେନ୍ଦର କହିଛନ୍ତି। ପ୍ରଫେଶନାଲ ଆଥଲେଟ ଭାବରେ ଆମେ ଥରକରେ ୫-୬ କେଜି ଓଜନ କମ୍ କରିବାର ଦକ୍ଷତା ରଖିଥାଉ। ଭୋକ, ଶୋଷ ଓ ହାଲିଆ ହେବାକୁ ନିୟନ୍ତ୍ରଣରେ ରଖିବା ମଧ୍ୟ ଆମକୁ ଜଣା ବୋଲି କହିଛନ୍ତି ବିଜେନ୍ଦର। ଷଡଯନ୍ତ୍ରର କଥା କହିବା ସହ କିଛି ଲୋକ ଭିନେଶଙ୍କ ପଦକ ଜିତିବାକୁ ନେଇ ଖୁସି ନ ଥିଲେ। ସେହି ଭଳି ଲୋକ ମାନେ ଭିନେଶଙ୍କ ବିରୋଧରେ ଏଭଳି ଷଡଯନ୍ତ୍ର କରି ଥାଇ ପାରନ୍ତି ବୋଲି ବିଜେନ୍ଦର ସନ୍ଦେହ କରିଛନ୍ତି। ନିକଟ ଅତୀତରେ ଭାରତୀୟ ରେସ୍‌ଲିଂ ମହାସଂଘ(ଡବ୍ଲ୍ୟୁଏଫ୍ଆଇ)ର ପୂର୍ବତନ ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିପକ୍ଷରେ ଯୌନଶୋଷଣ ଅଭିଯୋଗ ଆଣି ଦୁଇ ଅଲିମ୍ପିଆନ ବଜରଙ୍ଗ ପୁନିଆ ଓ ସାକ୍ଷୀ ମଲିକଙ୍କ ସହ ଭିନେଶ ଫୋଗଟ ଦୀର୍ଘଦିନ ଧରି ଧାରଣାରେ ବସିଥିଲେ। ଏହି ଧାରଣାର ଚେହେରା ରହିଥିଲେ ଭିନେଶ। ଏପରିକି ଭିନେଶଙ୍କୁ ସଡକରେ ରାତି ବିତାଇବା ସହ ପୋଲିସ୍ ଷ୍ଟେଶନରେ ମଧ୍ୟ ରହିବାକୁ ପଡିଥିଲା। ପ୍ରଥମ ରାଉଣ୍ଡରେ ଡିଫେଣ୍ଡିଂ ଚାମ୍ପିୟନ ତଥା ବିଶ୍ୱ ଚାମ୍ପିୟନ ଜାପାନର ୟୁଇ ସୁସାକି ଓ ପରବର୍ତ୍ତୀ ମ୍ୟାଚରେ ୟୁକ୍ରେନ୍‌ର ଓକସାନା ଲିଭାଚ୍‌ଙ୍କୁ ହରାଇଥିଲେ ଭିନେଶ। ତେଣୁ ଭିନେଶ ଏଭଳି ଛୋଟ ଭୁଲ କରିବାର ସମ୍ଭାବନା କମ୍ ବୋଲି କହିଛନ୍ତି ବିଜେନ୍ଦର।

ଅନେକ ସମୟରେ ଓଜନ କମ କରିବା ପାଇଁ ଆମକୁ ଘଣ୍ଟା ଘଣ୍ଟା ଧରି ଉପାସ ରହିବାକୁ ପଡିଥାଏ। ଝାଳ ବୁହାଇବା ପାଇଁ ସଉନା ଶୁଟ୍ ପିନ୍ଧିଥାଉ। ଏହି ଶୁଟ୍ କୌଣସି ଭାଟିଠାରୁ କମ୍ ନୁହେଁ। ଏହାକୁ ପିନ୍ଧି ଦୌଡିବା ସହିତ ଅନ୍ୟାନ୍ୟ ଶାରୀରିକ ବ୍ୟାୟାମ ମଧ୍ୟ କରିବାକୁ ପଡିଥାଏ। ଫଳରେ ଅତିରିକ୍ତ ଝାଳ ବାହାରି ଓଜନ କମ୍ ହୋଇଥାଏ।

୬ ଥର ବିଶ୍ୱ ଚାମ୍ପିୟନ ଏମ୍.ସି. ମେରୀକମ୍ ମଧ୍ୟ ଓଜନ କମ୍ କରିବାର ଉଦାହରଣ ଦେଇଥିଲେ। ୨୦୧୮ରେ କିଭଳି ମାତ୍ର ୪ ଘଣ୍ଟାରେ ସେ ୨ କେଜି ଓଜନ କମ୍ କରିଥିଲେ ତାହା ବର୍ଣ୍ଣନା କରିଥିଲେ। ପୋଲାଣ୍ଡରେ ଏକ ଟୁର୍ନାମେଣ୍ଟ ପାଇଁ ପହଞ୍ଚିବା ପରେ ତାଙ୍କ ଓଜନ ୨ କେଜି ଅଧିକ ରହିଥିଲା। ତେବେ ୪ ଘଣ୍ଟା ପରିଶ୍ରମ କରି ସେ ୨ କେଜି ଓଜନ କମ କରିଥିବା କହିଥିଲେ ମେରୀ କମ୍।




## ଦୃଢ଼ ଭାବରେ ପ୍ରତ୍ୟାବର୍ତ୍ତନ କର: ମୋଦି


ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିନେଶ ଅଯୋଗ୍ୟ ଘୋଷିତ ହେବାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ମୋଦି ଏକ୍ସରେ ପୋଷ୍ଟ କରି ଭିନେଶଙ୍କୁ ଚାମ୍ପିୟନ ଅଫ୍ ଚାମ୍ପିୟନ୍ସ ବୋଲି କହିଥିଲେ। ତୁମେ ସମଗ୍ର ଭାରତ ବାସୀଙ୍କ ପାଇଁ ପ୍ରେରଣାର ଉତ୍ସ। ଆଜିର ଘଟଣା ନିଶ୍ଚିତ ଭାବରେ ଦୁଃଖଦାୟକ। ତୁମେ ବର୍ତ୍ତମାନ ଯାହା ଅନୁଭବ କରୁଛ ମୁଁ ତାହା ଅନୁଭବ କରିପାରୁଛି। ଦୃଢ ଭାବରେ ପ୍ରତ୍ୟାବର୍ତ୍ତନ କରିବାର ଦକ୍ଷତା ତୁମ ମଧ୍ୟରେ ରହିଛି। ଚ୍ୟାଲେଞ୍ଜକୁ ସଦା ସର୍ବଦା ତୁମେ ମୁହାଁମୁହିଁ ସାମ୍ନା କରିଥାଅ। ତୁମେ ଦୃଢ ଭାବରେ ପ୍ରତ୍ୟାବର୍ତ୍ତନ କର, ଆମେ ସମସ୍ତେ ତୁମ ସହିତ ରହିଛୁ ବୋଲି ଲେଖିଥିଲେ ମୋଦି। ଏହା ସହ ଭାରତୀୟ ଅଲିମ୍ପିକ୍ସ ମହାସଂଘ (ଆଇଓସି) ସଭାପତି ପି.ଟି. ଉଷାଙ୍କ ସହ ମଧ୍ୟ ମୋଦୀ ଏ ସମ୍ପର୍କରେ କଥା ହୋଇଥିଲେ। ଏହି ମାମଲାର ସମାଧାନ ପାଇଁ କଣ ବିକଳ୍ପ ରହିଛି ତାହାର ସଂଶୋଧନ ପାଇଁ ମଧ୍ୟ ଉଷାଙ୍କୁ ଅନୁରୋଧ କରିଥିଲେ ମୋଦୀ। ଏହା ସହ ଦୃଢ ପ୍ରତିବାଦ କରିବା ପାଇଁ ମଧ୍ୟ ସେ ଉଷାଙ୍କୁ କହିଥିଲେ।

## ଦୃଢ଼ ପ୍ରତିବାଦ ଆବଶ୍ୟକ: ଗାଭାସ୍କର

ଭିନେଶ ଫୋଗଟ ଅଯୋଗ୍ୟ ଘୋଷିତ ହେଇଥିବା ବେଳେ ଭାରତ ଏହାର ଦୃଢ ଭାବରେ ପ୍ରତିବାଦ କରିବା ଉଚିତ ବୋଲି କହିଛନ୍ତି କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର। ନିର୍ଦ୍ଧାରିତ ଓଜନରୁ ୧୦୦ ଗ୍ରାମ ଅଧିକ ଥିବା କାରଣରୁ ଭିନେଶଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା। ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ (ଆଇଓଏ)ଓ ଭାରତ ସରକାରଙ୍କ ପକ୍ଷରୁ ଯାହା ସମ୍ଭବ ପଦକ୍ଷେପ ନିଆଯିବା ଉଚିତ୍ ବୋଲି ଗାଭାସ୍କର କହିଛନ୍ତି। ଏହା ସେଠାରେ ଉପସ୍ଥିତ ସମ୍ପୂର୍ଣ୍ଣ ଭାରତୀୟ ଦଳକୁ ନିଶ୍ଚୟ ନିରୁତ୍ସାହିତ କରିଥିବ, ତେବେ ଏହା କ୍ରୀଡାର ଏକ ଅଂଶ ବୋଲି କହିଛନ୍ତି ଗାଭାସ୍କର।

## ଚରଖି ଦାଦ୍ରିରେ ଭଗୱନ୍ତ ମାନ୍

ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଭିନେଶଙ୍କ ଅଯୋଗ୍ୟ ଘୋଷଣା ହେବା ପ୍ରସଙ୍ଗକୁ ନେଇ ଦୁଃଖ ପ୍ରକାଶ କରିବା ସହ ହରିୟାଣା ଗସ୍ତ କରିଛନ୍ତି। ଚରଖି ଦାଦ୍ରିରେ ଏକ ରାଲିକୁ ସମ୍ବୋଧିତ କରିବା ପାଇଁ ଯାଇଥିବା ବେଳେ ସେଠାରୁ ଯାଇ ଭିନେଶଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ପରିବାର ବର୍ଗଙ୍କୁ ଭେଟିବା ସହ ଦେଶ ଭିଶେଙ୍କ ପାଇଁ ଗର୍ବିତ ବୋଲି ମଧ୍ୟ କହିଥିଲେ।


ହସ୍ପିଟାଲରେ ଭିନେଶ ଫୋଗଟଙ୍କ ସହ ପି.ଟି. ଉଷା।

## ସମର୍ଥନରେ ବଲିଉଡ୍

ଭିନେଶ ଫୋଗଟ ଅଯୋଗ୍ୟ ଘୋଷିତ ହେବା ସହିତ ଭାରତର ପଦକ ଆଶା ସମାପ୍ତ ହୋଇଥିବା ବେଳେ ସମଗ୍ର ବଲିଉଡ ଭିନେଶଙ୍କ ସମର୍ଥନରେ ବାହାରିଛି। କରୀନା କପୁର ଖାନ୍, ଆଲିଆ ଭଟ୍ଟ ଓ ଫରହାନ ଅଖତରଙ୍କ ଭଳି ଷ୍ଟାର ତାଙ୍କ ସମର୍ଥନରେ ବାହାରିଛନ୍ତି। କରୀନା ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରୀରେ ଲେଖିଥିଲେ ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ର ଲିଭିଙ୍ଗ ଲିଜେଣ୍ଡ। ଭିନେଶ ସମଗ୍ର ଦେଶ ପାଇଁ ଆଦର୍ଶର ପ୍ରତୀକ ବୋଲି କହିଥିଲେ ଆଲିଆ ଭଟ୍ଟ। ତୁମେ ଯାହା ହାସଲ କରିଛ ଏହା ତୁମ ଠାରୁ କେହି ଛଡାଇ ପାରିବେ ନାହିଁ ବୋଲି ଲେଖିଥିଲେ ଫରହାନ ଅଖତର। ଫରହାନଙ୍କ ଭଉଣୀ ତଥା ନିର୍ଦ୍ଦେଶକ ଜୋୟା ଅଖତର ମଧ୍ୟ ସମାନ ମତପୋଷଣ କରିଛନ୍ତି। ତୁମେ ଦେଶ ପାଇଁ ଯାହା କରିଛ ତାକୁ ଯେତେ ପ୍ରଶଂସା କଲେ ମଧ୍ୟ କମ ହେବ ବୋଲି କହିଛନ୍ତି ଜୋୟା। ଏହା ସହ ଏକାଧିକ ସାଧାରଣ ଜନତା ଇଣ୍ଟରନେଟ ଜରିଆରେ ଅସନ୍ତୋଷ ପ୍ରକାଶ କରିଛନ୍ତି।


ଲି ଗଲ୍ଫ ନ୍ୟାଶନାଲ ଇନ ଷ୍ଟାଡିୟମରେ ଅନୁଷ୍ଠିତ ଅଲିମ୍ପିକ୍ସର ମହିଳା ଗଲ୍ଫ ବ୍ୟକ୍ତିଗତ ଷ୍ଟ୍ରୋକ୍ ପ୍ଲେ ରାଉଣ୍ଡ-୧ ଇଭେଣ୍ଟ ଥାର୍ଡ ହୋଲ ଅବସରରେ ଭାରତର ଅଦିତି ଅଶୋକ।

# ଟିଟିରେ ଭାରତୀୟ ଅଭିଯାନ ଶେଷ

ପ୍ୟାରିସ, ୭।୮ (ପି.ଟି.)

ବୁଧବାର ମହିଳା ଟେବୁଲ ଟେନିସ (ଟିଟି) ଟିମ୍ ଇଭେଣ୍ଟରେ ଜର୍ମାନୀଠାରୁ ୩-୧ରେ ପରାଜିତ ହେବା ପରେ ପ୍ୟାରିସ ଅଲିମ୍ପିକ୍ସ ଟେବୁଲ ଟେନିସରେ ଭାରତର ଅଭିଯାନ ଶେଷ ହୋଇଛି। ଏହି ମୁକାବିଲାରେ କେବଳ ଅର୍ଚ୍ଚନା କାମାଥ କିଛି ସମୟ ତିଷ୍ଠି ପାରିଥିଲେ। ଓପନିଂ ଡବଲ୍ସରେ ଭାରତୀୟ ଯୋଡ଼ି ଶ୍ରୀଜା ଆକୁଳା ଓ ଅର୍ଚ୍ଚନା ୫-୧୧, ୧୧-୮, ୧୦-୧୨, ୬-୧୧ରେ ଜର୍ମାନୀର ୟୁଆନ ୱାନ ଓ ଜିଓନା ଶାନ୍‌ଙ୍କ ନିକଟରୁ ହାରିଯାଇଥିଲେ। ଶ୍ରୀଜା ଓ ଅର୍ଚ୍ଚନା ତୃତୀୟ ଗେମ୍ ପର୍ଯ୍ୟନ୍ତ ଦୁର୍ଗ ସମ୍ଭାଳିଥିଲେ, କିନ୍ତୁ ଡ୍ୟୁସରେ ପରାସ୍ତ ହୋଇଥିଲେ। ପରେ ସେମାନେ ମ୍ୟାଚ ହାରିଯାଇଥିଲେ। ପ୍ରଥମ ସିଙ୍ଗଲ୍ସରେ ଭାରତୀୟ ଷ୍ଟାର ମନିକା ବାତ୍ରା ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ। ସେ ଆନେଟ କାଫମାନଙ୍କଠାରୁ ୧୧-୮, ୫-୧୧, ୭-୧୧, ୫-୧୧ରେ ହାରିଯିବାରୁ ଜର୍ମାନୀ ୨-୦ରେ ଅଗ୍ରଣୀ ଲାଭ କରିଥିଲା। ପରେ ଦ୍ୱିତୀୟ ସିଙ୍ଗଲ୍ସରେ ଅର୍ଚ୍ଚନା ୧୯-୧୭, ୧-୧୧, ୧୧-୫, ୧୧-୯ରେ ଜିଓନା ଶାନ୍ ପରାସ୍ତ କରି ଭାରତ ପାଇଁ କିଛିଟା ସମ୍ଭାବନା ସୃଷ୍ଟି କରିଥିଲେ। କିନ୍ତୁ ତୃତୀୟ ସିଙ୍ଗଲ୍ସରେ କାଫମାନ ୧୧-୯, ୧୧-୭, ୧୧-୭ରେ ଶ୍ରୀଜାଙ୍କୁ ହରାଇଦେଇଥିଲେ। ଫଳରେ ଜର୍ମାନୀ ଏହି ମୁକାବିଲା ଜିତି ସେମିଫାଇନାଲକୁ ଉନ୍ନୀତ ହୋଇଥିଲା।

## ପଙ୍ଘାଲଙ୍କ ବିଦାୟ

ଭାରତର ଅନ୍ତିମ ପଙ୍ଘାଲ ପ୍ୟାରିସ ଅଲିମ୍ପିକ୍ସ ରେଲସିଂ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ମହିଳା ୫୩କେଜିରେ ସେ ତୁର୍କୀର ୟେଟ୍‌ଗିଲ୍ ଜେନେପଙ୍କଠାରୁ ୦-୧୦ରେ ଶୋଚନୀୟ ପରାଜୟ ବରଣ କରିଛନ୍ତି। ୧୯ ବର୍ଷୀୟ ଅଲିମ୍ପିକ ପଦାର୍ପଣକାରୀ ରିପିଚେଜ୍ ଜରିଆରେ ପଦକ ଜିତିବେ ବୋଲି ଆଶା କରାଯାଉଥିଲା। ମାତ୍ର ଜେନେପ କ୍ୱାର୍ଟରଫାଇନାଲରେ ଜର୍ମାନୀର ଆନ୍ନିକା ୱେଣ୍ଡେଲଙ୍କଠାରୁ ହାରିଯାଇଥିଲେ। ପ୍ୟାରିସ ଗେମ୍ସରେ ପଙ୍ଘାଲଙ୍କଠାରୁ ଭାରତ ଏକ ପଦକ ଆଶା କରୁଥିଲା।

### ଭାରତର କାର୍ଯ୍ୟସୂଚୀ (ଗୁରୁବାର)

**ଆଥଲେଟିକ୍ସ:**
ଜାଭେଲିନ୍ ଥ୍ରୋ ଫାଇନାଲ
ନୀରଜ ଚୋପ୍ରା(ରାତି ୧୧.୫୫)।
୩୦୦୦ ମିଟର ଷ୍ଟିପଲଚେଜ୍ ଫାଇନାଲ
ଅବିନାଶ ସାବଲେ (ସମୟ: ରାତି ୧.୧୩)।
୧୦୦ ମିଟର ହର୍ଡଲ୍ସ ରିପିଚେଜ୍
ଜ୍ୟୋତି ୟାରାଜୀ
(ସମୟ:ଅପରାହ୍ନ୨.୦୫)।
**ଗଲ୍ଫ** :ମହିଳା ବ୍ୟକ୍ତିଗତ ଷ୍ଟ୍ରୋକ୍ ପ୍ଲେ ରାଉଣ୍ଡ ୨
ଅଦିତି ଅଶୋକ, ଦୀକ୍ଷା ଡାଗର
(ଅପରାହ୍ନ ୧୨.୩୦)।
**କୁସ୍ତି** :ପୁରୁଷ ୫୭ କିଗ୍ରା ଫ୍ରି ଷ୍ଟାଇଲ
ଅମନ ଶେରାୱତ ବନାମ ଭ୍ଲାଦିମିର ଗେଗ୍ରୋଭ(ଅପରାହ୍ନ ୨.୩୦)
ମହିଳା ୫୭ କିଗ୍ରା ଫ୍ରି ଷ୍ଟାଇଲ
ଅଂଶୁ ମଲିକ ବନାମ ହେଲେନ୍ ଲୁଇସ୍
(ଅପରାହ୍ନ ୨.୩୦)।
**ହକି** :ବ୍ରୋଞ୍ଜ ପଦକ ପ୍ଲେ ଅଫ୍
ଭାରତ ବନାମ ସ୍ପେନ୍।
(ସମୟ ଅପରାହ୍ନ ୫.୩୦)।

# ଭିନେଶଙ୍କୁ ୨୫ ଲକ୍ଷ ପୁରସ୍କାର

ନୂଆଦିଲ୍ଲୀ, ୭।୮ (ପି.ଟି.)

କୁସ୍ତିରେ ପ୍ରଥମ ଭାରତୀୟ ମହିଳା କୁସ୍ତିଯୋଦ୍ଧା ଭାବେ ଫାଇନାଲରେ ପ୍ରବେଶ କରିପାରିଥିବାରୁ ପଞ୍ଜାବର ଲଭ୍‌ଲି ପ୍ରଫେସନାଲ ୟୁନିଭର୍ସିଟି (ଏଲ୍‌ପିୟୁ) ଏହାର ଛାତ୍ରୀ ଭିନେଶ ଫୋଗଟଙ୍କ ପାଇଁ ୨୫ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଛି। ପ୍ୟାରିସରେ ବୁଧବାର ମହିଳା ୫୦କେଜି ଫାଇନାଲ ପୂର୍ବରୁ ଓଜନ ବେଳେ ଭିନେଶଙ୍କ ଓଜନ ୧୦୦ ଗ୍ରାମ୍ ଅଧିକ ଜଣାପଡ଼ିବା ପରେ ତାଙ୍କୁ ଅଲିମ୍ପିକ୍ସରୁ ଅଯୋଗ୍ୟ ଘୋଷିତ କରାଯାଇଛି। ଫଳରେ ସ୍ୱର୍ଣ୍ଣ ନିକଟବର୍ତ୍ତୀ ହୋଇଥିବା ଏହି କୁସ୍ତିଯୋଦ୍ଧା ବର୍ତ୍ତମାନ ବିନା ପଦକରେ ସ୍ୱଦେଶ ଫେରିବେ। ପୁରସ୍କାର ଘୋଷଣା ପରେ ଏଲ୍‌ପିୟୁର ପ୍ରତିଷ୍ଠାତା କୁଳାଧିପତି ତଥା ରାଜ୍ୟ ସଭା ସଦସ୍ୟ ଅଶୋକ କୁମାର ମିତ୍ତଲ କହିଛନ୍ତି, ଏବେ ସୁଦ୍ଧା ଆମେ ଭିନେଶଙ୍କୁ ଜଣେ ପଦକ ବିଜେତା ବିବେଚନା କରୁଛୁ। ଚମତ୍କାର କ୍ରୀଡ଼ା ନୈପୁଣ୍ୟ ଦେଖାଇ ସେ ଫାଇନାଲରେ ପ୍ରବେଶ କରିଥିଲେ। ଏଥିଯୋଗୁ ସେ ଅତିକମ୍‌ରେ ରୌପ୍ୟ ପଦକ ପାଇଁ ହକ୍‌ଦାର ଥିଲେ। ପୂର୍ବ ପ୍ରତିଶ୍ରୁତି ଅନୁସାରେ ଆମ ଦୃଷ୍ଟିରେ ସେ ୨୫ ଲକ୍ଷ ଟଙ୍କା ପୁରସ୍କାର ରାଶି ପାଇବାରେ ହକ୍‌ଦାର ଅଟନ୍ତି। ଜଳନ୍ଧରରେ ଅବସ୍ଥିତ ଏହି ୟୁନିଭର୍ସିଟିରେ ଫୋଗଟ ମନୋବିଜ୍ଞାନରେ ଏମ୍.ଏ. ଅଧ୍ୟୟନ କରୁଛନ୍ତି। ଏଲ୍‌ପିୟୁ ପ୍ୟାରିସ ଅଲିମ୍ପିକ୍ସରେ ଭାଗ ନେଇଥିବା ଏହାର ଛାତ୍ରୀଛାତ୍ରଙ୍କ ପାଇଁ ପଦକ ପିଛା ପୁରସ୍କାର ଘୋଷଣା କରିଥିଲା। ସ୍ୱର୍ଣ୍ଣ ଜିତିଲେ ୫୦ ଲକ୍ଷ, ରୌପ୍ୟ ଓ ବ୍ରୋଞ୍ଜ ପାଇଁ ଯଥାକ୍ରମେ ୨୫ଲକ୍ଷ ଓ ୧୦ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ଏହି ବିଶ୍ୱବିଦ୍ୟାଳୟର ୨୪ଜଣ ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡ଼ା ଇଭେଣ୍ଟରେ ପ୍ରତିନିଧିତ୍ୱ କରୁଛନ୍ତି, ଯାହାକି ଭାରତୀୟ ଦଳର ୨୧ ପ୍ରତିଶତ। ଭାରତରୁ ମୋଟ ୧୧୭ ଆଥଲେଟ ଅଂଶଗ୍ରହଣ କରୁଛନ୍ତି। ଏକ୍ଷେତ୍ରରେ ଯୁକ୍ତରାଷ୍ଟ୍ର ଆମେରିକାର୍‌ର ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟି ପଛକୁ ଏଲ୍‌ପିୟୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛି।

# ଅଷ୍ଟ୍ରେଲିଆ ହକି ଖେଳାଳି ଗିରଫ

## ଡ୍ରଗ୍ସ କାରବାର

**ପ୍ୟାରିସ, ୭।୮ (ଏପି):** ଅଷ୍ଟ୍ରେଲିଆ ଫିଲ୍ଡ ହକି ଦଳର ଜଣେ ୨୮ ବର୍ଷୀୟ ଖେଳାଳି ଗିରଫ ହୋଇ ପୋଲିସ ହେପାଜତରେ ଅଛନ୍ତି। ସେ କୋକେନ କ୍ରୟ କରିବାକୁ ଚେଷ୍ଟା କରୁଥିଲେ। ଏହି ମାମଲାରେ ଜଣେ ୧୭ ବର୍ଷୀୟ ବିକ୍ରେତାଙ୍କୁ ମଧ୍ୟ ଗିରଫ କରାଯାଇଛି। ପୋଲିସ ଆଣ୍ଟି ଡ୍ରଗ୍ ୟୁନିଟ୍ ଦ୍ୱାରା ଘଟଣାର ତଦନ୍ତ ଚାଲିଛି। ଅଷ୍ଟ୍ରେଲିଆନ ଅଫିସିଆଲ ଅବା ପ୍ୟାରିସ ପ୍ରସିକ୍ୟୁଟରମାନେ ଆଥଲେଟଙ୍କ ନାମ ଘୋଷଣା କରିନାହାନ୍ତି। ଏ ବିଷୟରେ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍ଆଇଏଚ୍) କିମ୍ବା ଅଷ୍ଟ୍ରେଲିଆନ ଅଲିମ୍ପିକ କମିଟି ଦ୍ୱାରା କୌଣସି ବିବୃତି ଦିଆଯାଇ ନାହିଁ। ଅଷ୍ଟ୍ରେଲିଆର ପୁରୁଷ ଓ ମହିଳା ଦଳ ଯଥାକ୍ରମେ ରବିବାର ଓ ସୋମବାର କ୍ୱାର୍ଟରଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି।



ଆର୍ଜେଣ୍ଟିନା ବିପକ୍ଷରେ ତୃତୀୟ ଗୋଲ ସ୍କୋର କରିବା ପରେ ଉଲ୍ଲସିତ ନେଦରଲାଣ୍ଡ୍ସ ମହିଳା ହକି ଦଳର ଖେଳାଳି।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୮/୨୦୨୪ Bhubaneswar, Thursday, August 8/ 2024

# ବାଳିକାରେ ସୂର୍ଯ୍ୟା, ବାଳକରେ ରୌନକ ଚାମ୍ପିୟନ


କୃତୀ ପ୍ରତିଯୋଗୀଙ୍କ ସହ କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା ଓ ଅନ୍ୟମାନେ।

## ସର୍ବଭାରତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

### ବାଳିକା ଡବଲ୍‌ସରେ ଶ୍ରୀନିଧି-ରିସିକା, ବାଳକ ଡବଲ୍‌ସରେ ବିନୟକ୍ରମ-ସ୍ୱସ୍ତିକ ବିଜେତା

ଭୁବନେଶ୍ୱର, ୭।୮ (ତପନ ସ୍ୱାଇଁ)

କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ୟୋନେକ୍ସ-ସନ୍‌ରାଇଜ୍ ସର୍ବଭାରତୀୟ ଜୁନିୟର (୧୯ ବର୍ଷରୁ କମ୍) ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି। ସଂଘର୍ଷପୂର୍ଣ୍ଣ ବାଳକ ସିଙ୍ଗଲ୍‌ସ ଫାଇନାଲରେ ଛତିଶଗଡର ରୌନକ ଚୌହାନ ରାଜସ୍ଥାନର ସଂସ୍କାର ସାରସ୍ୱତଙ୍କୁ ୨୧-୧୪,୨୧-୧୨ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ବାଳିକା ସିଙ୍ଗଲ୍‌ସ ଫାଇନାଲରେ ଆନ୍ଧ୍ରର ସୂର୍ଯ୍ୟା ଚାରିସ୍ମା ତାମିରି ତାମିଲନାଡୁର ଆଦର୍ଶିନୀ ଶ୍ରୀଙ୍କୁ ୧୭-୨୧,୨୨-୨୦,୨୧-୧୭ ପଏଣ୍ଟରେ ହରାଇ ଟାଇଟଲ ଜିତିଛନ୍ତି। ବାଳକ ଡବଲ୍‌ସ ଫାଇନାଲରେ ତାମିଲନାଡୁ ଯୋଡି ବିନୟକ୍ରମ ଓ ସ୍ୱସ୍ତିକ ମଥାରସନ ଉତ୍ତର ପ୍ରଦେଶ ଓ ରାଜସ୍ଥାନ ଯୋଡ଼ି ଅର୍ଶ ମହମ୍ମଦ ଓ ସଂସ୍କାର ସାରସ୍ୱତଙ୍କୁ ସିଧାସଳଖ ୨୧-୧୨ ଓ ୨୧-୧୮ ପଏଣ୍ଟରେ ପରାସ୍ତ କରିଛନ୍ତି। ବାଳିକା ଡବଲ୍‌ସ ଫାଇନାଲରେ ତାମିଲନାଡୁ ଯୋଡି ଶ୍ରୀନିଧି ଓ ରିସିକା ଉତ୍ତରାଖଣ୍ଡ ଯୋଡି ଗାୟତ୍ରୀ ଓ ମନସା ରାୱତଙ୍କୁ ୨୧-୧୫,୨୧-୧୮ ପଏଣ୍ଟରେ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ମିକ୍ସଡ ଡବଲ୍‌ସ ଫାଇନାଲରେ ଭାର୍ଗବ ରାମ ଏରିଗେଲା ଓ ଭେନ୍ନାଲା କେ. ଯୋଡି ଅର୍ଶ ମହମ୍ମଦ ଓ ମାନ୍ୟା ରେଲହନ ଯୋଡିକୁ ୨୧-୧୭ ଓ ୨୧-୧୯ ପଏଣ୍ଟରେ ପରାସ୍ତ କରିଛନ୍ତି। ଓଡିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଙ୍ଘ ସଭାପତି ତଥା ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡା ସଚିବ ଭାସ୍କର ଜ୍ୟୋତି ଶର୍ମା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଚାମ୍ପିୟନ ଓ ରନରଅପ୍ ଖେଳାଳିଙ୍କୁ ମାନପତ୍ର, ଟ୍ରଫି ଓ ଚେକ ପ୍ରଦାନ କରିଥିଲେ। ଭାରତୀୟ ଦଳର ପାରା ବ୍ୟାଡ୍‌ମିଣ୍ଟନ କୋଚ୍ ଭି. ମୁରଲୀକ୍ରିଷ୍ଣା, ଭାରତୀୟ ଦଳର କୋଚ୍ ଗୋବର୍ଦ୍ଧନ ରେଡ୍ଡୀ ସମ୍ମାନୀୟ ଅତିଥିଭାବେ ଯୋଗ ଦେଇଥିଲେ। ରାଜ୍ୟ ଆସୋସିଏଶନ ଉପସଭାପତି ଗଗନେନ୍ଦୁ ଦାଶ, ସମ୍ପାଦକ ନିଲେନ କୁମାର, ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଚୌଧାରୀ ଏବଂ ବିଭିନ୍ନ ବିଭାଗର ପରିଚାଳନା ମୁଖ୍ୟ କମଳ ଦାସ, ସୁରୁଲାଲ ମଟାରି ଓ ମନୋରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ନତା ମିଶ୍ରଙ୍କୁ ବ୍ରୋଞ୍ଜ ପଦକ


ବ୍ରୋଞ୍ଜ୍ ପଦକ ସହ ଓଡ଼ିଶାର ମନ୍ନତା ମିଶ୍ର (ଡାହାଣ)।

## ଜାତୀୟ ଜୁନିୟର ସନ୍ତରଣ

ଭୁବନେଶ୍ୱର, ୭।୮ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମସ୍ଥିତ ଇନଡୋର୍ ଜଳକ୍ରୀଡା କେନ୍ଦ୍ରରେ ଚାଲିଥିବା ୪୦ତମ ସବ-ଜୁନିୟର ଏବଂ ୫୦ତମ ଜୁନିୟର ସନ୍ତରଣ ପ୍ରତିଯୋଗିତାରେ ବୁଧବାର ଓଡ଼ିଶାର ମନ୍ନତା ମିଶ୍ର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବାଳିକା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ୨:୪୨.୨୩ ସେକେଣ୍ଡ ସମୟ ନେଇ ସେ ଏହି ସଫଳତା ପାଇଛନ୍ତି। କର୍ନାଟକର ଥାନ୍ୟା ଶଦାକ୍ଷରୀ ୨:୪୦.୫୯ ସେକେଣ୍ଡ ସହିତ ସ୍ୱର୍ଣ୍ଣ ଏବଂ ଗୁଜରାଟର ଭେନିକା ଭିନିତ ପାରିଖ ୨:୪୦.୯୪ ସେକେଣ୍ଡ ସହିତ ରୌପ୍ୟ ପଦକ ପାଇଛନ୍ତି। ଅନ୍ୟ ଇଭେଣ୍ଟ ଗୁଡ଼ିକ ମଧ୍ୟରେ ବାଳକ ୨୦୦ ମିଟର ମିଡ୍‌ଲେରେ କର୍ନାଟକର ଏଲ.ନଗେଶ ଶଶି କୁମାର (୨:୪୧.୯୫), ବାଳିକା ୨୦୦ ମିଟର ମିଡ୍‌ଲେରେ ମହାରାଷ୍ଟ୍ରର ନିଧି ତୁଷାର ସାମନ୍ତ (୨:୪୦.୯୧), ବାଳକ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ମହାରାଷ୍ଟ୍ରର ରିଷଭ ଅନୁପମ ଦାସ (୫୬.୮୯) ସ୍ୱର୍ଣ୍ଣ ପଦକ ପାଇଛନ୍ତି।

# ଶ୍ରୀଲଙ୍କା ସିରିଜ୍ ବିଜୟୀ

## ଅନ୍ତିମ ମ୍ୟାଚ୍‌କୁ ୧୧୦ ରନ୍‌ରେ ହାରିଲା ଭାରତ

କଲମ୍ବୋ,୭।୮

ଶ୍ରୀଲଙ୍କା ବିପକ୍ଷ ଅନ୍ତିମ ଦିନିକିଆ ମ୍ୟାଚ୍‌କୁ ୧୧୦ ରନ୍‌ରେ ହାରିବା ସହିତ ଭାରତ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୨-୦ରେ ହାରି ଯାଇଛି। ପ୍ରଥମ ମ୍ୟାଚ୍ ଟାଇ ରହିଥିବା ବେଳେ ଘରୋଇ ଦଳ ଅନ୍ତିମ ୨ ମ୍ୟାଚ୍ ଜିତି ନେଇଥିଲେ। ଟି୨୦ ସିରିଜ୍ କ୍ଲିନ୍ ସୁଇପ୍ କରିବାପରେ ଭାରତୀୟ ଦଳ ଅତ୍ୟନ୍ତ ଦୟନୀୟ ପ୍ରଦର୍ଶନ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୫୦ ଓଭରରେ ୭ ଉଇକେଟରେ ୨୪୮ ରନ୍ କରିଥିଲା। ଜବାବରେ ଭାରତ ୨୬.୧ ଓଭରରେ ୧୩୮ ରନ୍‌ରେ ଅଲଆଉଟ ହୋଇଥିଲା। ଭାରତ ପକ୍ଷରୁ ମାତ୍ର ୪ ଜଣ ଖେଳାଳି ୨ ଅଙ୍କ ଛୁଇଁ ପାରିଥିଲେ।

ଶ୍ରୀଲଙ୍କା ପକ୍ଷରୁ ଓପନର ଅଭିସ୍କା ଫର୍ନାଣ୍ଡୋ ସର୍ବାଧିକ ୯୬ ରନ୍ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୁଶାଲ ମେଣ୍ଡିସ ୫୯ ଓ ପାଥୁମ ନିଶଙ୍କା ୪୫ ରନ୍ ସ୍କୋର କରିଥିଲେ।ଶେଷ ଆଡକୁ କାମିନ୍ଦୁ ମେଣ୍ଡିସ୍ ଅପରାଜିତ ୨୩ ରନ୍ କରିଥିଲେ। ଭାରତ ପକ୍ଷରୁ ପଦାର୍ପଣ କରିଥିବା ରିୟାନ ପରାଗ ୫୪ ରନ୍ ଦେଇ ୩ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୁଲଦୀପ ଯାଦବ, ୱାଶିଂଟନ୍ ସୁନ୍ଦର, ଅକ୍ଷର ପଟେଲ ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୪୯ ରନ୍‌ର ପିଛା କରୁଥିବା ଭାରତର ମିଡିଲ ଅର୍ଡର ପୁଣି ଥରେ ଫେଲ ମାରିଥିଲା। ଭାରତର ମାତ୍ର ୪ ଜଣ ଖେଳାଳି ୨ ଅଙ୍କ ସ୍କୋର ଛୁଇଁଥିବା ବେଳେ ଦଳ ୧୩୮ ରନ୍‌ରେ ଅଲଆଉଟ ହୋଇଥିଲା। ରୋହିତ ଶର୍ମା ସର୍ବାଧିକ ୩୫, ୱାଶିଂଟନ୍ ସୁନ୍ଦର ୩୦, ବିରାଟ କୋହଲି ୨୦ ଓ ରିୟାନ ପରାଗ ୧୫ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଦୁନିଥ ୱେଲାଲାଗେ ୫, ଜେଫରୀ ଭାଣ୍ଡର୍ସେ, ମହୀଷ ଥିକ୍‌ସାନା ୨ଟି ଲେଖାଏ ଉଇକେଟ ନେଇଥିଲେ। ଅଭିସ୍କା ଫର୍ନାଣ୍ଡୋଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ଦୁନିଥ ୱେଲାଲାଗେଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୫୦ ଓଭରରେ ୨୪୮/୭(ଅଭିସ୍କା ଫର୍ନାଣ୍ଡୋ-୯୬, କୁଶାଲ ମେଣ୍ଡିସ-୫୯,ପାଥୁମ ନିଶଙ୍କା-୪୫, ରିୟାନ ପରାଗ-୩/୫୪, ୱାଶିଂଟନ୍ ସୁନ୍ଦର-୧/୨୯, କୁଲଦୀପ ଯାଦବ-୧/୩୬)।

ଭାରତ ୨୬.୧ ଓଭରରେ ୧୩୮/୧୦(ରୋହିତ ଶର୍ମା-୩୫, ୱାଶିଂଟନ୍ ସୁନ୍ଦର-୩୦, ବିରାଟ କୋହଲି-୨୦, ଦୁନିଥ ୱେଲାଲାଗେ-୫/୨୭, ଜେଫରୀ ଭାଣ୍ଡର୍ସେ-୨/୩୪, ମହୀଷ ଥିକ୍‌ସାନା-୨/୪୫)।

# ବିକାଶ ରେସିଡେନ୍ସିଆଲ, କ୍ୟାପିଟାଲ ସ୍କୁଲ ବିଜୟୀ



ଗୁଲସନ ଡିଗଲ ଓ ୟୁଗ୍ ପଟେଲ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ଜୟନ୍ତ ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ

ଭୁବନେଶ୍ୱର, ୭।୮ (ତପନ ସ୍ୱାଇଁ)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଜୟନ୍ତ କୁମାର ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିକାଶ ରେସିଡେନ୍ସିଆଲ ଏବଂ କ୍ୟାପିଟାଲ ହାଇସ୍କୁଲ ବିଜୟୀ ହୋଇଛି। ଦିବସର ପ୍ରଥମ ମ୍ୟାଚରେ ବିକାଶ ରେସିଡେନ୍ସିଆଲ ୪-୦ ଗୋଲରେ ଚନ୍ଦ୍ରଶେଖରପୁର ଡିଏଭିକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ୟୁଗ୍ ପଟେଲ ୨୪ ଓ ୪୮ତମ ମିନିଟରେ ୨ଟି ଏବଂ ଡି. ମହାପାତ୍ର ୭ମ ଓ ଏ. ଲେନି ୧୨ଶ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୟୁଗ୍ ପଟେଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ କ୍ୟାପିଟାଲ ହାଇସ୍କୁଲ ୫-୦ ଗୋଲରେ ଆଇଆରସି ଭିଲେଜ ହାଇସ୍କୁଲକୁ ହରାଇଛି। କ୍ୟାପିଟାଲ ପକ୍ଷରୁ ଗୁଲସନ ଡିଗଲ ୧୩ ଓ ୪୦ତମ ମିନିଟରେ ୨ଟି ଏବଂ ବି. ଟୁଡୁ ୭ମ, ଏସ. ମୁର୍ମୁ ୧୭ ଓ ଟି. ତିରିଆ ୪୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଗୁଲସନ ଡିଗଲ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଉପସଭାପତି ରାଧାନାଥ ମହାପାତ୍ର ଓ ୟୁନିଟ-୧ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ରୀନା ମଲିକ ଅତିଥିଭାବେ ଯୋଗ ଦେଇଥିଲେ।

# ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଆମେରିକା | ୨୪ | ୩୨ | ୩୨ | ୮୮ |
| ଚାଇନା | ୨୩ | ୨୨ | ୧୬ | ୬୧ |
| ଅଷ୍ଟ୍ରେଲିଆ | ୧୬ | ୧୨ | ୧୦ | ୩୮ |
| ଫ୍ରାନ୍ସ | ୧୩ | ୧୬ | ୧୯ | ୪୮ |
| ବ୍ରିଟେନ | ୧୨ | ୧୫ | ୧୯ | ୪୬ |
| ଦ.କୋରିଆ | ୧୧ | ୮ | ୭ | ୨୬ |
| ଜାପାନ | ୧୧ | ୬ | ୧୨ | ୨୯ |
| ଇଟାଲୀ | ୯ | ୧୦ | ୭ | ୨୬ |
| ନେଦରଲାଣ୍ଡ୍ସ | ୯ | ୫ | ୬ | ୨୦ |
| ଜର୍ମାନୀ | ୮ | ୫ | ୪ | ୧୭ |
| କାନାଡା | ୬ | ୪ | ୮ | ୧୮ |
| ଆୟର୍ଲାଣ୍ଡ | ୪ | ୦ | ୩ | ୭ |
| ନ୍ୟୁଜିଲାଣ୍ଡ | ୩ | ୫ | ୧ | ୯ |
| ହଙ୍ଗେରି | ୩ | ୩ | ୨ | ୮ |
| ସ୍ୱିଡେନ | ୩ | ୩ | ୨ | ୮ |
| ରୋମାନିଆ | ୩ | ୩ | ୧ | ୭ |
| ବ୍ରାଜିଲ | ୨ | ୫ | ୭ | ୧୪ |
| ସ୍ପେନ୍ | ୨ | ୩ | ୫ | ୧୦ |
| ୟୁକ୍ରେନ | ୨ | ୨ | ୩ | ୭ |
| କ୍ରୋଏସିଆ | ୨ | ୧ | ୨ | ୫ |
| ବେଲ୍‌ଜିୟମ | ୨ | ୦ | ୩ | ୫ |
| ଭାରତ | ୦ | ୦ | ୩ | ୩ |

(ରାତି ୧୦ଟା ସୁଦ୍ଧା)




# ଆମେରିକୀୟ ଆଥଲେଟ୍‌ଙ୍କ ପାଇଁ 'ଗୋ ଫଣ୍ଡ୍ ମି'

ପ୍ୟାରିସ, ୭।୮ (ଏପି)

ପ୍ୟାରିସ ଅଲିମ୍ପିକ୍ସରେ ଅଂଶଗ୍ରହଣ ପାଇଁ ହେଉ ଅବା ଏଥିଲାଗି ପ୍ରସ୍ତୁତି ସକାଶେ ଆର୍ଥିକ ସହଯୋଗ ପାଇଁ କେତେଜଣ ଆମେରିକୀୟ ଆଥଲେଟ୍ 'ଗୋ ଫଣ୍ଡ ମି' ପ୍ଲାଟଫର୍ମର ସହାୟତା ନେଇଛନ୍ତି। ଗେମ୍ସ ପାଇଁ ଏହି ସଂସ୍ଥା ଦ୍ୱାରା ୨ ନିୟୁତ ଡଲାର ସଂଗ୍ରହ କରାଯାଇପାରିଛି। ଜଣେ ଟେବୁଲ ଟେନିସ ଖେଳାଳିଙ୍କୁ ଘରୁ ଯଥେଷ୍ଟ ଆର୍ଥିକ ସହୟତା ମିଳି ନ ଥିଲା। ଜଣେ ଡିସ୍‌କସ୍ ଥ୍ରୋୟରଙ୍କ ନିକଟରେ ଭଡ଼ା ଦେବା ଲାଗି ଅସମର୍ଥ ଥିଲେ। ପ୍ୟାରିସ ଅଲିମ୍ପିକ୍ସରେ ଭାଗ ନେବା ଲାଗି ଜଣେ ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କୁ ଅର୍ଥର ଆବଶ୍ୟକତା ରହିଥିଲା। ଆମେରିକୀୟ ମହିଳା ଡିସ୍‌କସ୍ ଥ୍ରୋୟର ଭେରୋନିକା ଫ୍ରେଲି 'ଗୋ ଫଣ୍ଡ୍ ମି' ଜରିଆରେ ୨୩,୦୦୦ ଡଲାରରୁ ଊର୍ଦ୍ଧ୍ୱ ରାଶି ସଂଗ୍ରହ କରିପାରିଥିଲେ। ସେ ଅଧିକ ପରିମାଣରେ ଦାନ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ କରିଥିବା ଏକ ପୋଷ୍ଟ ଜରିଆରେ ପାଇଥିଲେ। ଅର୍ଥ ଅଭାବରୁ ସେ ତାଙ୍କର ଭଡ଼ା ଦେଇ ପାରୁନାହାନ୍ତି, ତେଣୁ ସହାୟତା ଚାହାନ୍ତି ବୋଲି ସେ ନିବେଦନ କରିଥିଲେ। ତାଙ୍କୁ ସାହାଯ୍ୟ କରିବା ପାଇଁ ଜଣେ ଉଦ୍ୟୋଗୀ ଆଲେକ୍ସିସ ଓହାନିଆନ ଓ ରାପର ଫ୍ଲାଭର ଫ୍ଲାଭ୍ ଆଗେଇ ଆସିଥିଲେ। ସେମାନେ ମଧ୍ୟ ଫ୍ରେଲିଙ୍କ ପାଇଁ ନିବେଦନ କରିଥିଲେ। ପ୍ୟାରିସ ମିକ୍ସଡ ଡବଲ୍ସରେ ଭାଗ ନେବା ଏବଂ ଏଥିଲାଗି ପ୍ରସ୍ତୁତି ସକାଶେ ବ୍ୟାଡ୍‌ମିଣ୍ଟନ ଖେଳାଳି ଜେନି ଗାଏ ପାଖାପାଖି ୨୨,୦୦୦ଡଲାର ସହାୟତା ପାଇଛନ୍ତି। ସେ ତାଙ୍କ 'ଗୋ ଫଣ୍ଡ୍ ମି' ପେଜ୍‌ରେ ସହାୟତା ବିନା ଅଲିମ୍ପିକ୍ସରେ ଅଂଶଗ୍ରହଣ ତାଙ୍କ ପକ୍ଷେ ସମ୍ଭବପର ନ ଥିଲା। ସେହିପରି ଆମେରିକାର ଟେବୁଲ ଟେନିସ ଖେଳାଳି କନକ ଝାଙ୍କୁ ଦାନ ଆକାରରେ ୩୦,୦୦୦ ଡଲାରୁ ଊର୍ଦ୍ଧ୍ୱ ମିଳିଥିଲା। ଏହି ଅର୍ଥକୁ ସେ ତାଙ୍କ ଟ୍ରେନିଂ, ଯାତାୟାତ, ରହଣି ଏବଂ ଜଣେ ଘରୋଇ କୋଚଙ୍କୁ ଚୁକ୍ତି ସୂତ୍ରରେ ଆଣିବା କ୍ଷେତ୍ରରେ ବ୍ୟୟ କରିଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ